# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୩୦/୨୦୨୪ (୨୦ ପୃଷ୍ଠା) | Bhubaneswar, Wednesday, October 30/2024 | Page 20 | ₹ 7.00

୫୦ଶ ଭାଗ ୩୩୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 335 | ମୂଲ୍ୟ ₹୭/-




**ମନ୍ଧାନା ପ୍ଲେୟର ଅଫ୍ ଦି ମ୍ୟାଚ**

ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ଭାରତର ସ୍ମୃତି ମନ୍ଧାନା।

୧୮

୧୧

**‘ସିଟାଡେଲ ହନିବନି’ ଟ୍ରେଲର ୨ ରିଲିଜ୍**

ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ଓ ଅଭିନେତା ବରୁଣ ଧାୱନଙ୍କ ‘ସିଟାଡେଲ ହନିବନି’ ୱେବ ସିରିଜ୍‌ର ଦ୍ୱିତୀୟ ଟ୍ରେଲର ମଙ୍ଗଳବାର ରିଲିଜ୍ ହୋଇଛି।



# ସର୍ତ୍ତରେ ଚାଲିବ ଡ୍ୟାନ୍ସ ବାର୍

ରାଜ୍ୟରେ ପୁଣି ଚାଲିବ ଡ୍ୟାନ୍ସ ବାର୍। କିନ୍ତୁ ସେଥିରେ ନୃତ୍ୟ ନୁହେଁ, କେବଳ ସଙ୍ଗୀତଭିତ୍ତିକ କାର୍ଯ୍ୟକମ ପ୍ରଦର୍ଶନ କରାଯିବ। ମଦ ବାର୍‌ଗୁଡ଼ିକରେ ନୃତ୍ୟଗୀତ ପ୍ରଦର୍ଶନ ନାଁରେ ହେଉଥିବା ଅନୈତିକ କାର୍ଯ୍ୟ ଓ ଅପ୍ରୀତିକର ଘଟଣାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗତ ଅଗଷ୍ଟ ୩୧ରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିଲେ। ବାର୍‌ଗୁଡ଼ିକରେ ନୃତ୍ୟଗୀତ ପ୍ରଦର୍ଶନ ଉପରେ ରୋକ ଲଗାଇଥିଲେ। ଏବେ ଏଥିରେ ସରକାର କିଛିଟା କୋହଳ ହୋଇଛନ୍ତି। ୨୧ଟି ସର୍ତ୍ତରେ ବାର୍‌ଗୁଡ଼ିକରେ ମ୍ୟୁଜିକାଲ କାର୍ଯ୍ୟକ୍ରମ ଆୟୋଜନକୁ ଅନୁମତି ଦେଇଛନ୍ତି। ବାର୍‌ରେ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ପ୍ରଦର୍ଶନକାରୀଙ୍କ ଉପରକୁ ଟଙ୍କା ଉଡ଼ା ବନ୍ଦ କରିବା, ସିସିଟିଭି କ୍ୟାମେରା ଲଗାଯିବା, ମହିଳା ପରଫର୍ମରଙ୍କ ବୟସ ୨୧ବର୍ଷରୁ କମ୍ ନ ହେବା ଏବଂ ସେମାନେ ଶାଳୀନ ପୋଷାକ ପିନ୍ଧିବା ଭଳି ସର୍ତ୍ତ ରଖାଯାଇଛି।



ଭୁବନେଶ୍ୱର,୨୯।୧୦ (ଅନିଲ ଦାସ)

ରାଜ୍ୟରେ ମଦ ବାର୍‌ଗୁଡ଼ିକରେ ମ୍ୟୁଜିକାଲ କାର୍ଯ୍ୟକ୍ରମ କିମ୍ବା ଅର୍କେଷ୍ଟ୍ରା ପ୍ରଦର୍ଶନ ପାଇଁ ସରକାର ଅନୁମତି ଦେଇଛନ୍ତି। ହେଲେ ସେଥିରେ ନୃତ୍ୟ ନୁହେଁ, କେବଳ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ଜଣାପଡ଼ିଛି। ଅବକାରୀ ବିଭାଗ ପକ୍ଷରୁ ଏ ନେଇ ମଙ୍ଗଳବାର ‘ଓଡ଼ିଶା ଅବକାରୀ (ସଂଶୋଧନ) ରୁଲ୍‌ସ-୨୦୨୪ ବିଜ୍ଞପ୍ତି ଜାରି ହୋଇଛି। ଓଡ଼ିଶା ଅବକାରୀ ଆଇନ-୨୦୦୮ର ଧାରା ୯୦ରେ ଥିବା କ୍ଷମତାର ଉପଯୋଗ କରି ରାଜ୍ୟ ସରକାର ଓଡ଼ିଶା ଅବକାରୀ ରୁଲ୍‌ସ-୨୦୧୭ରେ କେତେକ ସଂଶୋଧନ କରିଛନ୍ତି। ଏହି ସଂଶୋଧିତ ନିୟମାବଳୀ(ରୁଲ୍‌ସ) ଆଧାରରେ ରାଜ୍ୟର ମଦ ବାର୍‌ଗୁଡ଼ିକରେ ଯୁବତୀ ଓ ମହିଳାମାନେ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ପରିବେଷଣ କରିପାରିବେ। ଓଡ଼ିଶା ଅବକାରୀ ରୁଲ୍‌ସ-୨୦୧୭ର ନିୟମାବଳୀ-୪୪(ସବ୍‌ରୁଲ୍‌ସ-୪)ରେ ସଂଶୋଧନ କରାଯାଇଛି। ଅବକାରୀ କମିଶନରଙ୍କ ଲିଖିତ ଅନୁମତି ଆଧାରରେ ବିଦେଶୀ ମଦ ଓ ଭାରତରେ ପ୍ରସ୍ତୁତ ବିଦେଶୀ ମଦ(ଆଇଏମ୍‌ଏଫ୍‌ଏଲ୍) ବିକିବାକୁ ଅନ୍‌ଶପ୍ ଲାଇସେନ୍ସଧାରୀ ବା ଲାଇସେନ୍ସପ୍ରାପ୍ତ ବାର୍‌ରେ ୨୧ବର୍ଷ ବୟସରୁ ଉର୍ଦ୍ଧ୍ୱ ଯୁବତୀ ଓ ମହିଳାମାନେ ମ୍ୟୁଜିକାଲ କାର୍ଯ୍ୟକ୍ରମ ଅଥବା ଅର୍କେଷ୍ଟ୍ରାରେ ସାମିଲ ହୋଇପାରିବେ। ସେହିପରି ସବ୍ ରୁଲ୍‌ସ-୫ରେ ସଂଶୋଧନ କରାଯାଇଛି। ୨୧ଟି ସର୍ତ୍ତ ଆଧାରରେ ଅବକାରୀ କମିଶନର ବାର୍‌ଗୁଡ଼ିକରେ ମ୍ୟୁଜିକାଲ କାର୍ଯ୍ୟକ୍ରମ ପରିଚାଳନା ପାଇଁ ଅନୁମତି ଦେଇପାରିବେ ବୋଲି ଏଥିରେ ଉଲ୍ଲେଖ ରହିଛି।

ପ୍ରକାଶିତ ସଂଶୋଧିତ ନିୟମାବଳୀ ଅନୁଯାୟୀ ମହିଳା କଳାକାରମାନଙ୍କର ପୋଷାକ ପରିଧାନରେ ଶାଳୀନତା ରହିବ। ବାର୍ ପରିସରରେ ସିସିଟିଭି କ୍ୟାମେରା ଲାଗିବ, ଯାହାକି ସଙ୍ଗୀତଭିତ୍ତିକ ପ୍ରଦର୍ଶନ ହେଉଥିବା ଷ୍ଟେଜ୍‌କୁ ଭଲଭାବେ ରେକର୍ଡିଂ କରାଯାଇପାରୁଥିବ। ଏହି କ୍ୟାମେରା ୨୪ଘଣ୍ଟା ଚାଲୁ ରହିବ। ସେଥିରେ କୌଣସି ପ୍ରକାରର ଟ୍ୟାମ୍ପରିଂ କରାଯିବ ନାହିଁ। ସିସିଟିଭି କ୍ୟାମେରାର ହାର୍ଡଡିସ୍କରେ ଅତିକମ୍‌ରେ ୩ ମାସର ରେକର୍ଡିଂ ରହିବାର ☞ପୃଷ୍ଠା-୬

## ଓଡ଼ିଶାରେ ୩ ପ୍ରକଳ୍ପର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୨୯।୧୦(ଅନିଲ ଦାସ)

### ରାଜ୍ୟରେ ଖୁବ୍ ଶୀଘ୍ର ଲାଗୁହେବ ‘ଆୟୁଷ୍ମାନ ଭାରତ’: ମୁଖ୍ୟମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଭିଡିଓ କନ୍‌ଫରେନ୍ସ ଜରିଆରେ ଓଡ଼ିଶାରେ ୩ଟି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ନିକଟସ୍ଥ ଗୋଠପାଟଣାଠାରେ ସେଣ୍ଟ୍ରାଲ ଡ୍ରଗ୍ସ ଟେଷ୍ଟିଂ ଲାବୋରେଟୋରିର ଉଦ୍‌ଘାଟନ କରିଥିବା ବେଳେ ଖୋର୍ଦ୍ଧା ଜିଲା ବିଞ୍ଝଗିରିଠାରେ କେନ୍ଦ୍ରୀୟ ଯୋଗ ଓ ପ୍ରାକୃତିକ ଚିକିତ୍ସା ଅନୁସନ୍ଧାନ ପ୍ରତିଷ୍ଠାନର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହିତ ବରଗଡ଼ରେ ଏକ କ୍ରିଟିକାଲ୍ କେୟାର ସେଣ୍ଟର ମଧ୍ୟ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଗୋଠପାଟଣାଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ ଯୋଗୁ ଓଡ଼ିଶାରେ ଏକ ଅନ୍ତର୍ଜାତୀୟ ମାନର ଭେଷଜ ପରୀକ୍ଷା ପ୍ରୟୋଗଶାଳା ସ୍ଥାପିତ ହୋଇପାରିଛି। ଏହି ପ୍ରୟୋଗଶାଳା ☞ପୃଷ୍ଠା-୬

**ଆଜିର ସମ୍ପାଦକୀୟ**

**ଲେଖକ ଲେଖନ୍ତୁ**








A quality product from
PAN BAHAR
ଯେବେ ମନରେ
ଥାଏ ବାହାର
ତେବେ ଦୀପାବଳି ହୁଏ
ଧମାକାଦାର।
NEW PACK
ASHOK & CO.- PAN BAHAR LTD.
BAHAR
THE HERITAGE
PAN MASALA
ହର୍ଷୋଲ୍ଲାସରେ ଭରପୂର ଦୀପାବଳି
NO TOBACCO NICOTINE
CHEWING OF PAN MASALA IS INJURIOUS TO HEALTH. NOT FOR MINORS

ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୩୦/୨୦୨୪ | Bhubaneswar, Wednesday, October 30/2024 | ପୃଷ୍ଠା-୧



ଦୀପାବଳି ପୂର୍ବରୁ ଜଣେ ବ୍ୟକ୍ତି ଡଙ୍ଗାରେ ଯାଇ ଭୋପାଳର ଏକ ପୁଷ୍କରିଣୀରୁ କଇଁଫୁଲ ତୋଳୁଛନ୍ତି।

# ରୋଗୀଙ୍କୁ ଅଚେତ କରାଇ ଡାକ୍ତରଙ୍କ ବଳାତ୍କାର

**କୋଲକାତା,୨୯।୧୦**

କୋଲକାତାର ଆର୍.ଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା ସାରା ଦେଶରେ ହଇଚଇ ସୃଷ୍ଟି କରିଥିଲା। ଏହି ଘଟଣାରେ ମୃତା ଡାକ୍ତରଙ୍କ ପରିବାରକୁ ନ୍ୟାୟ ଦାବିରେ ୨ ମାସରୁ ଊର୍ଦ୍ଧ୍ୱ ସମୟ ଧରି ପଶ୍ଚିମବଙ୍ଗରେ ଆନ୍ଦୋଳନ ଜାରି ରହିଥିଲା। ଏବେ ପୁଣିଥରେ ଏହି ରାଜ୍ୟ ଚର୍ଚ୍ଚାକୁ ଆସିଛି। ଏଥର ଜଣେ ଡାକ୍ତର ତାଙ୍କ ପାଖକୁ ଚିକିତ୍ସା ହେବା ପାଇଁ ଯାଇଥିବା ମହିଳା ରୋଗୀଙ୍କୁ ବଳାତ୍କାର କରିଛନ୍ତି। କେବଳ ସେତିକିରେ ଡାକ୍ତରଙ୍କ ବର୍ବରତା ଶେଷ ହୋଇନାହିଁ, ସେ ମହିଳାଙ୍କ ଅସଂଯତ ଅବସ୍ଥାର ଫଟୋ ଉଠାଇ ତାଙ୍କୁ ବ୍ଲାକ୍‌ମେଲ୍ କରିବା ସହ ଏକାଧିକ ଥର ବଳାତ୍କାର କରିଛନ୍ତି।

ଉତ୍ତର ୨୪ ପ୍ରଗଣା ଜିଲା ଅନ୍ତର୍ଗତ ହସ୍‌ନାବାଦରେ ଏହି ଘଟଣା ଘଟିଛି। ଡାକ୍ତର ଜଣକ ମହିଳା ରୋଗୀଙ୍କୁ ଟ୍ରାଙ୍କୁଲାଇଜିଂ ସିରମ୍ ଇଞ୍ଜେକ୍ସନ ଦେଇ ଅଚେତ କରାଇବା ପରେ ବଳାତ୍କାର କରିଥିଲେ। ପୀଡ଼ିତା ଓ ତାଙ୍କ ସ୍ୱାମୀଙ୍କ ଅଭିଯୋଗକ୍ରମେ ପୋଲିସ ଅଭିଯୁକ୍ତ ଡାକ୍ତରଙ୍କୁ ମଙ୍ଗଳବାର ଗିରଫ କରିଛି।

ଅଭିଯୋଗ ଅନୁଯାୟୀ କିଛିଦିନ ପୂର୍ବରୁ ମହିଳାଙ୍କ ସ୍ୱାମୀ ରାଜ୍ୟ ବାହାରକୁ କୌଣସି କାମରେ ଯାଇଥିଲେ। ଏହି ସମୟରେ ମହିଳା ଜଣକ ଚିକିତ୍ସା ପାଇଁ ସମ୍ପୃକ୍ତ ଡାକ୍ତରଙ୍କ ପାଖକୁ ଯାଇଥିଲେ। ଡାକ୍ତର ମହିଳାଙ୍କୁ ପ୍ରଥମେ ଅଚେତ କରାଇବା ପରେ ବଳାତ୍କାର କରିଥିଲେ। ଅଚେତ ଥିବା ମହିଳାଙ୍କ ଅସଂଯତ ଅବସ୍ଥାର କେତେକ ଫଟୋ ମଧ୍ୟ ଡାକ୍ତର ଉଠାଇଥିଲେ। ଉକ୍ତ ଫଟୋକୁ ଦେଖାଇ ସେ ପୀଡ଼ିତାଙ୍କୁ ବ୍ଲାକ୍‌ମେଲ୍ କରିବା ସହ ସେଗୁଡ଼ିକୁ ସୋସିଆଲ ମିଡିଆରେ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ। ଏହିଭଳି ଭୟଭୀତ କରାଇ ସେ ମହିଳାଙ୍କୁ ଏକାଧିକ ଥର ବଳାତ୍କାର କରିବା ସହ ତାଙ୍କଠାରୁ ୪ ଲକ୍ଷ ଟଙ୍କା ନେଇଯାଇଥିଲେ। ସମାଜରେ ସମ୍ମାନହାନି ହେବା ଡରରେ ମହିଳା ଜଣକ ଏହି କଥା କାହାକୁ କହିପାରୁ ନ ଥିଲେ। ☞ପୃଷ୍ଠା-୬

CONVOCATION 2024

THAPAR INSTITUTE OF ENGINEERING & TECHNOLOGY (Deemed to be University)

Monday, 4th November, 2024

Students who have graduated during the year 2024 are invited to receive Degrees in person during November 4th - 6th, 2024.

DISTINGUISHED ALUMNUS AWARDEE
Shri Manoj Ahuja, IAS
Chief Secretary, Government of Odisha

GUEST OF HONOUR
Shri S. Krishnan, IAS
Secretary, Government of India
Ministry of Electronics & Information Technology (MeitY)

Shri R. R. Vederah, Chairman, Board of Governors, TIET will preside over the ceremony.

Session wise schedule is available on the website www.thapar.edu

RANKINGS & ACCREDITATIONS
NAAC A+ Accredited A+ by NAAC | nirf #29 Engineering Category (2024) | nirf #29 University Category (2024) | ABET Accredited programmes | NBA Accredited programmes

Thapar Institute of Engineering & Technology, Patiala (Punjab)
(Deemed to be University)

## ଜେଲ୍‌ରେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

**ବରଗଡ଼,୨୯।୧୦**
**(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଉପକାରାଗାରରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଝାରବନ୍ଧ ଥାନା ଜାମପାଲିଗ୍ରାମର ନୃପତ ସାହୁ(୨୬)। ତାଙ୍କ ମୃତ୍ୟୁର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଅନ୍ୟପଟେ ଏ ନେଇ ଭାରପ୍ରାପ୍ତ କାରାଗାର ଅଧୀକ୍ଷକ ଲିଙ୍ଗରାଜ ସାମଲଙ୍କୁ ପଚାରିବାରୁ ସେ କହିଛନ୍ତି, ମୃତକ ଜଣଙ୍କ ସୋମବାର କାରାଗାରକୁ ଆସିଥିଲେ। ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୬ଟାରେ କାରାଗାର ପାଇଖାନାରେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ସେଠାରୁ ତାଙ୍କୁ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା ଏବଂ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ପ୍ରକାଶ ଯେ, ଝାରବନ୍ଧ ଥାନା ପୋଲିସ ନୃପତଙ୍କୁ ପୋକ୍ସୋ ଆକ୍ଟରେ ସୋମବାର ଗିରଫ କରି ବରଗଡ଼ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ☞ପୃଷ୍ଠା-୬

# ଘଷିରେ ହେବ ଶବଦାହ

**ଭୁବନେଶ୍ୱର/ପୁରୀ,୨୯।୧୦**
**(ଅନିଲ ଦାସ/ ଅଜିତ୍ କୁମାର ମହାନ୍ତି)**



ସ୍ୱର୍ଗଦ୍ୱାରରେ କାଠ ବଦଳରେ ଗୋବର ଘଷିରେ ଶବଦାହ କରାଯିବ। ଏ ନେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଯୋଜନା ପ୍ରସ୍ତୁତ କରୁଛି। ଏଥିପାଇଁ ପ୍ରାରମ୍ଭିକ ଆଲୋଚନା ହୋଇଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି, ଗୋଟିଏ ଶବଦାହ ପାଇଁ ପ୍ରାୟ ୨୩୦ କିଲୋ ଘଷିର ଆବଶ୍ୟକତା ପଡ଼ିବ। ହିନ୍ଦୁ ଶାସ୍ତ୍ର ଅନୁଯାୟୀ ଗୋବରକୁ ପବିତ୍ର କୁହାଯାଏ। ଶବଦାହରେ ଏହାକୁ ବ୍ୟବହାର କରାଯିବ। ସ୍ୱର୍ଗଦ୍ୱାର କମିଟି, ବିଭିନ୍ନ ସାମାଜିକ ଅନୁଷ୍ଠାନ, ଗୋଶାଳା କରିଥିବା ବ୍ୟକ୍ତିଙ୍କ ସହ ଏ ନେଇ ଆଲୋଚନା ଓ ବିଚାରବିମର୍ଶ କରି ସରକାର ପଦକ୍ଷେପ ନେବେ। ଜଙ୍ଗଲ କ୍ଷୟ, ପରିବେଶ ପ୍ରଦୂଷଣ ରୋକିବା ଏବଂ ଗୋ ବଂଶ ବୃଦ୍ଧିଦିଗରେ ଏହା ସହାୟକ ହେବ। ଏଥିସହିତ ଗ୍ରାମାଞ୍ଚଳର ଆର୍ଥିକ ଅଭିବୃଦ୍ଧି ସହ ଏଭଳି ପଦକ୍ଷେପ ଚାଷୀମାନଙ୍କୁ ଗୋପାଳନ ପାଇଁ ପ୍ରୋତ୍ସାହନ ଯୋଗାଇବ। ଗୋ ସୁରକ୍ଷା, ଗୋ ମୂତ୍ର ଓ ଗୋବରର ସଦୁପଯୋଗ କ୍ଷେତ୍ରରେ ବିଚାରବିମର୍ଶ ପାଇଁ କମିଟି ଗଠିତ ହେବ। ଉପ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯିବ। ଏଥିରେ ୫ ଜଣ ମନ୍ତ୍ରୀ ଓ ୫ ଜଣ ସଚିବ ସଦସ୍ୟ ରହିବେ। ରାଜ୍ୟ ସରକାର ଗୋପାଳନକୁ ପ୍ରୋତ୍ସାହନ ଦେବା ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରିଛନ୍ତି। ଏଥିପାଇଁ ୧୪୨୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ଯୋଜନାରେ ଗୋସୁରକ୍ଷା, ଗୋଶାଳା ବୃଦ୍ଧି, ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଶବଦାହ ପାଇଁ ଶହ ଶହ କୁଇଣ୍ଟାଲ କାଠ ଆବଶ୍ୟକ ପଡୁଛି। ଏଥିପାଇଁ ଗଛ କଟା ଯାଉଥିବା ବେଳେ ପରିବେଶ ମଧ୍ୟ ପ୍ରଦୂଷିତ ହେଉଛି। ଅନେକ ସମୟରେ କାଠର ଘୋର ଅଭାବ ଦେଖାଦେଉଛି। ଏଥିରୁ ମୁକୁଳିବା ପାଇଁ ରାଜ୍ୟ ସରକାର ଗୋବର ଘଷିର ସାହାରା ନେବାକୁ ଯୋଜନା କରୁଛନ୍ତି। ତେବେ ଏହା କେତେଦୂର ସଫଳ ହେବ ତାହା ଆଗାମୀ ଦିନରେ ଜଣାପଡ଼ିବ।

ସ୍ୱର୍ଗଦ୍ୱାରରେ କାଠ ବଦଳରେ ଘଷିରେ ଶବଦାହ ହେବା ପ୍ରସଙ୍ଗକୁ ନେଇ ପୁରୀରେ ଭିନ୍ନ ଭିନ୍ନ ମତପ୍ରକାଶ ପାଇଛି। ଏନେଇ ଶବଦାହକ ଧୀରୁ ନାୟକ କହିଛନ୍ତି, କାଠ ପରିବର୍ତ୍ତେ ଘଷିର ବ୍ୟବହାର କଲେ ବହୁ ସମସ୍ୟା ଦେଖାଯିବ। ☞ପୃଷ୍ଠା-୬

# 'ମୁଁ ସାଧ୍ୱୀ ନୁହେଁ': ଜୟା

## ୨ ଲକ୍ଷ ଟଙ୍କାର ଲେଦର ବ୍ୟାଗ୍ ବ୍ୟବହାରକୁ ନେଇ ହୋଇଥିଲେ ଟ୍ରୋଲ୍

**କୋଲକାତା,୨୯।୧୦**



ଜୟା କିଶୋରୀ

ଆଧ୍ୟାତ୍ମିକ ବକ୍ତା ଜୟା କିଶୋରୀଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା, ଯେଉଁଥିରେ ତାଙ୍କୁ 'ଡିଓର' ବ୍ରାଣ୍ଡର ଏକ ଦାମୀ ଡିଜାଇନର ଲେଦର ବ୍ୟାଗ୍ ସହ ଦେଖିବାକୁ ମିଳିଥିଲା। ଉକ୍ତ ବ୍ୟାଗ୍‌ଟି ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ହୋଇଥିବା ସହ ଏହା ପଶୁ ଚମଡ଼ାରେ ନିର୍ମିତ ହୋଇଥିବା ଦର୍ଶାଇ ବହୁ ୟୁଜର୍ସ ସୋସିଆଲ ମିଡିଆରେ ଜୟାଙ୍କୁ ଟ୍ରୋଲ୍ କରିଥିଲେ। ମଙ୍ଗଳବାର ଏନେଇ ଏକ ଗଣମାଧ୍ୟମକୁ ସାକ୍ଷାତ୍କାର ଦେଇ ଜୟା ନିଜ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ସବୁବେଳେ ସନାତନ ଧର୍ମକୁ ଟାର୍ଗେଟ କରାଯାଇଥାଏ। ଏଥର ମଧ୍ୟ ଠିକ୍ ସେପରି ହୋଇଛି। ଭାଇରାଲ ଭିଡିଓରେ ତାଙ୍କ ସହ ଥିବା ବ୍ୟାଗ୍‌ଟି ଲେଦର ମ୍ୟାଟେରିଆଲର ନୁହେଁ। ଏହା ଏକ କଷ୍ଟମାଇଜଡ୍ ବ୍ୟାଗ୍। ସେ କେବେ ମଧ୍ୟ ଲେଦର ମ୍ୟାଟେରିଆଲର କୌଣସି ବସ୍ତୁକୁ ବ୍ୟବହାର କରନ୍ତି ନାହିଁ ବୋଲି ଜୟା କହିଛନ୍ତି। ଜୟା ଆହୁରି କହିଛନ୍ତି, ସେ କୌଣସି ସାଧ୍ୱୀ ନୁହନ୍ତି। ଅନ୍ୟମାନଙ୍କ ପରି ସେ ମଧ୍ୟ ଜଣେ ସାଧାରଣ ଝିଅ। ସେ ନିଜ ପରିବାର ସହ ରୁହନ୍ତି। ଯେତେବେଳେ କୌଣସି ଜିନିଷ ବା ବସ୍ତୁ ପସନ୍ଦ ଆସିଥାଏ, ଅନ୍ୟମାନଙ୍କ ପରି ସେ ମଧ୍ୟ ତାହା କିଣିବାକୁ ଚାହିଥାନ୍ତି। ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ତାଙ୍କୁ ଶୁଣିବାକୁ ଆସୁଥିବା ଦର୍ଶକଙ୍କୁ ସବୁକିଛି ତ୍ୟାଗ କରିବାକୁ ସେ କେବେ ମଧ୍ୟ କୁହନ୍ତି ନାହିଁ। ବରଂ ଯୁବପିଢ଼ିଙ୍କୁ କଠିନ ପରିଶ୍ରମ କରିବା ସହ ରୋଜଗାର କରି ନିଜର ସ୍ୱପ୍ନ ପୂରଣ କରିବାକୁ ସେ ସବୁବେଳେ ପ୍ରୋତ୍ସାହିତ କରିଥାନ୍ତି ବୋଲି ଜୟା ଏହି ସାକ୍ଷାତ୍କାରରେ କହିଛନ୍ତି।

ବାର୍ତ୍ତା



ଭାରତବର୍ଷର ଅନ୍ୟାନ୍ୟ ରାଜ୍ୟ ଭଳି ଆମ ରାଜ୍ୟରେ ମଧ୍ୟ ଅକ୍ଟୋବର ୩୦ ତାରିଖକୁ ଆମେ **ବିଶ୍ୱ ମିତବ୍ୟୟିତା ଦିବସ** ରୂପେ ପାଳନ କରିଆସୁଛୁ । ଏହି ଅବସରରେ ଓଡ଼ିଶାବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ପ୍ରାଚୀନ ଯୁଗରୁ ଆରମ୍ଭ କରି ସାମ୍ପ୍ରତିକ ସମୟରେ ମଧ୍ୟ ମନୁଷ୍ୟ ଜୀବନରେ ମିତବ୍ୟୟିତା ଓ ସଞ୍ଚୟର ଆବଶ୍ୟକତା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଆୟ ଓ ବ୍ୟୟ ମଧ୍ୟରେ ଯଥାସମ୍ଭବ ସନ୍ତୁଳନ ରକ୍ଷା କରି ସୁଚିନ୍ତିତ, ଯୋଜନାବଦ୍ଧ ସଞ୍ଚୟ ଏକ ବୃହତ୍ତର ପାଣ୍ଠି ଗଠନ କରିବାରେ ବିଶେଷ ସହାୟକ ହୋଇଥାଏ, ଯାହା ପରବର୍ତ୍ତୀ ସମୟରେ ବ୍ୟକ୍ତିକୁ ଆର୍ଥିକ ନିରାପତ୍ତା ପ୍ରଦାନ କରିଥାଏ । ମିତବ୍ୟୟିତା ଅବଲମ୍ବନ ପୂର୍ବକ ନିୟମିତ ସଞ୍ଚୟ ମାଧ୍ୟମରେ ଆର୍ଥିକ ସ୍ୱାବଲମ୍ବନତା ହାସଲ କରିବା ଆଜିର ଦିନରେ ସମସ୍ତଙ୍କର ସଂକଳ୍ପ ହେଉ । ଆମ ସମସ୍ତଙ୍କର ମିଳିତ ସହଯୋଗ, ନିଷ୍ଠାପର ଓ ଅବିରତ ଉଦ୍ୟମ ଦ୍ୱାରା ବିଶ୍ୱ ମିତବ୍ୟୟିତା ଦିବସ ପାଳନର ଉଦ୍ଦେଶ୍ୟ ସାଧିତ ହେବ ବୋଲି ମୋର ଆଶା ଓ ବିଶ୍ୱାସ ।

ଏହି ଅବସରରେ ମୁଁ ଆମ ରାଜ୍ୟ ତଥା ସମସ୍ତ ରାଜ୍ୟବାସୀଙ୍କର ସମୃଦ୍ଧି କାମନା କରୁଛି ।

(ରଘୁବର ଦାସ)

DSPL-171

ଓଡ଼ିଶା ସରକାର



ବିଶ୍ୱ ମିତବ୍ୟୟିତା ଦିବସ ଉପଲକ୍ଷେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

**ବିଶ୍ୱ ମିତବ୍ୟୟିତା ଦିବସ** ଉପଲକ୍ଷେ ଓଡ଼ିଶାର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ସୁରକ୍ଷିତ ଜୀବନଯାପନ ପାଇଁ ଅପବ୍ୟୟ ଓ ଅପଚୟମୁକ୍ତ ତଥା ଶୃଙ୍ଖଳିତ ଆର୍ଥିକ ସୁପରିଚାଳନା ଏକାନ୍ତ ଆବଶ୍ୟକ, ଏଥିପାଇଁ ଦୈନନ୍ଦିନ ଜୀବନରେ ଆମ ସମସ୍ତଙ୍କୁ ମିତବ୍ୟୟିତା ଅବଲମ୍ବନ କରିବାକୁ ପଡିବ ।

ମିତବ୍ୟୟିତା ଓ ଉପଲବ୍ଧ ସମ୍ବଳର ସୁବିନିଯୋଗ ନିୟମିତ ସଞ୍ଚୟକୁ ସହଜସାଧ୍ୟ କରିଥାଏ, ଯାହା ଆମକୁ ଏକ ସ୍ୱଚ୍ଛଳ ଏବଂ ସୁରକ୍ଷିତ ଭବିଷ୍ୟତ ପ୍ରଦାନ ପାଇଁ ବିଶେଷ ସହାୟକ ହୋଇଥାଏ । କୌଣସି ଆକସ୍ମିକ ଜରୁରୀ ଆବଶ୍ୟକତା ପୂରଣ କିମ୍ବା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ ପାଇଁ ଆବଶ୍ୟକ ଅର୍ଥରାଶି ଯୋଗାଡ କରିବା ସମୟରେ ଆମର ମିତବ୍ୟୟିତା ଓ ସଞ୍ଚୟ ହିଁ ବିପଦର ବନ୍ଧୁ ଭଳି କାର୍ଯ୍ୟ କରିଥାଏ ।

ଅତି କମ୍ ସମୟରେ ଅଧିକ ଅର୍ଥପ୍ରାପ୍ତି ଲାଳସାରେ କୌଣସି ଅଣସ୍ୱୀକୃତିପ୍ରାପ୍ତ ଅର୍ଥଲଗାଣକାରୀ ସଂସ୍ଥାରେ ଅର୍ଥ ନିବେଶ କରି ପ୍ରତାରଣାର ଶିକାର ନ ହେବା ପାଇଁ ମୁଁ ସମସ୍ତ ରାଜ୍ୟବାସୀଙ୍କୁ ଅନୁରୋଧ କରୁଛି ।

ଡାକଘର ଓ ବିଭିନ୍ନ ବାଣିଜ୍ୟିକ ବ୍ୟାଙ୍କରେ ଉପଲବ୍ଧ ହେଉଥିବା ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ସମେତ ଅନ୍ୟାନ୍ୟ ସମସ୍ତ ଆର୍ଥିକ ସେବାଗୁଡ଼ିକର ସଦୁପଯୋଗ କରି ନିଜର ତଥା ରାଜ୍ୟର ସମୃଦ୍ଧିକୁ ସୁନିଶ୍ଚିତ କରିବା ପାଇଁ ମୋର ଆପଣମାନଙ୍କୁ ନିବେଦନ ।

ଏହି ଅବସରରେ ମୁଁ ସମସ୍ତ ରାଜ୍ୟବାସୀଙ୍କ ସ୍ୱଚ୍ଛଳ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ,ଓଡ଼ିଶା

OIPR-05001/13/0005/2425




# ଇସ୍କନ ମୁଖ୍ୟଙ୍କ ସହ ଆଲୋଚନା କରାଯିବ: ମନ୍ତ୍ରୀ ହରିଚନ୍ଦନ

**ଅଦିନିଆ ରଥଯାତ୍ରା ପ୍ରସଙ୍ଗ**

ଭୁବନେଶ୍ୱର, ୨୯।୧୦ (ବନ୍ଦନା ସେଠୀ)

ଆମେରିକାରେ 'ଇସ୍କନ' ପକ୍ଷରୁ ଅଦିନିଆ ରଥଯାତ୍ରା ଆୟୋଜନକୁ ବିରୋଧ ତେଜିବାରେ ଲାଗିଛି। ଏ ନେଇ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ମଙ୍ଗଳବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟି ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ନେବା ସହିତ ଇସ୍କନ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରାଯିବ ବୋଲି ମନ୍ତ୍ରୀ ହରିଚନ୍ଦନ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ହିନ୍ଦୁ ଧର୍ମରେ ବିଶ୍ୱାସ ରଖୁଥିବା ସମସ୍ତ ବ୍ୟକ୍ତି କିପରି ଏହି ନିୟମକୁ ପାଳନ କରିବେ ସେ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଇସ୍କନର ଭାରତରେ ଥିବା ମୁଖ୍ୟମାନଙ୍କ ସହିତ ଆଲୋଚନା କରାଯିବ ବୋଲି ଆଇନ୍ ମନ୍ତ୍ରୀ ସୂଚନା ଦେଇଛନ୍ତି।

ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦର ସଭାପତି ତଥା ପୂର୍ବତନ ବିଧାୟିକା ସଞ୍ଜିତା ମହାନ୍ତିଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଇନ୍‌ମନ୍ତ୍ରୀଙ୍କ ନେତୃତ୍ୱରେ ପ୍ରତିବାଦପତ୍ର ପ୍ରଦାନ କରାଯାଇଛି। ସମଗ୍ର ବିଶ୍ୱରେ ଶ୍ରୀକ୍ଷେତ୍ରରେ ନିର୍ଦ୍ଦିଷ୍ଟ ତିଥିରେ ମହାପ୍ରଭୁଙ୍କର ସମସ୍ତ ପର୍ବପର୍ବାଣୀ ପାଳନ ହେଉଥିବା ଦିନକୁ ଗ୍ରହଣ କରାଯାଉଥିବାବେଳେ ଆମେରିକାର ବୋଷ୍ଟନସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର କର୍ତ୍ତୃପକ୍ଷଙ୍କ ଏଭଳି ନିଷ୍ପତ୍ତି ଭ୍ରମାତ୍ମକ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ତଥା ସନାତନୀ ହିନ୍ଦୁମାନଙ୍କ ଧାର୍ମିକ ଓ ସାଂସ୍କୃତିକ ବିଚାର ପ୍ରତି କୁଠାରାଘାତ କରୁଛି ବୋଲି ପ୍ରତିବାଦ ପତ୍ରରେ ଉଲ୍ଲେଖ ରହିଛି। ସେହିପରି ଆଇନ୍‌ମନ୍ତ୍ରୀଙ୍କୁ ଦିଆଯାଇଥିବା ପ୍ରତିବାଦପତ୍ରର ଏକ ନକଲ ଭୁବନେଶ୍ୱର ଇସ୍କନ ମନ୍ଦିରର ଲୋକସମ୍ପର୍କ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ବୋଷ୍ଟନଠାରେ ନଭେମ୍ବର ୩ରେ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ଓ ୯ରେ ରଥଯାତ୍ରା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହାକୁ ବିଭିନ୍ନ ମହଲରୁ ନିନ୍ଦା ଓ ବିରୋଧ କରାଯାଉଛି।

# ଖୋଲିଲା ଶିମିଳିପାଳ

ବାରିପଦା,୨୯।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାତ୍ୟା 'ଦାନା' ପରେ ପ୍ରକୃତିପ୍ରେମୀଙ୍କ ପାଇଁ ମଙ୍ଗଳବାରଠାରୁ ଶିମିଳିପାଳ ଅଭୟାରଣ୍ୟ ଖୋଲିଛି। ବାତ୍ୟା ଯୋଗୁ ଗତ ୨୩ରୁ ୨୮ ତାରିଖ ପର୍ଯ୍ୟନ୍ତ ଶିମିଳିପାଳ ବନ୍ଦ ରଖାଯାଇଥିଲା। ବର୍ଷାରେ ନଷ୍ଟ ହୋଇଥିବା ରାସ୍ତାର ମରାମତି ପାଇଁ ବାରିପଦା ଦେଇ ପିଠାବଟା ତନଖି ଫାଟକ ପଟୁ ପର୍ଯ୍ୟଟକଙ୍କ ପ୍ରବେଶ ବନ୍ଦ କରାଯାଇଛି। କେବଳ ଯଶୀପୁର ପଟୁ କାଳିଆଣି ତନଖି ଫାଟକ ଦେଇ ପର୍ଯ୍ୟଟକମାନେ ପ୍ରବେଶ କରିବେ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନି ବିଜ୍ଞପ୍ତି ପ୍ରକାଶ କରିଛନ୍ତି।

# ସନ୍ଧ୍ୟା ୭ରୁ ରାତି ୯ ମଧ୍ୟରେ ବାଣ ଫୁଟାଇବାକୁ ଅନୁମତି

ଭୁବନେଶ୍ୱର, ୨୯।୧୦ (ବନ୍ଦନା ସେଠୀ)

**ଦୀପାବଳି ପାଇଁ ଗାଇଡ୍‌ଲାଇନ୍ ଜାରି କଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ**

ଆଲୋକର ପର୍ବ ଦୀପାବଳିକୁ ସୁରକ୍ଷିତ ଭାବେ ପାଳନ କରିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମଙ୍ଗଳବାର ଗାଇଡ୍‌ଲାଇନ ଜାରି କରାଯାଇଛି। ଦୀପାବଳିରେ ସନ୍ଧ୍ୟା ୭ଟାରୁ ରାତି ୯ଟା ମଧ୍ୟରେ ବାଣ ଫୁଟାଇବାକୁ ଅନୁମତି ଦିଆଯାଇଛି। ସେହିପରି ୧୨୫ ଡେସିବଲ୍‌ରୁ ଅଧିକ ଶବ୍ଦ ସୃଷ୍ଟିକାରୀ ବାଣ ଫୁଟାଇବା ଉପରେ କଟକଣା ଜାରି ହୋଇଛି। ପାର୍କ, ସାଇଲେନ୍ସ ଜୋନ୍‌ରେ ବାଣ ଫୁଟାଇବାକୁ ବାରଣ କରାଯାଇଛି। ଏଥିସହିତ ହସ୍ପିଟାଲ, ଶିକ୍ଷାନୁଷ୍ଠାନ, ଧାର୍ମିକ ଅନୁଷ୍ଠାନ ଓ କୋର୍ଟଠାରୁ ୧୦୦ ମିଟର ଭିତରେ ବାଣ ଫୁଟାଇବାକୁ ଗାଇଡ୍‌ଲାଇନ୍‌ରେ ବାରଣ କରାଯାଇଛି। କେବଳ ଖୋଲା ସ୍ଥାନରେ ସବୁଜ ବାଣ ଫୁଟାଇବାକୁ ଅନୁମତି ଦିଆଯାଇଛି। ବସ୍ତି ସହ ରାସ୍ତା ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ବାଣଫୁଟାକୁ ବାରଣ କରାଯାଇଛି। ସେହିପରି ୧୦ ବର୍ଷରୁ କମ୍ ବୟସର ପିଲାଙ୍କୁ ଶବ୍ଦଯୁକ୍ତ ବାଣ ଦେବା, ବେରିୟମ ଓ କେମିକାଲଯୁକ୍ତ ବାଣ ବିକ୍ରି ଏବଂ ବ୍ୟବହାରକୁ ବାରଣ କରାଯାଇଛି।

# ଗାଁ ଦାଣ୍ଡରେ ବୁଲିଲା ଦନ୍ତା



ମୋରଡ଼ା,୨୯।୧୦(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ଅନ୍ତର୍ଗତ ନଳଗଜା ପଞ୍ଚାୟତର କୁଳିପାଳ ଗାଁରେ ହାତୀ ଆତଙ୍କ ଦେଖିବାକୁ ମିଳିଛି। ମଙ୍ଗଳବାର ସକାଳେ ଶିମିଳିପାଳରୁ ଆସିଥିବା ଏକ ଦନ୍ତାହାତୀ କୁଳିପାଳ ଛକ ହୋଇ ନଳଗଜା ମୁଖ୍ୟରାସ୍ତା ଦେଇ ଗାଁକୁ ପ୍ରବେଶ କରିଥିଲା। ରାସଗୋବିନ୍ଦପୁର ବନାଞ୍ଚଳ ଅଧିକାରୀ ଘନଶ୍ୟାମ ସିଂଙ୍କ ସୂଚନା ଅନୁଯାୟୀ, କୁଳିପାଳ ଜଙ୍ଗଲରେ ୯ ଟିକିଆ ହାତୀପଲ ରହିଥିବା ବେଳେ ଉକ୍ତ ଦନ୍ତାଟି ଗୋଠରୁ ବାହାରି ଖାଦ୍ୟ ଅନ୍ୱେଷଣରେ ଗାଁ ଭିତରେ ପ୍ରବେଶ କରିଥିଲା। ମାତ୍ର ଏହା କାହାର କୌଣସି କ୍ଷୟକ୍ଷତି ଘଟାଇନାହିଁ। ତେବେ ଖବର ଲେଖାହେବା ବେଳକୁ ଉକ୍ତ ଅଞ୍ଚଳରେ ଘୂରିବୁଲି ସାରୁମୂଳା ଜଙ୍ଗଲରେ ଥିବା ସୂଚନା ମିଳିଛି।

# ଅନୁଭୂତ ହେବ ଶୀତ, ପଡ଼ିବ କୁହୁଡ଼ି

ଭୁବନେଶ୍ୱର,୨୯।୧୦ (ଅନୁରାଧା ମହାରଣା)

କେନ୍ଦ୍ରୀୟ ଭାରତରେ ବୁଧବାର ସୁଦ୍ଧା ଏକ ଗୁରୁଚାପ ବଳୟ ସକ୍ରିୟ ହୋଇପାରେ। ଏହା ପରଠାରୁ ରାଜ୍ୟ ବାୟୁମଣ୍ଡଳରେ ଗତ କିଛିଦିନ ହେଲା ସକ୍ରିୟ ଥିବା ଘୂର୍ଣ୍ଣିବଳୟ ଦୁର୍ବଳ ହେବ। ଏଥିସହ ନଭେମ୍ବର ଆରମ୍ଭରୁ ରାଜ୍ୟରେ ଶୀତ ବଢ଼ିପାରେ। ସେହିପରି ବୁଧବାର ରାଜଧାନୀ ଭୁବନେଶ୍ୱର ସମେତ କଟକ, ଭଦ୍ରକ, ଢେଙ୍କାନାଳ, ଯାଜପୁର, କେନ୍ଦୁଝର, ଅନୁଗୋଳ, ନୟାଗଡ଼, କନ୍ଧମାଳ, ଗଜପତି, ରାୟଗଡ଼ା, ନବରଙ୍ଗପୁର, ଦେବଗଡ଼, ଗଞ୍ଜାମ ଓ ମାଲକାନଗିରି ଜିଲାର କିଛି ସ୍ଥାନରେ କୁହୁଡ଼ି ପଡ଼ିବାର ସମ୍ଭାବନା ରହିଛି। ଅନ୍ୟପଟେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ବଲାଙ୍ଗୀର, ନୂଆପଡ଼ା, କୋରାପୁଟ ଓ ରାୟଗଡ଼ା ଆଦି ଜିଲାରେ ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଥିବାରୁ ସମ୍ପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ, ଦକ୍ଷିଣ ଓଡ଼ିଶା ସମେତ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳବର୍ତ୍ତୀ ଅଞ୍ଚଳରେ ସମୁଦ୍ର ପତ୍ତନଠାରୁ ୫.୮ କି.ମି. ଉର୍ଦ୍ଧ୍ୱରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଥିବାବେଳେ କ୍ରମଶଃ ଦକ୍ଷିଣପଶ୍ଚିମ ଦିଗରେ ଅଗ୍ରସର ହେଉଛି। ଏହି ଘୂର୍ଣ୍ଣିବଳୟ ଜଳୀୟବାଷ୍ପକୁ ଧରି ରଖୁଥିବାରୁ ରାଜ୍ୟରେ ତାପମାତ୍ରା କମୁନାହିଁ। ଏହା ରାଜ୍ୟରେ ଶୀତର ପ୍ରଭାବ ଅନୁଭୂତ ହେବାରେ ବାଧା ସୃଷ୍ଟି କରୁଛି। ରାଜ୍ୟର ଗୋଟିଏ ଦୁଇଟି ସ୍ଥାନକୁ ବାଦ୍ ଦେଲେ ଅନ୍ୟ ସମସ୍ତ ସ୍ଥାନରେ ଉଚ୍ଚ ତାପମାତ୍ରା ଅନୁଭୂତ ହେଉଛି। ମଙ୍ଗଳବାର ପୁରୀରେ ସର୍ବାଧିକ ୩୪.୪ ଡିଗ୍ରୀ ସେଲସିୟସ୍ ତାପମାତ୍ରା ଅନୁଭୂତ ହୋଇଥିବାବେଳେ ଫୁଲବାଣୀରେ ସର୍ବନିମ୍ନ ୧୮.୦ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ଏଥିସହ କେତେକ ସ୍ଥାନରେ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିଥିଲା।



# ଲେଖକ ଲେଖନ୍ତୁ

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୯(୧) 'ଏ'ରେ ନାଗରିକର ଅଭିବ୍ୟକ୍ତି ସ୍ୱାଧୀନତା ଏକ ମୌଳିକ ଅଧିକାର ଭାବେ ବର୍ଣ୍ଣନା କରାଯାଇଛି। କିନ୍ତୁ ବହୁ କ୍ଷେତ୍ରରେ ସେହି ଅଧିକାର ଭଙ୍ଗ ହେଉଥିବା ଦେଖିବାକୁ ମିଳୁଛି। ଏପରିକି ରୋକ୍‌ଠୋକ୍ କହି ଦେଉଥିବା କିମ୍ବା ଲେଖିଦେଉଥିବା ବ୍ୟକ୍ତିଙ୍କୁ ଜେଲଦଣ୍ଡ ଭୋଗିବାକୁ ପଡୁଛି ବା ସ୍ଥଳବିଶେଷରେ ତାଙ୍କର ଜୀବନ ନେଇ ନିଆଯାଉଛି। ୫ ସେପ୍ଟେମ୍ବର ୨୦୧୭ରେ ବେଙ୍ଗାଲୁରୁରେ ସାମ୍ବାଦିକା ତଥା ଲେଖିକା ଗୌରୀ ଲଙ୍କେଶଙ୍କୁ ଚରମ ଦକ୍ଷିଣପନ୍ଥୀ ହିନ୍ଦୁଙ୍କୁ ସମାଲୋଚନା କରି ଲେଖା ପ୍ରକାଶ କରିବାରୁ ଦୁର୍ବୃତ୍ତମାନେ ହତ୍ୟା କରିଥିଲେ। ଅଭିବ୍ୟକ୍ତି ସ୍ୱାଧୀନତାକୁ ବିରୋଧ ସହ ଅସହିଷ୍ଣୁତାର ଅନେକ ଉଦାହରଣ ମଧ୍ୟରୁ ଏହା ଗୋଟିଏ। ଏବେ ତାମିଲନାଡୁର ପେରିୟାର ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଆସୋସିଏଟ୍ ପ୍ରଫେସର ଆର୍. ସୁବ୍ରମଣି ଦୁଇଟି ବହି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ଲେଖିବା ହେତୁ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ପୁସ୍ତକ ଦୁଇଟି ହେଲା 'ପେରିୟାର୍ସ ବ୍ୟାଟଲଫିଲ୍ଡ' ଏବଂ 'ମାକାଉଲେ ୱାଜ୍ ଆନ୍ ଏନ୍‌ମି ଅଫ୍ କନଜରଭେଟିଭ୍ ଏଜୁକେଶନ'। ଏହା ଯଥାକ୍ରମେ ୨୦୨୨ ଓ ୨୦୨୩ରେ ପ୍ରକାଶ ପାଇଥିଲା। ଉଲ୍ଲେଖଯୋଗ୍ୟ ଯେ, 'ମାକାଉଲେ' ନାମରେ ସେ ୨୦୦୭ରେ ପ୍ରଥମେ ଏକ ବହି ଲେଖିଥିଲେ ଓ ୨୦୨୩ରେ ଏଥିରେ ୬୦ ପୃଷ୍ଠା ଅଧିକ ଯୋଡ଼ି ତାହାର ନାମ ପରିବର୍ତ୍ତନ କରିଥିଲେ। ତେବେ ପେରିୟାର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନେଇଥିବା ନିଷ୍ପତ୍ତିକୁ ତାମିଲନାଡୁ ଫେଡେରେଶନ ଅଫ୍ ୟୁନିଭର୍ସିଟି ଫାକଲ୍ଟି ଆସୋସିଏଶନ ବିରୋଧ କରିବା ପରେ ଅଭିବ୍ୟକ୍ତି ସ୍ୱାଧୀନତାକୁ ନେଇ ସଦ୍ୟ ସମସ୍ୟା ଉପୁଜିଛି।

ଭାରତରେ ଗତ କିଛିବର୍ଷ ହେବ ବିଭିନ୍ନ କ୍ଷେତ୍ରରେ ଅସହିଷ୍ଣୁତା କାୟା ବିସ୍ତାର କରୁଥିବା ବାରମ୍ବାର ଦେଖିବାକୁ ମିଳୁଛି। ଜଣେ କ'ଣ ଖାଇବ, କି ପୋଷାକ ପରିଧାନ କରିବ, କେଉଁ ଧର୍ମ ଅବଲମ୍ବନ କରିବ, କେଉଁ ପ୍ରସଙ୍ଗ ଉପରେ ଲେଖିବ ତାହା ବ୍ୟକ୍ତିର ପସନ୍ଦ ଉପରେ ଛଡ଼ା ନ ଯାଇ ଶାସନ କରୁଥିବା ବର୍ଗ ଉପରେ ନିର୍ଭର କରୁଥିବା ଭଳି ମନେହେଉଛି। ବିଗତ ଦିନରେ ହୋଇଥିବା ଅନେକ ଲିଞ୍ଚିଂର ମୂଳକୁ ଲକ୍ଷ୍ୟ କଲେ କିମ୍ଭୂତକିମାକାର କାରଣ ଜଣାପଡ଼ିଛି। ଏବେ ସାମାଜିକ ବ୍ୟବସ୍ଥାକୁ ଦେଖିଲେ କେନ୍ଦ୍ର ହେଉ ବା ଅନେକ ରାଜ୍ୟ ସରକାରଙ୍କୁ ଯେଉଁ ବିଷୟ ସୁହାଉ ନାହିଁ ବୋଲି ହୃଦ୍‌ବୋଧ ହେଉଛି, ତାହାକୁ ସଙ୍ଗେ ସଙ୍ଗେ ହଟାଇ ଦେବା ଲାଗି ନିର୍ଦ୍ଦେଶ ଆସୁଛି। ସେହି ନିର୍ଦ୍ଦେଶକୁ ଅବମାନନା କଲେ ବ୍ୟକ୍ତି କିମ୍ବା ସଙ୍ଗଠନ ଦଣ୍ଡିତ ହେଉଛନ୍ତି। ଏହାର ଅର୍ଥ ବୁଝିବାକୁ ହେବ ଯେ ଗଣତନ୍ତ୍ରକୁ ଅନୁସରଣ କରୁଥିବା ଭାରତବର୍ଷରେ ବ୍ୟକ୍ତି ସ୍ୱାଧୀନତା ସଙ୍କୁଚିତ ହୋଇଯାଉଛି।

**ସବୁବେଳେ ସମାଲୋଚନାକୁ ନକାରାତ୍ମକ ଦୃଷ୍ଟିରେ ଦେଖାଯିବା ଉଚିତ ନୁହେଁ। ତେବେ ଜଣେ ଲେଖକ ପୂର୍ବରୁ ପ୍ରଚଳିତ ହେଉଥିବା ଧାରାରେ କିଛି ଖୁଣ ଥିବା ଲକ୍ଷ୍ୟ କଲେ, ସେ ତାହାକୁ ସହଜରେ ସୁଧାରି ନୂଆ ପରମ୍ପରା ସୃଷ୍ଟି କରିପାରିବେ। ପୁରୁଣାକାଳିଆ ଚିନ୍ତାଭର୍ତ୍ତି କୋଠରିର ଝରକାକୁ ଉନ୍ମୁକ୍ତ ରଖିଲେ ଯାଇ ମହତ୍ ଭାବନା ପ୍ରବେଶ କରିପାରନ୍ତା।**

ଯିଏ ସରକାରଙ୍କୁ ସମର୍ଥନ କଲେ ସିଏ ସୁନା ପୁଅ ଓ ସବୁ ସୁବିଧା ପାଇବାକୁ ହକ୍‌ଦାର ଏବଂ ଯେଉଁମାନେ ପ୍ରତିବାଦ କଲେ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ ବୈପିତୃକ ମନୋଭାବ ପୋଷଣ କରାଯାଉଛି। ପେରିୟାର ବିଶ୍ୱବିଦ୍ୟାଳୟ ଆସୋସିଏଟ୍ ପ୍ରଫେସର ଆର୍. ସୁବ୍ରମଣି ଦ୍ରାବିଡୀୟ ସଂସ୍କାରକ ପେରିୟାର ଏବଂ ଭାରତରେ ଇଂଲିଶ ଶିକ୍ଷାର ପ୍ରଚଳନ କରିଥିବା ଲର୍ଡ ମାକାଉଲେଙ୍କୁ ଉପଲକ୍ଷ୍ୟ କରି ପୁସ୍ତକ ଲେଖିଛନ୍ତି। ସେଥିରେ ସେ ଯେଉଁ ଭାବନା ଯୋଡ଼ିଛନ୍ତି ତାହା ଉପରେ ତର୍ଜମା ହେବା ଦରକାର। ଓଡ଼ିଆରେ ଢଗ ଅଛି–'ଗୋଠ ମାତିଲେ ଖଣ୍ଡିଆ ମାତେ'। ଅର୍ଥାତ୍ ଥୋକେ ଗୋଟେ ବିଷୟକୁ ଯଦି ବିରୋଧ କଲେ ଆହୁରି ଅନେକ ଲୋକ ମୂଳ କଥାକୁ ନ ବୁଝି ଗୋଟେ 'ଘୋ'ରେ ମାତି ଯାଇଥାଆନ୍ତି। ଏଠାରେ ବହୁ ବିଷୟରେ ଉପଯୁକ୍ତ ଗବେଷଣା ବା ତର୍ଜମା ହୋଇ ନ ଥାଏ। ଜଣେ ଯଦି କୌଣସି ବିଷୟରେ ନୂଆ ଚିନ୍ତାଧାରା ଆଣିଛନ୍ତି ତାହା ଉପରେ କର୍ମଶାଳା, ସେମିନାର ଆଦି କରାଗଲେ କିଛି ଗୋଟେ ନିଷ୍କର୍ଷ ଆସିପାରନ୍ତା। ସବୁବେଳେ ସମାଲୋଚନାକୁ ନକାରାତ୍ମକ ଦୃଷ୍ଟିରେ ଦେଖାଯିବା ଉଚିତ ନୁହେଁ। ତେବେ ଜଣେ ଲେଖକ ପୂର୍ବରୁ ପ୍ରଚଳିତ ହେଉଥିବା ଧାରାରେ କିଛି ଖୁଣ ଥିବା ଲକ୍ଷ୍ୟ କଲେ, ସେ ତାହାକୁ ସହଜରେ ସୁଧାରି ନୂଆ ପରମ୍ପରା ସୃଷ୍ଟି କରିପାରିବେ। ପୁରୁଣାକାଳିଆ ଚିନ୍ତାଭର୍ତ୍ତି କୋଠରିର ଝରକାକୁ ଉନ୍ମୁକ୍ତ ରଖିଲେ ଯାଇ ମହତ୍ ଭାବନା ପ୍ରବେଶ କରିପାରନ୍ତା। ଏଭଳି ସ୍ଥଳେ ଆଫଗାନିସ୍ତାନର ଉଦାହରଣ ଦେଖାଯାଉ। ସେଠାରେ ତାଲିବାନ ଶାସକ ମହିଳାଙ୍କୁ ସମ୍ପୂର୍ଣ୍ଣ ଭାବେ ସାମାଜିକ ଜୀବନରୁ ଦୂରେଇ ଦେବା ସହିତ କଠୋର ଇସ୍‌ଲାମୀୟ ଚିନ୍ତାଧାରା ପୋଷଣ କରି ଭିନ୍ନ ମତଧାରୀଙ୍କୁ କଡ଼ା ଦଣ୍ଡରେ ଦଣ୍ଡିତ କରୁଛି। ଭାରତ ବହୁ ଊର୍ଦ୍ଧ୍ୱକୁ ଚିନ୍ତା କରିବା ଦରକାର।

# ସସମ୍ମାନେ ଇଚ୍ଛାମୃତ୍ୟୁ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

କଥାରେ ଅଛି, ''ମରଣଠାରୁ ଘୋଷରା ବଳେ''। ଏହାର ଅର୍ଥ ହେଲା, ମୃତ୍ୟୁ ଅପେକ୍ଷା ଏହା ପୂର୍ବର ରୁଗ୍‌ଣ ତଥା ଶଯ୍ୟାଶାୟୀ ଜୀବନ ଅଧିକ ଯନ୍ତ୍ରଣାଦାୟକ। ଆମ ଅଧିକାଂଶଙ୍କୁ ତାହା ସହ୍ୟ କରିବାକୁ ହୁଏ। ଏପରିକି ବଞ୍ଚିବାର ଆଦୌ ସମ୍ଭାବନା ନ ଥିଲେ ହେଁ ଶରୀରର ଅଧିକାଂଶ ଅଙ୍ଗ ଅକର୍ମଣ୍ୟ ହେଲେ ଏବଂ ଏପରିକି ଚେତନାଶକ୍ତି ହରାଇ ସାରିଲା ପରେ ମଧ୍ୟ ଅନେକଙ୍କୁ ଦୀର୍ଘ ଦିନ ଧରି ବଞ୍ଚିବାକୁ ପଡ଼ିଥାଏ ଶେଷନିଃଶ୍ୱାସ ତ୍ୟାଗ କଲା ପର୍ଯ୍ୟନ୍ତ। ପୁନଶ୍ଚ ଏ ଅବସ୍ଥାକୁ ଅଧିକ ସମ୍ପ୍ରସାରିତ କରିଛି ଆଧୁନିକ ବିଜ୍ଞାନ। ବିବିଧ ଜୀବନ ସହାୟକ ଯନ୍ତ୍ରପାତି ସାହାଯ୍ୟରେ ମୃତପ୍ରାୟ ଲୋକଙ୍କୁ ବଞ୍ଚେଇ ରଖାଯାଉଛି ଦୀର୍ଘକାଳ ଧରି। ଏହା ମୂଳରେ ରହିଛି ଆତ୍ମୀୟସ୍ୱଜନମାନଙ୍କ ଇଚ୍ଛା, ପାରମ୍ପରିକ, ନୈତିକ ବିଚାର ଏବଂ ଆମ ଆଇନ ବ୍ୟବସ୍ଥା, ଯାହାର ଏକ ଜଣାଶୁଣା ଉଦାହରଣ ହେଲା ମୁମ୍ବାଇର ଅରୁଣା ଶାନ୍‌ବାଗଙ୍କ କାହାଣୀ।

ଅରୁଣା ଥିଲେ ମୁମ୍ବାଇର କେଇଏମ୍ ହସ୍ପିଟାଲର ଜଣେ କାର୍ଯ୍ୟରତ ସେବିକା। ତାଙ୍କୁ ୧୯୭୩ ମସିହା ନଭେମ୍ବର ୨୭ ତାରିଖ ରାତ୍ରିରେ ଜଣେ କର୍ମଚାରୀ ଦୁଷ୍କର୍ମ କଲା ପରେ ହତ୍ୟା କରିବା ପାଇଁ ତାଙ୍କ ତଣ୍ଟିକୁ ଏକ ଲୁହା ଚେନ୍‌ରେ ଭିଡ଼ି ଧରିଥିଲା ଏବଂ କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଛି ଭାବି ଛାଡ଼ି ଚାଲି ଯାଇଥିଲା। ସେହି ଦିନଠାରୁ ସେ ସଂଜ୍ଞାହୀନା ଅବସ୍ଥାରେ ପଡ଼ିରହୁଥିଲେ। ତାଙ୍କର ଚିକିତ୍ସା ଚାଲିଥିଲା ବିଭିନ୍ନ ଜୀବନ ସହାୟକ ବ୍ୟବସ୍ଥା ମାଧ୍ୟମରେ, ୨୦୧୫ ମସିହାରେ ସେ ନିମୋନିଆରେ ମୃତ୍ୟୁବରଣ କଲା ପର୍ଯ୍ୟନ୍ତ। ଇତିମଧ୍ୟରେ ତାଙ୍କୁ ଏଭଳି ଦୟନୀୟ ଅବସ୍ଥାରେ ବଞ୍ଚାଇ ନ ରଖି ମୃତ୍ୟୁବରଣ କରିବାକୁ ଛାଡ଼ିଦେବାକୁ ୨୦୦୯ ମସିହାରେ ଉଚ୍ଚତମ ନ୍ୟାୟାଳୟରେ ଆବେଦନ କରିଥିଲେ ପିଙ୍କି ଭିରାନୀ ନାମକ ମୁମ୍ବାଇର ଜଣେ ସ୍ୱେଚ୍ଛାସେବୀ। ସେଥିରେ ସେ ଦର୍ଶାଇଥିଲେ, ଶାନ୍‌ବାଗଙ୍କୁ ସେପରି ଅବସ୍ଥାରେ ରଖିବା ତାଙ୍କର ସସମ୍ମାନେ ବଞ୍ଚିବା ଅଧିକାରକୁ କ୍ଷୁଣ୍ଣ କରୁଛି ବୋଲି। ତେବେ ଏ ଆବେଦନ ଖାରଜ ହୋଇଯାଇଥିଲା। ଉଚ୍ଚତମ ନ୍ୟାୟାଳୟ ଏହା ଉପରେ ବିଚାରକରି ୨୦୧୧ରେ ପ୍ରଦତ୍ତ ରାୟରେ ଦର୍ଶାଇଥିଲେ ଯେ, ଶାନ୍‌ବାଗଙ୍କୁ ଜୀବନ ସହାୟକ ବ୍ୟବସ୍ଥା ଯୋଗାଇଥିବା ଏବଂ ତାଙ୍କର ଯତ୍ନ ନେଉଥିବା ହସ୍ପିଟାଲର କର୍ମଚାରୀ ଏଥିପ୍ରତି ଅନିଚ୍ଛା ପ୍ରକାଶ କରୁଥିବାରୁ ଏହାକୁ ଅନୁମତି ଦିଆଯାଇ ପାରିବ ନାହିଁ। ତଥାପି ଏଥିରେ ନ୍ୟାୟାଳୟ ଏଭଳି ନିଷ୍କ୍ରିୟଙ୍କ ସସମ୍ମାନେ ଇଚ୍ଛାମୃତ୍ୟୁ ଚିନ୍ତାଧାରାକୁ ସମର୍ଥନ କରିଥିଲେ ଏବଂ ସୂଚିତ କରିଥିଲେ ଯେ, ରୋଗୀକୁ ଏପରି ଅବସ୍ଥାରେ ବଞ୍ଚାଇ ରଖିବା



ଅପେକ୍ଷା ତା'ଠାରୁ ଚିକିତ୍ସା ବ୍ୟବସ୍ଥା ଏବଂ ଖାଦ୍ୟ ବା ଅମ୍ଳଜାନ ପ୍ରତ୍ୟାହାର କରାଯିବା ଅଧିକ ସ୍ପୃହଣୀୟ। ଏହାପରେ ୨୦୧୪ରେ ଉଚ୍ଚତମ ନ୍ୟାୟାଳୟର ଏକ ଖଣ୍ଡପୀଠ ଏପ୍ରକାର ଅନ୍ୟ ଏକ ମାମଲାର ଶୁଣାଣି କରି ଏହାକୁ ସାମ୍ବିଧାନିକ ବେଞ୍ଚର ପରାମର୍ଶ ପାଇଁ ପଠାଇବାକୁ ମତ ରଖିଥିଲେ। ଅତଏବ ୫ଜଣ ବିଚାରପତିଙ୍କୁ ନେଇ ଏହା ଗଠନ କରାଯାଇଥିଲା ଏବଂ ୨୦୧୮ରେ ଏହା କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଏଥିପାଇଁ ଅନୁମତି ଦେବାକୁ ମତ ଦେଇଥିଲେ ହେଁ ପାର୍ଲାମେଣ୍ଟ ଏହାର ବିଭିନ୍ନ ଦିଗ ବିଚାରକୁ ନେଇ ଉଚିତ୍ ଆଇନ ପ୍ରଣୟନ କରିବାକୁ ପରାମର୍ଶ ଦେଇଥିଲେ। ଏଣୁ ଏବେ(୨୦୨୪) ସେଥିପାଇଁ ସରକାର ମାର୍ଗଦର୍ଶିକାର ପ୍ରସ୍ତୁତ ପ୍ରକ୍ରିୟା ଆରମ୍ଭ କରିଛନ୍ତି।

ଏହା ଲାଗି ପ୍ରସ୍ତୁତ ଖସଡ଼ା ବା ଡ୍ରାଫ୍ଟରେ ସୂଚିତ କରାଯାଇଛି ଯେ, ଇଣ୍ଟେନ୍‌ସିଭ କେୟାର ୟୁନିଟ୍‌ରେ ରଖାଯାଇଥିବା ଏବଂ ଅରକ୍ଷଣୀୟ ଭାବେ ରୋଗଗ୍ରସ୍ତ ହୋଇଥିବା ରୋଗୀମାନଙ୍କର ଭେଣ୍ଟିଲେଟର ବିବିଧ ଅସ୍ତ୍ର ଚିକିତ୍ସା, କୃତ୍ରିମ ଉପାୟରେ ପୋଷଣ ବା ଅମ୍ଳଜାନ ଯୋଗାଣ ଆଦି ଜୀବନ ସହାୟକ ବ୍ୟବସ୍ଥାରୁ ଲାଭବାନ୍ ହେବାର ସମ୍ଭାବନା ଖୁବ୍ କମ୍। ଅନ୍ୟପକ୍ଷରେ, ଏପରି ଅବସ୍ଥାରେ ସେମାନଙ୍କ ଯତ୍ନ ନେବାର ଦାୟିତ୍ୱ ବଢ଼େ ଏବଂ ରୋଗୀଙ୍କ ଯନ୍ତ୍ରଣା ମଧ୍ୟ ବୃଦ୍ଧି ପାଇଥାଏ। ଅତଏବ ଏହା କରିବା କୌଣସି ଦୃଷ୍ଟିରୁ ସ୍ପୃହଣୀୟ ନୁହେଁ। ବରଂ ତାହା ପରିବାରବର୍ଗଙ୍କ ଭାବପ୍ରବଣଜନିତ ଚାପ ଏବଂ ଆର୍ଥିକ ଦୁର୍ଗତି ବଢ଼ାଇବାର କାରଣ ହୁଏ। ପୁନଶ୍ଚ ଏପରି ରୋଗୀଙ୍କଠାରୁ ଜୀବନ ସହାୟକ ବ୍ୟବସ୍ଥା କାଢ଼ି ନେଇ ସସମ୍ମାନେ ମୃତ୍ୟୁବରଣ କରିବାକୁ ଦେବା ବିଶ୍ୱର ଅନେକ ଦେଶରେ ଆଇନଗତ ସ୍ୱୀକୃତି ଲାଭ କରିସାରିଲାଣି। ଏଣୁ ଆମ ଦେଶରେ ମଧ୍ୟ ତାହାକୁ ସ୍ୱୀକୃତି ଦେବା ସବୁ ଦୃଷ୍ଟିରୁ ଏବଂ ସମସ୍ତଙ୍କ ପାଇଁ ଉଚିତ ପଦକ୍ଷେପ ହେବ।

ଏହି ମାର୍ଗଦର୍ଶିକା ଅନୁଯାୟୀ, ରୋଗୀଠାରୁ ଜୀବନ ସହାୟକ ବ୍ୟବସ୍ଥା କାଢ଼ିନେବା ଉଚିତ କି ନୁହେଁ, ତାହା ପ୍ରଥମେ ବିଚାର କରିବାକୁ ଏକ ପ୍ରାଥମିକ ମେଡିକାଲ ବୋର୍ଡ ଗଠନ କରାଯିବ। ଏହାର ସଦସ୍ୟ ରହିବେ ରୋଗୀର ଜଣେ ଚିକିତ୍ସକ ଏବଂ ୫ ବର୍ଷରୁ ଅଧିକ ଅନୁଭୂତିସମ୍ପନ୍ନ ଦୁଇ ଜଣ ବିଶେଷଜ୍ଞ। ତତ୍ପରେ ଏହାର ମତାମତକୁ ଅଧିକ ପରୀକ୍ଷାନିରୀକ୍ଷା କରିବା ଲାଗି ଅନ୍ୟ ଏକ ଦ୍ୱିତୀୟ ମେଡିକାଲ ବୋର୍ଡକୁ ପଠାଯିବ, ଯାହାକି ଗଠିତ ହେବ ଜଣେ ଅନୁଭୂତିସମ୍ପନ୍ନ ଡାକ୍ତର ଏବଂ ଦୁଇଜଣ ବିଶେଷଜ୍ଞଙ୍କୁ ନେଇ। ପ୍ରଥମ ମେଡିକାଲ୍ ବୋର୍ଡର କୌଣସି ସଦସ୍ୟଙ୍କୁ ଏହାର ଅନ୍ତର୍ଭୁକ୍ତ କରାଯିବ ନାହିଁ। ତତ୍ପରେ ରୋଗୀଟି ଚିକିତ୍ସିତ ହେଉଥିବା ଚିକିତ୍ସାଳୟ ଚାହିଁଲେ ଏଥିପାଇଁ ନୈତିକ କମିଟିଟିଏ ଗଠନ କରିପାରିବ, ଯାହାକି ଏହାର ଏ ଦିଗ ମଧ୍ୟ ଅନୁଧ୍ୟାନ କରିବ। ରୋଗୀ ନିଜେ କିମ୍ବା ସେ ସମ୍ପୂର୍ଣ୍ଣ ଅଚେତନ ଥିଲେ ତାଙ୍କ ପରିବାରବର୍ଗଙ୍କ ସମ୍ମତିରେ ଏସବୁ ପଦକ୍ଷେପ ନିଆଯିବ।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବେ ଏ ସମ୍ପର୍କରେ ଜନମତ ଲୋଡ଼ିଛି। କାହାରି କିଛି ମତାମତ ଥିଲେ ତାହା ଜଣାଇବା ପାଇଁ ଅନୁରୋଧ କରାଯାଇଛି। ତା'ହେଲେ ଆଇନ ପ୍ରଣୟନ ହେବା ପୂର୍ବରୁ ଏକ ବିଶେଷଜ୍ଞ କମିଟି ଦ୍ୱାରା ସେସବୁ ବିଚାରକୁ ନିଆଯାଇପାରିବ। ଏ ପ୍ରକାର ତଥାକଥିତ ''ସସମ୍ମାନେ ଇଚ୍ଛାମୃତ୍ୟୁ''କୁ ଅନେକ ଦେଶରେ ଆଇନସମ୍ମତ କରାଯାଇଛି। ସ୍ୱିଜରଲାଣ୍ଡ ହେଲା ସେଗୁଡ଼ିକ ମଧ୍ୟରେ ସବୁଠାରୁ ଅଗ୍ରଣୀ। ଏହା ୧୯୪୨ ମସିହାରୁ ଏହାକୁ ସ୍ୱୀକୃତି ପ୍ରଦାନ କରିଛି। ସେହିପରି କାନାଡା, ନେଦରଲାଣ୍ଡସ୍, ବେଲ୍‌ଜିୟମ, ଲକ୍‌ସମବର୍ଗ, ନ୍ୟୁଜିଲାଣ୍ଡ, ସ୍ପେନ, କଲମ୍ବିଆ, ଅଷ୍ଟ୍ରିୟା, ଅଷ୍ଟ୍ରେଲିଆର କେତେକ ରାଜ୍ୟ ଏବଂ ଆମେରିକାର ୧୧ଟି ରାଜ୍ୟରେ ଏହା ଆଇନସମ୍ମତ। ଏହାକୁ କୁହାଯାଉଛି ''ଡାକ୍ତରଙ୍କ ସହାୟତାରେ ଇଚ୍ଛାମୃତ୍ୟୁ''। ଏଥିରେ ବଞ୍ଚିବାର ଆଦୌ ସମ୍ଭାବନା ନ ଥିବା ରୋଗୀର କିମ୍ବା ତା'ର ଆତ୍ମୀୟସ୍ୱଜନଙ୍କ ଅନୁରୋଧକ୍ରମେ ତାଙ୍କୁ ଜୀବନଘାତକ ଔଷଧ ଦେବାକୁ ଏବଂ ତାଙ୍କଠାରୁ ଜୀବନ ସହାୟକ ବ୍ୟବସ୍ଥାମାନ କାଢ଼ିନେବାକୁ ଡାକ୍ତରମାନଙ୍କୁ କୁହାଯାଇଥାଏ। ଅନ୍ୟପକ୍ଷରେ, ଇଂଲଣ୍ଡ, ୱେଲ୍‌ସ ଏବଂ ଉତ୍ତର ଆୟର୍ଲାଣ୍ଡରେ ଏହା ବେଆଇନ। ସେଠାରେ ପ୍ରଚଳିତ ''ଦ ସୁଇସାଇଡ୍ ଆକ୍ଟ–୧୯୬୧'' ଅନୁସାରେ ଏଥିରେ ସହାୟତା କରୁଥିବା କିମ୍ବା ଏହାକୁ ଉତ୍ସାହିତ କରୁଥିବା ଲୋକଙ୍କୁ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ସେଥିପାଇଁ ଏଠାରୁ ଡାକ୍ତରୀ ପ୍ରମାଣପତ୍ର ଧରି ''ସସମ୍ମାନେ ଇଚ୍ଛାମୃତ୍ୟୁ'' ଚାହୁଁଥିବା କିଛି ରୋଗୀ ତାହା କରିବା ପାଇଁ ଅନ୍ୟ ଦେଶଗୁଡ଼ିକୁ ଚାଲିଯିବାର ଦେଖାଯାଉଛି। ଏସବୁ ଦୃଷ୍ଟିରୁ ବିଚାରକଲେ, ବର୍ତ୍ତମାନ ଆମ ଦେଶରେ ଅନ୍ତିମ ସମୟ ଅପେକ୍ଷାରେ ଥିବା ଅରକ୍ଷଣୀୟ ଭାବେ ରୋଗଗ୍ରସ୍ତ ରୋଗୀଙ୍କ ''ସସମ୍ମାନେ ଇଚ୍ଛାମୃତ୍ୟୁ'' ପାଇଁ ଆଇନ ପ୍ରଣୟନ କରିବା ଦିଗରେ ସରକାର ନେଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ।

**ଉଷା ନିବାସ, ଖଣ୍ଡଗିରି ବିହାର, ଭୁବନେଶ୍ୱର**
**ମୋ: ୯୯୩୭୩୦୧୪୬୦**

# କଏଦୀ ନମ୍ବର-୬୨୬୭୧୦



ଜନାର୍ଦ୍ଦନ ପତି

ଜେଲ ଭିତରେ ବନ୍ଦୀ ଥିବା ସବୁ ମଣିଷ କ'ଣ ଅପରାଧୀ? ସେମାନଙ୍କ ମଧ୍ୟରୁ କେତେକଙ୍କୁ ଅପରାଧୀ ବୋଲି ଶାସକ ଶ୍ରେଣୀର ରାଷ୍ଟ୍ରର ପୋଲିସ ଓ ମିଲିଟାରୀ ପକ୍ଷରୁ ଅଭିଯୋଗ କରାଯାଇଥାଏ। ସେଭଳି ଅନେକ ଘଟଣା ମଧ୍ୟରୁ ଗୋଟିଏ ଘଟଣା ଘଟିଥିଲା ଜର୍ମାନରେ। ନାଜି ନେତା ହିଟ୍‌ଲର ୧୯୩୩ ଜାନୁଆରୀ ୩୦ରେ କ୍ଷମତା ହାସଲ କଲାପରେ ଗୁପ୍ତଘାତକ ଏଜେଣ୍ଟ ଦ୍ୱାରା ଜର୍ମାନ ପାର୍ଲାମେଣ୍ଟରେ ନିଆଁ ଲଗାଇ ଦେଲା ଓ ଏହି ଅଭିଯୋଗରେ ବୁଲ୍‌ଗେରିଆର କମ୍ୟୁନିଷ୍ଟ ନେତା ଜର୍ଜ ଡିମିଟ୍ରଭ ଗିରଫ ହେଲେ ଏବଂ ଜର୍ମାନ କମ୍ୟୁନିଷ୍ଟ ପାର୍ଟିକୁ ବେଆଇନ ଘୋଷଣା କରାଗଲା। ଡିମିଟ୍ରଭ କୌଣସି ଓକିଲ ନିଯୁକ୍ତ ନ କରି ନିଜେ ନିଜ ମାମଲାକୁ ଲଢ଼ିଲେ। ଏକ ଶତ୍ରୁ ଦେଶରେ ଅଦାଲତରେ ସେ ଦେଶର ପ୍ରଧାନମନ୍ତ୍ରୀ ଗୋରିଂଙ୍କୁ ପ୍ରଶ୍ନବାଣରେ ଜର୍ଜରିତ କରି, ନାଜି ସରକାରକୁ କାଠଗଡ଼ାରେ ଠିଆ କରାଇ ନିଜେ ମୁକ୍ତି ପାଇଥିଲେ। କୋର୍ଟରୁ ମୁକ୍ତ ହେବା ପରେ ବି ହିଟ୍‌ଲର ସରକାର ତାଙ୍କୁ ଖଲାସ କରି ନ ଥିଲା। ସୋଭିଏଟ୍ ୟୁନିୟନର ହସ୍ତକ୍ଷେପ ପରେ ସେ ମୁକୁଳି ଥିଲେ।

ଆଉ ଏକ ଘଟଣା। କ୍ୟୁବାର ତତ୍କାଳୀନ ରାଷ୍ଟ୍ରପତି ଫିଡେଲ କାଷ୍ଟ୍ରୋ ପାର୍ଲାମେଣ୍ଟ ନିର୍ବାଚନରେ ପ୍ରାର୍ଥୀ ହୋଇଥିଲେ। ମାତ୍ର ଏକଛତ୍ରବାଦୀ ଶାସକ ବାଟିଷ୍ଟା ନିର୍ବାଚନକୁ ବାତିଲ କରିଦେଲେ। କାଷ୍ଟ୍ରୋଙ୍କ ନେତୃତ୍ୱରେ ଗଠିତ ଜୁଲାଇ ୨୬ କମିଟି ପକ୍ଷରୁ ବାଟିଷ୍ଟା ସରକାରର ମିଲିଟାରୀ ଗ୍ୟାରିସନ ଉପରେ ବିଦ୍ରୋହୀମାନେ ଆକ୍ରମଣ କଲେ, ମାତ୍ର ପରାସ୍ତ ହେଲେ। କାଷ୍ଟ୍ରୋ ଓ ତାଙ୍କ ସାଥୀମାନେ ଗିରଫ ହୋଇ ଅଦାଲତରେ ନିଜର ବୟାନ ଦେଇଥିଲେ। ରାଷ୍ଟ୍ରଦ୍ରୋହ ଅପରାଧରେ ତାଙ୍କୁ ମୃତ୍ୟୁଦଣ୍ଡ ଦିଆ ନ ଯାଇ ଜେଲଦଣ୍ଡ ଦିଆଯାଇଥିଲା ଓ କେଇବର୍ଷ ପରେ ସେ ଖଲାସ ହୋଇଥିଲେ। କାଷ୍ଟ୍ରୋ ଅଦାଲତରେ କହିଥିଲେ– 'ଇତିହାସ ମୋତେ ଦୋଷମୁକ୍ତ କରିବ।' ଫିଡେଲ ତା'ପରେ ଗଣବିପ୍ଳବ ଜରିଆରେ ବାଟିଷ୍ଟାଙ୍କୁ ଗାଦିଚ୍ୟୁତ କରିବା ପୂର୍ବରୁ ବାଟିଷ୍ଟା ଦେଶ ଛାଡ଼ି ପଳାଇଲେ।

୧୯୭୧ରେ ଶ୍ରୀଲଙ୍କାରେ ଆଉ ଏକ ଘଟଣା ଘଟିଥିଲା। ଜନତା ଭିମୁକ୍ତି ପେରାମୁନା ପକ୍ଷରୁ ସଶସ୍ତ୍ର ବିଦ୍ରୋହରେ ପ୍ରାୟ ପାଞ୍ଚହଜାର ଲୋକ ମୃତ୍ୟୁବରଣ କରିଥିଲେ। ବିପ୍ଳବୀମାନଙ୍କର ନେତା ରୋହନ ୱେଜେୱାରା ଅଦାଲତରେ ବିଚାରବେଳେ ଘୋଷଣା କରିଥିଲେ ଯେ, ମୁଁ କଏଦୀ ନଂ–୧୩୧, ମୁଁ ଜଣେ ବିପ୍ଳବୀ, ମୁଁ ଦେଶଦ୍ରୋହୀ ନୁହେଁ କି ଆତଙ୍କବାଦୀ ନୁହେଁ। ସେ କହିଲେ, ଜଣେ ବିପ୍ଳବୀ କେବେହେଲେ ଦେଶଦ୍ରୋହୀ ବା ଆତଙ୍କବାଦୀ ହୋଇପାରେନା।

ଆମ ଦେଶରେ ବ୍ରିଟିଶ ସରକାର ଶାସନ ଚାଲିଥିବାବେଳେ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଓ ବିପ୍ଳବୀମାନଙ୍କୁ ଦେଶଦ୍ରୋହ ଅପରାଧରେ ଗିରଫ କରାଯାଉଥିଲା। ୨୦୧୪ ପରେ ଦେଶରେ ବେଶି ଲୋକଙ୍କୁ ଦେଶଦ୍ରୋହ ଅପରାଧରେ ଗିରଫ କରାଯାଉଛି। ତେବେ କଏଦୀ ନମ୍ବର–୬୨୬୭୧୦ଙ୍କୁ ଜାଣିବା ଦରକାର। ଦିଲ୍ଲୀର ତିହାର ଜେଲରେ ବିଚାରାଧୀନ ବନ୍ଦୀ ଉମର ଖଲିଦ୍ ହେଉଛନ୍ତି କଏଦୀ ନମ୍ବର–୬୨୬୭୧୦। ୨୦୨୦, ସେପ୍ଟେମ୍ବର ୧୪ରୁ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ତାଙ୍କୁ ୟୁ.ଏ.ପି.ଏ. ଆଇନ ବଳରେ ଗିରଫ କରି ଜେଲରେ ରଖିଛି। ଦୀର୍ଘ ଚାରିବର୍ଷ ଧରି ତାଙ୍କ ବିରୋଧରେ



ବିଚାର ଆରମ୍ଭ କରାଯାଉନାହିଁ କି ଜାମିନରେ ଛାଡି଼ ଦିଆଯାଉନାହିଁ। ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରୁ ପି.ଏଚ.ଡି. ପାଇଥିବା ଉମର ଖଲିଦ୍ ଜଣେ ଛାତ୍ର ନେତା ଥିଲେ। ଜେଏନ୍‌ୟୁ ଛାତ୍ର ୟୁନିୟନ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମରେ ସେ ଆଗୁଆ ଥିଲେ। ତାଙ୍କୁ ଷଡ଼ଯନ୍ତ୍ର କରି ଗିରଫ କରାଯାଇଛି।

ସି.ଏ.ଏ. ଆଇନ–୨୦୧୯ ବିରୋଧରେ ଦିଲ୍ଲୀର ଜାଫ୍ରାବାଦରେ ମହିଳାମାନଙ୍କ ଶାନ୍ତିପୂର୍ଣ୍ଣ ଧାରଣାକୁ ହଟାଇବାକୁ ଭାଜପା ନେତା କପିଳ ମିଶ୍ର ଘୋଷଣା କରିବା ପରେ, ଧାରଣାକାରୀଙ୍କ ଉପରେ ଆକ୍ରମଣ ଆରମ୍ଭ ହେଲା। ଫେବୃଆରୀ ୨୩ ରୁ ଧାରଣାକାରୀଙ୍କ ଉପରେ ଆକ୍ରମଣ ଆରମ୍ଭ ହେବାପରେ ଉତ୍ତର–ପୂର୍ବ ଦିଲ୍ଲୀରେ ଦଙ୍ଗା ଘଟାଗଲା ଓ ୫୩ ଜଣଙ୍କ ମୃତ୍ୟୁ ଘଟିଲା। ତହିଁରୁ ୨/୩ ଅଂଶ ଲୋକ ମୁସଲମାନ। ସ୍ଥାନୀୟ ହିନ୍ଦୁ ଓ ମୁସଲମାନ ଏଥିରେ ପ୍ରାୟତଃ ସଂପୃକ୍ତ ନ ଥିଲେ। ଭାରତରେ ଯେତେ ସାଂପ୍ରଦାୟିକ ଦଙ୍ଗା ଘଟିଛି ଓ ସେ ସମ୍ପର୍କରେ ଯେତେ ତଦନ୍ତ କମିଶନ ବସିଛି, ସେସବୁ କମିଶନ ସଂଖ୍ୟାଗରିଷ୍ଠ ସଂପ୍ରଦାୟର ହିଂସ୍ରକମାନଙ୍କୁ ଦାୟୀ କରିଛନ୍ତି। ଏହି ଦଙ୍ଗାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଭାବେ ଉମର ଖଲିଦ୍‌ଙ୍କୁ ପୋଲିସ ଅଭିଯୁକ୍ତ କରିଛି। ଏହି ଦଙ୍ଗା ଘଟଣାରେ ୭୦୦ ଏଫ.ଆଇ.ଆର. ପୋଲିସ ଗ୍ରହଣ କରିଥିଲା ଓ ପ୍ରାୟ ୨୫୦୦ ଲୋକଙ୍କୁ ଗିରଫ କରିଥିଲା ଓ ଏମାନଙ୍କ ମଧ୍ୟରେ ଅଧିକାଂଶ ମୁସଲମାନ ଥିଲେ।

ଆମ ଦେଶରେ ଗୋଟାଏ ପରେ ଗୋଟାଏ ଭୟଙ୍କର ଓ କଠୋର ଦମନମୂଳକ ଆଇନ ଗ୍ରହଣ କରାଯାଉଛି। ଟାଡା ଆଇନ, ପୋଟା ଆଇନ, ୟୁ.ଏ.ପି.ଏ. ଆଇନ ସେଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ। ଜଣେ ଅଭିଯୁକ୍ତକୁ ୧୭ବର୍ଷ ଜେଲରେ ରଖିବା ପରେ ଅଦାଲତ ତାଙ୍କୁ ନିର୍ଦ୍ଦୋଷ ବୋଲି କହିଛି। ଉମର ଖଲିଦ୍ ୨୦୧୬ରେ ଦେଶଦ୍ରୋହ ଅଭିଯୋଗରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରୁ ଗିରଫ ହୋଇଥିଲେ। ଦିଲ୍ଲୀ ହାଇକୋର୍ଟ ତାଙ୍କୁ ସେହି ବର୍ଷ ଜାମିନରେ ଖଲାସ କରିଥିଲା। ମାତ୍ର ପୁଣି ୨୦୨୦ ସେପ୍ଟେମ୍ବର ୧୪ ତାରିଖରେ ଗିରଫ ପରେ ତାଙ୍କ ବିରୋଧରେ ଅନେକ ହଜାର ପୃଷ୍ଠାରୁ ଅଧିକ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରାଯାଇଛି। ପୋଲିସ ପକ୍ଷରୁ କୁହାଯାଇଛି ଯେ ଅନେକ ହଜାର ପୃଷ୍ଠାର ଡାଟା ଉପରେ ତାଙ୍କୁ ଉତ୍ତର ଦେବାକୁ ହେବ। ବୋଧହୁଏ ଏ ବିଚାର ତାଙ୍କର ଜୀବନକାଳ ମଧ୍ୟରେ ଶେଷ ହେବ ନାହିଁ।

ସବୁଠାରୁ ଆଶ୍ଚର୍ଯ୍ୟ ଯେ, ସୁପ୍ରିମକୋର୍ଟ କିଭଳି ଏ ଘଟଣା ପ୍ରତି ଆଖି ବୁଜି ଦେଇଛନ୍ତି। ଅଦାଲତରେ ତାଙ୍କର ବିଚାର ଆରମ୍ଭ ହେଉନାହିଁ କାହିଁକି? ଶୀର୍ଷ ଅଦାଲତ କାହିଁକି ନିର୍ଦ୍ଦେଶ ଦେଉନାହାନ୍ତି ବିଚାର ଆରମ୍ଭ କରିବାକୁ। ବାସ୍ତବରେ ଖଲିଦ୍ ସାମ୍ବିଧାନିକ ଅଧିକାର ବଳରେ ସି.ଏ.ଏ.କୁ ବିରୋଧ କରିଥିଲେ। ସାମ୍ବିଧାନିକ ଅଧିକାରଭୁକ୍ତ ପ୍ରକ୍ରିୟାରେ ପ୍ରତିବାଦ କରିବାକୁ ଆତଙ୍କବାଦୀ, ଦଙ୍ଗାକାରୀ ଓ ଦେଶଦ୍ରୋହୀ ବୋଲି ପୋଲିସ ଅଭିଯୋଗ ଆଣିଲାବେଳେ ବିଚାର ବିଭାଗ ନୀରବ କାହିଁକି?

ଉମର ଖଲିଦ୍‌ଙ୍କ କାରାବାସ ପଞ୍ଚମ ବର୍ଷରେ ପହଞ୍ଚିଛି। ତାଙ୍କୁ କୌଣସି ଅଦାଲତ ଦୋଷୀ ବୋଲି ଘୋଷଣା କରିନାହିଁ। ମାତ୍ର ତାଙ୍କୁ ଜାମିନ ମିଳୁନାହିଁ। କଏଦୀ ନମ୍ବର–୬୨୬୭୧୦ଙ୍କୁ କେବେ ସ୍ୱାଧୀନ ଭାରତର ନ୍ୟାୟ ବ୍ୟବସ୍ଥା ନ୍ୟାୟ ଦେବ?

**ମୋ:୯୪୩୭୦୦୭୭୭୦**

## ଏଇ ଭାରତରେ

ଜଳବାୟୁ ପରିବର୍ତ୍ତନ କାରଣରୁ ଅନିୟମିତ ବର୍ଷା ଓ ରୋଗପୋକ ପ୍ରାଦୁର୍ଭାବ ବଢ଼ିବା ହେତୁ ଅମଳ କମୁଛି। ଏହି ସମସ୍ୟା ଦୂର କରିବା ଲାଗି ଆସାମରେ ନିଲମ୍ ଦତ୍ତ ଚେଷ୍ଟା ଜାରି ରଖିଛନ୍ତି। ସେ 'ପାଭୋହି ଗ୍ରିନ୍ସ' କମ୍ପାନୀ ଗଠନ କରି ଜଳବାୟୁ ପରିବର୍ତ୍ତନ ସହନୀୟ ବିହନର ସଂରକ୍ଷଣ କରିବା ସହ ଚାଷ ଲାଗି କୃଷକମାନଙ୍କୁ ଉତ୍ସାହିତ କରିଆସୁଛନ୍ତି। ବଡ଼ କଥା ହେଉଛି ସେ ଉତ୍ତର–ପୂର୍ବ ଭାରତର ୨୪ ହଜାର କୃଷକଙ୍କୁ ଜୈବିକ ଚାଷ ଓ ବିହନ ସଂରକ୍ଷଣ ସମ୍ପର୍କରେ ପ୍ରଶିକ୍ଷଣ ଦେଉଛନ୍ତି। ନିଲମ ୧୮ ଏକର ଜମିରେ ଜୈବିକ ଚାଷ କରୁଛନ୍ତି ଓ ବିଲୋପ ହେବାକୁ ବସିଥିବା ବିହନ ଉତ୍ପାଦନ କରୁଛନ୍ତି। ନିଲମ୍ ତାହାର ସଂରକ୍ଷଣ କରି କୃଷକମାନଙ୍କୁ ଯୋଗାଉଛନ୍ତି। ଫଳରେ କୃଷକମାନେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ମୁକାବିଲା ପୂର୍ବକ ପାରମ୍ପରିକ ବିହନରେ ଚାଷ କରି ଅଧିକ ଲାଭ ପାଉଛନ୍ତି। ଆଶ୍ଚର୍ଯ୍ୟର ବିଷୟ, ୧୫ ବର୍ଷ ମଧ୍ୟରେ ନିଲମ୍ ୮୦୦ ପ୍ରକାରର ପନିପରିବା ଓ ୨୦୦ କିସମର ଧାନ ବିହନ ସଂରକ୍ଷଣ କରିପାରିଛନ୍ତି। କେବଳ ଏତିକି ନୁହେଁ, ପ୍ରତିବର୍ଷ ସେ ବିହନ ଶସ୍ତାରେ କୃଷକମାନଙ୍କୁ ଯୋଗାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୩୦ ଅକ୍ଟୋବର ୧୯୭୫**

- ବମ୍ବେ ସମୁଦ୍ର ଗର୍ଭର ପଶ୍ଚିମ ଓ ଉତ୍ତର ପଶ୍ଚିମ ଉପକୂଳବର୍ତ୍ତୀ ଅଞ୍ଚଳର ୨୦ ହଜାର ବର୍ଗ କିଲୋମିଟର ପରିମିତ ସ୍ଥାନରେ ତୈଳ ଅନୁସନ୍ଧାନ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ନୂଆ ପରିକଳ୍ପନା ହାତକୁ ନିଆଯାଇଛି।
- ନିଭେଦା ମରୁଭୂମି ଅଞ୍ଚଳରେ ଯୁକ୍ତରାଷ୍ଟ୍ର ଆମେରିକା ଭୂମି ତଳେ ଏକ ପରମାଣୁ ବୋମା ପରୀକ୍ଷା କରିଛି।
- ଆମେରିକା ମିଶରକୁ ୯ କୋଟି ୮୧ ଲକ୍ଷ ଡଲାର ମୂଲ୍ୟର ଗହମ, କପା ଓ ଧୂଆଁପତ୍ର ସାହାଯ୍ୟ କରିବା ନେଇ ୪ଟି ରାଜିନାମା ସ୍ୱାକ୍ଷରିତ।

## ସୁ-ଡୋ-କୁ

sudoku Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | 5 | 2 | | | | 4 | |
| 6 | | | 9 | | | | | 3 |
| | | 2 | 7 | | | | | 8 |
| | | 4 | 6 | | | | | |
| | | | | 1 | | | | |
| | 7 | | 4 | | | | | 1 |
| | | | 8 | | | | | 4 |
| 8 | 9 | 7 | | | | 2 | | |
| | 5 | | | | 7 | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 8 | 6 | 3 | 2 | 1 | 5 | 9 |
| 9 | 6 | 5 | 7 | 1 | 8 | 3 | 2 | 4 |
| 3 | 2 | 1 | 5 | 9 | 4 | 8 | 6 | 7 |
| 8 | 1 | 6 | 4 | 7 | 5 | 2 | 9 | 3 |
| 7 | 9 | 4 | 2 | 6 | 3 | 5 | 8 | 1 |
| 2 | 5 | 3 | 9 | 8 | 1 | 7 | 4 | 6 |
| 5 | 8 | 9 | 1 | 4 | 7 | 6 | 3 | 2 |
| 6 | 3 | 7 | 8 | 2 | 9 | 4 | 1 | 5 |
| 1 | 4 | 2 | 3 | 5 | 6 | 9 | 7 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବ୍ୟାଟେରି ରିସାଇକ୍ଲିଂ ଏକ ଆହ୍ୱାନ

ମହାଶୟ,

ଭାରତରେ ବୈଦ୍ୟୁତିକ ଯାନ(ଇଭି)ର ଗ୍ରହଣୀୟତା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଇଭିର ଏକ ମୁଖ୍ୟ ଅଂଶ ହେଲା ଲିଥିୟମ–ଆୟନ ବ୍ୟାଟେରି। ବ୍ୟାଟେରିଗୁଡ଼ିକର ଜୀବନଚକ୍ର ସମାପ୍ତ ହେବା ପରେ ଏହା ବୈଦ୍ୟୁତିକ ବର୍ଜ୍ୟ (ଇ–ବର୍ଜ୍ୟ)ରେ ପରିଣତ ହୋଇ ପରିବେଶ ପାଇଁ କ୍ଷତିକାରକ ହୋଇଥାଏ। ଲିଥିୟମ–ଆୟନ ବ୍ୟାଟେରି ରିସାଇକ୍ଲିଂ ପ୍ରକ୍ରିୟା ଜଟିଳ, ବ୍ୟୟବହୁଳ ଏବଂ ଅଧିକ ଶକ୍ତି ଆବଶ୍ୟକ କରିଥାଏ। ଭାରତରେ ଉତ୍ପନ୍ନ ବାର୍ଷିକ ପ୍ରାୟ ୨ ନିୟୁତ ଟନ୍ ଇ–ବର୍ଜ୍ୟ ମଧ୍ୟରୁ ପ୍ରାୟ ୩୦% ରିସାଇକ୍ଲିଂ ହୋଇପାରିଥାଏ ଏବଂ ଅବଶିଷ୍ଟ ପରିବେଶକୁ କ୍ଷତି କରି ଚାଲିଛି। ଏହିଭଳି ଧାରା ଲାଗି ରହିଲେ ସ୍ୱଚ୍ଛ ପରିବେଶ ପାଇବା କଷ୍ଟକର ହୋଇପଡ଼ିବ। ଏହି ପରିପ୍ରେକ୍ଷୀରେ, ଉନ୍ନତ ବ୍ୟାଟେରି ରିସାଇକ୍ଲିଂ ଟେକ୍ନୋଲୋଜି, ଅକ୍ଷୟ ଶକ୍ତି ଆଧାରିତ ବ୍ୟାଟେରି ଏବଂ ବ୍ୟାଟେରିର ଜୀବନଚକ୍ର ବୃଦ୍ଧି ଆଦି ଦିଗରେ ଗବେଷଣା ଅପରିହାର୍ଯ୍ୟ।

**– ନବନୀତ ପାଣିଗ୍ରାହୀ, ରାୟଗଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚଳଇ ଧୀରେ ମେଘ
ଆକାଶେ ନାହିଁ ବେଗ
ଅଶନିଘୋଷ ନାହିଁ ଶୁଭଇ
ପିଛିଳ ପଥେ ପାଦ
ରଚଇ ପରମାଦ
ମରମ କି ଦରଦ ଲଭଇ!
–(ବର୍ଷାରତି)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**




ରାଜଭବନ ଛକରେ ମଙ୍ଗଳବାର ଆୟୋଜିତ ପଥ ଉତ୍ସବରେ ପିଲାଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ। ପଥ ଉତ୍ସବ ଅବସରରେ ଆୟୋଜିତ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ସଂଶୋଧନ କାର୍ଯ୍ୟକ୍ରମ ସଚେତନତା ଶୋଭାଯାତ୍ରା। (ଫଟୋ-ମନୋରଞ୍ଜନ ମିଶ୍ର)

**କ୍ୟାପିଟାଲ ହସ୍ପିଟାଲରେ ଅସଦାଚରଣ ଘଟଣା**

## ଅଭିଯୁକ୍ତ ସୁରକ୍ଷା କର୍ମୀ ନୋଟିସ୍‌ରେ ଗଲେ

ଭୁବନେଶ୍ୱର,୨୯।୧୦(ସତ୍ୟଜିତ୍ ରାଉତ): କ୍ୟାପିଟାଲ ହସ୍ପିଟାଲରେ ଜଣେ ମହିଳାଙ୍କୁ ଅସଦାଚରଣ ଘଟଣାରେ ଅଭିଯୁକ୍ତ ସୁରକ୍ଷାକର୍ମୀଙ୍କୁ ପୋଲିସ ମଙ୍ଗଳବାର ଗିରଫ କରି ନୋଟିସ୍‌ରେ ଛାଡ଼ିଛି। ରବିବାର ଏହି ଘଟଣା ଘଟିଥିଲା। ମହିଳାଙ୍କ ସ୍ୱାମୀ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ରାତିରେ ମହିଳାଙ୍କ ହାତରୁ ମୋବାଇଲ ଖସିପଡ଼ିଥିଲା। ସୁରକ୍ଷାକର୍ମୀ ଜଣଙ୍କ ମୋବାଇଲ ଉଠାଇ ମହିଳାଙ୍କ ପାଖରେ ଥୋଇ ଦେଇଥିଲେ। ଏନେଇ ପୀଡ଼ିତା ଜଣଙ୍କ ଜାଣିପାରି ନ ଥିଲେ। ପରେ ସୁରକ୍ଷାକର୍ମୀ ମହିଳାଙ୍କୁ ଛୁଇଁ ମୋବାଇଲ ରହିଥିବା ସ୍ଥାନ ବତାଇ ଦେଇଥିଲେ। ପୋଲିସ ଏହି ଘଟଣାରେ ବିଏନ୍‌ଏସ୍ ୭୪ ଦଫାରେ ମାମଲା ରୁଜୁ କରିଥିଲା।

# ଉଠିବ ଗାଡ଼ି ଟେଣ୍ଡର ଦୁର୍ନୀତି ପ୍ରସଙ୍ଗ

ଭୁବନେଶ୍ୱର, ୨୯।୧୦

(ବନ୍ଦନା ସେଠୀ)

**ଆଜି ବିଏମ୍‌ସି ମାସିକିଆ ବୈଠକ**

ଚଳିତ ମାସର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ମାସିକିଆ ବୈଠକ ବୁଧବାର ଅନୁଷ୍ଠିତ ହେବ। ଏଥର ବୈଠକରେ ବିଭିନ୍ନ ପ୍ରସଙ୍ଗକୁ ନେଇ କର୍ପୋରେଟରମାନେ ମେୟର ଓ କମିଶନରଙ୍କୁ ଘେରିବେ। ବିଶେଷକରି ଗତ କିଛିଦିନ ତଳେ ବିଏମ୍‌ସିର ଭେଇକିଲ୍ ବିଭାଗ ଟେଣ୍ଡର ପ୍ରକ୍ରିୟାରେ ପ୍ରିୟାପ୍ରୀତି ତୋଷଣ ହୋଇଥିବା ନେଇ ଉଠିଥିବା ଅଭିଯୋଗ ବୈଠକର ମୁଖ୍ୟ ପ୍ରସଙ୍ଗ ପାଲଟିବ। ବିଭାଗୀୟ ଡେପୁଟି କମିଶନର ସବୁକିଛି ଅଫିସିଆଲ୍ ପ୍ରୋସିଜିଓରରେ ହୋଇଥିବା ଏବଂ ଏନେଇ କର୍ପୋରେଶନ୍‌ରେ ଉପସ୍ଥାପନ କରାଯାଇଥିବା ସଫେଇ ଦେଇଥିବାବେଳେ ବାସ୍ତବରେ ତାହା ହୋଇନାହିଁ। ଏପରିକି ମେୟର ଏବଂ କମିଶନର ଏନେଇ ଜାଣି ନ ଥିବା ମଧ୍ୟ ପୂର୍ବରୁ କହିଛନ୍ତି। ତେଣୁ ଜଣେ ଅଧିକାରୀ କିଭଳି ଏପରି ଦୁର୍ନୀତି କରିଛନ୍ତି ଏବଂ ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ସେ ନେଇ ପ୍ରଶ୍ନ ଉଠିବ। ଏଥିସହ ସମ୍ପୃକ୍ତ ଅଧିକାରୀ ବିଭାଗ ଦାୟିତ୍ୱରେ ରହିବା ପରେ ଏକ ପେଟ୍ରୋକାର୍ଡ ପ୍ରଚଳନ କରାଇଛନ୍ତି। ଏହି କାର୍ଡରେ ସେ ବାର୍ଷିକ ୧୩କୋଟି ଟଙ୍କା ବିଭିନ୍ନ ତୈଳ କମ୍ପାନୀକୁ ଦେଉଛନ୍ତି। ସେ ବାବଦରେ ମିଳୁଥିବା ୦.୪% ରିହାତି ପ୍ରାୟ ବାର୍ଷିକ ୫ଲକ୍ଷ ୨୦ହଜାର ଟଙ୍କା ନିଗମ ଫଣ୍ଡରେ ଜମା ହେଉଛି କି ନାହିଁ ସେ ନେଇ ମଧ୍ୟ ପ୍ରଶ୍ନ କରାଯିବ।

୨୦୨୪-୨୫ ଆର୍ଥିକ ବର୍ଷ ସରିବା ପାଇଁ ଆଉ ମାତ୍ର ୪/୫ମାସ ଅଛି। ମାତ୍ର ଏପର୍ଯ୍ୟନ୍ତ ୨୦୨୩-୨୪ ଆର୍ଥିକ ବର୍ଷରେ ୱାର୍ଡ ବଜେଟ୍‌ରେ ହୋଇଥିବା ଟେଣ୍ଡରର ୱାର୍କ ଅର୍ଡର ମିଳିପାରିନାହିଁ। ସେହିପରି ୨୦୨୪-୨୫ର ୱାର୍ଡ ବଜେଟ୍‌ର ଏଷ୍ଟିମେଟ୍ ଏପର୍ଯ୍ୟନ୍ତ ତିଆରି ହୋଇନାହିଁ। ବିଏମ୍‌ସି ଆର୍ଥିକ ବର୍ଷରେ ୱାର୍ଡ ବଜେଟ୍ ବାବଦରେ ଖର୍ଚ୍ଚ କରିବା ପାଇଁ ଯେତିକି ବଜେଟ୍ ସ୍ଥିର କରିଛି, ସେ ନେଇ କାମ ଆରମ୍ଭ ହୋଇପାରୁନାହିଁ। ଅପରପକ୍ଷେ ବିଏମ୍‌ସିର ମୁକ୍ତା, ଜାଗାମିଶନ୍, କଚ୍ଚା ପକ୍କା ରୋଡ୍ ଆଦି ବିଭିନ୍ନ ଯୋଜନା ଏବେ ବନ୍ଦ ହୋଇଗଲାଣି। ଫଣ୍ଡ୍ ନ ଥିବା ଦର୍ଶାଇ କାମ ବନ୍ଦ କରାଯାଇଥିଲେ ମଧ୍ୟ ଏ ବାବଦରେ କର୍ତ୍ତୃପକ୍ଷ ସବିଶେଷ ତଥ୍ୟ ଦେଉନାହାନ୍ତି। ସେହିପରି ଟେଣ୍ଡର ସେଲ୍ କରାଯାଇ ସେଠାରେ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ଏବଂ ଅନ୍ୟ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ଏ ବାବଦରେ ଅନେକ ଅର୍ଥ ଖର୍ଚ୍ଚ କରାଯାଉଛି। ଏହାବାଦ୍ ବି ଟେଣ୍ଡର ପାସ୍ ହୋଇ ୱାର୍କ ଅର୍ଡର ମିଳିପାରୁନାହିଁ। ଏ ସମସ୍ତ ପ୍ରସଙ୍ଗ ଉଠିବା ସହିତ ସରକାରୀ ଦଳର କର୍ପୋରେଟରମାନେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟରେ ମେୟରଙ୍କୁ ଘେରିବେ ବୋଲି ସୂଚନା ଦେଇଛନ୍ତି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର,୨୯।୧୦

(ସତ୍ୟଜିତ୍ ରାଉତ)

**ଅଭିଯୁକ୍ତ ସ୍ୱାମୀ ଅଟକ**

ଭରତପୁର ଥାନା ଅନ୍ତର୍ଗତ କଳିଙ୍ଗନଗର ଅଞ୍ଚଳରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତା ଜଣଙ୍କ ହେଲେ ଶୁଭଶ୍ରୀ ନାଏକ। ଶୁଭଶ୍ରୀ ବିଷ ପିଇ ଆତ୍ମହତ୍ୟା କରିଛନ୍ତି ବୋଲି ସ୍ୱାମୀ କହିଛନ୍ତି। ହେଲେ ବାପଘର ଲୋକ ହତ୍ୟା ଅଭିଯୋଗ ଆଣିଛନ୍ତି। ଏନେଇ ମଙ୍ଗଳବାର ପୋଲିସ ଏକ ହତ୍ୟା ମାମଲା (ନଂ.୭୧୭/୨୦୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ଅଭିଯୁକ୍ତ ସ୍ୱାମୀ ପ୍ରଦ୍ୟୁମ୍ନ କୁମାରଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି। ପ୍ରଦ୍ୟୁମ୍ନଙ୍କ ଘର କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଅଞ୍ଚଳରେ। ସେ ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ବିଜେବି ନଗରର ଶୁଭଶ୍ରୀଙ୍କୁ ପ୍ରେମ କରି ୨୦୨୦ରେ ବିବାହ କରିଥିଲେ। ବିବାହ ପରେ ଉଭୟ ଏକାଠି ରହୁଥିଲେ। ପରେ ପ୍ରଦ୍ୟୁମ୍ନ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ନିର୍ଯାତନା ଅସହ୍ୟ ହେବାରୁ ଶୁଭଶ୍ରୀ ଏନେଇ ପରିବାରକୁ ଜଣାଇଥିଲେ। ୪ମାସ ହେବ ଶୁଭଶ୍ରୀ ତାଙ୍କ ବାପଘରକୁ ଚାଲିଯାଇ ସେଠାରେ ରହୁଥିଲେ। ପ୍ରଦ୍ୟୁମ୍ନ ତାଙ୍କ ସ୍ତ୍ରୀଙ୍କୁ ରବିବାର ଖୋର୍ଦ୍ଧାରୁ ଆଣି କଳିଙ୍ଗନଗରରେ ଏକ ଭଡ଼ା ଘରେ ରହିଥିଲେ। ଗତ ରାତିରେ କୌଣସି କାରଣକୁ ନେଇ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରେ ଶୁଭଶ୍ରୀଙ୍କ ମୃତ୍ୟୁ ହୋଇଯାଇଥିବା ପ୍ରଦ୍ୟୁମ୍ନ ଶ୍ୱଶୁର ଘର ଲୋକଙ୍କୁ ଜଣାଇଥିଲେ। ତେବେ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ପୁସ୍ତକ 'ବାତ୍ୟା', 'ସାଇକ୍ଲୋନ୍ସ ଇନ୍ ଓଡ଼ିଶା' ଉନ୍ମୋଚିତ



ଅତିଥିମାନେ ପୁସ୍ତକ 'ବାତ୍ୟା' ଲୋକାର୍ପଣ କରୁଛନ୍ତି।

ଭୁବନେଶ୍ୱର,୨୯।୧୦

(ବନ୍ଦନା ସେଠୀ)

**୧୯୯୯ ମହାବାତ୍ୟା ସହସ୍ରାଧିକ ଓଡ଼ିଆଙ୍କ ମୃତ୍ୟୁତିଥି**

୧୯୯୯ ମହାବାତ୍ୟାକୁ ମଙ୍ଗଳବାର ୨୫ବର୍ଷ ପୂରିଛି। ଓଡ଼ିଶା ଧୈର୍ଯ୍ୟର ସହ ସେସବୁକୁ ସାମ୍ନା କରିଛି ଏବଂ ବିକାଶ ପଥରେ ଆଗେଇ ଆସିଛି। ଓଡ଼ିଶାର ଏହି ଅଦମନୀୟ ଧୈର୍ଯ୍ୟ, ସହନଶୀଳତା ଓ ଅଗ୍ରଧାବନକୁ ଉତ୍ସାହିତ କରିବା ପାଇଁ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଓଡ଼ିଆ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ 'ମହାବାତ୍ୟା@୨୫' ଶୀର୍ଷକ ଏକ ଉତ୍ସବ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଲେଖିକା ପଦ୍ମଭୂଷଣ ଡ. ପ୍ରତିଭା ରାୟ ଯୋଗଦେଇ କହିଲେ, ୧୯୯୯ ମହାବାତ୍ୟା ହଜାର ହଜାର ଓଡ଼ିଆଙ୍କର ମୃତ୍ୟୁତିଥି। ତେଣୁ ଆଜିର ଦିନଟି ସେମାନଙ୍କ ପାଇଁ ତର୍ପଣ ଓ ଅର୍ପଣ କରିବାର ଦିନ। ଆଜିର ଦିନଟି ଶ୍ରାଦ୍ଧ ଓ ଶ୍ରଦ୍ଧାର ଦିନ ବୋଲି ଡ. ରାୟ ମତ ଦେଇଛନ୍ତି। ମୁଖ୍ୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ଅତୀତକୁ ମନେ ପକାଇବା ଗୋଟିଏ ଜାତିର କର୍ତ୍ତବ୍ୟ ବୋଲି କହିଥିଲେ। ଅତୀତ ଆମର ସବୁଠୁ ବଡ଼ ଶିକ୍ଷକ। ମହାବାତ୍ୟା କଥା ମନେପଡ଼ିଲେ ଏବେ ବି ଲୋମ ଟାଙ୍କୁରି ଉଠୁଛି। ତେବେ ଆମ ସମାଜ ବିଶ୍ୱରେ ସବୁଠୁ ଶକ୍ତିଶାଳୀ ସମାଜ, ତେଣୁ ବାତ୍ୟା ଆମକୁ ଦୋହଲାଇ ପାରିବ ନାହିଁ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ କୃଷି ବିଭାଗର ପ୍ରମୁଖ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢୀ ଯୋଗଦେଇ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ୧୯୯୯ରେ ବିପତ୍ତିକୁ ମୁକାବିଲା କରିବାରେ ଓଡ଼ିଶା ପଛରେ ପଡ଼ିଥିଲା, ମାତ୍ର ଏ ଭିତରେ ଓଡ଼ିଶା ବିପର୍ଯ୍ୟୟ ପରିଚାଳନାରେ ଉଦାହରଣ ସୃଷ୍ଟି କରିଛି ଏବଂ ବିଶ୍ୱସାରା ପ୍ରଶଂସା ସାଉଁଟିଛି। ତେବେ ହେନ୍ତାଳବଣ କ୍ଷୟ ଓ ଜଙ୍ଗଲ ନଷ୍ଟ ଆଗକୁ ସାମୁଦ୍ରିକ ବିପତ୍ତି ଓ ଭୂସ୍ଖଳନ ପରି ନୂଆ ବିପତ୍ତି ଡାକିଆଣିବ ବୋଲି ସେ ଚେତାବନୀ ଦେଇଥିଲେ।

ଏହି ଅବସରରେ ବାତ୍ୟା ସମ୍ପର୍କିତ ଓଡ଼ିଆ ଗଳ୍ପକୁ ଏକାଠି କରି କଥାକାର ଚିରଶ୍ରୀ ଇନ୍ଦ୍ରସିଂଙ୍କ ସମ୍ପାଦନାରେ ପ୍ରକାଶିତ ଗଳ୍ପ ସଂକଳନ 'ବାତ୍ୟା' ଉନ୍ମୋଚିତ ହୋଇଥିଲା। ସେହିପରି ଓଡ଼ିଶାର ବାତ୍ୟା ସମୂହ ସମ୍ପର୍କରେ ଭାସ୍କର ପରିଚ୍ଛାଙ୍କ ଲିଖିତ 'ସାଇକ୍ଲୋନ୍ସ ଇନ୍ ଓଡ଼ିଶା' ଶୀର୍ଷକ ଏକ ଗବେଷଣା ଓ ତଥ୍ୟ ସମ୍ବଳିତ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଉଭୟ ପୁସ୍ତକକୁ ପେନ୍ ଇନ୍ ବୁକ୍ସ ପକ୍ଷରୁ ପ୍ରକାଶ କରାଯାଇଛି। ସେହିପରି ଓଡ଼ିଆ ମିଡିଆର ମନୋରଞ୍ଜନ ବିଭାଗ ଓଡ଼ିଆ ମ୍ୟୁଜିକ୍ ପକ୍ଷରୁ 'ବିପତ୍ତି ସଙ୍ଗୀତ' ବା 'ଡିଜାଷ୍ଟର ଆନ୍ଥେମ୍' ଶୀର୍ଷକ ଭିଡିଓ ସଙ୍ଗୀତ ଶ୍ରୋତାର୍ପିତ ହୋଇଥିଲା। ଲେଖକ ଶୁଭ୍ରାଂଶୁ ପଣ୍ଡା ଏହାର ପରିକଳ୍ପନା ଓ ଗୀତ ରଚନା କରିଥିବାବେଳେ ଅଭିଜିତ୍ ମିଶ୍ର ସଙ୍ଗୀତ ନିର୍ଦ୍ଦେଶନା ଓ କଣ୍ଠଦାନ କରିଛନ୍ତି।

## ୩ ରେଳ କର୍ମଚାରୀ ସମ୍ବର୍ଦ୍ଧିତ

ଭୁବନେଶ୍ୱର,୨୯।୧୦(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ମୁଖ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଉତ୍ସର୍ଗୀକୃତ ସେବା ଏବଂ କର୍ମକ୍ଷେତ୍ରରେ ସଜାଗ ଓ ସତର୍କତା ପାଇଁ ୩ ରେଳ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଦୁର୍ଘଟଣାକୁ ରୋକିବା, ମାନବ ଜୀବନ ରକ୍ଷା କରିବା ଏବଂ ଟ୍ରେନ ଚଳାଚଳର ଧାରାକୁ ଅକ୍ଷୁଣ୍ଣ ରଖିବାରେ ସେମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛନ୍ତି। ଉତ୍ସବରେ ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର ବେହେରା, ମୁଖ୍ୟ ସୁରକ୍ଷା ଅଧିକାରୀଙ୍କ ସମେତ ଅନ୍ୟ ବିଭାଗୀୟ ଓ ବରିଷ୍ଠ ଅଧିକାରୀ ଯୋଗଦେଇ ରେଳପଥ ମଧ୍ୟରେ ସୁରକ୍ଷା ପ୍ରତି ସାମୂହିକ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ବିଶାଖାପାଟଣାର ମୁଖ୍ୟ ଟ୍ରାଫିକ ଇନ୍ସପେକ୍ଟର ଜି. ଶ୍ରୀଧର ସମ୍ବଲପୁର ନିକଟ ସରଳା ଆର୍‌ଓଏଚ୍‌ର ଟେକ୍ନିସିଆନ-୧ ସୁଶାନ୍ତ କୁମାର ଗିରି ଏବଂ ବିଜୟନଗରମ ଷ୍ଟେଶନର ଟେକ୍ନିସିଆନ-୨ ଭି. ରାମକୃଷ୍ଣଙ୍କୁ ସେମାନଙ୍କର କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଥିଲା। ଟ୍ରେନଗୁଡ଼ିକର ନିରାପଦ ଓ ଦକ୍ଷ ଚଳାଚଳ ସୁନିଶ୍ଚିତ କରିବାକୁ ଏକ ଆହ୍ୱାନ ଭାବେ ଗ୍ରହଣ କରି ଗ୍ୟାଙ୍ଗମ୍ୟାନ, ଟ୍ରଲିମ୍ୟାନ୍, ଗେଟ୍‌ମ୍ୟାନ୍, ଓଏଚ୍‌ଏସି ଖଲାସି ଏବଂ ଅନ୍ୟାନ୍ୟ ରକ୍ଷଣାବେକ୍ଷଣ କର୍ମଚାରୀଙ୍କ ଉଦ୍ୟମକୁ ମହାପ୍ରବନ୍ଧକ ଫୁଙ୍କୱାଲ ପ୍ରଶଂସା କରିଛନ୍ତି।



୧୯୯୯ ମହାବାତ୍ୟାରେ ମୃତାହତଙ୍କ ସ୍ମୃତିରେ ମଙ୍ଗଳବାର ମାଷ୍ଟରକ୍ୟାଣ୍ଟିନ ଛକଠାରେ ସଂଭାବନା ଅନୁଷ୍ଠାନ ପକ୍ଷରୁ ସମୂହ ଦୀପଦାନ।

# ସିଟୁ ପକ୍ଷରୁ କ୍ୟୁବା ସଂହତି ଦିବସ ପାଳିତ

ଭୁବନେଶ୍ୱର, ୨୯।୧୦

(ବନ୍ଦନା ସେଠୀ)

ସିଆଇଟିୟୁ, ଭୁବନେଶ୍ୱର ଲୋକାଲ କମିଟି ଏବଂ ଭୁବନେଶ୍ୱର ୟୁନିୟନ୍ସ ଆସୋସିଏଶନ୍ସ ତରଫରୁ ମଙ୍ଗଳବାର ମାଷ୍ଟର କ୍ୟାଣ୍ଟିନ ଛକଠାରେ କ୍ୟୁବା ସଂହତି ଦିବସ ପାଳନ ସହ ପ୍ରତିବାଦ ଓ ବିକ୍ଷୋଭ କରାଯାଇଛି। ଏଥିରେ ସିଟୁ ରାଜ୍ୟ ସଭାପତି ଜନାର୍ଦ୍ଦନ ପତି, ବରିଷ୍ଠ ରାଜ୍ୟ ନେତା ଦୁଷ୍ମନ୍ତ ଦାସ, କୃଷକ ସଭା ରାଜ୍ୟ ସଭାପତି ସୁରେଶ ପାଣିଗ୍ରାହୀ, ଶ୍ରମିକ ନେତା ରମେଶ ଜେନା, ଜଗଜୀବନ ଦାସ, ସତ୍ୟାନନ୍ଦ ବେହେରା, ଏକାଦଶୀ ବେହେରା ପ୍ରମୁଖ ଯୋଗଦେଇ ଆମେରିକା ଦୀର୍ଘ ୨୫ବର୍ଷ ଧରି କ୍ଷୁଦ୍ର ସମାଜବାଦୀ ଦୀପ ରାଷ୍ଟ୍ର କ୍ୟୁବାକୁ ଆର୍ଥନୈତିକ ଅବରୋଧ କରି ରଖିଛି ବୋଲି ଅଭିଯୋଗ କରିଥିଲେ। କ୍ୟୁବାରେ ଚିନି ଓ ତମାଖୁ ବ୍ୟତୀତ ଆଉ କିଛି ଉତ୍ପାଦନ ହୁଏନାହିଁ। ମାତ୍ର ଆମେରିକାରର ଏକଚାଟିଆ ଦାଦାଗିରି ପାଇଁ ସେଠାକୁ ଔଷଧ, ଶିଶୁଖାଦ୍ୟ, ଗହମ, ବସ୍ତ୍ର ଇତ୍ୟାଦି କୌଣସି ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଯାଇ ପାରୁନାହିଁ। ଫଳରେ କ୍ୟୁବାବାସୀ ଦୁରବସ୍ଥାରେ ପଡ଼ିଛନ୍ତି ବୋଲି ଅଭିଯୋଗ ହୋଇଛି। ବିକ୍ଷୋଭରେ ସିଟୁର ରାଜ୍ୟ ନେତୃତ୍ୱ ଏବଂ କର୍ମଚାରୀ ନେତୃତ୍ୱମାନେ କ୍ୟୁବା ପ୍ରତି ସଂହତି ଜଣାଇବା ସହିତ ଆମେରିକାରର ଏକଚାଟିଆ ଦାଦାଗିରି ବନ୍ଦ କରିବାକୁ ଏବଂ ୧୯୯୦ରୁ ଲାଗିଥିବା ବାସନ୍ଦକୁ ତୁରନ୍ତ ଉଠାଇବାକୁ ଦାବି କରିଥିଲେ। ଭୁବନେଶ୍ୱର ସିଟୁ ନେତା ତଥା ରାଜ୍ୟ ସମ୍ପାଦକ ପ୍ରଦୀପ୍ତ ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି ପ୍ରତିବାଦ ବିକ୍ଷୋଭରେ ଭୁବନେଶ୍ୱରର ବିଭିନ୍ନ ୟୁନିୟନ ଆସୋସିଏଶନରୁ ଶତାଧିକ ଶ୍ରମିକ କର୍ମଚାରୀ ଯୋଗଦେଇଥିଲେ।



ଭୁବନେଶ୍ୱର ଭେଙ୍କଟେଶ୍ୱର ଇଂଲିଶ୍ ମିଡିୟମ୍ ସ୍କୁଲରେ ଆୟୋଜିତ ବିଜ୍ଞାନମେଳା ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରମାନେ ନିଜର ପ୍ରକଳ୍ପ ସମ୍ପର୍କରେ ବୁଝାଉଛନ୍ତି।

# ସାତକଡ଼ି ହୋତାଙ୍କୁ ଓଡ଼ିଶା ମାଟି ଚିରଦିନ ଝୁରିବ

**ଦେବ ପ୍ରସାଦ ଦାଶଙ୍କୁ 'ସାତକଡ଼ି ହୋତା ସ୍ମୃତି ସମ୍ମାନ'**

ଭୁବନେଶ୍ୱର, ୨୯।୧୦

(ବନ୍ଦନା ସେଠୀ)



ସାହିତ୍ୟିକ ଦେବ ପ୍ରସାଦ ଦାଶଙ୍କୁ 'ସାତକଡ଼ି ହୋତା ସ୍ମୃତି ସମ୍ମାନ' ପ୍ରଦାନ କରାଯାଉଛି।

ଓଡ଼ିଶାର କ୍ୱଚିତ୍ ଲୋକ ସବୁ ଦିଗରେ ସଫଳତା ହାସଲ କରିପାରନ୍ତି। ସେହିଭଳି ଜଣେ ବିରଳ ବ୍ୟକ୍ତି ହେଉଛନ୍ତି ସାତକଡ଼ି ହୋତା, ଯାହାଙ୍କୁ ଓଡ଼ିଶା ମାଟି ଚିରଦିନ ପାଇଁ ଝୁରିବ ବୋଲି ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ମଙ୍ଗଳବାର ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟା ଭବନ ଆନୁକୂଲ୍ୟରେ ସାତକଡ଼ି ହୋତାଙ୍କ ୯୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଡ. ଅଶୋକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ଡ. ହୃଷିକେଶ ମଲ୍ଲିକ ଯୋଗଦେଇ ସାତକଡ଼ି ହୋତାଙ୍କ ଜୀବନୀ ଓ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସେ ୬୫ଟିରୁ ଊର୍ଦ୍ଧ୍ୱ ଉପନ୍ୟାସ, ଗଳ୍ପ, ପ୍ରବନ୍ଧ, ଭ୍ରମଣ କାହାଣୀ, କବିତା, ଆତ୍ମଜୀବନୀ ଓ ଅନୁବାଦ ପୁସ୍ତକ ରଚନା କରିଥିବାବେଳେ ଯେଉଁଭଳି ଭାବେ ସାହିତ୍ୟର ସବୁ ଦିଗରେ ସଫଳ ସ୍ରଷ୍ଟା ହୋଇପାରିଛନ୍ତି ତାହାର ଉଦାହରଣ ଦେଇଥିଲେ। ମୁଖ୍ୟ ଅତିଥି ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଓଡ଼ିଆ ଭାଷାକୁ ସ୍ୱତନ୍ତ୍ର ଭାଷାର ମାନ୍ୟତା ପାଇଁ ସାତକଡ଼ି ହୋତାଙ୍କ ପ୍ରଚେଷ୍ଟା ଓ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ହୋତାଙ୍କ ପ୍ରଚେଷ୍ଟାରେ ଗଢ଼ି ଉଠିଥିବା 'ଭୁବନେଶ୍ୱର ପୁସ୍ତକ ମେଳା, 'ଲେଖକ ସାମ୍ମୁଖ୍ୟ', 'ଓଡ଼ିଶା ଲେଖକ ସମବାୟ ସମିତି', 'ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ' ଓ 'ମୁକ୍ତ ଚିନ୍ତନ ମଞ୍ଚ' ଆଦି ବହୁ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ବହୁ ବର୍ଷଧରି ସଫଳ ପରିଚାଳନାର ଛାପ ଛାଡ଼ିଦେଇଛନ୍ତି ଭାବିଲେ ଆଶ୍ଚର୍ଯ୍ୟ ଲାଗେ ବୋଲି ସେ ମତ ଦେଇଥିଲେ। ଏହି ଅବସରରେ ସାହିତ୍ୟିକ ଦେବପ୍ରସାଦ ଦାଶଙ୍କୁ ଜୀବନ୍ୟାପୀ ସାଧନା ନିମନ୍ତେ 'ସାତକଡ଼ି ହୋତା ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ଦେବପ୍ରସାଦ କହିଲେ, ସାତକଡ଼ି ହୋତା କେବଳ ସାହିତ୍ୟ, ସାମ୍ବାଦିକତା ଓ ସଙ୍ଗଠନର ତ୍ରିବେଣୀ ସଂଗମ ନ ଥିଲେ, ବରଂ ସେ ଥିଲେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ସତର୍କ ପ୍ରହରୀ ଏବଂ ଆଧୁନିକ ଓଡ଼ିଶା ନିର୍ମାଣର ବିଶ୍ୱକର୍ମା। କାର୍ଯ୍ୟକ୍ରମରେ ସ୍ୱର୍ଗତ ହୋତାଙ୍କ କନ୍ୟା ଅମୃତାୟନ ସମ୍ପାଦିକା ସୌମ୍ୟା ରଥ ଓ ଜାମାତା ବୈଜ୍ଞାନିକ ଅଶୋକ ରଥ ଉପସ୍ଥିତ ଥିଲେ। ସମ୍ପାଦକ ପୀତବାସ ରାଉତରାୟ ସଭାରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଆବାହକ ରମାକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବାତ୍ୟା ବିପନ୍ନଙ୍କୁ ସହାୟତା

କଟକ,୨୯।୧୦ (କାର୍ତ୍ତିକ ସାହୁ)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେଜ୍ ଫାଉଣ୍ଡେଶନ୍ ପକ୍ଷରୁ କେନ୍ଦ୍ରାପଡ଼ା ଜିଲାର ରାଜକନିକା ପଞ୍ଚାୟତରେ ବାତ୍ୟା ବିପନ୍ନଙ୍କୁ ସହାୟତା ପ୍ରଦାନ କରାଯାଇଛି। ସେମାନଙ୍କୁ ବିଭିନ୍ନ ଶୁଖିଲା ଓ ଅତ୍ୟାବଶ୍ୟକ ଖାଦ୍ୟପୁଡ଼ିଆ ବଣ୍ଟନ କରାଯାଇଛି। ଏହି ପଞ୍ଚାୟତ ଅନ୍ତର୍ଗତ କାଟଣାବଣିଆ ଗ୍ରାମର ବାସିନ୍ଦାଙ୍କୁ ଖାଦ୍ୟପୁଡ଼ିଆ ବଣ୍ଟନ କରାଯାଇଛି। ଆଗାମୀ ଦିନରେ ଆବଶ୍ୟକ ପଡ଼ିଲେ ଆହୁରି ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ ପ୍ରଦାନ କରାଯିବ ବୋଲି ଫାଉଣ୍ଡେଶନ୍ ସମ୍ପାଦକ ଅଭିନାଶ ସିଂହ ପ୍ରକାଶ କରିଛନ୍ତି। ଫାଉଣ୍ଡେଶନ୍‌ର ସଦସ୍ୟା, ସଦସ୍ୟ ଶ୍ରୀହର ସିଂହ ରାଠୋର, ମୁନ୍‌ମୁନ୍ ମହାନ୍ତି, ରାଜୀବ ସିଂହ, ଜଗନ୍ନାଥ ଦାଶ, ବିଷ୍ଣୁ ପ୍ରଧାନ ପ୍ରମୁଖ ଚୁଡ଼ା, ଚିନି, ବିସ୍କୁଟ୍, ମୃଦୁ ପାନୀୟ, ମିନେରାଲ୍ ପାଣି ଏବଂ ଅନ୍ୟାନ୍ୟ ଉପକରଣ ପ୍ରଦାନ କରିଥିଲେ।

### ଭାଜପା ପକ୍ଷରୁ ଗଣଦୌଡ଼

କଟକ,୨୯।୧୦(ଶିଳ୍ପା ପ୍ରିୟଦର୍ଶିନୀ)- ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଉପଲକ୍ଷେ କଟକ ନଗର ଭାଜପା ପକ୍ଷରୁ ମଙ୍ଗଳବାର ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କର୍ମୀମାନେ କଲେଜ ଛକସ୍ଥିତ ନେତାଜୀ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କହିଛନ୍ତି, ଦେଶର ଏକତା ଓ ଅଖଣ୍ଡତା ବଜାୟ ରଖିବା ପାଇଁ ସର୍ଦ୍ଦାର ପଟେଲଙ୍କ ଅବଦାନ ଅତୁଳନୀୟ। ଏହି ପ୍ରତିମୂର୍ତ୍ତି ନିକଟରୁ ଗଣଦୌଡ଼ ବାହାରି ନୂଆପାଟଣା ଶହୀଦ ପାର୍କଠାରେ ପହଞ୍ଚିଥିଲା। ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ବିନୋଦ ଦାଶ, କର୍ପୋରେଟର ଗୋପାଳ ବେହେରା, ଦୀପକ ଦାସ, ବିବେକାନନ୍ଦ ନାୟକ, ଭାଗିରଥି ଦଳେଇ, ହରିଚନ୍ଦନ ନାୟକ, ନଳିନୀ ରାୟ, ଦିଲ୍ଲୀପ କୁମାର ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### କଳକୀ ସେନା ପକ୍ଷରୁ ମହାବାତ୍ୟା ସ୍ମୃତି ଦିବସ

କଟକ,୨୯।୧୦ (କାର୍ତ୍ତିକ ସାହୁ):

୧୯୯୯ ମହାବାତ୍ୟାର ୨୫ ବର୍ଷ ସ୍ମୃତି ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ବିଶ୍ୱ ସତ୍ୟ-ସନାତନ-ଧର୍ମ ପ୍ରଚାରିଣୀ ମହାସଂଘ କଳକୀସେନା ପକ୍ଷରୁ ଗଡ଼ଗଡ଼େଶ୍ୱର ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମାଳିକା ଗବେଷକ ଡ. ଜ୍ଞାନଗୁରୁ ଦାସ ଅଧ୍ୟକ୍ଷତା କରିଥିଲେ। ପଣ୍ଡିତ ହୃଷୀକେଶ ପଣ୍ଡା ମଙ୍ଗଳାଷ୍ଟକ ଆବୃତ୍ତି କରିବା ପରେ ସେନାର କଟକ ଜିଲା ସଭାପତି କଳକୀରତ୍ନ ଲକ୍ଷ୍ମୀଧର ଦାସ ଅତିଥି ପରିଚୟ ଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଆଡ୍‌ଭୋକେଟ୍ ଅମରେନ୍ଦୁ ମହାନ୍ତି, ମୁଖ୍ୟବକ୍ତା ଆଜାଦ ବୃନ୍ଦାବନ ଦାସ ଓ ସମ୍ମାନିତ ଅତିଥି ଭାବେ ଆଡ୍‌ଭୋକେଟ ଚିତ୍ତରଞ୍ଜନ ବେହେରା ଯୋଗଦେଇ ମହାବାତ୍ୟା କରାଳଚିତ୍ରର କାହାଣୀ ଆଲୋକପାତ କରିଥିଲେ। ଏହିଭଳି ବିପଦ ଭବିଷ୍ୟତରେ ଓଡ଼ିଶା ପାଇଁ ନ ଆସୁ ବୋଲି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସଭିଏଁ ପ୍ରାର୍ଥନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଗେନ୍ଦ୍ର ନାଥ ମାର୍ଥା, ଅମୀୟ କୁମାର ପଣ୍ଡା, ବିଶ୍ୱନାଥ କର, ରାଧାକୃଷ୍ଣ ପଣ୍ଡା, ସୁରେଶ କୁମାର ତ୍ରିପାଠୀ, ଶ୍ରୀମନ୍ତ କୁମାର ଦାଶ, ଦେବାଶିଷ ପଣ୍ଡା, ପ୍ରଫେସର ସବିତାବାଳା ଆଚାର୍ଯ୍ୟ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ତିଳତର୍ପଣ ଓ ପରେ ମୃତକମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ପ୍ରସନ୍ନ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ମାଟିଦୀପ ଚାହିଦା କମୁଛି, ଚିନ୍ତାରେ କୁମ୍ଭକାର

## ଦୀପାବଳି ପାଇଁ ଆସିଛି କାଁ ଭାଁ ଅର୍ଡର

କଟକ,୨୯।୧୦(ଶିଳ୍ପା ପ୍ରିୟଦର୍ଶିନୀ):

ଆସୁଛି ଆଲୋକର ପର୍ବ ଦୀପାବଳି। ଏଥିପାଇଁ ଚଳଚଞ୍ଚଳ କୁମ୍ଭାରଶାଳ। ଦୀପ ତିଆରିରେ ବ୍ୟସ୍ତ କୁମ୍ଭକାର। ହେଲେ କଟକ ବିଡ଼ାନାସୀ ଅଞ୍ଚଳର କୁମ୍ଭାରଶାଳ ଏକପ୍ରକାର ଖାଁ ଖାଁ ଲାଗୁଛି। ଫ୍ୟାନ୍ସି ସାମଗ୍ରୀ ଯୋଗୁ ମାଟିଦୀପ ଚାହିଦା କମୁଥିବାରୁ ମାଟିଦୀପ ଏବଂ ଅନ୍ୟାନ୍ୟ ମାଟିପାତ୍ର କିଣିବା ପାଇଁ ଏଠାକାର କୁମ୍ଭକାରମାନଙ୍କ ନିକଟରେ ଆଗଭଳି ବେଶି ଭିଡ଼ ନାହିଁ। ଆଗୁଆ ବରାଦି ବି ସେମିତି ଆସିନାହିଁ। ତେଣୁ ପରିବାର ପ୍ରତିପୋଷଣ ନେଇ କୁମ୍ଭକାରମାନେ ଚିନ୍ତାରେ ପଡ଼ିଛନ୍ତି।

ପ୍ରତିବର୍ଷ ଦୀପାବଳିର ମାସକ ପୂର୍ବରୁ ଦୀପ ତିଆରି ଆରମ୍ଭ କରିଥାନ୍ତି ବିଡ଼ାନାସୀ ଅଞ୍ଚଳର କୁମ୍ଭକାର। କଟକ ସମେତ ବାହାର ଅଞ୍ଚଳରୁ ଏମାନଙ୍କ ପାଖକୁ ବରାଦି ଆସିଥାଏ। ସେହିପରି ସେମାନଙ୍କ ନିକଟରେ ଦୀପ, ଝୁଣାଦାନି, କଳସ, ସରା ଇତ୍ୟାଦି ପାଇଁ ଲୋକେ ଭିଡ଼ ଜମାଇଥାନ୍ତି। ହେଲେ ଚଳିତବର୍ଷ ବେପାର ମାନ୍ଦା। ଯେଉଁଠି କାରିଗର କେବଳ ଦୀପାବଳି



ଦୀପାବଳି ପାଇଁ ପ୍ରସ୍ତୁତ କରାଯାଇଥିବା ଦୀପ।

ସମୟରେ ୧ଲକ୍ଷ ଦୀପ ତିଆରି କରୁଥିଲେ ଏବେ ୧ହଜାର ଦୀପ ତିଆରି କରି ବିକିବା ସେମାନଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। କଟକ ବିଡ଼ାନାସୀରେ ରହୁଥିବା ପ୍ରାୟ ୪ଶହରୁ ଅଧିକ କୁମ୍ଭକାର ପରିବାର ଏବେ ନିଜ କୌଳିକ ବୃତ୍ତିକୁ ବଞ୍ଚାଇବାକୁ ସଂଘର୍ଷ କରୁଛନ୍ତି। ପୂର୍ବରୁ ଏହି ଅଞ୍ଚଳରେ ପ୍ରତ୍ୟେକ ପରିବାର ମାଟିପାତ୍ର ତିଆରି କରୁଥିବାବେଳେ ଏବେ ୪ରୁ ୫ଟି ପରିବାର ଏହି କାମ କରୁଛନ୍ତି। ଦୀପ ତିଆରି ପାଇଁ ଆବଶ୍ୟକ ପଡୁଥିବା ମାଟି, ବାଲି ଓ ଝାଟି ଦର ଦିନକୁ ଦିନ ବଢୁଥିବାବେଳେ ଏହା କାରିଗରଙ୍କ ପାଇଁ ମୁଖ୍ୟ ସମସ୍ୟା ପାଲଟିଛି। ଦୀପାବଳି ପାଇଁ ଦୀପ, ଝୁଣାଦାନି, କଳସ, ସରା ଇତ୍ୟାଦି ତିଆରି କରିଥାନ୍ତି। ଦୀପ ଗୋଟାକୁ ୧ ଟଙ୍କାରୁ ୫୦ ଟଙ୍କା, କଳସ ଗୋଟାକୁ ୬ରୁ ୧୦ ଟଙ୍କା, ସରା ୧ ଟଙ୍କାରୁ ୩ ଟଙ୍କା ପର୍ଯ୍ୟନ୍ତ ରହିଥାଏ। କେବଳ ଦୀପାବଳି ସମୟରେ କାରିଗର ନିଜ ସବୁ ଖର୍ଚ୍ଚ ବାଦ୍ ୭୦ରୁ ୮୦ ହଜାର ଟଙ୍କା ରୋଜଗାର କରିଥାନ୍ତି। କିନ୍ତୁ ଏବେ ଫ୍ୟାନ୍ସି ବା କଲିକତି ସାମଗ୍ରୀ କାରିଗରଙ୍କ ବେପାରରେ ବାଧକ ସାଜିଛି। କାରିଗର ଏହି ସମୟରେ ଯାହା ରୋଜଗାର କରିଥାନ୍ତି, ସେଥିରେ ବର୍ଷ ତମାମ୍ ତାଙ୍କ ପରିବାରର ଗୁଜୁରାଣ ମେଣ୍ଟିଥାଏ। ହେଲେ ବର୍ତ୍ତମାନ ଏପରି ପରିସ୍ଥିତିରେ କିପରି ନିଜ ପରିବାର ପ୍ରତିପୋଷଣ କରିବେ ସେହି ଚିନ୍ତା କୁମ୍ଭକାରମାନଙ୍କୁ ଘାରିଛି। ସରକାର ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବାକୁ କାରିଗରମାନେ ନିବେଦନ କରିଛନ୍ତି।

### ସେମାନେ ଯାହା କୁହନ୍ତି...



“ଚଳିତବର୍ଷ କମ୍ ଦୀପ ତିଆରି କରିଛି। ବେପାର ନେଇ ବହୁ ଚିନ୍ତା ବଢ଼ିଯାଇଛି। ଏହି ସମୟରେ ଆମ ପାଖରେ ଗ୍ରାହକଙ୍କ ଲମ୍ବାଧାଡ଼ି ଲାଗେ। ହେଲେ ଏଥର ଗୋଟିଏ ବି ଅର୍ଡର ଆସିନାହିଁ। ତେଣୁ ପରିବାର ଚଳାଇବା ଚିନ୍ତା ଘାରିଛି। ଏଭଳି ସ୍ଥିତିରେ ସରକାର କୁମ୍ଭକାରମାନଙ୍କୁ ସହାୟତା ଯୋଗାଇଦେବାର ଆବଶ୍ୟକତା ରହିଛି ।

-ନରେନ୍ଦ୍ର ବେହେରା, କାରିଗର



“ଦୀପ ତିଆରି ପାଇଁ ଆବଶ୍ୟକ ପଡୁଥିବା ସମସ୍ତ ସାମଗ୍ରୀର ଦର ବୃଦ୍ଧି ପାଇଛି । ଅନ୍ୟପଟେ ବାହାର ଅଞ୍ଚଳର ସାମଗ୍ରୀକୁ ସରକାର ସମ୍ପୂର୍ଣ୍ଣ ଭାବେ ବ୍ୟାନ କରିବା ଉଚିତ। ଚଳିତ ବର୍ଷ ମୋ ପାଖକୁ ବହୁତ କମ୍ ଅର୍ଡର ଆସିଛି। ତେଣୁ ଦି' ପଇସା ରୋଜଗାର ଆଶା ମଉଳି ଯାଉଛି। ବୃଦ୍ଧ ବୟସରେ କୁଳବେଉସା ବଞ୍ଚାଇବାକୁ ସଂଘର୍ଷ କରିବା ପାଇଁ ପଡୁଛି।

-ସୁରେନ୍ଦ୍ର ବେହେରା, କାରିଗର

## ୨ରୁ ଶ୍ରୀମଦ୍ ଭାଗବତ କଥା ମହୋତ୍ସବ

### ଭାରତର ବିଭିନ୍ନ ପ୍ରାନ୍ତରୁ ଯୋଗଦେବେ ସାଧୁସନ୍ଥ

ସାଲେପୁର,୨୯।୧୦(ଅରବିନ୍ଦ ଭୂୟାଁ)

ସାଲେପୁର ସାହେଶ୍ୱରୀ ପୀଠରେ ୭ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଶ୍ରୀମଦ୍ ଭାଗବତ କଥା ମହୋତ୍ସବ ଓ ପାରାୟଣ ପ୍ରବଚନ କାର୍ଯ୍ୟକ୍ରମ ନିମନ୍ତେ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାବାଜୀ ଅମୃତାନନ୍ଦ ଦାସ ମହାରାଜ ଯୋଗଦେଇ କହିଥିଲେ, ମା' ସାହେଶ୍ୱରୀ ପୀଠରେ ଅକ୍ଟୋବର ୨ରୁ ୮ତାରିଖ ପର୍ଯ୍ୟନ୍ତ ୭ଦିନ ବ୍ୟାପୀ ଶ୍ରୀମଦ୍ ଭାଗବତ କଥା ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଭାରତର ବିଭିନ୍ନ ପ୍ରାନ୍ତରୁ ବହୁ ସାଧୁସନ୍ଥମାନେ ଯୋଗଦେଇ ପ୍ରବଚନ ଦେବେ ବୋଲି ପ୍ରକାଶ କରିଥିଲେ। ଭାଗବତ ମାଧ୍ୟମରେ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ କରାଯାଉଛି ବୋଲି ସେ କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଲୋକସେବା ଫାଉଣ୍ଡେଶନ୍ ଅଧ୍ୟକ୍ଷ ହିମାଂଶୁ ମହାନ୍ତି, ଦେବେନ୍ଦ୍ର ନାଥ ନାୟକ, ସାରସ୍ୱତ ସମାରୋହ ସମିତି ସଭାପତି ଅକ୍ଷୟ କୁମାର ଦାଶ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଖଣ୍ଡ ସଂଘଚାଳକ ଚିରଂଜନ ପଣ୍ଡା, ଶଶିକାନ୍ତ ମହାନ୍ତି, ଆକାଶ ପାତ୍ର, ରଂଜନ ବେଜ, ବିଜୟ କେତନ ନାୟକ, ବିଷ୍ଣୁଚରଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୨ ପୋଖରୀ ନିଲାମ ପାଇଲେ ଏସ୍‌ଏଚ୍‌ଜି

ସାଲେପୁର,୨୯।୧୦(ଅରବିନ୍ଦ ଭୂୟାଁ)

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବାବେଳେ ମହିଳାମାନେ କିଭଳି ଅଧିକ ଆତ୍ମନିର୍ଭରଶୀଳ ହେବେ ସେ ଦିଗରେ ଗୁରୁତ୍ୱ ଦେଉଛନ୍ତି। ସରକାରଙ୍କ ଯୋଜନାର ପ୍ରତ୍ୟେକ କ୍ଷେତ୍ରରେ ମହିଳା ଏସ୍‌ଏଚ୍‌ଜି. ଗ୍ରୁପ୍‌ମାନଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ପୁରୁଣାହାଟ ପଞ୍ଚାୟତ ସୋଗଲର ତାଳପୋଖରୀକୁ ମା'ଚଣ୍ଡୀ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଦସ୍ୟା ନିଲାମ ନେଇଛନ୍ତି। ପ୍ରଶାସନ ପକ୍ଷରୁ ୧୬ ଲକ୍ଷ ୫୩ହଜାର ଟଙ୍କାରେ ସେମାନେ ଏହି ଲିଜ୍ ପାଇଛନ୍ତି। ଏହି ନିଲାମରେ ୬ଟି ସ୍ୱୟଂ ସହାୟକ ଗୋଷ୍ଠୀ ଭାଗନେଇଥିବାବେଳେ ମା'ଚଣ୍ଡୀ ଗୋଷ୍ଠୀ ନିଲାମ ପାଇବାକୁ ସକ୍ଷମ ହୋଇଛି। ଏଠାରେ ମାଛଚାଷ କରି ଆତ୍ମନିର୍ଭରଶୀଳ ହୋଇ ନିଜର ଆର୍ଥିକ ସ୍ଥିତି ସୁଧାରିବାକୁ ସଦସ୍ୟାମାନେ ଲକ୍ଷ୍ୟ ରଖିଛନ୍ତି ବୋଲି ସଭାନେତ୍ରୀ ଏହି ଗ୍ରୁପ୍‌ର ସଭାନେତ୍ରୀ କମଳା ବେହେରା ଓ ସଂପାଦିକା ସୁଲୋଚନା ଦାସ ପ୍ରକାଶ କରିଛନ୍ତି। ସେହିପରି ଏହି ପଞ୍ଚାୟତର ବଟେଇ ପୋଖରୀ ମଧ୍ୟ ନିଲାମ ହୋଇଛି। ପୋଖରୀକୁ ବାବାଗୋରେଖନାଥ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ୧ଲକ୍ଷ ୧ହଜାର ଟଙ୍କାରେ ନିଲାମରେ ପାଇଛନ୍ତି।

### ବିପନ୍ନଙ୍କୁ ଭାଜପାର ସହାୟତା

ନିଶ୍ଚିନ୍ତକୋଇଲି,୨୯।୧୦(ଅଶୋକ ମହାପାତ୍ର):

ନିଶ୍ଚିନ୍ତକୋଇଲି ବ୍ଲକରେ ବାତ୍ୟା ପ୍ରଭାବରେ କ୍ଷତିଗ୍ରସ୍ତଙ୍କୁ ଭାଜପା ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଛି। କେନ୍ଦୁପାଟଣା ପଞ୍ଚାୟତ ଚମ୍ପତି ପାଟଣା ଗ୍ରାମର ଜ୍ୟୋତି ଦାସ ଓ ନିତ୍ୟାନନ୍ଦ ବେହେରାଙ୍କ ପରିବାରକୁ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଭାଜପା ଯୁବନେତା ସୁମନ୍ତ କୁମାର ଘଡ଼ାଇ ସହାୟତା ପ୍ରଦାନ କରିଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ ରାଶନ ସାମଗ୍ରୀ ଓ ଜରିପାଲ ପ୍ରଦାନ କରାଯାଇଛି। ଏହି ଅବସରରେ ପ୍ରଣବ ବେହେରା, ବିକାଶ ସ୍ୱାଇଁ, ସ୍ନେହାଂଶୁ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ଋଣ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ



ଭୁବନେଶ୍ୱର,୨୯।୧୦: (ଅଭୟ ଦାଶ):

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିବିଆଇ)ର ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ କଟକ ଜିଲାର ମାହାଙ୍ଗା ତହସିଲ ଅନ୍ତର୍ଗତ ଇଟା ମୁଣ୍ଡୁଳିଠାରେ ଥିବା ଋଣ ଖିଲାପକାରୀଙ୍କ ସମ୍ପତ୍ତିକୁ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ବାଳକୃଷ୍ଣ ସ୍ୱାଇଁଙ୍କ ଉପସ୍ଥିତିରେ ଭୌତିକ ଦଖଲକୁ ନିଆଯାଇଛି। ଦୁଇ ମହଲା ବିଶିଷ୍ଟ ଏହି ଜବତ ସମ୍ପତ୍ତି ଋଣଗ୍ରହୀତା ଭାନୁମତି ଦାଶ ଏବଂ ରାଜେଶ ଦାଶଙ୍କ ନାମରେ ବନ୍ଧକ ଥିଲା। ବ୍ୟାଙ୍କରୁ ୨୦୧୫ରେ ୩୧,୫୦,୦୦୦ ଟଙ୍କାର ଋଣ ନେଇ ପରବର୍ତ୍ତୀ ସମୟରେ ଶୁଝିବାରେ ବିଫଳ ହୋଇଥିବା ହେତୁ ଏହା ୨୦୧୭ ଅକ୍ଟୋବର ୧ (୧।୧୦।୨୦୧୭) ରେ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଥିଲା। ଏହି ଅବସରରେ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ତଥା ମାହାଙ୍ଗା ତହସିଲଦାର ସୁଶାନ୍ତ କୁମାର ମିଶ୍ର ଓ ଭଦ୍ରେଶ୍ୱର ପୋଲିସ ଷ୍ଟେଶନର ଆଇଆଇସି କାବୁଲି ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ମାଜିଷ୍ଟ୍ରେଟ୍‌ଙ୍କ ଅନୁମତିକ୍ରମେ ୨୦୨୪ ଅକ୍ଟୋବର ୨୯ (୨୯।୧୦।୨୦୨୪) ରେ ଏହି ସମ୍ପତ୍ତିର ଭୌତିକ ଦଖଲ ନିଆଯାଇଛି।

# ନିର୍ବାଚନରେ ପ୍ରତି ଭୋଟ ମୂଲ୍ୟବାନ



ଆଠଗଡ଼ରେ ଛାତ୍ରୀଛାତ୍ର ଓ ଅନ୍ୟମାନେ ନୂତନ ଭୋଟରଙ୍କୁ ସଚେତନ କରୁଛନ୍ତି।



ବାଙ୍କୀରେ ନୃତ୍ୟ ମାଧ୍ୟମରେ ସଚେତନ କରାଯାଉଛି।

ଆଠଗଡ଼/ବାଙ୍କୀ ୨୯।୧୦(ସତ୍ୟ ପ୍ରସାଦ ରଥ/ଜ୍ଞାନେନ୍ଦ୍ର ମୋହନ ମିଶ୍ର/ସତ୍ୟ ରଞ୍ଜନ ସାହୁ):

### ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପାଇଁ ସଚେତନତା

ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ -୨୦୨୫ ଅବସରରେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଏକ ପଦଯାତ୍ରା ଏବଂ ପଥ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାରେ ଉପଜିଲାପାଳ ଆଠଗଡ଼ ପ୍ରହ୍ଲାଦ ନାରାୟଣ ଶର୍ମା, ତହସିଲଦାର କ୍ଷେତ୍ରମୋହନ ସ୍ୱାଇଁ, ଡେପୁଟି କଲେକ୍ଟର ମଧୁସ୍ମିତା ବିଶି, ସହକାରୀ ଜିଲାପାଳ ସୁଶ୍ରୀ ଶୁଭକଲ୍ୟାଣୀ ମହାପାତ୍ର, ମହାବିଦ୍ୟାଳୟ ଛାତ୍ରୀଛାତ୍ର, ବରିଷ୍ଠ ନାଗରିକ, ଉପଜିଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ଆଠଗଡ଼ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟରୁ ଏକ ପଦଯାତ୍ରା ସହର ପରିକ୍ରମା କରି ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣୀ ମଣ୍ଡପରେ ପହଞ୍ଚି ଥିଲା। ସେଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ପ୍ରହ୍ଲାଦ ନାରାୟଣ ଶର୍ମା ଯୋଗଦେଇ ଥିଲେ। ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହା ଉପସ୍ଥିତ ଥିଲେ। ସହକାରୀ ଜିଲାପାଳ ମାନସ କୁମାର ବେହେରା ଏହାକୁ ପରିଚାଳନା କରିଥିଲେ।

ସେହିପରି ବାଙ୍କୀ ଉପଖଣ୍ଡରେ ଉପଜିଲାପାଳ ଦେବୀପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଭୋଟର ସଚେତନ ଉପଲକ୍ଷେ ପଥ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳ ପ୍ରାୟ ୭ଟା୩୦ ମିନିଟ୍‌ରେ ଏକ ପଦଯାତ୍ରା ବାଙ୍କୀ-ଡମପଡା ବ୍ଲକ କାର୍ଯ୍ୟାଳୟରୁ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଛାତ୍ରୀଛାତ୍ର ଯୋଗଦେଇ ପ୍ଲାକାର୍ଡ ମାଧ୍ୟମରେ ନିର୍ବାଚନରେ ପ୍ରତି ଭୋଟ୍ ମୂଲ୍ୟବାନ ବୋଲି କହିଥିଲେ। ଏଥିସହ ବାଙ୍କୀ କଲେଜ ଛକ, ନୃସିଂହ ଛକ ଏବଂ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ ଓ ନୃତ୍ୟ ଆୟୋଜନ କରାଯାଇ ନୂତନ ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଉପଜିଲାପାଳ ଦେବୀ ପ୍ରସାଦ ମହାନ୍ତି କାର୍ଯ୍ୟକ୍ରମର ସମ୍ୟକ ବିବରଣୀ ଦେବା ସହ ଭୋଟରମାନଙ୍କୁ ମତଦାନ କରିବା ନିମନ୍ତେ ଉତ୍ସାହିତ କରିଥିଲେ। ଡମପଡା ତହସିଲଦାର ସୁଚିସ୍ମିତା ଦାଶ, ବାଙ୍କୀ ତହସିଲଦାର ଅଶେଷ କୁମାର ନାଏକ, ଏନ୍‌ଏସି ନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଉପଜିଲାପାଳଙ୍କ କାର୍ଯ୍ୟାଳୟର ମୁଖ୍ୟ କିରାଣି ଜୟନ୍ତୀ ରାଉତ ଏବଂ ନାଜର ପଠାଣି ବାରିକ ଏହାକୁ ପରିଚାଳନା କରିଥିଲେ।

## 'ସଚେତନ ହେଲେ ପକ୍ଷାଘାତ ସମସ୍ୟା ଦୂର ହେବ'

### ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ

କଣ୍ଟାପଡ଼ା, ୨୯।୧୦(ସୁରନାରାୟଣ ସାହୁ):

କଣ୍ଟାପଡ଼ା ବ୍ଲକ ଅଧୀନ ଓଲଟପୁରସ୍ଥିତ ଏସ୍‌ଭି ନିର୍‌ତାର ପରିସରରେ ମଙ୍ଗଳବାର ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ପାଳିତ ହୋଇଯାଇଛି। ଏଥିରେ ଏସ୍‌ଭି ନିର୍‌ତାର ମୁଖ୍ୟ ତଥା ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି ଯୋଗଦେଇ କହିଛନ୍ତି, ମସ୍ତିଷ୍କ ପକ୍ଷାଘାତ ସମସ୍ୟାରୁ ଦୂରେଇ ରହିବାକୁ ହେଲେ ଖାଦ୍ୟପେୟ ଓ ନିୟମିତ ବ୍ୟାୟାମ ଉପରେ ସଚେତନ ହେବାକୁ ପଡ଼ିବ। ଫିଜିଓଥେରାପି ମୁଖ୍ୟ ଡା. ମୋନାଲିସା ପଟ୍ଟନାୟକ, ଅକ୍ୟୁପେସନାଲ ଥେରାପି ମୁଖ୍ୟ ଅନୁରୂପା ସେନାପତିଙ୍କ ସମେତ ଅନ୍ୟମାନେ ଯୋଗଦେଇ ପୀଡିତ ଦିବ୍ୟାଙ୍ଗମାନଙ୍କ ଆରୋଗ୍ୟ କାମନା କରିଥିଲେ। ଏହି ଅବସରରେ ଦିବ୍ୟାଙ୍ଗଙ୍କ ମଧ୍ୟରେ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲ। ବିଶ୍ୱଜିତ୍ ଶତପଥୀ ଧନ୍ୟବାଦ ଦେଇଥିଲେ।

## ଆଦିତ୍ୟ ଅଶ୍ୱିନୀରେ ବିଶ୍ୱ ଷ୍ଟ୍ରୋକ୍ ଦିବସ

ଭୁବନେଶ୍ୱର,୨୯।୧୦: (ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭୁବନେଶ୍ୱରର ଆଦିତ୍ୟ ଅଶ୍ୱିନୀଠାରେ ବିଶ୍ୱ ଷ୍ଟ୍ରୋକ୍ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ଓଡିଶାର ପୂର୍ବତନ ଡିଜିପି ପ୍ରକାଶ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲାବେଳେ ଯୋଗଗୁରୁ ଅକ୍ଷୟ କୁମାର ସ୍ୱାଇଁ ଅତ୍ୟତମ ଅତିଥି ଭାବେ ଯୋଗ ଦେଇ ଷ୍ଟ୍ରୋକର ନିରାକରଣ ଓ ବିଭିନ୍ନ ସମୟରେ କିଭଳି ଷ୍ଟ୍ରୋକ ଜୀବନର ଗତି ପଥ ବଦଳାଇ ଦେଇଥାଏ ସେ ବିଷୟରେ ବିସ୍ତୃତ ଭାବେ ଉଭୟ ମତବ୍ୟକ୍ତ କରିଥିଲେ। ସେହିଭଳି ଅଶ୍ୱିନୀ ଗ୍ରୁପର



ଚେୟାରମ୍ୟାନ ଡା ସୁବ୍ରତ ଜେନା ଏବଂ ଏମଡି ଡା ମାୟା ଗନ୍ତାୟତ ଷ୍ଟ୍ରୋକର ବିଭିନ୍ନ ଦିଗ ଓ ଉପକାରିତା ଆଦି ସମ୍ପର୍କରେ ବିସ୍ତୃତ ଆଲୋକଚନା କରିଥିଲେ। ସେହିପରି ଡା ସୋମ୍ୟରଞ୍ଜନ ପ୍ରଧାନ ଷ୍ଟ୍ରୋକର ଠିକର ଚିକିତ୍ସା ଓ ଆବଶ୍ୟକ ସର୍ତ୍ତକତାମୂଳକ ପଦକ୍ଷେପ ଆଦି ବିଷୟରେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶ୍ୱିନୀ ଗ୍ରୁପର ନିର୍ଦ୍ଦେଶକ (ଅର୍ଥ) ସୁମା ଦେବୀ ଦାସ, ନିର୍ଦ୍ଦେଶକ (ଏସ) ଜୟ ଦାସ, ଡା ମାନସ ରଞ୍ଜନ ସ୍ୱାଇଁ, ସଞ୍ଜୟ ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏଥି ଅବସରରେ ଏକ ଜନସେଚତନତା ରାଲିର ଆୟୋଜନ କରାଯାଇଥିଲା। ଯେଉଁଥିରେ ଉଭୟ ମେଡିକାଲ କର୍ମଚାରୀ ଓ ଅନ୍ୟମାନେ ସାମିଲ ହୋଇଥିଲେ।

## ଧୈର୍ଯ୍ୟ ସହ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରନ୍ତୁ

କଟକ,୨୯।୧୦ (କାର୍ତ୍ତିକ ସାହୁ):

ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସମୟରେ ଶୂନ୍ୟ ଜୀବନହାନି ଓ କ୍ଷୟକ୍ଷତି ହ୍ରାସ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଧୈର୍ଯ୍ୟ ଓ ସାହସର ସହ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବା ଓ ବିପର୍ଯ୍ୟୟ ସମୟରେ ନିଜକୁ ସୁରକ୍ଷିତ ରଖିବା ତଥା ଯଥାସମ୍ଭବ ଅନ୍ୟର ସାହାଯ୍ୟ କରିବାକୁ ଆଗେଇ ଆସିବା ଆବଶ୍ୟକ। ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ-୨୦୨୪ ଅବସରରେ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ମଙ୍ଗଳବାର ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳଙ୍କ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ଏହି ମତବ୍ୟକ୍ତ କରିଛନ୍ତି। କେବଳ ପ୍ରାକୃତିକ ବିପର୍ଯ୍ୟୟ ନୁହେଁ ମନୁଷ୍ୟକୃତ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଜନସାଧାରଣ ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଓଡ଼ିଶା ଅନେକ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିପାରିଛି। ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକର ମୁକାବିଲା କରିବା ପାଇଁ ରାଜ୍ୟ ବିପର୍ଯ୍ୟୟ

### ଜିଲାସ୍ତରୀୟ ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ

ପରିଚାଳନା କର୍ତ୍ତୃପକ୍ଷ ସମସ୍ତ ପ୍ରକାର ଅତ୍ୟାଧୁନିକ ସରଞ୍ଜାମ ସହ ପ୍ରସ୍ତୁତ ରହିଛି ବୋଲି ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମହାନ୍ତ କହିଛନ୍ତି। ଜିଲା ଶିକ୍ଷାଧିକାରୀ ସନ୍ତୋଷ କୁମାର ରାଉତ ଉଦ୍‌ବୋଧନ ଦେଇ ଛାତ୍ରୀଛାତ୍ର ଓ ଜନସାଧାରଣ ସମସ୍ତ ପ୍ରକାର ବିପଦର ମୁକାବିଲା ନିମନ୍ତେ ନିଜକୁ ପ୍ରସ୍ତୁତ ରଖିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଏକ ସ୍ୱେଚ୍ଛାକୃତ ଶପଥ ପାଠ ଓ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ଜରୁରିକାଳୀନ ଅଧିକାରୀ ଅମ୍ଳାନ ଅପରାଜିତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିପର୍ଯ୍ୟୟ ପ୍ରସ୍ତୁତି ଦିବସର ଅଂଶସ୍ୱରୂପ ସକାଳେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ଏକ ମିନି ମାରାଥନ ହୋଇଥିଲା। ପରେ କଟକ ନେତାଜୀ ବସ୍ ଟର୍ମିନାଲଠାରେ ମକ୍‌ଡ୍ରିଲ ଏବଂ ବିପର୍ଯ୍ୟୟ ପରିଚାଳନାରେ ବ୍ୟବହୃତ ସନ୍ଧାନ ଓ ଉଦ୍ଧାର ଉପକରଣଗୁଡ଼ିକର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା।

# ସଚେତନ ହେଲେ ବିପର୍ଯ୍ୟୟ କ୍ଷୟକ୍ଷତି ରୋକାଯାଇପାରିବ

## ଜିଲାସ୍ତରୀୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ

ପୁରୀ,୨୯।୧୦(ଅଜିତ୍ କୁମାର ମହାନ୍ତି)

ପ୍ରାକୃତିକ ବିପର୍ଯ୍ୟୟକୁ ବନ୍ଦ କରାଯାଇପାରିବ ନାହିଁ। କିନ୍ତୁ ସଚେତନ ଓ ସତର୍କ ହେଲେ ବିପର୍ଯ୍ୟୟର ପ୍ରଭାବ ଓ କ୍ଷୟକ୍ଷତିକୁ ରୋକାଯାଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପକ୍ଷରୁ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ପାଳିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ପୁରୀ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ଅତିରିକ୍ତ ଉପଜିଲାପାଳ ନୀଳମାଧବ ମାଝୀ, ଜିଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ପ୍ରମୁଖ ନିଜ ଅଭିଜ୍ଞତା ଓ ଅନୁଭବରୁ ବିପର୍ଯ୍ୟୟର କାରଣ, ନିରାକରଣ, ଉଦ୍ଧାର, ଥଇଥାନ, ସତର୍କତା, ସଚେତନତା ଓ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ।

ଚଳିତ ବର୍ଷର ବିଷୟ ରହିଛି 'ଆଗୁଆ ପଦକ୍ଷେପ ପାଇଁ ପ୍ରାକ ସତର୍କ ସୂଚନା'। ବିପର୍ଯ୍ୟୟର ମୁକାବିଲା ପାଇଁ ଉପଯୁକ୍ତ ଯୋଜନା, ବ୍ୟାପକ ସଚେତନତା, ବିପର୍ଯ୍ୟୟ ପୂର୍ବରୁ ସତର୍କତା, ଉଦ୍ଧାର ଓ ପରେ ଥଇଥାନ ଏବଂ ସହଯୋଗ ପାଇଁ ଜନଜାଗରଣ ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅଧିକାରୀମାନେ କହିଥିଲେ। ଏହି ଅବସରରେ ଛାତ୍ରୀ ମୋନାଲିସା ରାଉତ, ପ୍ରିୟଦର୍ଶିନୀ ରାଉତ ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଜିଲା ଜରୁରୀ ବିଭାଗ ଅଧିକାରୀ ମନୀଷା ଷଡ଼ଙ୍ଗୀ କାର୍ଯ୍ୟକ୍ରମରେ ସଂଯୋଜନା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ସହକାରୀ ଜିଲାପାଳ ପଞ୍ଚାନନ ପରିଡ଼ା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସହଦେବ ସାହୁ, ବିବେକାନନ୍ଦ ସାହୁ, ସହକାରୀ ଜିଲାପାଳ ତନ୍ମୟ ଦାସ, ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ପ୍ରକଳ୍ପ ଅଧିକାରୀ ସୁକାନ୍ତ କୁମାର ଦାଶ, ଜରୁରୀ ବିଭାଗ କର୍ମଚାରୀ ରୂପଶ୍ରୀ ପଣ୍ଡା, ଲକି ମହାରଣା, ମମତା ବାରିକ, ରମେଶ ଚନ୍ଦ୍ର ବେହେରା, ରାମକୃଷ୍ଣ ବଡ଼ଜେନା, ଆଦିତ୍ୟ କୁମାର ବରାଳ, ସଞ୍ଜୟ ମହାପାତ୍ର, ରଞ୍ଜନ ବେହେରା, ପ୍ରଭାକର ବେହେରା, ଶ୍ରଦ୍ଧାସୁମନ ମହାପାତ୍ର, ବିଶ୍ୱ ଭୂଷଣ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସଚେତନତା ଶୋଭାଯାତ୍ରାକୁ ପତାକା ଦେଖାଇ ଉଦ୍‌ଘାଟନ କରାଯାଉଛି ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୯।୧୦।୨୦୨୪

| | |
|---|---|
| ୬,୧୧,୨୯୫ ଟଙ୍କା | |
| ସୁନା | ୮୫୦ ମିଲି ଗ୍ରାମ୍ |
| ରୁପା | ୯.୯୦୦ ଗ୍ରାମ୍ |

## ସଂକ୍ଷେପରେ

### ଦୋକାନରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଲୁଗାପଟା ପାଉଁଶ

ଅସ୍ତରଙ୍ଗ/କୋଣାର୍କ,୨୯।୧୦(ପ୍ରଦୀପ୍ତ କୁମାର ଦୀକ୍ଷିତ/ଜ୍ୟୋତିରାଜ ମହାନ୍ତି)

କାକଟପୁର ବ୍ଲକ କୁରୁଜଙ୍ଗ ପଞ୍ଚାୟତ ଅନ୍ତର୍ଗତ ବାଲିଦୋକାନ ବଜାରରେ ସୋମବାର ବିଳମ୍ବିତ ରାତିରେ ଏକ ଫେସନ୍ ସପ୍‌ରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଲୁଗାପଟା ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଚମ୍ପାହାର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡ ସର୍ଟସର୍କିଟ୍‌ରୁ ହୋଇଥିବା ଜଣାପଡ଼ିଛି। ତୁରନ୍ତ କାକଟପୁର ତହସିଲ୍‌ଦାର ଏହାକୁ ତଦନ୍ତ କରି ବ୍ୟବସାୟୀଙ୍କୁ ସହାୟତା କରିବାକୁ ଦାବି ହୋଇଛି।

### ୩୧ରୁ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା

ଅସ୍ତରଙ୍ଗ,୨୯।୧୦(ମମତା ଜେନା)

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ମା' ଲକ୍ଷ୍ମୀ କ୍ଲବ ପକ୍ଷରୁ ୨୭ତମ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ସମ୍ଭାବ୍ୟ ବାତ୍ୟା 'ଦାନା' ଯୋଗୁ ଜିଲା ପ୍ରଶାସନର ପରାମର୍ଶକ୍ରମେ ଏହା ବନ୍ଦ ରହିଥିଲା। ଆସନ୍ତା ୩୧ ତାରିଖରୁ ନଭେମ୍ବର ୩ ପର୍ଯ୍ୟନ୍ତ ଯାତ୍ରା ଟୁର୍ନାମେଣ୍ଟ ଓ ୪ ତାରିଖରେ ପୁରସ୍କାର ବିତରଣ ଉତ୍ସବ ହେବ ବୋଲି କ୍ଲବ ସଭାପତି ତରୁଣ ତପନ ସ୍ୱାଇଁ ଓ ସମ୍ପାଦକ ଦେବାଶିଷ ବାରିକ୍ ସୂଚନା ଦେଇଛନ୍ତି।

### ନିଖୋଜ କଲେଜ ଛାତ୍ରୀ ବାମନାଳରୁ ଉଦ୍ଧାର

ଯୋଗେଶ୍ୱରପୁର,୨୯।୧୦(ରଶ୍ମିରଞ୍ଜନ ସାହୁ)

ନୟାହାଟ ଥାନା ଅଧୀନ ଧୁମାଳ ପଞ୍ଚାୟତର ନିଖୋଜ ନାବାଳିକା ଛାତ୍ରୀଙ୍କୁ ନୟାହାଟ ଫାଣ୍ଡି ପୋଲିସ ନିମାପଡ଼ା ଥାନା ଅନ୍ତର୍ଗତ ବାମନାଳରୁ ସୋମବାର ରାତିରେ ଉଦ୍ଧାର ଉଦ୍ଧାର କରିଛି। ଛାତ୍ରୀ ଜଣଙ୍କ ସୋମବାର କଲେଜରୁ ଅନ୍ୟଜଣେ ଯୁବକଙ୍କ ସହ କେଉଁଆଡ଼େ ପଳାଇଯାଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଝିଅର କଲେଜ ଆସିବା ବିଳମ୍ବ ହେବାରୁ ତାଙ୍କ ବାପା ଅନେକ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ପରେ ସେ ନୟାହାଟ ଫାଣ୍ଡିରେ ଦ୍ୱାରସ୍ଥ ହୋଇଥିଲେ। ବିଶେଷ ସୂତ୍ରରୁ ଖବରପାଇ ଫାଣ୍ଡି ପୋଲିସ ନିମାପଡ଼ା ପୋଲିସ ସହାୟତାରେ ନାବାଳିକାଙ୍କୁ ବାମନାଳରୁ ଉଦ୍ଧାର କରିଛି। ପରେ ନାବାଳିକାଙ୍କୁ ତାଙ୍କ ପରିବାର ଜିମା ଦିଆଯାଇଥିବା ଫାଣ୍ଡି ଅଧିକାରୀ ଅଶୋକ ବେହେରା କହିଛନ୍ତି।

# ଦୀପାବଳିରେ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ କେନ୍ଦ୍ରାଞ୍ଚଳ ଡିଆଇଜିଙ୍କ ଗୁରୁତ୍ୱ

ପୁରୀ,୨୯।୧୦(ଅଜିତ୍ କୁମାର ମହାନ୍ତି)

ଦୀପାବଳିରେ ପୁରୀରେ ପ୍ରବଳ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାଞ୍ଚଳ ଡିଆଇଜି ଚରଣ ସିଂ ମୀନା ଯୋଗଦେଇ ପୋଲିସ ପକ୍ଷରୁ କରାଯାଉଥିବା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଦୀପାବଳିରେ ଶ୍ରୀମନ୍ଦିର ବାହାର ଓ ଭିତର ସହ ଚତୁଃପାର୍ଶ୍ୱରେ ପୋଲିସ ପକ୍ଷରୁ କିପରି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି, ତାହାର ତଦାରଖ କରିଥିଲେ। କେନ୍ଦ୍ରାଞ୍ଚଳ ଡିଆଇଜି ମୀନା ଶ୍ରୀମନ୍ଦିର ଚାରିପାଖ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିସହ ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ପୋଲିସ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ପୋଲିସ ପ୍ରଶାସନ ପକ୍ଷରୁ କରାଯାଇଥିବା ଫିଡ୍‌ବ୍ୟାକ୍ ସେଣ୍ଟରକୁ ଯାଇ ଭକ୍ତ ଦର୍ଶନକୁ ନେଇ ଦେଉଥିବା ଫିଡ୍‌ବ୍ୟାକ୍ ସମ୍ପର୍କରେ ବୁଝିଥିଲେ। ସେହିଭଳି ଅନ୍ୟାନ୍ୟ ବିଷୟ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ସମୀକ୍ଷା ବୈଠକରେ ପୁରୀ ଏସ୍‌ପି ବିନୀତ୍ କୁମାର ଅଗ୍ରୱାଲଙ୍କ ସମେତ ପୋଲିସ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଦୀପାବଳିରେ ଶ୍ରୀମନ୍ଦିରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ନେଇ ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଶ୍ରୀମନ୍ଦିର ବାହାରେ ଓ ଭିତରେ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। କାର୍ତ୍ତିକ ଅମାବାସ୍ୟାରେ ଲୋକମାନେ ପୁରୀ ଆସି ଶ୍ରୀମନ୍ଦିର ନିକଟରେ କାଉଁରିଆ ଜାଳି ବଡ଼ବଡୁଆ ଡାକିଥାନ୍ତି। ସେହିଭଳି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ ଓ ଶ୍ରାଦ୍ଧ ଦେଇଥାନ୍ତି। ଏନେଇ ଏସ୍‌ପି ବିନୀତ ଅଗ୍ରୱାଲ କହିଛନ୍ତି, ସିଂହଦ୍ୱାର ନିକଟରେ ଭକ୍ତମାନେ କାଉଁରିଆ ଜାଳିବା ପାଇଁ ସ୍ୱତନ୍ତ୍ର ସ୍ଥାନର ବ୍ୟବସ୍ଥା କରାଯାଇଛି। ଭକ୍ତଙ୍କ ଗହଳିକୁ ଦୃଷ୍ଟିରେ ରଖି ୬ ପ୍ଲାଟୁନ୍ ଫୋର୍ସ ମୁତୟନ ରହିବେ।


କେନ୍ଦ୍ରାଞ୍ଚଳ ଡିଆଇଜି ଚରଣ ସିଂ ମୀନା ସ୍ଥିତି ସମୀକ୍ଷା କରୁଛନ୍ତି ।


ମଙ୍ଗଳବାର ସକାଳ ସମୟରେ କୁହୁଡ଼ିରେ ଆଚ୍ଛାଦିତ ଶ୍ରୀମନ୍ଦିର ।

## ସାକ୍ଷୀଗୋପାଳ ବଜାରରୁ ହଟିଲା ଜବରଦଖଲ

ସାକ୍ଷୀଗୋପାଳ,୨୯।୧୦(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର/ଭରତ ରାଉତ)

ପ୍ରଶାସନ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ସାକ୍ଷୀଗୋପାଳ ବଜାରରେ ଥିବା ରାସ୍ତା ପାର୍ଶ୍ୱ ଅସ୍ଥାୟୀ ବ୍ୟବସାୟୀ ଓ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଇଛି। ଗତ ସୋମବାର ରାତ୍ରିରେ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଏନେଇ ଡାକବାଜି ଯନ୍ତ୍ର ଦ୍ୱାରା ସୂଚନା ପ୍ରଦାନ କରାଯାଇଥିଲା। ତହସିଲଦାର ଆଲୋକ କୁମାର ଦେହୁରୀ, ସତ୍ୟବାଦୀ ଥାନା ଆଇଆଇସି ଉମେଶ କୁମାର ସାହୁ, ଅତିରିକ୍ତ ତହସିଲଦାର ରାଜେଶ ପ୍ରିୟଦର୍ଶୀ, ରାଜସ୍ୱ ଅଧିକାରୀ, ଅମିନ ଓ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ରହି ଉଚ୍ଛେଦ କାର୍ଯ୍ୟ କରିଥିଲେ। ପବିତ୍ର ଅଁଳାନବମୀ ଓ ବଡ଼ଏକାଦଶୀ ଯାତ୍ରା ପରିଚାଳନା ନିମନ୍ତେ ମନ୍ଦିର ପ୍ରଶାସନ ପକ୍ଷରୁ ଆୟୋଜିତ ପ୍ରଶାସନିକସ୍ତରୀୟ ବୈଠକର ନିଷ୍ପତ୍ତିକ୍ରମେ ଉଚ୍ଛେଦ ପ୍ରକ୍ରିୟା କରାଯାଇଥିଲା।

## ଐତିହାସିକ କେଦାରନାଥ ମହାପାତ୍ରଙ୍କ ଜୟନ୍ତୀ

ପୁରୀ,୨୯।୧୦(ଅଜିତ୍ କୁମାର ମହାନ୍ତି)

ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଓଡ଼ିଶା ପୁରୀ ଆନୁକୂଲ୍ୟରେ ମଙ୍ଗଳବାର ଓଡ଼ିଶା ସଂଗୀତ ପରିଷଦ ପରିସରରେ ଐତିହାସିକ କେଦାରନାଥ ମହାପାତ୍ରଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଟ୍ରଷ୍ଟର ଉପାଧ୍ୟକ୍ଷ ବିନୋଦ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ପ୍ରାଧ୍ୟାପକ ଅଭିମନ୍ୟୁ ଭୂୟାଁ, ଐତିହାସିକ ମଦନ ମୋହନ ମହାପାତ୍ର, ବିଜୟଲକ୍ଷ୍ମୀ ଦାଶ, ପଣ୍ଡିତ ସଦାଶିବ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଆଲୋଚନାଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିବା ସହ ସଂଯୋଜନା କରିଥିଲେ। ଅଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ କହିଛନ୍ତି, ଐତିହାସିକ କେଦାରନାଥ ମହାପାତ୍ର ଭୁବନେଶ୍ୱର ଶିଶୁପାଳଗଡ଼ ହାତୀଗୁମ୍ଫା ଶିଳାଲେଖ ଓ ଧଉଳିଗିରି ଅଶୋକଙ୍କ ଶିଳାଲେଖରେ ପ୍ରାଚୀନ ଓଡ଼ିଆ ଓ ପଲିଭାଷାର ସ୍ୱରୂପ ନିର୍ଦ୍ଧାରଣ କରିଥିଲେ।

ଆୟୋଜିତ ଆଲୋଚନାଚକ୍ରରେ ପ୍ରାବନ୍ଧିକ ସତ୍ୟ ନାରାୟଣ ମିଶ୍ର, ଗବେଷକ ନାରାୟଣ ନନ୍ଦ, ଡାକ୍ତର ରାନୁ ମିଶ୍ର, ରତିକାନ୍ତ ପ୍ରତିହାରୀ, ବିପିନ ଦଳାଇ, ସାରଙ୍ଗଧର ଷଡ଼ଙ୍ଗୀ, ଚାରୁଲତା ମିଶ୍ର, ବସନ୍ତ କୁମାର ମିଶ୍ର, ଭାଗବତ ପ୍ରସାଦ ପଟ୍ଟନାୟକ, ଜୁପିଟର ଦାସ ପ୍ରମୁଖ ଅଂଶଗ୍ରହଣ କରି ଆଲୋଚନା କରିଥିଲେ। ଅଶୋକ କୁମାର ଆଢ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସନ୍ଦୀପ କର୍ମକାର ଧନ୍ୟବାଦ ଦେଇଥିଲେ।



ସମାରୋହରେ ମଞ୍ଚାସୀନ ଅତିଥି ।

# ଜିଲାସ୍ତରୀୟ ବିଶ୍ୱ ଷ୍ଟ୍ରୋକ୍ ଦିବସ ପାଳିତ

ପୁରୀ,୨୯।୧୦(ଅଜିତ୍ କୁମାର ମହାନ୍ତି)

ଜିଲାସ୍ତରୀୟ ବିଶ୍ୱ ଷ୍ଟ୍ରୋକ୍ ଦିବସ ପୁରୀ ପେଣ୍ଟକଟା ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟରବାହିତ ରୋଗ) ଡ. ବିନୋଦ ବିହାରୀ ରଥ ବିଶ୍ୱ ଷ୍ଟ୍ରୋକ୍ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମେଦବହୁଳ, ମଧୁମେହ ରୋଗ ତଥା ମଦ୍ୟପାନ, ଧୂମପାନ, ଠିକ୍ ମାତ୍ରାରୁ ଅଧିକ ଲୁଣ ସେବନ କରିବା ଯୋଗୁ ମସ୍ତିଷ୍କାଘାତ (ଷ୍ଟ୍ରୋକ୍) ହେବାର ସମ୍ଭାବନା ଥାଏ। ଉତ୍ତମ ଜୀବନଶୈଳୀକୁ ଆପଣେଇବା, ନିୟମିତ ଯୋଗ ଓ ପ୍ରାଣାୟାମ କରିବା, ଦୈନିକ ୩୦ ମିନିଟ୍ କିଛି ଶାରୀରିକ ପରିଶ୍ରମ ଅବା ବ୍ୟାୟାମ କରିବା ଦ୍ୱାରା ଆମେ ଏହି ମସ୍ତିଷ୍କାଘାତ ରୋଗଠାରୁ ଅନେକାଂଶରେ ଦୂରେଇ ରହିପାରିବା। ଜିଲା ମହାମାରୀ ବିଶେଷଜ୍ଞ ଡ. ଶିଳ୍ପୀ ଦାଶ ଉପସ୍ଥିତ ସମସ୍ତଙ୍କ ପ୍ରଶ୍ନର ଉତ୍ତର ଦେବାସହ ଅନେକ ତଥ୍ୟ ପ୍ରଦାନ କରିଥିଲେ। ପେଣ୍ଟକଟା ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଡାକ୍ତର ଲାଲମୋହନ ହୋତା, ଜିଲା ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ, ଜିଲା ପ୍ରକଳ୍ପ ଅଧିକାରୀ ଟି. ନାରାୟଣ ରାଓ, ଆସିଷ୍ଟାଣ୍ଟ ମ୍ୟାନେଜର (ଟ୍ରେନିଂ) ମନୋଜ କୁମାର ପଣ୍ଡା, ଆସିଷ୍ଟାଣ୍ଟ ପ୍ରୋଗ୍ରାମ୍ ମ୍ୟାନେଜର ସନ୍ଦୀପ ବରଣ ଓଝା ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାସ୍ତରୀୟ ବିଶ୍ୱ ଷ୍ଟ୍ରୋକ୍ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ।

## ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଦିବସ

କଣାସ,୨୯।୧୦(ବିଭୂତି ଭୂଷଣ ତ୍ରିପାଠୀ)

୧୯୯୯ ଅକ୍ଟୋବର ୨୯ ମହାବାତ୍ୟାକୁ ମଙ୍ଗଳବାର ୨୫ ବର୍ଷ ପୂରୁଥିବାବେଳେ କଣାସ ପଞ୍ଚାୟତ ସମିତି ସଭାଗୃହରେ ଏକ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଦିବସ ପାଳନ କରାଯାଇଛି। ଏଥିରେ ବିଡିଓ ନାରାୟଣ ସାହୁ ଅଧ୍ୟକ୍ଷତା କରିଥିଲେ। କଣାସ ଅତିରିକ୍ତ ତହସିଲଦାର ଉପେନ୍ଦ୍ର କୁମାର ସେଠୀ, କଣାସ ଅତିରିକ୍ତ ବିଡିଓ ମଙ୍ଗଳସିଂ ହେମ୍ବ୍ରମ୍ ମହାବାତ୍ୟାର ଭୟାବହତା ସମ୍ପର୍କରେ ସୂଚନା ଦେଇଥିଲେ। ବାତ୍ୟା ସମୟରେ କିପରି ମୁକାବିଲା କରାଯାଇ ଧନଜୀବନ ନଷ୍ଟ ନ ହେବ ସେଥିପ୍ରତି କେତେଗୁଡ଼ିଏ ସୂଚନା ପ୍ରଦାନ କରାଯାଇଥିଲା। ବୈଠକରେ ପଞ୍ଚାୟତ ପ୍ରତିନିଧି, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଓ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

# ମହାନ୍ କାର୍ଯ୍ୟ ପାଇଁ ରମାରଞ୍ଜନଙ୍କୁ ସମ୍ବର୍ଦ୍ଧନା

ଅସ୍ତରଙ୍ଗ/କାକଟପୁର,୨୯।୧୦ (ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଲବଣ ସତ୍ୟାଗ୍ରହ ଚିନ୍ତନ ସ୍ମାରକୀ ପୀଠ ଓଳଙ୍ଗର ଖଣ୍ଡାସାହିରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ବାର୍ଷିକ ଆଲୋଚନାଚକ୍ର 'ଓଡ଼ିଶାରେ ଗାନ୍ଧିଜୀ' କାର୍ଯ୍ୟକ୍ରମ ମଙ୍ଗଳବାର ସଂଗ୍ରାମୀ ଭୁବନାନନ୍ଦ ସ୍ୱାଇଁ ସ୍ମାରକୀ ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ମୁଖ୍ୟବକ୍ତା ଗାନ୍ଧୀ ଚିନ୍ତକ ସଂଗ୍ରାମ ଜେନା, ସମ୍ମାନିତ ଅତିଥି ପୁରୀ ଜିଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷା ଆରତୀ ନାୟକ, ନଈଗୁଆଁ ସରପଞ୍ଚ ମଞ୍ଜୁଲତା ଖୁଣ୍ଟିଆ, ତାଳଦା ସରପଞ୍ଚ ଦୀପକ ପରିଡ଼ା ପ୍ରମୁଖ ଉପସ୍ଥିତ ଥିବାବେଳେ ଅମିୟ ପଟ୍ଟନାୟକ ସଭାପତିତ୍ୱ କରିଥିଲେ।

### ଓଡ଼ିଶାରେ ଗାନ୍ଧିଜୀ ଶୀର୍ଷକ ଆଲୋଚନାଚକ୍ର

ମୁଖ୍ୟବକ୍ତା ଜେନା କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ସହିତ ଓଡ଼ିଶାର ସମ୍ପର୍କ ଆମ ଇତିହାସରେ ଗୋଟିଏ ଗୌରବମୟ ପର୍ଯ୍ୟାୟ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଦ୍ୱୀପାଞ୍ଚଳ ତାଳଦା ପଞ୍ଚାୟତ ଉନ୍ନତୀକରଣ ପାଇଁ ସଦାସର୍ବଦା ଜାଗ୍ରତ ପ୍ରହରୀ ଥିବା ପୂର୍ବତନ ସରପଞ୍ଚ ରମାରଞ୍ଜନ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜଣେ ଦକ୍ଷ ସାମାଜିକ କର୍ମୀ ତଥା ସଫଳ ସରପଞ୍ଚ ଭାବେ ଆପଣଙ୍କ କାର୍ଯ୍ୟଧାରା ପ୍ରାଞ୍ଜଳ ଓ ସ୍ୱଚ୍ଛ। ଜଣେ ସରଳ, ସାଧାରଣ, ମେଳାପି ଓ ନିଷ୍କଳଙ୍କ ମଣିଷ ଭାବରେ ଜନତା ଜନାର୍ଦ୍ଦନଙ୍କ ସେବାରେ ନିଜକୁ ନିୟୋଜିତ କରି ସେ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଅତିଥିମାନେ ରମାରଞ୍ଜନ ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହାସହ ବିଭିନ୍ନ ସମୟରେ ସ୍ଥାନୀୟ ଅଞ୍ଚଳର ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଜଗନ୍ନାଥ ଦାସ, ଫଗୁ ସାହୁ, ବଳରାମ ବାରିକିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ସ୍ୱପ୍ନେଶର ସାହୁ ପରିଚାଳନା କରିଥିବା ବେଳେ କେଦାରନାଥ ବିଶ୍ୱାଳ, ମାନସ ସାହୁଙ୍କ ସହ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ସହଯୋଗ କରିଥିଲେ।



# ମତଦାନ ଗଣତନ୍ତ୍ରକୁ ସୁଦୃଢ଼ କରିଥାଏ

### ଭୋଟର ତାଲିକା ସଂଶୋଧନ ଅବସରରେ ପଥ ଉତ୍ସବ

ପୁରୀ,୨୯।୧୦(ଅଜିତ୍ କୁମାର ମହାନ୍ତି)

ଭୋଟ ପରିଚୟପତ୍ର ମତଦାନ ସହ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟବହୃତ ହୋଇଥାଏ। ତେଣୁ ପ୍ରତ୍ୟେକ ସଚେତନ ହୋଇ ନିଜର ଠିକ ଭୋଟର ପରିଚୟ ପ୍ରସ୍ତୁତିରେ ସହଯୋଗ କରିବାକୁ ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ ଅନୁରୋଧ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ମୁକ୍ତାକାଶ ରଙ୍ଗମଞ୍ଚଠାରେ ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ଅବସରରେ ପଥ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଚଳିତବର୍ଷ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଅକ୍ଟୋବର ୨୯ରୁ ନଭେମ୍ବର ୨୮ ପର୍ଯ୍ୟନ୍ତ ଜାରି ରହିଛି। ୧ ଜାନୁଆରୀ ୨୦୨୫କୁ ଯେଉଁମାନଙ୍କୁ ୧୮ ବର୍ଷ ବା ତଦୁର୍ଦ୍ଧ ବର୍ଷ ହେଉଛି, ସେମାନେ ଭୋଟର ହେଲ୍ପଲାଇନ୍ ଆପ୍ ମାଧ୍ୟମରେ କିମ୍ବା ବିଏଲଓଙ୍କ ମାଧ୍ୟମରେ ଭୋଟର ତାଲିକାରେ ସାମିଲ ପାଇଁ ଫର୍ମ ନଂ- ୬ରେ ଆବେଦନ କରିପାରିବେ। ସେହିପରି ମୃତ୍ୟୁ କ୍ଷେତ୍ରରେ ୭ ନଂ ଫର୍ମରେ ବାଦ୍, ୮ନଂ ଫର୍ମରେ ନାମ, ତଥ୍ୟ, ଫଟୋ ଠିକଣା ଇତ୍ୟାଦି ସଂଶୋଧନ ପାଇଁ ଆବେଦନ କରିପାରିବେ।

ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଉପଜିଲାପାଳ ନୀଳମାଧବ ମାଝୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ମତଦାତାଙ୍କ ମତଦାନ ଗଣତନ୍ତ୍ରକୁ ସୁଦୃଢ଼ କରିଥାଏ ବୋଲି କହିଥିଲେ। ନିର୍ବାଚନ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିବା ସହ ଭୋଟର ତାଲିକା ସଂଶୋଧନର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଶେଷରେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଏକ ସଚେତନତା ଶୋଭାଯାତ୍ରା ମେଡ଼ିକାଲ ଛକଠାରୁ ବାହାରି ମୁକ୍ତାକାଶ ରଙ୍ଗମଞ୍ଚ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଝୋଟି ଓ ମୁରୁଜ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା।



ମେଡିକାଲ୍ ଛକଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ବଡ଼ଦାଣ୍ଡ ପରିକ୍ରମା କରୁଛି ।

## ସଂକ୍ଷେପରେ

### ଜଜ୍‌ଙ୍କୁ ଆକ୍ରମଣ ଅଭିଯୋଗରେ ୨ ଗିରଫ

ବୋଲଗଡ଼,୨୯।୧୦(ଦେବବ୍ରତ ହୋତା)

ଦଶପଲ୍ଲା ସିଭିଲଜଜ୍ ସୌମ୍ୟରଞ୍ଜନ ପୃଷ୍ଟିଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ ଏବଂ ସୁନାଚେନ୍ ନେଇଯିବା ଅଭିଯୋଗରେ ବୋଲଗଡ଼ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବୋଲଗଡ଼ ଗ୍ରାମର ଅଜୟ କୁମାର ରଥ (୨୬) ଏବଂ ସିଦ୍ଧାର୍ଥ ବେହେରା(୨୩)। ଏମାନଙ୍କ ନିକଟରୁ ଗୋଟିଏ ସ୍କୁଟି ଓ ବୁଲେଟ୍ ଜବତ ହୋଇଛି ବୋଲି ତଦନ୍ତକାରୀ ଅଧିକାରିଣୀ ଏସ୍‌ଆଇ ଲିଲି ପାଢ଼ୀ ସୂଚନା ଦେଇଛନ୍ତି। ଅଭିଯୋଗ ମୁତାବକ, ଦଶପଲ୍ଲା ଜଜ୍ ସୌମ୍ୟରଞ୍ଜନ ସୋମବାର ମଧ୍ୟାହ୍ନରେ କାରରେ ନୟାଗଡ଼ରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିଲେ। କାର ସମ୍ମୁଖରେ ଦୁଇଟି ଗାଡ଼ିରେ ଦୁଇଜଣ ଯୁବକ ମଝିରାସ୍ତାରେ ଯାଉଥିଲେ। କାର ହର୍ନ ବଜାଇଥିଲେ ମଧ୍ୟ ସାଇଡ୍ ନ ଦେବାରୁ ଜଜ୍ ସେମାନଙ୍କ ପାର୍ଶ୍ୱରେ ରାସ୍ତା ଅତିକ୍ରମ କରିଥିଲେ। ଏହାପରେ ଯୁବକଦ୍ୱୟ ବୋଲଗଡ଼ ରେଳ ଓଭରବ୍ରିଜ୍ ନିକଟ ମିନି ବ୍ୟାଙ୍କ ସମ୍ମୁଖରେ କାରକୁ ଅଟକାଇ ଜଜ୍‌ଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏପରିକି ଏକ ସୁନାଚେନ୍ ସହ ଲକେଟ ଛଡ଼ାଇ ନେଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇବା ସହ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା।

### ମହିଳାଙ୍କଠାରୁ ଝାମ୍ପି ନେଲେ ୨ ସୁନାଚେନ୍

ବାଣପୁର,୨୯।୧୦(ଦିଲୀପ କୁମାର ସ୍ୱାଇଁ)

ବାଣପୁର ଥାନା ଅଞ୍ଚଳରେ ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଛି। ମଙ୍ଗଳବାର ବାଣପୁର କଲେଜ ଛକଠାରେ ଜଣେ ମହିଳାଙ୍କ ବେକରୁ ଦୁର୍ବୃତ୍ତମାନେ ଦୁଇଟି ସୁନାଚେନ୍ ଝାମ୍ପି ନେଇଥିବା ଅଭିଯୋଗ ହୋଇଛି। ସୁନାଚେନ୍‌ର ଆନୁମାନିକ ମୂଲ୍ୟ ୩ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଅଞ୍ଚଳରେ ଲାଗିଥିବା ସିସିଟିଭି ଯାଞ୍ଚକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ବାଣପୁର କୁମାରାଙ୍ଗ ରୋଡ୍‌ରେ ରହୁଥିବା ପବନଦୀପ ସ୍ୱାଇଁ ଓ ତାଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟା ବାଣପୁର ଥାନା ନିକଟ ଆଧାର କେନ୍ଦ୍ରରେ ନିଜ ଆଧାର ସମ୍ବନ୍ଧୀୟ କାର୍ଯ୍ୟସାରି ବାଇକ୍‌ରେ ଘରକୁ ଫେରୁଥିଲେ। କଲେଜ ଛକରେ ପବନଦୀପ ପରିବା କିଣୁଥିବା ବେଳେ ବାଇକ୍ ନିକଟରେ ବିଷ୍ଣୁପ୍ରିୟା ଛିଡ଼ାହୋଇ ମୋବାଇଲରେ କଥା ହେଉଥିଲେ। ଏହି ସମୟରେ ଜଣେ ଯୁବକ ସେଠାରେ ପହଞ୍ଚି ହଠାତ୍ ବିଷ୍ଣୁପ୍ରିୟାଙ୍କ ବେକରୁ ଦୁଇଟି ସୁନାଚେନ୍ ଝାମ୍ପି ନେଇଥିଲେ। ଏହାପରେ ନିକଟ ଦୋକାନରେ ପୂର୍ବରୁ ବାଇକ୍‌ରେ ଥିବା ଜଣେ ଲୁଟେରାଙ୍କ ସହ ଯୁବକ ଜଣଙ୍କ ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଛି।

### ବାଣ, ବାରୁଦ ଜବତ: ୨ ଗିରଫ

ଚୌଦ୍ୱାର, ୨୯।୧୦(ଆଶୁତୋଷ ଦାସ): ବେଆଇନ ବାଣ ତିଆରି ଅଭିଯୋଗରେ ଟାଙ୍ଗୀ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଟାଙ୍ଗୀ ଥାନା ଅଧୀନ କଣି ଗ୍ରାମର ନରହରୀ ସେଠୀ। ତାଙ୍କ ନିକଟରୁ ଦେଢ଼ କେଜି ବାରୁଦ ଓ ୪୦୦୦ ତାଳଫୋଟକା ବାଣ ଜବତ ହୋଇଛି।

# ପଳାଶୁଣୀରେ ପୁଣି ସିରିଜ ଦୁର୍ଘଟଣା

## ୪ ଗାଡ଼ି କ୍ଷତିଗ୍ରସ୍ତ, ୨ ଆହତ

ଭୁବନେଶ୍ୱର,୨୯।୧୦(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ପଳାଶୁଣୀ ରାସ୍ତା ଦୁର୍ଘଟଣାର ହଟସ୍ପଟ୍ ପାଲଟିଛି। ମଙ୍ଗଳବାର ସକାଳ ପ୍ରାୟ ୯ଟା ୧୫ ବେଳେ ଏଠାରେ ପୁଣି ଏକ ସିରିଜ୍ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଜଣେ ଅଟୋ ଡ୍ରାଇଭର ଓ ଉକ୍ତ ଗାଡ଼ିରେ ବସିଥିବା ଜଣେ ବୃଦ୍ଧ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାରେ ଗୋଟିଏ ବସ୍, ଟ୍ରକ୍, ପିକଅପ୍ ଭ୍ୟାନ୍ ଓ ଅଟୋ କ୍ଷତିଗ୍ରସ୍ତ ହୋଇଛି। ତେବେ ଆହତ ବୃଦ୍ଧଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି। ସକାଳ ସମୟରେ କଟକ ଅଭିମୁଖେ ଯାଉଥିବା (ଓଆର୍୧୨-ଡି-୫୯୪୦) ବସ୍‌ଟି ପଳାଶୁଣୀ ରାସ୍ତାକୁ ମାଡ଼ି ପାର୍କିଂ କରିବା ସହ ଯାତ୍ରୀ ଉଠାଉଥିଲା। ଏହି ସମୟରେ ଫ୍ଲାଇଓଭର୍ ବ୍ରିଜ୍‌ପଟୁ ଦ୍ରୁତଗତିରେ ଆସୁଥିବା ଆନ୍ଧ୍ରପ୍ରଦେଶର(ଏପି୩୫-ଭି-୫୦୫୯) ନମ୍ବର ବିଶିଷ୍ଟ ଟ୍ରକ୍‌ଟି ହଠାତ୍ ବସ୍ ପଛପଟୁ ଧକ୍କା ଦେଇଥିଲା। ଫଳରେ ବସ୍‌ଟି ଆଗରେ ଥିବା ଏକ ଅଟୋ (ଓଡି୦୫-ଇ-୦୮୦୪)କୁ ଶକ୍ତ ଧକ୍କା ଦେଇଥିଲା। ଏଥିସହ ବସ୍‌ଟି ଡାହାଣ ପାର୍ଶ୍ୱକୁ ବୁଲିଯାଇ ଏନ୍‌ଏଚ୍‌ଆଇର ଏକ



ଦୁର୍ଘଟଣାଗ୍ରସ୍ତ ଅଟୋ ଓ ପିକ୍‌ଅପ୍ ଭ୍ୟାନ୍

ପିକଅପ୍ ଭ୍ୟାନ୍‌କୁ ମଧ ଧକ୍କା ଦେଇଥିଲା। ତେବେ ଦୁର୍ଘଟଣାରେ ଅଟୋର ଡ୍ରାଇଭର ଓ ଏଥିରେ ବସିଥିବା ବୃଦ୍ଧ ଜଣଙ୍କ ଗୁରୁତର ଆହତ ହୋଇଥିଲେ। ଖବରପାଇ ମଞ୍ଚେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିଗୁଡ଼ିକୁ ଜବତ କରିବା ସହ ତଦନ୍ତ କରିଥିଲା। ସ୍ଥାନୀୟ ଲୋକମାନେ ଆମ୍ବୁଲାନ୍ସ ଯୋଗେ ଆହତଦ୍ୱୟଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ। ତେବେ ଖବର ପ୍ରସ୍ତୁତ ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଏତଲା ହୋଇ ନ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

**ଦୁର୍ଘଟଣାକୁ ଡାକୁଛି ବେଆଇନ ବସ୍ ପାର୍କିଂ**

ପ୍ରତିମାସରେ ପଳାଶୁଣୀସ୍ଥିତ ୧୬ ନଂ ଜାତୀୟ ରାଜପଥରେ ଛୋଟବୋଡ଼ ଏକାଧିକ ଦୁର୍ଘଟଣା ଘଟୁଛି। ରାସ୍ତା ଉପରେ ବେଆଇନ୍ ବସ୍ ପାର୍କିଂ ଏହି ଦୁର୍ଘଟଣାର ବଡ଼ କାରଣ ବୋଲି ଅଭିଯୋଗ ହୋଇଛି। କଟକ, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, କେନ୍ଦୁଝର ଆଦି ଯାଉଥିବା ବସ୍‌ଗୁଡ଼ିକ ପଳାଶୁଣୀ ରାସ୍ତାକଡ଼ରେ ବେଆଇନ୍ ପାର୍କିଂ କରୁଛନ୍ତି। ଫଳରେ ସେହି ସ୍ଥାନରେ ପ୍ରବଳ ଭିଡ଼ ହେଉଛି। ଏହି ପାର୍କିଂ ପାଇଁ ରାସ୍ତା ସଙ୍କୁଚିତ ହେଉଛି। ଏପରିକି ଫ୍ଲାଏଓଭର୍ ବ୍ରିଜରୁ ଗଡ଼ୁଥିବା ଗାଡ଼ିଗୁଡ଼ିକର ସ୍ୱାଭାବିକ ଭାବେ ଗତି ଅଧିକ ରହିବାରୁ ରାସ୍ତାକୁ ମାଡ଼ି ପାର୍କିଂ ଗାଡ଼ିଗୁଡ଼ିକ ପ୍ରତି ବିପଦ ସାଜୁଛି। ସ୍ଥାନୀୟ ବାସିନ୍ଦା ତଥା ସାମାଜିକକର୍ମୀ ନାରାୟଣ ପୃଷ୍ଟି କହିଛନ୍ତି, ବେଆଇନ ପାର୍କିଂ କାରଣରୁ ଗାଡ଼ିଗୁଡିକ ଯାତାୟାତ ପାଇଁ ରାସ୍ତା ମିଳିପାରୁନାହିଁ। ଫଳରେ ବହୁଥର ଏଠାରେ ଦୁର୍ଘଟଣା ଘଟୁଛି। ଏହି ବେଆଇନ ପାର୍କିଂକୁ ବନ୍ଦ କରିବାକୁ ଦୁଇଥର ଟ୍ରାଫିକ୍ ଅଧିକାରୀଙ୍କୁ ଚିଠି ଲେଖିଥିଲେ ମଧ୍ୟ ସୁଫଳ ହୋଇପାରି ନାହିଁ। ବେଆଇନ୍ ପାର୍କିଂକୁ ବନ୍ଦ କରିବାକୁ ପୃଷ୍ଟି ଦାବି କରିଛନ୍ତି।

# ନଭେମ୍ବର ୨ରୁ 'ଗୋ ନବରାତ୍ର' ମହୋତ୍ସବ




ଭୁବନେଶ୍ୱର, ୨୯।୧୦(ବନ୍ଦନା ସେଠୀ)

ନଭେମ୍ବର ୨ରୁ ୧୦ ତାରିଖ ପର୍ଯ୍ୟନ୍ତ ପୁରୀ ବାଲିଘାଇସ୍ଥିତ ହରିହରାନନ୍ଦ ଗୁରୁକୁଳମଠାରେ 'ଗୋ ନବରାତ୍ରୀ' ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ଦିବ୍ୟ ମାର୍ଗଦର୍ଶନରେ ଗୁରୁଗୋବିନ୍ଦ ଗୋସେବାଶ୍ରମ ଏବଂ ଓଡ଼ିଶା ଗୋସେବା ସମିତିର ମିଳିତ ସହଯୋଗରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ୯ଦିନ ବ୍ୟାପି ଜ୍ଞାନଯଜ୍ଞ, ନାମଯଜ୍ଞ, ଘୃତଯଜ୍ଞ, ଜପଯଜ୍ଞ ଏବଂ ଅଲ୍ପଯଜ୍ଞ ଅନୁଷ୍ଠିତ ହେବ। ଗୋ-ସେବାଶ୍ରମ ପରିସରରେ ଥିବା ଗୋମାତାଙ୍କ ନିମନ୍ତେ ପ୍ରତ୍ୟେକ ଦିନ ଗୋ ଭଣ୍ଡାର ଓ ଗୋପାଷ୍ଟମୀ ଦିନ ଶ୍ରୀଜଗନ୍ନାଥ ଧାମ, ଶ୍ରୀକ୍ଷେତ୍ର ପୁରୀର ସମସ୍ତ ଅସହାୟ ଗୋବଂଶଙ୍କ ନିମନ୍ତେ ଗୋଭଣ୍ଡାରର ଆୟୋଜନ କରାଯିବ। ଏଥିସହିତ ନଭେମ୍ବର ୩ରୁ ୯ ପର୍ଯ୍ୟନ୍ତ ବ୍ରହ୍ମର୍ଷି ବାଟିକା, ବୃନ୍ଦାବନର ସନ୍ଥ ବାବାଜୀ ଦୀନବନ୍ଧୁ ଦାସ ମହାରାଜଜୀ ସପ୍ତାହବ୍ୟାପି 'ଗୋ-ଭାଗବତ କଥା' ପ୍ରବଚନ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଗୋ-ବିଜ୍ଞାନୀ ଏବଂ ଗୋ-ଗବେଷକମାନଙ୍କୁ ନେଇ ଗୋ ଆଧାରିତ କୃଷି ଏବଂ ଗୋ-ଜାତ ପଦାର୍ଥର ପ୍ରସ୍ତୁତି ପ୍ରଣାଳୀ ଉପରେ ୩ରୁ ୯ତାରଖ ପର୍ଯ୍ୟନ୍ତ କର୍ମଶାଳାର ଆୟୋଜନ କରାଯିବ। ପ୍ରଥମ ଦିନ ଅର୍ଥାତ୍ ନଭେମ୍ବର ୨ରେ ଗିରି ଗୋବର୍ଦ୍ଧନ ପୂଜା, ୩ରୁ ୯ ତାରିଖ ପର୍ଯ୍ୟନ୍ତ ଗୋ-ଭାଗବତ କଥା, ୯ରେ ଗୋପାଷ୍ଟମୀ ଏବଂ ୧୦ ତାରିଖରେ ଅଁଳା ପୂଜନ ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଛି।



ଅଗ୍ନି ବିପତ୍ତି ଠାରୁ ଦୂରେଇ ରହିବା ନେଇ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପକ୍ଷରୁ ମଙ୍ଗଳବାର ରେଲ୍‌ୱେ ଷ୍ଟେଶନରେ ସଚେତନ କରାଯାଉଛି।

## ଏମ୍‌ବିବିଏସ୍ ପରୀକ୍ଷା: ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କଲା ଓୟୁଏଚ୍‌ଏସ୍

ଭୁବନେଶ୍ୱର, ୨୯।୧୦ (ବନ୍ଦନା ସେଠୀ)

ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଓୟୁଏଚ୍‌ଏସ୍) ପକ୍ଷରୁ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ମେଡିକାଲ ଓ ଡେଣ୍ଟାଲ କଲେଜର ଡିନ୍ ଏବଂ ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମାନସ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶିକ୍ଷା ଓ ଗବେଷଣା ସମ୍ବନ୍ଧିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା, ଯାହାକି ରାଜ୍ୟର ମେଡିକାଲ ଶିକ୍ଷାର ମାନ ଉନ୍ନତ କରିବା ପାଇଁ ନିର୍ଣ୍ଣାୟକ ହେବ ବୋଲି ଆଶା କରାଯାଉଛି। ଏହି ଅବସରରେ ୨୦୨୩-୨୪ ବ୍ୟାଚ୍‌ର ପ୍ରଥମ ଏମ୍‌ବିବିଏସ୍ ପରୀକ୍ଷାର ଶ୍ରେଷ୍ଠ ୧୦ଜଣ ଛାତ୍ରୀଛାତ୍ରଙ୍କୁ କୁଳପତି ସମ୍ମାନିତ କରିଥିଲେ। ସମ୍ମାନ ବାବଦ ସେମାନଙ୍କୁ ସାର୍ଟିଫିକେଟ୍ ଓ ଷ୍ଟେଥୋସ୍କୋପ୍ ପ୍ରଦାନ କରାଯାଇଥିଲା। ଏହି ୧୦ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫ଜଣ ଜିଏମ୍‌ସିଏଚ୍ ସୁନ୍ଦରଗଡ଼ର ଛାତ୍ରୀଛାତ୍ର ଥିବାରୁ ଜିଏମ୍‌ସିଏଚ୍ ସୁନ୍ଦରଗଡ଼ର ପ୍ରଥମ ଏମ୍‌ବିବିଏସ୍ ବିଷୟର ସମସ୍ତ ଅଧ୍ୟାପକଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏଥିସହ କୁଳପତି ପ୍ରଥମ ଫୋକସ୍‌ଡ ଫ୍ୟାକଲ୍ଟି ଡେଭଲପମେଣ୍ଟ ପ୍ରୋଗ୍ରାମ କୁଇଜ୍‌ର ୩ଜଣ ବିଜୟୀ ଅଧ୍ୟାପକଙ୍କୁ କପ୍, ସାର୍ଟିଫିକେଟ୍ ପ୍ରଦାନ କରି ଶିକ୍ଷାର ଗୁଣବତ୍ତା ବୃଦ୍ଧି ଓ ଶିକ୍ଷକମାନଙ୍କ ପ୍ରଶିକ୍ଷଣକୁ ଉତ୍ସାହିତ କରିଥିଲେ। ଏହି ବୈଠକ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ଶିକ୍ଷାରେ ଏକ ନୂଆ ପଥ ମାର୍ଗଦର୍ଶନ କରିଛି ବୋଲି କୁଳପତି ପ୍ରଫେସର ସାହୁ ସୂଚନା ଦେଇଛନ୍ତି।

## ଫସଲ ବୀମାରାଶି ପ୍ରଦାନରେ ସହଯୋଗ ପାଇଁ ତହସିଲଦାରଙ୍କୁ ସମ୍ବର୍ଦ୍ଧନା



ବୋଲଗଡ,୨୯।୧୦(ଦେବବ୍ରତ ହୋତା)

ବୋଲଗଡ ବ୍ଲକରେ ୨୦୨୩-୨୪ ମସିହାରେ ଖରିଫ ଧାନଫସଲ ହାନୀ ହୋଇଥିଲା। ତେବେ ଏହାର କ୍ଷତିଭରଣା ପାଇଁ ଚାଷୀ କରିଥିବା ଫସଲବୀମା ଯୋଜନାର କ୍ଷତିପୂରଣ ରାଶି ମିଳିବା ନେଇ ଚାଷୀମାନେ କୃଷକନେତା ପ୍ରକାଶ ରାଉତରାୟଙ୍କ ନେତୃତ୍ୱରେ ଅନେକଥର ବୋଲଗଡ ତହସିଲ ଓ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବା ସହ ଧାରଣା ଦେଇଥିଲେ। ତେବେ ତହସିଲଦାର ନିବେଦିତା ପରିଡ଼ା ଗତ ବର୍ଷ ଅକ୍ଟୋବର ୬ରେ କାର୍ଯ୍ୟରେ ଯୋଗଦେବା ପରେ ଚାଷୀମାନଙ୍କ ଦାବକୁ ଗୁରୁତ୍ୱ ଦେଇ ଶୀଘ୍ର ବିମାରାଶି ପ୍ରଦାନ ନିମନ୍ତେ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ। ବିଭିନ୍ନ ବିଭାଗ ସହ ସମନ୍ୱୟ ରଖି କ୍ଷୟକ୍ଷତି ଆକଳନ କରିଥିଲେ। ଫଳରେ ଚଳିତ ମାସରେ ବ୍ଲକର ୧୯ ପଞ୍ଚାୟତ ମଧ୍ୟରୁ ୧୨ଟି ପଞ୍ଚାୟତର ଚାଷୀମାନେ ସେମାନଙ୍କ ଫସଲହାନୀ ଆକଳନ ଅନୁଯାୟୀ କ୍ଷତିପୂରଣ ବୀମାରାଶି ଅର୍ଥ ପାଇଛନ୍ତି। ଆରିକମା, ବଡକୁମାରୀ, ଗେଡିଆପଲି, ଗୋପାଳପୁର, କଡବ, ବୋଲଗଡ, ଫାସିଓଦା, କଳାଙ୍ଗ, ଡାବରଧୂଆପାଟଣା, ଖଗୁରିଆ, ଦଳେଇସାହି ଓ ଅସରଳାର ଚାଷୀମାନେ ଉପକୃତ ହୋଇଥିବାବେଳେ ଅନ୍ୟ ପଞ୍ଚାୟତର ଚାଷୀଙ୍କୁ ପର୍ଯ୍ୟାୟକ୍ରମେ ମିଳିବ ବୋଲି ସୂଚନା ମିଳିଛି। ତେବେ ଏହି ବୀମାରାଶି ପାଇଥିବା ଚାଷୀମାନେ ତହସିଲଦାର ପରିଡ଼ାଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହ କୃତଜ୍ଞତା ଜ୍ଞାପନ କରିବା ପାଇଁ ମଙ୍ଗଳବାର ତହସିଲ କାର୍ଯ୍ୟାଳୟରେ ପହଞ୍ଚି ପୁଷ୍ପଗୁଚ୍ଛ,ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। କୃଷକନେତା ପ୍ରକାଶ ଚନ୍ଦ୍ର ରାଉତରାୟ ନେତୃତ୍ୱରେ ଅର୍ଜୁନ ଜେନା, ମାଗୁଣି ଚରଣ ସ୍ୱାଇଁ, ଗଗନବିହାରୀ ମହାନ୍ତି, ହାଲୁରୀ ମାନସିଂହ, ବାସୁଦେବ ପରିଡ଼ା, ସୁରଥ ଦଳେଇ, ଗୋବିନ୍ଦ ବେହେରା, ମହେଶ୍ୱର ବଳବନ୍ତରାୟଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିବାବେଳେ ଏହି ପ୍ରକ୍ରିୟାରେ ସହଯୋଗ କରିଥିବା ଜିଲାପାଳଙ୍କ ସମେତ କୃଷି ଅଧିକାରୀ, ଗ୍ରାମ୍ୟ କୃଷି କର୍ମଚାରୀ,ରାଜସ୍ୱ ନୀରିକ୍ଷକ, ବିମା କମ୍ପାନୀ କର୍ମଚାରୀ ଓ ଅନ୍ୟମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ୨ ଶିକ୍ଷକ, ଛାତ୍ରୀଛାତ୍ର, ରୋଷେୟାଙ୍କୁ ଆକ୍ରମଣ

ନିମାପଡ଼ା,୨୯।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଧଳେଶ୍ୱର ପଞ୍ଚାୟତର ବୁଧେଇ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଜଣେ ଯୁବକ ପଶି ଉନ୍ମତ୍ତ କାଣ୍ଡ ଘଟାଇଛନ୍ତି। ଯୁବକ ଜଣଙ୍କ ଶିକ୍ଷକ, ଛାତ୍ରୀଛାତ୍ର, ରୋଷେୟାଙ୍କୁ ମାଡ଼ ମାରିବା, ଗାଳିଗୁଲଜ କରିବା ସହ ଶ୍ରେଣୀଗୃହରେ ତାଲା ପକାଇଥିବା ଜଣାପଡ଼ିଛି। ଏଥିରେ ଛାତ୍ରୀଛାତ୍ର ଭୟଭୀତ ହୋଇ ସ୍କୁଲ ଛାଡ଼ି ପଳାଇ ଯାଇଥିଲେ। ଯୁବକଙ୍କ ଆକ୍ରମଣରେ ସ୍କୁଲର ରୋଷେୟା ସବିତା ଭୋଳ ଆହତ ହୋଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଭାତୀ ଭୋଇ, ଅନ୍ୟ ସଦସ୍ୟ ସ୍ଥାନୀୟ ୱାର୍ଡ ସଭ୍ୟ ଗୋବିନ୍ଦ ଚନ୍ଦ୍ର ବେହେରା ପ୍ରମୁଖ ନିମାପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ କାବୁ କରି ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଯୁବକ ଜଣକ ହେଲେ ବୁଧେଇ ଗ୍ରାମର ସୁମନ୍ତ ଭୋଇ। ମଙ୍ଗଳବାର ବିଦ୍ୟାଳୟ ଚାଲିଥିବାବେଳେ ସୁମନ୍ତ ହଠାତ୍ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ ବଳ ଓ ଅନ୍ୟଜଣେ ଶିକ୍ଷକ ସୌରଭ ସ୍ୱାଇଁ, ରୋଷେୟା ସବିତା ଭୋଳଙ୍କ ସମେତ କେତେଜଣ ଛାତ୍ରୀଛାତ୍ରଙ୍କୁ ମାଡ଼ ମାରିବା ସହ ଖରାପ ଭାଷାରେ ଗାଳିଗୁଲଜ କରି ଧମକଚମକ ଦେଇଥିଲେ। ପରେ ସେ କ୍ରୋଧାନ୍ୱିତ ହୋଇ ବିଦ୍ୟାଳୟ ଗୃହରେ ତାଲା ପକାଇ ଦେଇଥିଲେ। ବିଦ୍ୟାଳୟରେ ସୁମନ୍ତଙ୍କ ଏପରି କାର୍ଯ୍ୟକଳାପରେ ଛାତ୍ରୀଛାତ୍ର ଭୟଭୀତ ହୋଇ ବିଦ୍ୟାଳୟ ଛାଡ଼ି ପଳାଇଥିଲେ। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ବଳ ଓ ଶିକ୍ଷକ ସ୍ୱାଇଁଙ୍କୁ ପଚାରିବାରେ, ସୁମନ୍ତ ହଠାତ୍ ଶ୍ରେଣୀଗୃହକୁ ପଶି ଆସି ସମସ୍ତଙ୍କୁ ଗାଳିଗୁଲଜ କରି ମାଡ଼ ମାରି ରୋଷେୟା, ଛାତ୍ରୀଛାତ୍ରଙ୍କୁ ଠେଲାପେଲା କରିଥିଲେ। ଏନେଇ ସେମାନେ ବିଇଓ ଓ ସିଆରସିସିଙ୍କୁ ଅବଗତ କରିଥିବା କହିଛନ୍ତି। ଏ ବାବଦରେ ବିଇଓ ଦ୍ୱିତିକାନ୍ତ ପ୍ରଧାନଙ୍କୁ ପଚାରିବାରେ ସେ ସିଆର୍‌ସିସିଙ୍କଠାରୁ ଘଟଣା ସମ୍ପର୍କରେ ଖବର ପାଇଛନ୍ତି। ସିଆର୍‌ସିସିଙ୍କୁ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବା ବିଇଓ ପ୍ରଧାନ କହିଛନ୍ତି। ବିଦ୍ୟାଳୟରେ ଯୁବକଙ୍କ ଏଭଳି କାଣ୍ଡକୁ ପରିଚାଳନା କମିଟି ସଦସ୍ୟ, ବିଦ୍ୟାଳୟ ଶିକ୍ଷକ, ଅଭିଭାବକଙ୍କ ସମେତ ବିଭିନ୍ନ ମହଲରୁ ତୀବ୍ର ନିନ୍ଦା କରାଯାଇଛି। ରିପୋର୍ଟ ଲେଖାଯିବା ବେଳକୁ ଥାନାରେ ଏ ସମ୍ପର୍କରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

## ହାତୀ ଉପଦ୍ରବ, ଧାନଫସଲ ନଷ୍ଟ

ବେଗୁନିଆ,୨୯।୧୦(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଛି। ମଙ୍ଗଳବାର ଭୋରୁ ଏହି ବ୍ଲକ ଅଧୀନ ବୋତଲମା ପଞ୍ଚାୟତ ଅନ୍ତର୍ଗତ ଛତ୍ରପଡା, ଅଠରାଙ୍ଗ ସହିତ ନିକଟ ଗଡମାଣତୀର ପଞ୍ଚାୟତ ଅନ୍ତର୍ଗତ ରାମଚନ୍ଦ୍ରପୁର ମୌଜାରେ ଥିବା କ୍ଷେତରେ ୧୨ଟିକିଆ ହାତୀପଲ ପଶି ଧାନଫସଲ ଖାଇବା ସହିତ ଦଳିଚକଟି ନଷ୍ଟ କରିଦେଇଛନ୍ତି। ଛତ୍ରପଡା ଗ୍ରାମର ଚାଷୀ ଭାଗୀରଥି ଦଳସିଂହରାୟ, ବିଶ୍ୱଜିତ ପାଲଟାସିଂହ, ମନୋଜ ଜଗଦ୍ଦେବ, ଦେବରାଜ ମତଗଜସିଂହ, ସତ୍ୟନାରାୟଣ ଦାଶ, ପବିତ୍ର ମାର୍ଥା, କବିରାଜ ମାର୍ଥା, ବ୍ରଜକିଶୋର ମାର୍ଥା, ସୁବାସ ଚନ୍ଦ୍ର ରାଉତରାୟ, ପଦ୍ମଚରଣ ମଙ୍ଗରାଜ, ଶଶି ମତଗଜସିଂହ, ପ୍ରମିଳା ମତଗଜସିଂହ, ରମେଶ ଚନ୍ଦ୍ର ମତଗଜସିଂହ, ପଦ୍ମାବତୀ ବଳବନ୍ତରାୟ, ବାଉରିବନ୍ଧୁ ବଳବନ୍ତରାୟ, କୈଳାସ ଜୟସିଂହ, ନରେନ୍ଦ୍ର ଦଳେଇ, ଚରଣ ବାଘସିଂହ, ପ୍ରଦୀପ୍ତ ମହାପାତ୍ର, ଛବି ପାହାଡସିଂହ, ପ୍ରଭାକର ରାଉତରାୟଲ ଗଡମାଣତୀର ଗ୍ରାମର ଚାଷୀ ଶିଶିର ମଙ୍ଗରାଜ, ଫକୀର ରାଉତରାୟ, ଲକ୍ଷ୍ମୀଧର ସୁନ୍ଦରାୟ, ରଘୁନାଥ ପ୍ରଧାନ, ଲୋକନାଥ ସାହୁ, ଅଠରାଙ୍ଗ ଗ୍ରାମର ଚାଷୀ ମଧୁସୂଦନ ପଣ୍ଡା, ସନ୍ତୋଷ ମହାପାତ୍ରଙ୍କ ଧାନଫସଲ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି। ହାତୀପଲ ହଜ ପଞ୍ଚାୟତ ଅନ୍ତର୍ଗତ ନାରଗୋଦା ଜଙ୍ଗଲରେ ରହୁଥିବା ଜଣାପଡ଼ିଛି। ହାତୀପଲଙ୍କୁ ଘଉଡ଼ାଇବା ପାଇଁ ଦାବି ହେଉଥିବା ବେଳେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କ୍ଷତିପୂରଣ ଯୋଗାଇଦେବାକୁ ଦାବି ହେଉଛି।



# ଦୀପାବଳି ପାଇଁ ବଜାରରେ ଭିଡ଼

ଖୋର୍ଦ୍ଧା,୨୯।୧୦(ପ୍ରଭାତ ପାଣିଗ୍ରାହୀ)

ଦୀପାବଳି ପାଇଁ ଖୋର୍ଦ୍ଧା ସହର ଚଳଚଞ୍ଚଳ ହୋଇ ଉଠିଛି। ବଜାରର ବିଭିନ୍ନ ଛକରେ ମାଟି ଦୀପର ପସରା ମେଳିଛି। ୨ଟଙ୍କାରୁ ୧୦ଟଙ୍କା ପର୍ଯ୍ୟନ୍ତ ମାଟି ଦୀପ ବିକ୍ରି ହେଉଥିବା ବେଳେ ବିଭିନ୍ନ ଟେରାକୋଟା ମାଟିଦୀପର ବେଶ ଚାହିଦା ରହିଛି। ସେହିପରି ଦୀପାବଳିରେ ବହୁ ପରିବାର ରଙ୍ଗିନ ଆଲୋକମାଳାରେ ସାଜସଜ୍ଜା କରିଥାନ୍ତି। ଗ୍ରାହକଙ୍କ ଚାହିଦା ଅନୁସାରେ ବଜାରରେ ବିଭିନ୍ନ ପ୍ରକାର ଚାଇନା ଲାଇଟ୍ ବିକ୍ରି ହେଉଛି। ୫୦ଟଙ୍କାରୁ ୫ଶହ ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ଭେରାଇଟିର ଲାଇଟ ବ୍ରିକି ହେଉଛି ବୋଲି ଫୁଟପାଥ ବେପାରୀ ସୁବ୍ରତ ସାହୁ ସୂଚାନ ଦେଇଛନ୍ତି। ତେବେ ରଙ୍ଗିନ ଆଲୋକମାଳା ଏବେ ମାଟିଦୀପର ସ୍ଥାନ ନେଇଛି ବୋଲି ମାଟି ଦୀପ ବ୍ୟବସାୟୀ ଅଜିତ ସାହୁ କହିଛନ୍ତି। ଆଗଭଳି ଆଉ ଦୀପ ବିକ୍ରି ହେଉନାହିଁ। ଗ୍ରାହକଙ୍କ ଚାହିଦା ଅନୁଯାୟୀ ଏବେ ରଙ୍ଗିନ ମାଟି, ଟେରାକୋଟା ଦୀପ ବିକ୍ରି କରାଯାଉଛି। ଗୋଟିଏ ଦୀପ ପ୍ରସ୍ତୁତ ପାଇଁ ମାଟିର



ଦୀପ କିଣିବା ପାଇଁ ଦୋକାନରେ ଗ୍ରାହକଙ୍କ ଭିଡ଼।

ଅଭାବ ରହିଥିବା ବେଳେ ଅନ୍ୟପଟେ ଆଗଭଳି ମାଟି ଦୀପ ଚାହିଦା କମିଗଲାଣି ବୋଲି ଜଣେ ବେପାରୀ କହିଛନ୍ତି।

ସେହିପରି ମଙ୍ଗଳବାର ଧନତରେସରେ ଝାଡୁ କିଣିବାର ପରମ୍ପରା ରହିଛି। କୁହାଯାଏ ଧନତରସରେ ଝାଡୁ କିଣିଲେ, ଶ୍ରୀବୃଦ୍ଧି ଘଟିଥାଏ। ବଜାରରେ ଫୁଲଝାଡୁ, ପହଁରା, ଖଡିକା ଝାଡୁ ଦିନତମାମ ବ୍ରିକି ହୋଇଥିଲା। ଟ୍ରାଫିକ ଛକ, ଏସବିଆଇ ଛକ, ପୁରୁଣା ବସଷ୍ଟାଣ୍ଡ, ମାରୱାଡି ପଟି ସମତେ ସମସ୍ତ ଛକ ସ୍ଥାନରେ ଝାଡୁର ପସରା ମେଳିଥିଲା। ଫୁଲଝାଡୁ ୭୦ରୁ ୮୦, ଖଡିକା ଝାଡୁ ୩୦ରୁ ୪୦ଟଙ୍କା ବିକ୍ରି କରାଯାଉଥିବା ଜଣାପଡିଛି। ଶରଧାପୁର ଗ୍ରାମର ଜିତେନ୍ଦ୍ରୀୟ ବେହେରା କୁହନ୍ତି ପ୍ରତିବର୍ଷ ଧନତରସରେ ରୁପା ଅଳଙ୍କାର ସହିତ ଫୁଲଝାଡୁଟିଏ କିଣି ନେଇଥାଏ। ଚଳିତବର୍ଷ ଦର ଅଧିକା ରହିଛି। ତେବେ ପରମ୍ପରା ରକ୍ଷା ଲାଗି ପ୍ରତିବର୍ଷ କିଣିଥାଏ ବୋଲି କହିଛନ୍ତି। ସେହିପରି ଗୁରୁଜଙ୍ଗର ହରିହର ଖାଡଙ୍ଗା କୁହନ୍ତି ଏହି ସମୟରେ

**ମାଟିଦୀପର ସ୍ଥାନ ନେଇଛି ରଙ୍ଗିନ ଲାଇଟ**

ମୁଁ କିଛି ନା କିଛି ସୁନାରୁପା କିଣିଥାଏ। ଏଥିସହିତ ଝାଡୁଟିଏ ଘରକୁ ନେବାକୁ ଭୂଲି ନ ଥାଏ। ଏନେଇ କାଇପଦର ଗ୍ରାମର ଝଜ ସାମନ୍ତରାୟ କୁହନ୍ତି, ସୁନା ଅଳଙ୍କାର ଏବଂ ଝାଡୁ କିଣିବା ପରମ୍ପରା ରହିଛି। ପ୍ରତିବର୍ଷ ମୁଁ ରୁପା,ସୁନା କଏନ ଏବଂ ଝାଡୁ କିଣି ଘରକୁ ନେଇଥାଏ। ଅନ୍ୟପଟେ ବଜାରରେ ବିଭିନ୍ନ ଫଳ ଦର ମଧ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ଚଳିତବର୍ଷ ସବୁ ଫଳ ଦର ଅଧିକା ରହିଛି। ଜନୈକ ଫଳ ବ୍ୟବସାୟୀ କହିଛନ୍ତିଲ ବାତ୍ୟା ଯୋଗୁ ଚାହିଦା ମୁତାବକ ଫଳ ଠିକ୍ ସମୟରେ ଆସିପାରିଲା ନାହିଁ। ଫଳରେ ଦରରେ କିଛି ଟା ଅଧିକା ରହିଛି। ଶହେ ତଳକୁ ଫଳ ନ ଥିବା ଦେୱାନ ସାହିର ପ୍ରଭାତ ବଳିୟାରସିଂ କହିଛନ୍ତି। କାଉଁରିଆ କାଠି ୨୦ରୁ ୩୦ଟଙ୍କା, ଆଖୁ ଦଣ୍ଡା ୪୦ରୁ ୫୦ଟଙ୍କା ରହିଥିବା ଗୁରୁଜଙ୍ଗର ରାକୋଶ ସାହୁ କହିଛନ୍ତି।

# ପଳାଶୁଣୀରେ ପୁଣି ସିରିଜ ଦୁର୍ଘଟଣା

## ୪ ଗାଡ଼ି କ୍ଷତିଗ୍ରସ୍ତ, ୨ ଆହତ

ଭୁବନେଶ୍ୱର,୨୯।୧୦(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ପଳାଶୁଣୀ ରାସ୍ତା ଦୁର୍ଘଟଣାର ହଟସ୍ପଟ୍ ପାଲଟିଛି। ମଙ୍ଗଳବାର ସକାଳ ପ୍ରାୟ ୯ଟା ୧୫ ବେଳେ ଏଠାରେ ପୁଣି ଏକ ସିରିଜ୍ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଜଣେ ଅଟୋ ଡ୍ରାଇଭର ଓ ଉକ୍ତ ଗାଡ଼ିରେ ବସିଥିବା ଜଣେ ବୃଦ୍ଧ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାରେ ଗୋଟିଏ ବସ୍, ଟ୍ରକ୍, ପିକଅପ୍ ଭ୍ୟାନ୍ ଓ ଅଟୋ କ୍ଷତିଗ୍ରସ୍ତ ହୋଇଛି। ତେବେ ଆହତ ବୃଦ୍ଧଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି। ସକାଳ ସମୟରେ କଟକ ଅଭିମୁଖେ ଯାଉଥିବା (ଓଆର୍୧୨-ଡି-୫୯୪୦) ବସ୍‌ଟି ପଳାଶୁଣୀ ରାସ୍ତାକୁ ମାଡ଼ି ପାର୍କିଂ କରିବା ସହ ଯାତ୍ରୀ ଉଠାଉଥିଲା। ଏହି ସମୟରେ ଫ୍ଲାଇଓଭର୍ ବ୍ରିଜ୍‌ପଟୁ ଦ୍ରୁତଗତିରେ ଆସୁଥିବା ଆନ୍ଧ୍ରପ୍ରଦେଶର(ଏପି୩୫-ଭି-୫୦୫୯) ନମ୍ବର ବିଶିଷ୍ଟ ଟ୍ରକ୍‌ଟି ହଠାତ୍ ବସ୍ ପଛପଟୁ ଧକ୍କା ଦେଇଥିଲା। ଫଳରେ ବସ୍‌ଟି ଆଗରେ ଥିବା ଏକ ଅଟୋ (ଓଡି୦୫-ଇ-୦୮୦୪)କୁ ଶକ୍ତ ଧକ୍କା ଦେଇଥିଲା। ଏଥିସହ ବସ୍‌ଟି ଡାହାଣ ପାର୍ଶ୍ୱକୁ ବୁଲିଯାଇ ଏନ୍ଏଚ୍ଆଇର ଏକ ପିକଅପ୍ ଭ୍ୟାନ୍‌କୁ ମଧ ଧକ୍କା ଦେଇଥିଲା। ତେବେ ଦୁର୍ଘଟଣାରେ ଅଟୋର ଡ୍ରାଇଭର ଓ ଏଥିରେ ବସିଥିବା ବୃଦ୍ଧ ଜଣଙ୍କ ଗୁରୁତର ଆହତ ହୋଇଥିଲେ। ଖବରପାଇ ମଞ୍ଚେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିଗୁଡ଼ିକୁ ଜବତ କରିବା ସହ ତଦନ୍ତ କରିଥିଲା। ସ୍ଥାନୀୟ ଲୋକମାନେ ଆମ୍ବୁଲାନ୍ସ ଯୋଗେ ଆହତଦ୍ୱୟଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ। ତେବେ ଖବର ପ୍ରସ୍ତୁତ ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଏତଲା ହୋଇ ନ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।



ଦୁର୍ଘଟଣାଗ୍ରସ୍ତ ଅଟୋ ଓ ପିକ୍‌ଅପ୍ ଭ୍ୟାନ୍

### ଦୁର୍ଘଟଣାକୁ ଡାକୁଛି ବେଆଇନ ବସ୍ ପାର୍କିଂ

ପ୍ରତିମାସରେ ପଳାଶୁଣୀସ୍ଥିତ ୧୬ ନଂ ଜାତୀୟ ରାଜପଥରେ ଛୋଟବୋଡ଼ ଏକାଧିକ ଦୁର୍ଘଟଣା ଘଟୁଛି। ରାସ୍ତା ଉପରେ ବେଆଇନ୍ ବସ୍ ପାର୍କିଂ ଏହି ଦୁର୍ଘଟଣାର ବଡ଼ କାରଣ ବୋଲି ଅଭିଯୋଗ ହୋଇଛି। କଟକ, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, କେନ୍ଦୁଝର ଆଦି ଯାଉଥିବା ବସ୍‌ଗୁଡ଼ିକ ପଳାଶୁଣୀ ରାସ୍ତାକଡ଼ରେ ବେଆଇନ ପାର୍କିଂ କରୁଛନ୍ତି। ଫଳରେ ସେହି ସ୍ଥାନରେ ପ୍ରବଳ ଭିଡ଼ ହେଉଛି। ଏହି ପାର୍କିଂ ପାଇଁ ରାସ୍ତା ସଙ୍କୁଚିତ ହେଉଛି। ଏପରିକି ଫ୍ଲାଏଓଭର୍ ବ୍ରିଜରୁ ଗଡୁଥିବା ଗାଡ଼ିଗୁଡ଼ିକର ସ୍ୱାଭାବିକ ଭାବେ ଗତି ଅଧିକ ରହିବାରୁ ରାସ୍ତାକୁ ମାଡ଼ି ପାର୍କିଂ ଗାଡ଼ିଗୁଡ଼ିକ ପ୍ରତି ବିପଦ ସାଜୁଛି। ସ୍ଥାନୀୟ ବାସିନ୍ଦା ତଥା ସାମାଜିକକର୍ମୀ ନାରାୟଣ ପୃଷ୍ଟି କହିଛନ୍ତି, ବେଆଇନ ପାର୍କିଂ କାରଣରୁ ଗାଡ଼ିଗୁଡିକ ଯାତାୟାତ ପାଇଁ ରାସ୍ତା ମିଳୁପାରୁନାହିଁ। ଫଳରେ ବହୁଥର ଏଠାରେ ଦୁର୍ଘଟଣା ଘଟୁଛି। ଏହି ବେଆଇନ ପାର୍କିଂକୁ ବନ୍ଦ କରିବାକୁ ଦୁଇଥର ଟ୍ରାଫିକ୍ ଅଧିକାରୀଙ୍କୁ ଚିଠି ଲେଖିଥିଲେ ମଧ ସୁଫଳ ହୋଇପାରି ନାହିଁ। ବେଆଇନ୍ ପାର୍କିଂକୁ ବନ୍ଦ କରିବାକୁ ପୃଷ୍ଟି ଦାବି କରିଛନ୍ତି।

# ନଭେମ୍ବର ୨ରୁ 'ଗୋ ନବରାତ୍ରି' ମହୋତ୍ସବ



ଭୁବନେଶ୍ୱର, ୨୯।୧୦(ବନ୍ଦନା ସେଠୀ)

ନଭେମ୍ବର ୨ରୁ ୧୦ ତାରିଖ ପର୍ଯ୍ୟନ୍ତ ପୁରୀ ବାଲିଘାଇସ୍ଥିତ ହରିହରାନନ୍ଦ ଗୁରୁକୁଳମଠାରେ 'ଗୋ ନବରାତ୍ରି' ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ଦିବ୍ୟ ମାର୍ଗଦର୍ଶନରେ ଗୁରୁଗୋବିନ୍ଦ ଗୋସେବାଶ୍ରମ ଏବଂ ଓଡ଼ିଶା ଗୋସେବା ସମିତିର ମିଳିତ ସହଯୋଗରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ୯ଦିନ ବ୍ୟାପୀ ଜ୍ଞାନଯଜ୍ଞ, ନାମଯଜ୍ଞ, ଘୃତଯଜ୍ଞ, ଜପଯଜ୍ଞ ଏବଂ ଅନ୍ନଯଜ୍ଞ ଅନୁଷ୍ଠିତ ହେବ। ଗୋ-ସେବାଶ୍ରମ ପରିସରରେ ଥିବା ଗୋମାତାଙ୍କ ନିମନ୍ତେ ପ୍ରତ୍ୟେକ ଦିନ ଗୋ ଭଣ୍ଡାର ଓ ଗୋପାଷ୍ଟମୀ ଦିନ ଶ୍ରୀଜଗନ୍ନାଥ ଧାମ, ଶ୍ରୀକ୍ଷେତ୍ର ପୁରୀର ସମସ୍ତ ଅସହାୟ ଗୋବଂଶଙ୍କ ନିମନ୍ତେ ଗୋଭଣ୍ଡାରର ଆୟୋଜନ କରାଯିବ। ଏଥିସହିତ ନଭେମ୍ବର ୩ରୁ ୯ ପର୍ଯ୍ୟନ୍ତ ବ୍ରହ୍ମର୍ଷି ବାଟିକା, ବୃନ୍ଦାବନର ସନ୍ଥ ବାବାଜୀ ଦୀନବନ୍ଧୁ ଦାସ ମହାରାଜଜୀ ସପ୍ତାହବ୍ୟାପୀ 'ଗୋ-ଭାଗବତ କଥା' ପ୍ରବଚନ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଗୋ-ବିଜ୍ଞାନୀ ଏବଂ ଗୋ-ଗବେଷକମାନଙ୍କୁ ନେଇ ଗୋ ଆଧାରିତ କୃଷି ଏବଂ ଗୋ-ଜାତ ପଦାର୍ଥର ପ୍ରସ୍ତୁତି ପ୍ରଣାଳୀ ଉପରେ ୩ରୁ ୯ତାରଖ ପର୍ଯ୍ୟନ୍ତ କର୍ମଶାଳାର ଆୟୋଜନ କରାଯିବ। ପ୍ରଥମ ଦିନ ଅର୍ଥାତ୍ ନଭେମ୍ବର ୨ରେ ଗିରି ଗୋବର୍ଦ୍ଧନ ପୂଜା, ୩ରୁ ୯ ତାରିଖ ପର୍ଯ୍ୟନ୍ତ ଗୋ-ଭାଗବତ କଥା, ୯ରେ ଗୋପାଷ୍ଟମୀ ଏବଂ ୧୦ ତାରିଖରେ ଅଁଳା ପୂଜନ ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ଜଜ୍‌ଙ୍କୁ ଆକ୍ରମଣ ଅଭିଯୋଗରେ ୨ ଗିରଫ

ବୋଲଗଡ଼,୨୯।୧୦(ଦେବବ୍ରତ ହୋତା)

ଦଶପଲ୍ଲା ସିଭିଲଜଜ୍ ସୌମ୍ୟରଞ୍ଜନ ପୃଷ୍ଟିଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ ଏବଂ ସୁନାଚେନ୍ ନେଇଯିବା ଅଭିଯୋଗରେ ବୋଲଗଡ଼ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବୋଲଗଡ଼ ଗ୍ରାମର ଅଜୟ କୁମାର ରଥ (୨୬) ଏବଂ ସିଦ୍ଧାର୍ଥ ବେହେରା(୨୩)। ଏମାନଙ୍କ ନିକଟରୁ ଗୋଟିଏ ସ୍କୁଟି ଓ ବୁଲେଟ୍ ଜବତ ହୋଇଛି ବୋଲି ତଦନ୍ତକାରୀ ଅଧିକାରିଣୀ ଏସ୍ଆଇ ଲିଲି ପାଢ଼ୀ ସୂଚନା ଦେଇଛନ୍ତ। ଅଭିଯୋଗ ମୁତାବକ, ଦଶପଲ୍ଲା ଜଜ୍ ସୌମ୍ୟରଞ୍ଜନ ସୋମବାର ମଧ୍ୟାହ୍ନରେ କାରରେ ନୟାଗଡ଼ରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିଲେ। କାର ସମ୍ମୁଖରେ ଦୁଇଟି ଗାଡ଼ିରେ ଦୁଇଜଣ ଯୁବକ ମଝିରାସ୍ତାରେ ଯାଉଥିଲେ। କାର ହର୍ନ ବଜାଇଥିଲେ ମଧ ସାଇଡ୍ ନ ଦେବାରୁ ଜଜ୍ ସେମାନଙ୍କ ପାର୍ଶ୍ୱରେ ରାସ୍ତା ଅତିକ୍ରମ କରିଥିଲେ। ଏହାପରେ ଯୁବକଦ୍ୱୟ ବୋଲଗଡ଼ ରେଳ ଓଭରବ୍ରିଜ୍ ନିକଟ ମିନି ବ୍ୟାଙ୍କ ସମ୍ମୁଖରେ କାରକୁ ଅଟକାଇ ଜଜ୍‌ଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏପରିକି ଏକ ସୁନାଚେନ୍ ସହ ଲକେଟ ଛଡ଼ାଇ ନେଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇବା ସହ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା।

### ମହିଳାଙ୍କଠାରୁ ଝାମ୍ପି ନେଲେ ୨ ସୁନାଚେନ୍

ବାଣପୁର,୨୯।୧୦(ଦିଲୀପ କୁମାର ସ୍ୱାଇଁ)

ବାଣପୁର ଥାନା ଅଞ୍ଚଳରେ ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଛି। ମଙ୍ଗଳବାର ବାଣପୁର କଲେଜ ଛକଠାରେ ଜଣେ ମହିଳାଙ୍କ ବେକରୁ ଦୁର୍ବୃତ୍ତମାନେ ଦୁଇଟି ସୁନାଚେନ୍ ଝାମ୍ପି ନେଇଥିବା ଅଭିଯୋଗ ହୋଇଛି। ସୁନାଚେନ୍‌ର ଆନୁମାନିକ ମୂଲ୍ୟ ୩ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଅଞ୍ଚଳରେ ଲାଗିଥିବା ସିସିଟିଭି ଯାଞ୍ଚକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ବାଣପୁର କୁମାରାଙ୍ଗ ରୋଡ୍‌ରେ ରହୁଥିବା ପବନଦୀପ ସ୍ୱାଇଁ ଓ ତାଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟା ବାଣପୁର ଥାନା ନିକଟ ଆଧାର କେନ୍ଦ୍ରରେ ନିଜ ଆଧାର ସମ୍ବନ୍ଧୀୟ କାର୍ଯ୍ୟସାରି ବାଇକ୍‌ରେ ଘରକୁ ଫେରୁଥିଲେ। କଲେଜ ଛକରେ ପବନଦୀପ ପରିବା କିଣୁଥିବା ବେଳେ ବାଇକ୍ ନିକଟରେ ବିଷ୍ଣୁପ୍ରିୟା ଛିଡ଼ାହୋଇ ମୋବାଇଲରେ କଥା ହେଉଥିଲେ। ଏହି ସମୟରେ ଜଣେ ଯୁବକ ସେଠାରେ ପହଞ୍ଚି ହଠାତ୍ ବିଷ୍ଣୁପ୍ରିୟାଙ୍କ ବେକରୁ ଦୁଇଟି ସୁନାଚେନ୍ ଝାମ୍ପି ନେଇଥିଲେ। ଏହାପରେ ନିକଟ ଦୋକାନରେ ପୂର୍ବରୁ ବାଇକ୍‌ରେ ଥିବା ଜଣେ ଲୁଟେରାଙ୍କ ସହ ଯୁବକ ଜଣଙ୍କ ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଛି।

### ବାଣ ନ ଫୁଟାଇ ଦୀପ ଜାଳି ଉତ୍ସବ ପାଳନ କରିବାକୁ ଆହ୍ୱାନ

ପୁରୁଣା ଭୁବନେଶ୍ୱର,୨୯।୧୦
(ସୁବାସ ଚନ୍ଦ୍ର ପ୍ରଧାନ)

ଆଲୋକର ପର୍ବ ଦୀପାବଳିକୁ ପ୍ରଦୂଷଣମୁକ୍ତ ଏବଂ ବିପଦମୁକ୍ତ କରିବା ପାଇଁ ଭୁବନେଶ୍ୱର ଉପକଣ୍ଠ ଚନ୍ଦକା-ଡମପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ଅବସ୍ଥିତ ଆଦିବାସୀ ପଲ୍ଲୀ କନ୍ଦଲେଇର କୁନି କୁନି ବିଦ୍ୟାର୍ଥୀମାନେ ସବୁଜ ଦୀପାବଳିର ବାର୍ତ୍ତା ଦେଇଛନ୍ତି। ସାମାଜିକ ଅନୁଷ୍ଠାନ 'ବୁଲସ୍ ଆଇ' ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ପରିବେଶବିତ୍ ସୁଶାନ୍ତ ସାହୁ ଯୋଗଦେଇ କହିଥିଲେ, ଦେଶର ୫୦ ପ୍ରତିଶତ ବାୟୁ ପ୍ରଦୂଷଣ ଦୀପାବଳି ସମୟରେ ହୋଇଥାଏ। ସେହିପରି ଅନୁଷ୍ଠାନ ଅଧକ୍ଷ ତ୍ରିଲୋଚନ ବେଉରା କହିଥିଲେ, ବାଣ ଫୁଟାଇବା ଦ୍ୱାରା ଅନେକ ଜୀବଜନ୍ତୁ ଓ ପକ୍ଷୀଙ୍କ ଜୀବନହାନି ଘଟିବା ସହ ଜୀବଜଗତକୁ ପ୍ରଭାବିତ କରିଥାଏ। ଅଗ୍ନିକାଣ୍ଡ ଘଟି ଅନେକ ପରିବାରର ଘର ପୋଡ଼ି ଧନ, ଜୀବନ ମଧ ନଷ୍ଟ ହୋଇଥାଏ। ତେଣୁ ବାଣ ନ ଫୁଟାଇ କେବଳ ଦୀପ ଜାଳି ଉତ୍ସବ ପାଳନ କରିବା ପାଇଁ କୁନି କୁନି ବିଦ୍ୟାର୍ଥୀମାନେ ଗ୍ରାମବାସୀଙ୍କୁ ସଚେତନ ବାର୍ତ୍ତା ବାଣ୍ଟିଥିଲେ, ଯାହା ଏକ ସବୁଜ ସୁନ୍ଦର ପରିବେଶ ତିଆରିରେ ସହାୟକ ହୋଇପାରିବ। ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ସୁବାସ ଓଝା, ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ଦି କଲେକ୍ଟର୍ସ ମଦର' ପୁସ୍ତକ ଉନ୍ମୋଚିତ




ଅତିଥିମାନେ 'ଦି କଲେକ୍ଟର୍ସ ମଦର' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

ଝାଁଳା,୨୯।୧୦(ବୁଲା ବାରିକ)

ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ତଥା ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ସଶକ୍ତୀକରଣ ବିଭାଗର ମୁଖ୍ୟ ସଚିବ ବିଷ୍ଣୁପଦ ସେଠୀଙ୍କ ରଚିତ ପୁସ୍ତକ 'ଦି କଲେକ୍ଟର୍ସ ମଦର' ଗଙ୍ଗପଡ଼ାସ୍ଥିତ ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଉନ୍ମୋଚିତ ହୋଇଯାଇଛି। ଏହି ପୁସ୍ତକ ଉନ୍ମୋଚନ ଉତ୍ସବରେ ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠାତା ଅଜୟ ବାହାଦୁର ସିଂ ସ୍ୱାଗତ ଭାଷଣ ଦେବା ସହ ନିଷ୍ଠା ଓ ସାଧନା, କଠିନ ପରିଶ୍ରମ ମାଧ୍ୟମରେ ଜୀବନର ସ୍ୱପ୍ନକୁ ସାକାର କରିହେବ ବୋଲି ମତବ୍ୟକ୍ତ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ବିଷ୍ଣୁପଦ ସେଠୀ ଯୋଗଦେଇ ତାଙ୍କ ମା'ଙ୍କ ତ୍ୟାଗ, ସଂଘର୍ଷ ଓ ମର୍ମସ୍ପର୍ଶୀ କାହାଣୀ, ଶିକ୍ଷା ଆହରଣ କରିବାର ପ୍ରତିବଦ୍ଧତା ଏବଂ ଶେଷରେ ସର୍ବଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ହାସଲର ଦୀର୍ଘଯାତ୍ରା ସମ୍ପର୍କରେ ବଖାଣିଥିଲେ। ସମ୍ମାନିତ ଅତିଥିଭାବେ 'ଦି କଲେକ୍ଟର୍ସ ମଦର' ପୁସ୍ତକର ଓଡ଼ିଆ ଅନୁବାଦକ ତଥା ବରିଷ୍ଠ ସାହିତ୍ୟିକ ଶଶାଙ୍କ ଚୁଡ଼ାମଣି ତାଙ୍କ ବକ୍ତବ୍ୟରେ ଉକ୍ତ ପୁସ୍ତକର ବିଷୟବସ୍ତୁ ଛାତ୍ରୀଛାତ୍ର ଏବଂ ପାଠକମାନଙ୍କୁ ଅନୁପ୍ରାଣିତ କରିପାରିବ ବୋଲି କହିଥିଲେ। ଉକ୍ତ ପୁସ୍ତକ ଉନ୍ମୋଚନ ଉତ୍ସବରେ ବିଦ୍ୟାଳୟର ଅଧକ୍ଷା ପ୍ରଭାତୀ ଶତପଥୀଙ୍କ ସହ ସମସ୍ତ ଅଧାପିକା, ଅଧାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଏମ୍‌ବିବିଏସ୍ ପରୀକ୍ଷା: ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କଲା ଓୟୁଏଚ୍ଏସ୍

ଭୁବନେଶ୍ୱର, ୨୯।୧୦ (ବନ୍ଦନା ସେଠୀ)

ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଓୟୁଏଚ୍ଏସ୍) ପକ୍ଷରୁ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ମେଡିକାଲ ଓ ଡେଣ୍ଟାଲ କଲେଜର ଡିନ୍ ଏବଂ ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମାନସ ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶିକ୍ଷା ଓ ଗବେଷଣା ସମ୍ବନ୍ଧିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା, ଯାହାକି ରାଜ୍ୟର ମେଡିକାଲ ଶିକ୍ଷାର ମାନ ଉନ୍ନତ କରିବା ପାଇଁ ନିର୍ଣ୍ଣାୟକ ହେବ ବୋଲି ଆଶା କରାଯାଉଛି।

ଏହି ଅବସରରେ ୨୦୨୩-୨୪ ବ୍ୟାଚ୍‌ର ପ୍ରଥମ ଏମ୍‌ବିବିଏସ୍ ପରୀକ୍ଷାର ଶ୍ରେଷ୍ଠ ୧୦ଜଣ ଛାତ୍ରୀଛାତ୍ରଙ୍କୁ କୁଳପତି ସମ୍ମାନିତ କରିଥିଲେ। ସମ୍ମାନ ବାବଦ ସେମାନଙ୍କୁ ସାର୍ଟିଫିକେଟ୍ ଓ ଷ୍ଟେଥୋସ୍କୋପ୍ ପ୍ରଦାନ କରାଯାଇଥିଲା। ଏହି ୧୦ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫ଜଣ ଜିଏମ୍‌ସିଏଚ୍ ସୁନ୍ଦରଗଡ଼ର ଛାତ୍ରୀଛାତ୍ର ଥିବାରୁ ଜିଏମ୍‌ସିଏଚ୍ ସୁନ୍ଦରଗଡ଼ର ପ୍ରଥମ ଏମ୍‌ବିବିଏସ୍ ବିଷୟର ସମସ୍ତ ଅଧାପକଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏଥିସହ କୁଳପତି ପ୍ରଥମ ଫୋକସ୍‌ଡ ଫ୍ୟାକଲ୍ଟି ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ କୁଇଜ୍‌ର ୩ଜଣ ବିଜୟୀ ଅଧାପକଙ୍କୁ କପ୍, ସାର୍ଟିଫିକେଟ୍ ପ୍ରଦାନ କରି ଶିକ୍ଷାର ଗୁଣବତ୍ତା ବୃଦ୍ଧି ଓ ଶିକ୍ଷକମାନଙ୍କ ପ୍ରଶିକ୍ଷଣକୁ ଉତ୍ସାହିତ କରିଥିଲେ। ଏହି ବୈଠକ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ଶିକ୍ଷାରେ ଏକ ନୂଆ ପଥ ମାର୍ଗଦର୍ଶନ କରିଛି ବୋଲି କୁଳପତି ପ୍ରଫେସର ସାହୁ ସୂଚନା ଦେଇଛନ୍ତି।

# ନନ୍ଦନକାନନରେ ଦୁର୍ନୀତି ନିବାରଣ ସପ୍ତାହ

ତ୍ରିଶୂଳିଆ,୨୯।୧୦(ତୁଷାରକାନ୍ତ ବେହେରା)

ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ମଙ୍ଗଳବାର ମୁଣ୍ଡଳୀ ଏନ୍‌ଡିଆର୍‌ଏଫ୍ ପକ୍ଷରୁ ନନ୍ଦନକାନନ ମୁଖ୍ୟ ଫାଟକ ସମ୍ମୁଖରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଚ ନେବା କିମ୍ବା ଲାଞ୍ଚ ଦେବା ଆଇନ ବିରୋଧୀ। ଏହାକୁ ସମ୍ପୂର୍ଣ୍ଣ ମୂଳପୋଛ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବାହିନୀର କର୍ମଚାରୀମାନେ ସଚେତନ କରିଥିଲେ। ଏହି ଉତ୍ସବରେ ନନ୍ଦନକାନନର ଗାଇଡ୍‌ମାନେ ସାମିଲ ହୋଇଥିଲେ।

# ଏୟାରପଡ୍ ଚୋରି ଅଭିଯୋଗରେ ୨ ଗିରଫ

ବାରଙ୍ଗ/ତ୍ରିଶୂଳିଆ,୨୯।୧୦
(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ଭଡ଼ା କାର୍‌ରେ ଯାତ୍ରା କରୁଥିବା ଜଣେ ମହିଳା ଯାତ୍ରୀଙ୍କ ଏୟାରପଡ୍ ଚୋରି କରିବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ କାର୍ ଚାଳକ ଏବଂ ଏୟାରପଡ୍ କିଣିଥିବା ବ୍ୟକ୍ତିଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଚାଳକ ହେଲେ କନ୍ଧମାଳ ଜିଲା ବାଲିସିଂଘା ଥାନା ଭଗମୁଣ୍ଡା ଗ୍ରାମର ସଚ୍ଚିଦାନନ୍ଦ ଦିଗାଲ (୨୮) ଓ ନନ୍ଦନକାନନ ଥାନା ରଘୁନାଥପୁର ମାରୁତି ରେସିଡେନ୍‌ସିରେ ରହୁଥିବା ସୌମ୍ୟ ପ୍ରକାଶ ଜେନା (୩୫)। ତାଙ୍କ ପାଖରୁ ପୋଲିସ ଏକ ଟାଟା ଟିଗୋର କାର୍ ଏବଂ ଏୟାରପଡ୍ ଜବତ କରିଛି। ଏନେଇ ନନ୍ଦନକାନନ ଥାନାରେ ଏକ ଲିଖିତ ଅଭିଯୋଗ ଆଧାରରେ ପୋଲିସ ୩୦୬/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ଓଡ଼ିଶାର ୯ ସ୍ଥାନରେ କମିବ ତେଲ ଦର

ଭୁବନେଶ୍ୱର,୨୯।୧୦: (ଅଭୟ ଦାଶ)

ଦୀର୍ଘ ବର୍ଷ ଧରି ତୈଳ ଦର କମି ନ ଥିବାବେଳେ ଦୀପାବଳି ପୂର୍ବରୁ ଓଡ଼ିଶାର ୯ଟି ସ୍ଥାନରେ ଉଭୟ ପେଟ୍ରୋଲ ଓ ଡିଜେଲ ଦର ପରିବର୍ତ୍ତନ ହୋଇଛି। ଏପରିକି ଓଡ଼ିଶାର ବିଭିନ୍ନ ତୈଳ ଡିପୋଠାରୁ ବହୁ ଦୂରରେ ଥିବା ଅଞ୍ଚଳ ପାଇଁ ଏହି ନୂଆ ଦର ଲାଗୁ ହେବ ବୋଲି ତୈଳ ମନ୍ତ୍ରୀ ହରଦୀପ ସିଂ ପୁରୀ ତାଙ୍କ ସୋସିଆଲ ମିଡିଆ ଏକ୍ସରେ ବିସ୍ତୃତ ଭାବେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଓଡ଼ିଶାର କୁନାନପାଲିରେ ପେଟ୍ରୋଲ ୪.୬୯ ଟଙ୍କା କମିଥିବାବେଳେ ଡିଜେଲ ୪.୪୫ ଟଙ୍କା ହ୍ରାସ ପାଇଛି। ସେହିଭଳି କାଲିମେଳା, ଗନ୍ଧିପାଲି, ନନ୍ଦପୁର, ମାଲିପୁଟ, ବଡସାଗର, ରାମଗିରି, ରାଇଘର ଏବଂ ଝରିଗ୍ରାମ ଭଳି ଅଞ୍ଚଳରେ ପେଟ୍ରୋଲ ୪.୫୫ ଟଙ୍କାରୁ ୩.୨୫ ଟଙ୍କା ପର୍ଯ୍ୟନ୍ତ ହ୍ରାସ ପାଇଥିଲାବେଳେ ଡିଜେଲ ୪.୩୨ ଟଙ୍କାରୁ ୩.୦୮ ଟଙ୍କା କମିଥିବା ଜଣାପଡ଼ିଛି। ସେହିପରି ଆଜିଠାରୁ ନୂଆ ଦର ଲାଗୁ ହେବ ବୋଲି ତୈଳ ବିପଣନକାରୀ କମ୍ପାନୀଗୁଡ଼ିକ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।



ଜାତୀୟ ଶିକ୍ଷାନୀତି ବାତିଲ ଏବଂ ଅନ୍ୟାନ୍ୟ ଶିକ୍ଷା ସମସ୍ୟାର ସମାଧାନ ଦାବି ନେଇ ଏଆଇଡିଏସ୍‌ଓ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି। (ଫଟୋ-ମନୋରଞ୍ଜନ ମିଶ୍ର)

# ଉତ୍କଳୀୟ କଂସା କଳାର ମହତ୍ତ୍ୱ

ଭୁବନେଶ୍ୱର, ୨୯।୧୦(ବନ୍ଦନା ସେଠୀ)

ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ମଙ୍ଗଳବାର ୭୯ତମ ସଂସ୍କୃତି ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ 'ଉତ୍କଳୀୟ କଂସା କଳାରେ ଆମ ଅସ୍ମିତା' ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ ଡେପୁଟି ରିଜିଓନାଲ ମ୍ୟାନେଜର, ଐତିହ୍ୟ ଗବେଷକ ଓ କଂସା ପିତ୍ତଳ କଳାକୃତି ସଂଗ୍ରାହକ ସୁଦର୍ଶନ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଶା ଇତିହାସ ଏବଂ ଓଡ଼ିଆ ସଂସ୍କୃତିରେ ବର୍ଣ୍ଣିତ ହୋଇଥିବା କଂସା କଳାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ କଂସାରେ ନିର୍ମିତ ବିଭିନ୍ନ ସାମଗ୍ରୀ ଓ ତାହାର ବ୍ୟବହାର ଏବଂ କଂସା କାରିଗରମାନଙ୍କର କାର୍ଯ୍ୟାବଳୀ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଅଭିଲେଖାଗାର ଅଧୀକ୍ଷକ ଡ଼. ଶେଖ୍ ସୋଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ଦପରିଚାଳନା କରିଥିଲେ। ଓଡ଼ିଶା ରାଜ୍ୟ ଅଭିଲେଖାଗାରର ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ବନାନୀ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଓଡ଼ିଶା ରାଜ୍ୟ ଅଭିଲେଖାଗାର ତରଫରୁ ପ୍ରତି ମାସରେ 'ସଂସ୍କୃତି ଚର୍ଚ୍ଚା' କାର୍ଯ୍ୟକ୍ରମ ଆୟୋଜିତ ହୋଇ ଆସୁଛି।

# ଓୟୁଟିଆର୍‌ରେ ରକ୍ତଦାନ ଶିବିର



ଭୁବନେଶ୍ୱର,୨୯।୧୦(ଅନୁରାଧା ମହାରଣା)

ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ମଙ୍ଗଳବାର ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ (ଓୟୁଟିଆର୍)ର ଏନ୍ଏସ୍ଏସ୍ ବ୍ୟୁରୋ ପକ୍ଷରୁ ଦିନିକିଆ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ରେଡକ୍ରସ ସୋସାଇଟି ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସହ ମିଳିତ ଭାବେ ଏପିଜେ ହଷ୍ଟେଲ ପରିସରରେ ଏହି ଶିବିର ଆୟୋଜନ କରିଥିଲା। ଏନ୍ଏସ୍ଏସ୍ ବିଭାଗ ୨, ୩ ଓ ୫ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର କୁଳସଚିବ ରେଣୁପ୍ରଭା ନାୟକ, ଡିନ୍ (ଗବେଷଣା ବିଭାଗ) ଶ୍ରୀବତ୍ସ ବେହେରା ଏବଂ ଏନ୍ଏସ୍ଏସ୍ ପ୍ରୋଗ୍ରାମ ସଞ୍ଚାଳକ ପ୍ରଫେସର୍ ସବିତା ଦାସ ଉଦ୍‌ଘାଟନ କରିଥିଲେ। ଏଥିସହ ୟୁନିଟ-୨ ପ୍ରୋଗ୍ରାମ ଅଫିସର ପ୍ରଫେସର୍ ରୋଜାଲିନ ଦଳାଇ, ୟୁନିଟ-୩ ପ୍ରୋଗ୍ରାମ ଅଫିସର ପ୍ରଫେସର୍ ଟ୍ୱିଙ୍କଲ କିସ୍କୁ, ୟୁନିଟ-୫ ପ୍ରୋଗ୍ରାମ ଅଫିସର ପ୍ରଫେସର୍ ଜିତେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ତଥା ଉପସ୍ଥିତ କର୍ମକର୍ତ୍ତାଙ୍କଠାରୁ ୨୫୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

# ପାନ ଦୋକାନରେ ଭଙ୍ଗାରୁଜା, ୨ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୮।୧୦(ସତ୍ୟଜିତ୍ ରାଉତ)

ପାନଦୋକାନରୁ ନେଇଥିବା ସାମଗ୍ରୀ ପାଇଁ ଟଙ୍କା ମାଗିବାରୁ ଗାଳିଗୁଲଜ କରିବା ସହ ଭଙ୍ଗାରୁଜା କରିବା ଘଟଣାରେ ମଞ୍ଚେଶ୍ୱର ଥାନା ପୋଲିସ ଦୁଇ ଯୁବକଙ୍କୁ ମଙ୍ଗଳବାର ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ସ୍ଥାନୀୟ ଅଞ୍ଚଳରେ ରହୁଥିବା କେନ୍ଦ୍ରାପଡ଼ା ଜିଲା ସଦର ଥାନା ଅଞ୍ଚଳର ସୌମ୍ୟ ରଞ୍ଜନ ରାଉତ ଓରଫ ଗୋଖା (୨୪) ଓ କଟକ ଲାଲବାଗ ଥାନା ଅଞ୍ଚଳର କାର୍ତ୍ତିକ ବେହେରା (୨୩)। ଉଭୟଙ୍କଠାରୁ ଦୁଇ ବାଇକ୍, ଆକ୍ରମଣରେ ବ୍ୟବହୃତ ଲୁହା ରଡ୍ ଓ କାଠ ଫାଳିଆ ଜବତ ହୋଇଛି। ଅଭିଯୋଗକାରୀ କିଶୋର ସେଠୀଙ୍କ ଜଗନ୍ନାଥ ଲେପ୍ରୋସି କଲୋନୀରେ ଏକ ପାନ ଦୋକାନ ଅଛି। ରବିବାର ଅପରାହ୍ନରେ କିଶୋରଙ୍କ ସ୍ତ୍ରୀ ଉକ୍ତ ଦୋକାନରେ ଥିଲେ। ଏହି ସମୟରେ ଅଭିଯୁକ୍ତଦ୍ୱୟ ସେମାନଙ୍କର ୨ ସହଯୋଗୀଙ୍କ ସହ ବାଇକ୍‌ରେ ଆସିଥିଲେ। ସେମାନେ ଦୋକାନରୁ କିଛି ସାମଗ୍ରୀ ମଧ କିଣିଥିଲେ। ମହିଳା ଜଣଙ୍କ ସେମାନଙ୍କୁ ଟଙ୍କା ମାଗିବାରୁ ଅଭିଯୁକ୍ତମାନେ ଗାଳିଗୁଲଜ କରିଥିଲେ।

# ଆଦିତ୍ୟ ଅଶ୍ୱିନୀରେ ବିଶ୍ୱ ଷ୍ଟ୍ରୋକ୍ ଦିବସ




ଭୁବନେଶ୍ୱର,୨୯।୧୦: (ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଭୁବନେଶ୍ୱରର ଆଦିତ୍ୟ ଅଶ୍ୱିନୀଠାରେ ବିଶ୍ୱ ଷ୍ଟ୍ରୋକ୍ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ଓଡିଶାର ପୂର୍ବତନ ଡିଜିପି ପ୍ରକାଶ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲାବେଳେ ଯୋଗଗୁରୁ ଅକ୍ଷୟ କୁମାର ସ୍ୱାଇଁ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଷ୍ଟ୍ରୋକର ନିରାକରଣ ଓ ବିଭିନ୍ନ ସମୟରେ କିଭଳି ଷ୍ଟ୍ରୋକ ଜୀବନର ଗତି ପଥ ବଦଳାଇ ଦେଇଥାଏ ସେ ବିଷୟରେ ବିସ୍ତୃତ ଭାବେ ଉଭୟ ମତବ୍ୟକ୍ତ କରିଥିଲେ। ସେହିଭଳି ଅଶ୍ୱିନୀ ଗ୍ରୁପର ଚେୟାରମ୍ୟାନ ଡା. ସୁବ୍ରତ ଜେନା ଏବଂ ଏମ୍‌ଡି ଡା. ମାୟା ଗନ୍ତାୟତ ଷ୍ଟ୍ରୋକର ବିଭିନ୍ନ ଦିଗ ଓ ଉପକାରିତା ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେହିପରି ଡା. ସୌମ୍ୟରଞ୍ଜନ ପ୍ରଧାନ ଷ୍ଟ୍ରୋକର ଠିକ୍ ଚିକିତ୍ସା ଓ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ଆଦି ବିଷୟରେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶ୍ୱିନୀ ଗ୍ରୁପର ନିର୍ଦ୍ଦେଶକ (ଅର୍ଥ) ସୁମା ଦେବୀ ଦାସ, ନିର୍ଦ୍ଦେଶକ (ଏସ) ଜୟ ଦାସ, ଡା ମାନସ ରଞ୍ଜନ ସ୍ୱାଇଁ, ସଞ୍ଜୟ ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ଜନସେଚତନତା ରାଲିର ଆୟୋଜନ କରାଯାଇଥିଲା, ଯେଉଁଥିରେ ଉଭୟ ମେଡିକାଲ କର୍ମଚାରୀ ଓ ଅନ୍ୟମାନେ ସାମିଲ ହୋଇଥିଲେ।

# ୨ ମାସ ହେବ ଲୋକଙ୍କୁ ମିଳୁନି ସେବା

**ପଡ଼ିରହିଛି ୧୦୦୦ରୁ ଅଧିକ ଦାଖଲଖାରଜ ମାମଲା**

ଗୋପ,୨୯।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

ଦୈନନ୍ଦିନ ସାଧାରଣ ଲୋକେ ଗୋପ ତହସିଲ କାର୍ଯ୍ୟାଳୟକୁ ଆସି ନିରାଶ ହୋଇ ଫେରୁଛନ୍ତି। ୨ ମାସ ଧରି କୌଣସି ସରକାରୀ କାର୍ଯ୍ୟ ଠିକ୍ ଭାବରେ ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ନୂତନ ଭାବେ ଯୋଗ ଦେଇଥିବା ତହସିଲଦାର ଅନିଲ ମହାନ୍ତି ଦାଖଲ ଖାରଜ ମାମଲା ସହିତ ଅନ୍ୟାନ୍ୟ କାର୍ଯ୍ୟ ନ କରିବାରୁ ଏପରି ଅବସ୍ଥା ଦେଖାଦେଇଥିବା ଭଳି ଅଭିଯୋଗ ଆସିଛି। ଫଳରେ ଗୋପ ତହସିଲ କାର୍ଯ୍ୟାଳୟ ଅଧୀନରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ଗୋପ ତହସିଲଦାର ରଞ୍ଜନ ପରିଡ଼ାଙ୍କ ହଠାତ୍ ବଦଳି ହେବା ପରେ ନୂତନ ତହସିଲଦାର ଭାବେ ମହାନ୍ତି ଯୋଗଦେଇଥିଲେ। କିନ୍ତୁ ତହସିଲଦାର ଯୋଗ ଦେବାଠାରୁ ଏ ପର୍ଯ୍ୟନ୍ତ କୌଣସି ସାଧାରଣ ଲୋକଙ୍କ କାର୍ଯ୍ୟ ହୋଇ ପାରୁନାହିଁ। ଓଡ଼ିଶା ଭୂସଂସ୍କାର ଆକ୍ଟର ୧୯ ଏସି ଓ ୮(୧) ଗ ଅନୁସାରେ ଜମି ପୃଥକୀକରଣ, କିସମ ପରିବର୍ତ୍ତନ, କୃଷି ଜମିକୁ ଘରବାରି ପରିବର୍ତ୍ତନ କରିବା ମୋକଦ୍ଦମା ସହିତ ମାପ ଚିହ୍ନଟ ମୋକଦ୍ଦମା ଆଦି ବହୁ ସଂଖ୍ୟାରେ ପଡ଼ିରହିଛି। ସେହିପରି ଅନେକ ମିସ୍ କେଶ ଆକାରରେ ଅନେକ ମୋକଦ୍ଦମା ବିଚାରାଧୀନ ରହିଛି। ୧୯(୧)ସି ମୋକଦ୍ଦମାଗୁଡ଼ିକରେ ଭାଇଭାଗ ବଣ୍ଟନ ମୋକଦ୍ଦମା ହୋଇପାରୁ ନ ଥିବାବେଳେ ଶହ ଶହ ସାଧାରଣ ଲୋକେ ଫେରୁଥିବା ଜଣାପଡ଼ିଛି। ସାଧାରଣ ଲୋକ ଯେପରି ଜମିବାଡ଼ି ସମ୍ପର୍କିତ ବିଭିନ୍ନ କ୍ଷେତ୍ରରେ ହଇରାଣ ନ ହେବେ, ଜମିବାଡ଼ି ପଟ୍ଟା ୨୪ ଘଣ୍ଟା ମଧ୍ୟରେ ଡାକ ଯୋଗେ ଘରେ ପହଞ୍ଚିବା ଭଳି ନିର୍ଦ୍ଦେଶ ରହିଥିଲେ ମଧ୍ୟ ତାହା ଗୋପ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏପରି ଏକ ବିବାଦୀୟ ଅଭିଯୋଗକୁ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ନିକଟରେ ଅଭିଯୋଗ ହେବା ପରେ ୩୦ ତାରିଖ ବୁଧବାର ମନ୍ତ୍ରୀ ଏ ସମ୍ପର୍କରେ ବୈଠକ ଡାକିଥିଲେ। ମାତ୍ର କୌଣସି କାରଣକୁ ନେଇ ରାଜସ୍ୱ ବିଭାଗ ଚିଠି ନଂ. ୩୭୨୯୧, ତା.୨୯।୧୦।୨୦୨୪ରେ ବାତିଲ ହେବା ପରେ ବୁଧବାର ପୁରୀ ଜିଲାପାଳଙ୍କ ନିକଟରେ ଏ ସମ୍ପର୍କରେ ସମୀକ୍ଷା କରାଯିବ ବୋଲି ଜଣାପଡ଼ିଛି। ଗୋପ ତହସିଲ କାର୍ଯ୍ୟାଳୟ ଅଧୀନରେ ୧୪ଟି ସର୍କଲ ରହିଥିବାବେଳେ ସେହିସବୁ ସର୍କଲ ଶତାଧିକ ଦାଖଲଖାରଜ ମକଦ୍ଦମା ମଧ୍ୟ ପଡ଼ିରହିଛି। ଏ ସମ୍ପର୍କରେ ତହସିଲଦାର ମହାନ୍ତିଙ୍କୁ ପଚାରିବାରେ, ଖୁବ୍‌ଶୀଘ୍ର ଏହିସବୁ ମୋକଦ୍ଦମା ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି।

# ମହାବାତ୍ୟାକୁ ମନେପକାଇ ବ୍ଲକ ପ୍ରଶାସନର ସଚେତନତା



ଗୋପ ବ୍ଲକ ବୈଠକ ଗୃହରେ ଅନୁଷ୍ଠିତ ସଚେତନତା ସମାରୋହରେ ଅତିଥିଙ୍କ ସହ ପିଲାମାନେ ।

ଗୋପ,୨୯।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

୧୯୯୯ ପ୍ରଳୟଙ୍କରୀ ମହାବାତ୍ୟାର କଥା ଏବେ ବି ଆମ ମନରୁ ନ ଲିଭି ଥିବାବେଳେ ଆମେ ଅଧିକ ସଚେତନ ହେବା ସହ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବାକୁ ପଡ଼ିବ। ଗୋପ ବ୍ଲକ ବୈଠକ ଗୃହରେ ମଙ୍ଗଳବାର ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ ଯୋଗଦେଇ ଉପସ୍ଥିତ ଜନ ପ୍ରତିନିଧି ଓ ଛାତ୍ରୀଛାତ୍ରଙ୍କୁ ଏହା କହିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅତିରିକ୍ତ ବିଡିଓ ଦୀପକ ଜେନା, ପ୍ରାଣୀ ଚିକିତ୍ସକ ରଞ୍ଜନ ସାହୁଙ୍କ ସହିତ ଅନ୍ୟ ଅତିଥିମାନେ ଯୋଗଦେଇଥିଲେ। ଏହି ଅବସରରେ ସରପଞ୍ଚ ଶୀର୍ଷ ରଞ୍ଜନ ନାୟକ, ଜଗବନ୍ଧୁ ବରାଳ, ଉପେନ୍ଦ୍ର କାନୁନ୍‌ଗୋ, ତପନ କୁମାର ବରାଳଙ୍କ ସହିତ ଅନ୍ୟ ଲୋକ ପ୍ରତିନିଧିମାନେ ବିଗତ ଦିନର ସେହି ମହାବାତ୍ୟା ସହିତ ୨୪ ବର୍ଷ ମଧ୍ୟରେ ଘଟି ଯାଇଥିବା ଆହୁରି ୧୩ଟି ବାତ୍ୟା ସମ୍ପର୍କରେ ମତାମତ ଦେଇଥିଲେ। ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଛାତ୍ରୀଛାତ୍ର ଯୋଗଦେଇ ବାତ୍ୟା ପ୍ରବଣ ଆମ ଅଞ୍ଚଳ ବାତ୍ୟା ସମୟରେ କିପରି ନିଜକୁ ସୁରକ୍ଷିତ ରଖିବା ସହ ପରିବାର ଓ ଅନ୍ୟମାନଙ୍କୁ ସୁରକ୍ଷା ଦେଇହେବ ତା' ଉପରେ ସୂଚନା ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ୍ ଦେଇ ବ୍ଲକ ପକ୍ଷରୁ ସମ୍ମାନିତ କରାଯାଇଥିଲା।

# ଚୋରା ବିସ୍ଫୋରକ ସାମଗ୍ରୀରେ ତିଆରି ହେଉଛି ବେଆଇନ ବାଣ

ନିମାପଡ଼ା,୨୯।୧୦(ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଥାନା ଅଞ୍ଚଳରେ ଛତୁ ଫୁଟିଲା ଭଳି ବେଆଇନ ବାଣ ପ୍ରସ୍ତୁତ କରାଯାଉଛି। ଏଠାରେ ସରକାରୀ ସ୍ୱୀକୃତିପ୍ରାପ୍ତ ବାଣ ତିଆରି କାରଖାନା ନାହିଁ। କିନ୍ତୁ କେତେଜଣ ଅସାଧୁ ଲୋକ ବେଆଇନ ଭାବେ ଚୋରା ବିସ୍ଫୋରକ ସାମଗ୍ରୀ ସହାୟତାରେ ମାରାତ୍ମକ ବାଣ ପ୍ରସ୍ତୁତ କରୁଥିବା ଦେଖିବାକୁ ମିଳୁଛି। ଦୀପାବଳି ପୂର୍ବରୁ ବାଣ ବେପାର ନାଁରେ ଅସାଧୁ ବ୍ୟବସାୟୀ ଜଟଣୀ, ବ୍ରହ୍ମପୁର ଆଦି ଅଞ୍ଚଳ ସହିତ ସ୍ଥାନୀୟ ବଜାରରୁ ଅତି ଶସ୍ତାରେ ନିମ୍ନମାନର ବିସ୍ଫୋରକ ସାମଗ୍ରୀ କ୍ରୟ କରି ବାଣ ପ୍ରସ୍ତୁତ କରୁଛନ୍ତି। ଏହିସବୁ ବାଣରେ ପ୍ରସ୍ତୁତକର୍ତ୍ତାଙ୍କ ନାମ, ମ୍ୟାନୁଫାକ୍ଚର ଓ ଏକ୍ସପାରି ତାରିଖ ମଧ୍ୟ ରହୁନାହିଁ। ଏହି ଅସାଧୁ ବାଣ ପ୍ରସ୍ତୁତ କରୁଥିବା ବ୍ୟବସାୟୀ ଅତି ସହଜରେ ଲକ୍ଷାଧିକ ଟଙ୍କାର ବାଣ ବିକ୍ରି କରି ଭଲ ୨ ପଇସା ରୋଜଗାର କରୁଛନ୍ତି। ଏହାଦ୍ୱାରା ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି। ନିମାପଡ଼ା ଥାନା ଅଧୀନରେ ୧୦ରୁ ୧୫ଟି ସ୍ଥାନରେ ଏଭଳି ବେଆଇନ ବାଣ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ଗତ ଭଉଁରୀ ସମୟରେ ପୁରୀ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ବାଣ ବିସ୍ଫୋରଣ ଘଟଣା ଏବେବି ମନରୁ ଲିଭିନାହିଁ। ଖାଲି ସେତିକି ନୁହେଁ, ବେଆଇନ ବାଣ ବିସ୍ଫୋରଣରେ ଅତୀତରେ ନିମାପଡ଼ା ଅଞ୍ଚଳରେ ଅନେକ ଜୀବନ ହାନି ଘଟିଛି। ଦିନକ ପରେ ଦୀପାବଳି। ସ୍ଥାନୀୟ ପୋଲିସ ଏଥିପ୍ରତି ଗୁରୁତ୍ୱ ଦେଇ ତୁରନ୍ତ ବେଆଇନ ବାଣ ପ୍ରସ୍ତୁତ ହେଉଥିବା ସ୍ଥାନରେ ଚଢ଼ାଉ କରିବାକୁ ସଚେତନ ନାଗରିକମାନେ ଅନୁରୋଧ କରିଛନ୍ତି।

# ଫାଇନାଲରେ ପୁରୀ ଏସ୍‌ସିଏସ୍, ନହରକଣ୍ଟା ଜୟଦେବ



ଖେଳାଳିମାନଙ୍କ ସହ ଅତିଥିମାନେ କରମର୍ଦ୍ଦନ କରୁଛନ୍ତି ।

**ଆନ୍ତଃ ମହାବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ ପୁରୁଷ କବାଡ଼ି ଟୁର୍ନାମେଣ୍ଟ**

ବଳଙ୍ଗା,୨୯।୧୦(କେଦାରେଶ୍ୱର ନନ୍ଦ)

ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ କ୍ରୀଡ଼ା ପରିଷଦ ସହାୟତାକ୍ରମେ ବଳଙ୍ଗା ମହାବିଦ୍ୟାଳୟରେ ମଙ୍ଗଳବାର ଆନ୍ତଃ ମହାବିଦ୍ୟାଳୟ ପୁରୁଷ କବାଡ଼ି ଟୁର୍ନାମେଣ୍ଟ (୩ୟ ଜୋନ) ଅନୁଷ୍ଠିତ ହୋଇଯାଇଛି। ସୂଚିତ ୩୭ଟି ମହାବିଦ୍ୟାଳୟ ମଧ୍ୟରୁ ୧୭ଟି ମହାବିଦ୍ୟାଳୟର ପ୍ରତିଯୋଗୀ ଦଳ ଏଥିରେ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷ ପ୍ରଭାତ କୁମାର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ପ୍ରଫେସର ବିଜୟ କୁମାର ସୁନ୍ଦରାୟ ଯୋଗଦେଇଥିଲେ। ଅତିଥି ରୂପେ ବିଶ୍ୱବିଦ୍ୟାଳୟ ଅଧିକାରୀ ପ୍ରଶାନ୍ତ ମହାନ୍ତି, କ୍ରୀଡ଼ା ଅଧ୍ୟାପକ ଜିତେନ୍ଦ୍ର ସାମନ୍ତରାୟ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟ ମଧ୍ୟରେ ହଳଦିଆ କଲେଜ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ମହର୍ଷି କଲେଜ, ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ, ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ସୁରଜମଲ୍ଲ ଶାହା କଲେଜ, ପିପିଲି ମହାବିଦ୍ୟାଳୟ, ନୀହାର ଓଲଟପୁର, ଗୋଦାବରୀଶ ମହାବିଦ୍ୟାଳୟ, ବାଲୁଗାଁ କଲେଜ, ଜୟଦେବ ଡିଗ୍ରୀ ମହାବିଦ୍ୟାଳୟ, ୟୁଏନ୍ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଆଦି ଯୋଗଦେଇଥିଲେ। ଶିକ୍ଷା ଅଧ୍ୟାପକ ନୀଳକଣ୍ଠ ମିଶ୍ର, କ୍ରୀଡ଼ା ଅଧ୍ୟାପକ ୟାମିନ ରାଜା ଖାଁ ଟୁର୍ନାମେଣ୍ଟରେ ସହଯୋଗ କରିଥିଲେ। ଡେମନ୍‌ଷ୍ଟ୍ରେଟର ଭାବେ ଚନ୍ଦ୍ରକାନ୍ତ ମିଶ୍ର, ସଞ୍ଜୀବ ମହାନ୍ତି ପ୍ରମୁଖ ଅତିଥିମାନେ ପୃଥକ୍ ପୃଥକ୍ ଭାବେ ପ୍ରତିଯୋଗୀଙ୍କୁ କ୍ରୀଡ଼ାକୁ ପାଥେୟ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଡ. ପ୍ରଦୋଷ ପତି ସଭା ସଞ୍ଚାଳନ କରିଥିଲେ। ଖେଳରେ ଏସ୍‌ସିଏସ୍ ମହାବିଦ୍ୟାଳୟ, ପୁରୀ ଓ ଜୟଦେବ ଡିଗ୍ରୀ କଲେଜ୍, ନହରକଣ୍ଟା ଫାଇନାଲକୁ ଉନ୍ନୀତ ହୋଇଛନ୍ତି।

# ଧନ୍ୱନ୍ତରୀ ଜୟନ୍ତୀ, ନବମ ଜାତୀୟ ଆୟୁର୍ବେଦ ଦିବସ

ପୁରୀ,୨୯।୧୦(ଅଜିତ୍ କୁମାର ମହାନ୍ତି)

ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଠାରେ ଆୟୋଜିତ ଧନ୍ୱନ୍ତରୀ ଜୟନ୍ତୀ ଓ ନବମ ଜାତୀୟ ଆୟୁର୍ବେଦ ଦିବସ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନ ସୋମବାର ମହାବିଦ୍ୟାଳୟ ପରିସରରେ ଥିବା ଭେଷଜ ଉଦ୍ୟାନରେ ବିଭିନ୍ନ ପ୍ରକାର ଔଷଧୀୟ ଚାରା ରୋପଣ କରାଯାଇଥିଲା। ସେହିପରି ବୈଶ୍ୱିକ ସ୍ୱାସ୍ଥ୍ୟରେ ଆୟୁର୍ବେଦର ଭୂମିକା ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଉକ୍ତ ଆଲୋଚନାଚକ୍ରରେ ରାଜ୍ୟ ତଥା ରାଜ୍ୟ ବାହାରୁ ବିଶିଷ୍ଟ ଆୟୁର୍ବେଦବିତ୍‌ମାନେ ଅଂଶଗ୍ରହଣ କରିଥିଲେ। ଡ. ନାରାୟଣ ଚନ୍ଦ୍ର ଦାଶ, ଡ. ରାମକୃଷ୍ଣ ପାଣିଗ୍ରାହୀ, ଡ. କୈଳାସ ଭୂଷଣ ମହାପାତ୍ର ପ୍ରମୁଖ ନିଜ ନିଜର ମତ ଉପସ୍ଥାପନ କରିଥିଲେ।

ସେହିଭଳି ମଙ୍ଗଳବାର ଦ୍ୱିତୀୟ ଦିବସରେ ଏକ ଆୟୁର୍ବେଦ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ମହାବିଦ୍ୟାଳୟଠାରୁ ବାହାରି ଗାନ୍ଧୀ ସ୍ମୃତିପୀଠ ପର୍ଯ୍ୟନ୍ତ ଯାଇଥିଲା। ଏହି ଶୋଭାଯାତ୍ରାରେ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେହିପରି ଧନ୍ୱନ୍ତରୀ ଜୟନ୍ତୀ ଉପଲକ୍ଷେ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଥିବା ଧନ୍ୱନ୍ତରୀ ଦେବୀଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡ. ଅରୁଣ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଏକ ଭଜନ ସମାରୋହ ଆୟୋଜିତ ହୋଇଥିଲା।

# ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ନୂତନ କନିଷ୍ଠ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ପିପିଲି,୨୯।୧୦(ଦୁର୍ଗାମାଧବ ମିଶ୍ର)

ପିପିଲି ବ୍ଲକରେ ନୂତନ ଭାବେ ନିଯୁକ୍ତି ପାଇଥିବା ୩୨ ଜଣ କନିଷ୍ଠ ଶିକ୍ଷକଙ୍କୁ ମଙ୍ଗଳବାର ନୂତନ ବିଇଓ ଅଫିସ୍‌ଠାରେ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ବିଇଓ କାର୍ଯ୍ୟାଳୟ ସହ ପ୍ରାଥମିକ ଶିକ୍ଷକ ସଂଘ(ଏନ୍‌ପିଏସ୍)ର କର୍ମକର୍ତ୍ତା ସହଯୋଗ କରିଥିଲେ। ମଣ୍ଡଳ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଏବିଇଓ ସାହେବ ପାତ୍ର, ରାଜ୍ୟ ସଂଘ ମହାସଚିବ ବିକ୍ରମ ରଥ, ବ୍ଲକ ସଂଘ ସଭାପତି ଜୟପ୍ରକାଶ ପ୍ରଧାନ, ସଂଘ କର୍ମକର୍ତ୍ତା ଦୁଷ୍ମନ୍ତ ବଳିୟାରସିଂ, ସନ୍ତୋଷ ନାୟକ, ଅଭିମନ୍ୟୁ ଦାସ, ବିଚ୍ଛନ୍ଦ ମହାପାତ୍ର, ସଂଯୁକ୍ତା ମହାପାତ୍ର, ମମତାଜ ବେହେରା, କଳ୍ପନା ମିଶ୍ର, ରଶ୍ମିତା ମହାରଥୀ, ସିଆର୍‌ସିସି ଚିନ୍ତାମଣି ଓଝା, ରମେଶ ଦାସ, ରଶ୍ମି ରଞ୍ଜନ ସେଠୀ, ଜନାର୍ଦ୍ଦନ ମଲ୍ଲିକ, କୃଷ୍ଣଚନ୍ଦ୍ର ମିଶ୍ର, ବୈକୁଣ୍ଠ ବିଶ୍ୱାଳ, ଅକ୍ଷୟ ନାୟକ, ବଟକୃଷ୍ଣ ସାହୁ, ଅଶୋକ ପରିଡ଼ା, ତପନ ବେହେରା, ବିଇଓ ଅଫିସର ମୁଖ୍ୟ କିରାଣି ମହେନ୍ଦ୍ର ଦାସ, ଆକାଉଣ୍ଟାଣ୍ଟ ଆଶୁତୋଷ ମିଶ୍ର ଏବଂ ସମସ୍ତ କର୍ମକର୍ତ୍ତା ଯୋଗଦେଇ ବ୍ଲକରେ ବିଭିନ୍ନ ବିଦ୍ୟାଳୟରେ ନୂତନ ଭାବେ ଯୋଗଦେଇଥିବା ୩୨ଜଣ କନିଷ୍ଠ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ମଣ୍ଡଳ ଶିକ୍ଷା ଅଧିକାରୀ ନନ୍ଦ କହିଥିଲେ, ଏହି ନୂତନ ନିଯୁକ୍ତି ଫଳରେ ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ବହୁ ମାତ୍ରାରେ ହ୍ରାସ ପାଇଛି। ସେହି ଶିକ୍ଷୟିତ୍ରୀ ଶିକ୍ଷକ ନିଷ୍ଠାର ସହ କାର୍ଯ୍ୟ କଲେ ପିଲାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ। ନୂତନ ଶିକ୍ଷୟିତ୍ରୀ ଶିକ୍ଷକ ଏହି ନିଯୁକ୍ତିରେ ଖୁସି ବ୍ୟକ୍ତ କରିବା ସହ ଶିକ୍ଷାଦାନକୁ ଆଗେଇ ନେବାକୁ ସଂକଳ୍ପ ବୋଲି କହିଥିଲେ। ଜୟପ୍ରକାଶ ପ୍ରଧାନ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସଂଯୁକ୍ତା ମହାପାତ୍ର ଧନ୍ୟବାଦ ଦେଇଥିଲେ।




# ୨ ଶିକ୍ଷକ, ଛାତ୍ରୀଛାତ୍ର, ରୋଷେୟାଙ୍କୁ ଆକ୍ରମଣ

- ବିଦ୍ୟାଳୟରେ ପଶି ଯୁବକଙ୍କ ଉନ୍ମତ୍ତ କାଣ୍ଡ
- ଶ୍ରେଣୀଗୃହରେ ତାଲା ପକାଇଲେ

ନିମାପଡ଼ା,୨୯।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଧଳେଶ୍ୱର ପଞ୍ଚାୟତର ବୁଧେଇ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଜଣେ ଯୁବକ ପଶି ଉନ୍ମତ୍ତ କାଣ୍ଡ ଘଟାଇଛନ୍ତି। ଯୁବକ ଜଣଙ୍କ ଶିକ୍ଷକ, ଛାତ୍ରୀଛାତ୍ର, ରୋଷେୟାଙ୍କୁ ମାଡ଼ ମାରିବା, ଗାଳିଗୁଲଜ କରିବା ସହ ଶ୍ରେଣୀଗୃହରେ ତାଲା ପକାଇଥିବା ଜଣାପଡ଼ିଛି। ଏଥିରେ ଛାତ୍ରୀଛାତ୍ର ଭୟଭୀତ ହୋଇ ସ୍କୁଲ ଛାଡ଼ି ପଳାଇ ଯାଇଥିଲେ। ଯୁବକଙ୍କ ଆକ୍ରମଣରେ ସ୍କୁଲର ରୋଷେୟା ସବିତା ଭୋଳ ଆହତ ହୋଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଭାତୀ ଭୋଇ, ଅନ୍ୟ ସଦସ୍ୟ ସ୍ଥାନୀୟ ୱାର୍ଡ ସଭ୍ୟ ଗୋବିନ୍ଦ ଚନ୍ଦ୍ର ବେହେରା ପ୍ରମୁଖ ନିମାପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ କାବୁ କରି ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଯୁବକ ଜଣକ ହେଲେ ବୁଧେଇ ଗ୍ରାମର ସୁମନ୍ତ ଭୋଇ।

ମଙ୍ଗଳବାର ବିଦ୍ୟାଳୟ ଚାଲିଥିବାବେଳେ ସୁମନ୍ତ ହଠାତ୍ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ ବଳ ଓ ଅନ୍ୟଜଣେ ଶିକ୍ଷକ ସୌରଭ ସ୍ୱାଇଁ, ରୋଷେୟା ସବିତା ଭୋଳଙ୍କ ସମେତ କେତେଜଣ ଛାତ୍ରୀଛାତ୍ରଙ୍କୁ ଠେଲାପେଲା କରି ମାଡ଼ ମାରିବା ସହ ଖରାପ ଭାଷାରେ ଗାଳିଗୁଲଜ କରି ଧମକଚମକ ଦେଇଥିଲେ। ପରେ ସେ କ୍ରୋଧାନ୍ୱିତ ହୋଇ ବିଦ୍ୟାଳୟ ଗୃହରେ ତାଲା ପକାଇ ଦେଇଥିଲେ। ବିଦ୍ୟାଳୟରେ ସୁମନ୍ତଙ୍କ ଏପରି କାର୍ଯ୍ୟକଳାପରେ ଛାତ୍ରୀଛାତ୍ର ଭୟଭୀତ ହୋଇ ବିଦ୍ୟାଳୟ ଛାଡ଼ି ପଳାଇଥିଲେ। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ବଳ ଓ ଶିକ୍ଷକ ସ୍ୱାଇଁଙ୍କୁ ପଚାରିବାରେ, ସୁମନ୍ତ ହଠାତ୍ ଶ୍ରେଣୀଗୃହକୁ ପଶି ଆସି ସମସ୍ତଙ୍କୁ ଗାଳିଗୁଲଜ କରି ମାଡ଼ ମାରି ରୋଷେୟା, ଛାତ୍ରୀଛାତ୍ରଙ୍କୁ ଠେଲାପେଲା କରିଥିଲେ। ଏନେଇ ସେମାନେ ବିଇଓ ଓ ସିଆର୍‌ସିସିଙ୍କୁ ଅବଗତ କରିଥିବା କହିଛନ୍ତି। ଏ ବାବଦରେ ବିଇଓ ଦ୍ୱିତିକାନ୍ତ ପ୍ରଧାନଙ୍କୁ ପଚାରିବାରେ ସେ ସିଆର୍‌ସିସିଙ୍କଠାରୁ ଘଟଣା ସମ୍ପର୍କରେ ଖବର ପାଇଛନ୍ତି। ସିଆର୍‌ସିସିଙ୍କୁ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବା ବିଇଓ ପ୍ରଧାନ କହିଛନ୍ତି। ବିଦ୍ୟାଳୟରେ ଯୁବକଙ୍କ ଏଭଳି କାଣ୍ଡକୁ ପରିଚାଳନା କମିଟି ସଦସ୍ୟ, ବିଦ୍ୟାଳୟ ଶିକ୍ଷକ, ଅଭିଭାବକଙ୍କ ସମେତ ବିଭିନ୍ନ ମହଲରୁ ତୀବ୍ର ନିନ୍ଦା କରାଯାଇଛି। ରିପୋର୍ଟ ଲେଖାଯିବା ବେଳକୁ ଥାନାରେ ଏ ସମ୍ପର୍କରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

# ପ୍ରତିକୂଳ ପାଗ ଯୋଗୁ ଚିନ୍ତାରେ ବାଣ ବ୍ୟବସାୟୀ



**ଅସ୍ତରଙ୍ଗରେ ଖୋଲିଲା ଅସ୍ଥାୟୀ ବାଣ ବଜାର**

ଅସ୍ତରଙ୍ଗ,୨୯।୧୦(ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗରେ ମଙ୍ଗଳବାରଠାରୁ ବାଣ ବଜାର ଖୋଲିଛି। ତେବେ ବେପାର କେତେକାଂଶରେ ମାନ୍ଦା ହୋଇଥିବାରୁ ବ୍ୟବସାୟୀମାନେ ଚିନ୍ତାରେ ପଡ଼ିଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ଚଳିତବର୍ଷ ୧୦ଲକ୍ଷ ଟଙ୍କାର ବ୍ୟବସାୟ ହେବାକୁ ଲକ୍ଷ୍ୟ ରଖାଯାଇଛି। ୨୦୨୩ ମସିହାରେ ଅସ୍ତରଙ୍ଗ ୟୁନିୟନ ବ୍ୟାଙ୍କ ନିକଟରେ ବାଣ ବଜାର ଖୋଲା ଯାଇଥିଲା। ହେଲେ ବାଣ ବ୍ୟବସାୟ ସମୟରେ ମୁଖ୍ୟ ରାସ୍ତାରେ ଯାତାୟାତ ସମସ୍ୟା ନେଇ ଅଭିଯୋଗ ହୋଇଥିଲା। ଶସ୍ତାରେ ବାଣ କିଣିନେବା ପାଇଁ ଗ୍ରାମାଞ୍ଚଳ ଗ୍ରାହକଙ୍କ ଅସ୍ତରଙ୍ଗମୁହାଁ ହେଉଥିବା ଯୋଗୁ ଅସ୍ତରଙ୍ଗ ବଜାର ଠାରୁ ବାଣ ଷ୍ଟଲ ପର୍ଯ୍ୟନ୍ତ ଯାନବାହନ ଚଳାଚଳ ଓ ଲୋକଙ୍କ ଯାତାୟାତରେ ଅସମ୍ଭବ ଭିଡ଼ ହେଉଥିଲା। ଚଳିତବର୍ଷ ୭ରୁ ୧୦ ଜଣ ବ୍ୟବସାୟୀଙ୍କୁ ବେପାର କରିବା ଲାଗି ପ୍ରଶାସନ ପକ୍ଷରୁ ୩ଦିନ ପାଇଁ ଅସ୍ଥାୟୀ ଅନୁମତି ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ମଙ୍ଗଳବାର ସକାଳୁ ବର୍ଷା ଜାରି ରହିଥିବାରୁ ବାଣ ଦୋକାନ ଖାଲି, ବ୍ୟବସାୟୀ ଚିନ୍ତାରେ। ଦିନକ ପରେ ଦୀପାବଳି, ହେଲେ ଆରମ୍ଭ ହୋଇନି ବାଣ ବିକ୍ରି। ଅସ୍ତରଙ୍ଗ କଲେଜ ରୋଡ୍‌ରେ ବାଣ ଦୋକାନ ଖୋଲିଥିବା ବେଳେ ପ୍ରତିକୂଳ ପାଗ ଫଳରେ ବେପାର ମାନ୍ଦା ପଡ଼ିଥିବା ବାଣ ବ୍ୟବସାୟୀ ସୂଚନା ଦେଇଛନ୍ତି। ଚଳିତ ବର୍ଷ ଭଲ ବାଣ ବେପାର ହେବ ବୋଲି କେତେଜଣ ବ୍ୟବସାୟୀ ଆଶାବ୍ୟକ୍ତ କରିଛନ୍ତି।

# ଓର୍‌ମାସ୍ ପକ୍ଷରୁ ବଡ଼ଶଙ୍ଖରେ ୨ ଷ୍ଟଲ୍

ପୁରୀ,୨୯।୧୦(ଅଜିତ୍ କୁମାର ମହାନ୍ତି)

ଗୁରୁବାର ଆଲୋକର ପର୍ବ ଦୀପାବଳି। ଏହି ପର୍ବ ପାଳନ କରିବା ନିମନ୍ତେ ସମସ୍ତଙ୍କ ମନରେ ଉତ୍ସାହ ଭରିରହିଛି। ଏହି ପରିପ୍ରେକ୍ଷୀରେ ଓର୍‌ମାସ୍ ଦ୍ୱାରା ଦୀପାବଳି ଉତ୍ସବ-୨୦୨୪ ଆୟୋଜିତ ହେଉଛି। ଏଥିସହ ବଡ଼ଶଙ୍ଖ ଛକରେ ଅକ୍ଟୋବର ୨୮ରୁ ନଭେମ୍ବର ୧ ପର୍ଯ୍ୟନ୍ତ ୨ଟି ଷ୍ଟଲ୍ ଖୋଲାଯାଇଛି। ଏହି ଷ୍ଟଲ୍‌ଗୁଡ଼ିକରେ ପୁରୀର ମହିଳାମାନଙ୍କ ସାମୂହିକ ଉଦ୍ୟମ ଦ୍ୱାରା ହାତତିଆରି ଗୋବର ଦୀପ, ମାଟି ଦୀପ, ବିଭିନ୍ନ ପ୍ରକାରର ତେଲ, ଅଗରବତୀ ଏବଂ ଅନ୍ୟାନ୍ୟ ହସ୍ତଶିଳ୍ପ ଉପଲବ୍ଧ ଅଛି। ଏହି ସାମଗ୍ରୀଗୁଡ଼ିକ ଏସ୍‌ଏଚ୍‌ଜି ସଦସ୍ୟାମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି ବୋଲି ଓର୍‌ମାସ୍ ଜିଲା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।




ଓରମାସ୍ ପକ୍ଷରୁ ଖୋଲିଥିବା ଷ୍ଟଲରେ ଲୋକମାନେ ବୁଲୁଛନ୍ତି ।

# ଦୁର୍ନୀତି ବିରୋଧରେ ଶପଥପାଠ

**ଭିଜିଲାନ୍ସ ସଚେତନତା ସପ୍ତାହ**

କାକଟପୁର/ଅସ୍ତରଙ୍ଗ,୨୯।୧୦
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ପରିସରରେ ଭିଜିଲାନ୍ସ ସଚେତନତା ସପ୍ତାହ-୨୦୨୪ ସୋମବାର ପାଳିତ ହୋଇଯାଇଛି। ଏନେଇ ବ୍ଲକ ପରିସରରେ ବ୍ଲକର ସମସ୍ତ କର୍ମଚାରୀ ଶପଥପାଠ କରିଥିଲେ। ଏବିଡିଓ ଯୋଗେନ୍ଦ୍ର ମହାକୁଡ଼ଙ୍କ ସହ ବ୍ଲକର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସେହିଭଳି ଅସ୍ତରଙ୍ଗ ତହସିଲ କାର୍ଯ୍ୟାଳୟରେ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ଅତିରିକ୍ତ ତହସିଲଦାର ପ୍ରଭୁ ପ୍ରସାଦ ପଣ୍ଡାଙ୍କ ସହ ତହସିଲର ଅନ୍ୟ କର୍ମଚାରୀ ଶପଥପାଠ କରିଥିଲେ। ଅନ୍ୟପଟେ ମିଶନ ଗୃହରେ ମିଶନ ଶକ୍ତି ସଂଯୋଜିକା ନିବେଦିତା ଦୀକ୍ଷିତଙ୍କ ଉପସ୍ଥିତିରେ ବିଭିନ୍ନ ପଞ୍ଚାୟତ ସଭାନେତ୍ରୀ ଓ ମିଶନ ଶକ୍ତି ମହିଳା ଶପଥପାଠ କରିଛନ୍ତି। ସିଡିପିଓଙ୍କ କାର୍ଯ୍ୟାଳୟ ପରିସରରେ ସୁପରଭାଇଜର ଲକ୍ଷ୍ମୀ ନାୟକ, ନିବେଦିତା ସେନାପତି, ନିବେଦିତା ଦୀକ୍ଷିତ, ରାଜସ୍ମିତା ସେଠୀ, ନମିତା ନାୟକ, ସସ୍ମିତା ରଥଙ୍କ ସହ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି କାକଟପୁର ତହସିଲଦାର ଅଙ୍କିତା ଅନିନ୍ଦିତାଙ୍କ ଉପସ୍ଥିତିରେ ତହସିଲ କର୍ମଚାରୀ ଶପଥପାଠ କରିଥିଲେ। ଏହି ଶପଥପାଠ ମଧ୍ୟରେ ଜୀବନରେ ପ୍ରତ୍ୟେକ କ୍ଷେତ୍ରରେ ସଚୋଟତା ଏବଂ ଆଇନର ଶାସନକୁ ଅନୁପାଳନ, ଉତ୍କୋଚ ନେବା ନାହିଁ କିମ୍ବା ଦେବା ନାହିଁ, ସମସ୍ତ ଦାୟିତ୍ୱକୁ ସାଧୁତା ଏବଂ ସ୍ୱଚ୍ଛତାର ସହ ସମ୍ପାଦନ କରିବା, ଜନସାଧାରଣଙ୍କ ହିତ ସାଧନ ପାଇଁ କାର୍ଯ୍ୟ କରିବା, ନିଜ ବ୍ୟକ୍ତିଗତ ଆଚରଣରେ ଦୃଷ୍ଟାନ୍ତମୂଳକ ସାଧୁତା ବଜାୟ ରଖି ଉଦାହରଣ ହେବା, ଦୁର୍ନୀତି ସମ୍ପର୍କିତ କୌଣସି ଘଟଣା ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ଆଦି ଉପରେ ଶପଥ ଗ୍ରହଣ କରାଯାଇଥିଲା।



ଭିଜିଲାନ୍ସ ସଚେତନତା ସପ୍ତାହ ଅବସରରେ ବ୍ଲକର ସମସ୍ତ କର୍ମଚାରୀ ଶପଥପାଠ କରୁଛନ୍ତି ।

# ଦୀପାବଳି: ଚାହିଦାରେ ଫ୍ୟାନ୍ସି ଦୀପ, ଲିଚୁ


କଟକ ନୟାସଡ଼କ ଅଞ୍ଚଳର ଏକ ଦୋକାନରେ ଯୁବତୀ ଲିଚୁ ଲାଇଟ୍ କିଣୁଛନ୍ତି।


ଦୀପାବଳି ପାଇଁ ଦୋକାନରେ ବିକ୍ରି ହେଉଥିବା ଦୀପ।

**କଟକ,୨୯।୧୦(ଶିଳ୍ପା ପ୍ରିୟଦର୍ଶିନୀ)**

ଗୁରୁବାର ଆଲୋକର ପର୍ବ ଦୀପାବଳି। ଏହି ପର୍ବକୁ ଧୁମ୍‌ଧାମ୍‌ରେ ପାଳନ କରିବା ପାଇଁ କଟକ ସହରବାସୀ ବେଶ୍ ଉତ୍ସାହିତ ଅଛନ୍ତି। ଦୀପାବଳିରେ ଘର ସଜାଇବା ପାଇଁ ରଙ୍ଗବେରଙ୍ଗର ମୁରୁଜ ଓ ଦୀପ ବଜାରରେ ବିକ୍ରି ହେଉଛି। ବିଶେଷକରି ଚୌଧୁରୀ ବଜାର, ନୟାସଡ଼କ, ନିମଚୌଡି, ଦୋଳମୁଣ୍ଡାଇ, କଲେଜ ଛକ ଭଳି ପ୍ରମୁଖ ସ୍ଥାନରେ ଖୋଲିଥିବା ଦୋକାନରୁ ଦୀପ ଓ ଘରସଜ୍ଜା ସାମଗ୍ରୀ କିଣିବା ପାଇଁ ଗ୍ରାହକଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ମୁରୁଜ ବିକ୍ରି ପାଇଁ ବ୍ୟବସାୟୀ କାନପୁରରୁ କଟକ ଆସିଛନ୍ତି। କଲିକତାର ଭେରାଇଟି ଦୀପ ଏବେ ଗ୍ରାହକଙ୍କ ପସନ୍ଦ ପାଲଟିଛି। ଅପରପକ୍ଷରେ ଧନ୍‌ତେରସରେ ସୁନା ଅଳଙ୍କାର କିଣିବା ପାଇଁ ବିଭିନ୍ନ ଦୋକାନରେ ଲୋକଙ୍କ ଗହଳି ଲାଗିଥିଲା। ଏଥିସହ ଫୁଲଝାଡୁ ଓ ପିତ୍ତଳ ସାମଗ୍ରୀ କିଣିବାକୁ ଲୋକମାନେ ଆଗ୍ରହ ପ୍ରକାଶ କରିଥିଲେ। ମୁରୁଜ ମଧ୍ୟରେ ୧୮ ପ୍ରକାର ରଙ୍ଗ ରହିଛି। ଏହାର ଦର ୧୦୦ ଗ୍ରାମ୍‌କୁ ୧୦ଟଙ୍କା। ଏଥିସହ ମୁରୁଜରେ ଝୋଟି ପକାଇବା ପାଇଁ ଥିବା ଛାଞ୍ଚର ଦାମ୍ ୨୫ ଟଙ୍କାରୁ ଆରମ୍ଭ କରି ୧୨୦ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ଛୋଟରୁ ବଡ଼ ଆକୃତିର ପ୍ଲେନ୍ ଦୀପ ସହ ଫ୍ୟାନ୍ସି ଦୀପ ବିକ୍ରି ହେଉଛି। ଫ୍ୟାନ୍ସି ଦୀପ ଗୋଟିଏ ପିଛା ୨୦ରୁ ୨୫୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଘର ସଜାଇବା ପାଇଁ ବିଭିନ୍ନ ଆକୃତିର ଲିଚୁ ଲାଇଟ ରହିଛି। ବଟରଫ୍ଲାଏ ଲାଇଟ୍ ଗୋଟାକୁ ୪୫୦ ଟଙ୍କା, ୱାଟର ବଲ୍ ଲିଚୁ ଓ ୱାଟର ଡ୍ରପ୍ ଲିଚୁ ଦର ଗୋଟାକୁ ୩୨୦ ଟଙ୍କା, ଝୁମର ଦା ଗୋଟାକୁ ୪୦୦ ଟଙ୍କା, ନିଅନ୍ ଲାଇଟ ଗୋଟାକୁ ୪୩୦ ଟଙ୍କା, ସେନ୍‌ସର ଦୀପ ପ୍ୟାକେଟ୍ ୨୩୦ ଟଙ୍କା ରହିଥିବାବେଳେ ଲାଇଟ୍‌ଗୁଡ଼ିକ ଦିଲ୍ଲୀରୁ ଆସିଛି। ସେହିପରି ଫୁଲଝାଡୁ ଗୋଟାକୁ ୬୦ରୁ ୯୦ ଟଙ୍କା ପର୍ଯ୍ୟନ୍ତ ଦର ରହିଛି। ଏ ସମ୍ପର୍କରେ କାନପୁର ଅଞ୍ଚଳର ମୁରୁଜ ବ୍ୟବସାୟୀ ମୁନ୍‌ସି ଖାଁ ଓ ଦୀପ ବ୍ୟବସାୟୀ ମଞ୍ଜୁ ଜୀ କହିଛନ୍ତି, ଦୀପାବଳିରେ ଘର ସଜାଇବା ପାଇଁ ଲୋକମାନେ ମୁରୁଜ ଏବଂ ଦୀପ କିଣିଥାନ୍ତି। ଭଲ ବ୍ୟବସାୟ ହେଉଛି। ଆସନ୍ତା ୨ ଦିନ ଭଲ ବ୍ୟବସାୟ ହେବ ବୋଲି ଆଶା ରହିଥିବା ସେମାନେ କହିଛନ୍ତି। ସେହିପରି ଲାଇଟ୍ ବ୍ୟବସାୟୀ ଆଶିଷ କୁମାର ମାଝୀ କହିଛନ୍ତି, ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ନୂଆ ଭେରାଇଟିର ଜିନିଷ ଆଣୁଛୁ। ଭଲ ବ୍ୟବସାୟ ହେଉଛି।

## ଧନ୍‌ତେରସ୍‌ରେ ଜମିଲା ଝାଡୁ ବ୍ୟବସାୟ

ଝାଡୁ ବ୍ୟବସାୟୀ ମଦନ ମୋହନ ପ୍ରଧାନ କହିଛନ୍ତି, ଧନ୍‌ତେରାସରେ ସୁନା, ଚାନ୍ଦି ଅପେକ୍ଷା ଗ୍ରାହକ ଝାଡୁ କିଣିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି।

# ଘରୋଇ କଲେଜ ବସ୍‌କୁ ଧକ୍କା ଦେଲା ଯାତ୍ରୀବାହୀ ବସ୍


ଦୁର୍ଘଟଣାରେ ଆହତ ଛାତ୍ରୀଙ୍କୁ ଚିକିତ୍ସା ପାଇଁ ନିଆଯାଉଛି।

**କଟକ,୨୯।୧୦(କାର୍ତ୍ତିକ ସାହୁ)**

କଟକ ନେତାଜୀ ବସ୍ ଟର୍ମିନାଲ (ସିଏନ୍‌ବିଟି) ନିକଟ ମଲାଚଣ୍ଡିଆ ଛକରେ ମଙ୍ଗଳବାର ଏକ ଘରୋଇ କଲେଜ ବସ୍‌କୁ ଯାତ୍ରୀବାହୀ ବସ୍ ସମ୍ମୁଖରୁ ଧକ୍କା ଦେଇଛି। ଦୁର୍ଘଟଣାରେ ଉଭୟ ବସ୍‌ର ସମ୍ମୁଖ ଅଂଶ କ୍ଷତିଗ୍ରସ୍ତ ହୋଇଥିବାବେଳେ ୩ ଜଣ କଲେଜ ଛାତ୍ରୀଛାତ୍ର ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ, ସକାଳ ପ୍ରାୟ ୮ଟାରେ ଯାତ୍ରୀବାହୀ ବସ୍‌ଟି ସିଏନ୍‌ବିଟିରୁ ବାହାରି ମଲାଚଣ୍ଡିଆ ଛକ ଦେଇ ବାଦାମବାଡି ଆଡକୁ ଯାଉଥିବାବେଳେ ସମ୍ମୁଖରୁ ଆସୁଥିବା ଘରୋଇ କଲେଜ ବସ୍‌କୁ ଧକ୍କା ଦେଇଥିଲା।

## ୩ ଛାତ୍ରୀଛାତ୍ର ଆହତ

ବାଦାମବାଡ଼ି ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରି ଏସ୍‌ସିବି ମେଡିକାଲ ପଠାଇଥିଲା। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଏନେଇ କଲେଜ ବସ୍ ଡ୍ରାଇଭର୍ ଜଗବନ୍ଧୁ ସାହୁ ଏତଲା ଦେବା ପରେ ପୋଲିସ ଏକ ମାମଲା(ନଂ.୩୪୫/୨୪) ରୁଜୁ କରିଛି। ଦୁର୍ଘଟଣା ଘଟାଇଥିବା ବସ୍ ଚାଳକଙ୍କୁ ପୋଲିସ ଚେତାବନୀ ଦେଇ ଛାଡି ଦେଇଥିବା ଆଇଆଇସି ଅଜୟ ରାଉଳ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### କଟକ ସଦର ବିଡିଓଙ୍କୁ ସମ୍ବର୍ଦ୍ଧନା

**କଟକ ସଦର,୨୯।୧୦(ସୁଶାନ୍ତ କୁମାର ଜେନା)**

କଟକ ସଦର ବିଡିଓ ରୁମାନା ଜାଫ୍ରିଙ୍କର ଅନ୍ୟତ୍ର ବଦଳି ହୋଇଯାଇଛି। ଫଳରେ ମଙ୍ଗଳବାର ବ୍ଲକ କର୍ମଚାରୀ ଓ ସରପଞ୍ଚମାନଙ୍କ ପକ୍ଷରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ରୁମାନା ୧ ବର୍ଷ କାଳ ଏହି ଦାୟିତ୍ୱରେ ରହିଥିଲେ। ତାଙ୍କ ସ୍ଥାନରେ ନୂଆ ବିଡିଓ ଭାବେ ପ୍ରତୀକ କୁମାର ସାହୁ ଦାୟିତ୍ୱ ଗ୍ରହଣ କରିବେ ବୋଲି ସରକାରୀ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ନୂଆ ବିଡିଓ ଆସି ନ ଥିବାରୁ ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସ ସାମୟିକ ଭାବେ ଏହି ଦାୟିତ୍ୱ ତୁଲାଇବେ ବୋଲି ଜଣାପଡିଛି।

### ବାବୁଲା ନାଏକ ହତ୍ୟା ଘଟଣା, ମୁଖ୍ୟ ଅଭିଯୁକ୍ତ ଗିରଫ

**ଖୁଣ୍ଟୁଣୀ,୨୯।୧୦(ସଚ୍ଚିଦାନନ୍ଦ ପଣ୍ଡା)**

ଖୁଣ୍ଟୁଣୀ ଥାନା ଅଧୀନ ଖଣ୍ଡୁଆଳି ଗ୍ରାମ ହରିଜନ ସାହିର ବାବୁଲା ନାଏକ ହତ୍ୟା ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଖଣ୍ଡୁଆଳି ଗ୍ରାମ ହରିଜନ ସାହିର ନରେଶ ନାଏକ। ଏହି ଘଟଣାରେ ସମ୍ପୃକ୍ତ ନରେଶଙ୍କ ବାପା ହୃଦାନନ୍ଦ ନାଏକ ପୂର୍ବରୁ ଗିରଫ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ପୂର୍ବରୁ ଏକ ଗଣ୍ଡଗୋଳ ଘଟଣାକୁ ନେଇ ବାବୁଲାଙ୍କ ସହିତ ନରେଶ ଓ ହୃଦାନନ୍ଦଙ୍କ ଶତ୍ରୁତା ରହିଥିଲା। ଗତ ଅଗଷ୍ଟ ୧୬ ତାରିଖ ରାତିରେ ବାବୁଲା ଗ୍ରାମ ଦାଣ୍ଡରେ ଘରକୁ ଫେରୁଥିବାବେଳେ ଅଭିଯୁକ୍ତଦ୍ୱୟ ତାଙ୍କୁ ଠେଙ୍ଗା ଓ କାଠଫାଳିଆରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ବାବୁଲାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୧୭ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ବାବୁଲାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ସ୍ତ୍ରୀ ସୁମତି ନାଏକ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୧୭୨/୨୪) ରୁଜୁ କରିଥିଲା। ମଙ୍ଗଳବାର ତିଗିରିଆ ଅଞ୍ଚଳରୁ ନରେଶଙ୍କୁ ପୋଲିସ ଗିରଫ କରିଛି।

# ‘କୁଶଳୀ, ଅତିକୁଶଳୀ କାରିଗରଙ୍କ ସବୁବେଳେ ଚାହିଦା ରହିଛି’



ସମାବର୍ତ୍ତନ ଉତ୍ସବରେ ଜଣେ କୃତୀ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**କଣ୍ଟାପଡ଼ା,୨୯।୧୦(ସୁରନାରାୟଣ ସାହୁ)**

କଣ୍ଟାପଡ଼ା ବ୍ଲକ ଅଧୀନ ବାଗଲପୁର ପଞ୍ଚାୟତ ସୁନ୍ଦର ଗ୍ରାମଠାରେ ଅବସ୍ଥିତ ଦଧୀଚି ଶିଳ୍ପ ତାଲିମ କେନ୍ଦ୍ରର ୩ଟି ଆଇଟିଆଇ ବ୍ୟାଚ୍‌ର ସମାବର୍ତ୍ତନ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରସ୍ଥିତ ସରକାରୀ ପଲିଟେକ୍‌ନିକ୍ ଅନୁଷ୍ଠାନର ଅଧ୍ୟକ୍ଷ ଡ. ରଜତ କୁମାର ପାଣିଗ୍ରାହୀ ଯୋଗଦେଇ କହିଛନ୍ତି, ବର୍ତ୍ତମାନ ସମୟରେ ଗଢ଼ି ଉଠୁଥିବା ବିଭିନ୍ନ ଶିଳ୍ପରେ କୁଶଳୀ ଓ ଅତିକୁଶଳୀ କରିଗରଙ୍କର ବହୁତ ଚାହିଦା ରହିଛି। ଛାତ୍ରୀଛାତ୍ର ନିଜକୁ ଏହି ଧାରାରେ ସାମିଲ କରିବାକୁ ହେଲେ କଠିନ ପରିଶ୍ରମର ଆବଶ୍ୟକତା ରହିଛି। ସେହିପରି ଉତ୍କଳ ଚାମ୍ବର୍ସ ଅଫ୍ କମର୍ସର ସମ୍ପାଦକ ଡ. ସଞ୍ଜୀବ ମହାପାତ୍ର ଯୋଗଦେଇ ଆଇଟିଆଇ ଛାତ୍ରୀଛାତ୍ରଙ୍କ ପାଇଁ ତାଙ୍କ ଦ୍ୱାର ସବୁବେଳେ ଖୋଲାଅଛି ବୋଲି କହିଛନ୍ତି। ଭୁବନେଶ୍ୱରସ୍ଥିତ ସ୍କିଲ୍ ଡେଭଲପ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର ସିଇଓ ରଞ୍ଜନ ଭୌମିକ୍ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ନିବେଦିତା ମହାନ୍ତି ଯୋଗଦେଇ କର୍ମକ୍ଷେତ୍ରରେ କୃତିତ୍ୱ ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ। ଦଧୀଚି ଶିକ୍ଷା ସମୂହର ମୁଖ୍ୟ ଡ. ମନୋଜ କୁମାର ଦାଶ ଓ ଟ୍ରଷ୍ଟି ବବିତା ଦାଶ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିବା ସହ ଛାତ୍ରୀଛାତ୍ର କର୍ତ୍ତବ୍ୟ ନିଷ୍ଠ ହେବାକୁ ପରାମର୍ଶ ଦେଇଥିଲେ। ନିଯୁକ୍ତି ଅଧିକାରୀ ହରେକୃଷ୍ଣ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା ଓ ବିକାଶ ରାଉତ ଧନ୍ୟବାଦ ଦେଇଥିଲେ।

# ବାଣ, ବାରୁଦ ଜବତ: ୨ ଗିରଫ

**ମଙ୍ଗୁଳି-ଜଗତପୁର/ଚୌଦ୍ୱାର, ୨୯।୧୦(ମାନସ ସାମଲ/ଆଶୁତୋଷ ଦାସ)**

ବେଆଇନ ବାଣ ତିଆରି ଅଭିଯୋଗରେ ଟାଙ୍ଗୀ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଟାଙ୍ଗୀ ଥାନା ଅଧୀନ ଜରିପଡା ପଞ୍ଚାୟତ କଣି ଗ୍ରାମର ନରହରୀ ସେଠୀ। ତାଙ୍କ ନିକଟରୁ ଦେଢ଼ କେଜି ବାରୁଦ ଓ ୪୦୦୦ ତାଳଫୋଟକା ବାଣ ଜବତ ହୋଇଛି। ସେ କିଛିଦିନ ହେବ ଘରେ ବେଆଇନ ଭାବେ ବାଣ ତିଆରି କରୁଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚି ଯାଞ୍ଚ କରିବାରୁ ତାଳଫୋଟକା ଓ ବାରୁଦ ମିଳିଥିଲା। ଏନେଇ ପୋଲିସ ଏକ ମାମଲା (ନଂ. ୨୩୩/୨୪) ରୁଜୁ କରିଛି। ଚୌଦ୍ୱାର ଥାନା ଅଧୀନ ବିଲ ଗରୁଡ଼ଗାଁ ଗ୍ରାମରେ ବେଆଇନ ବାଣ ତିଆରି ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଗ୍ରାମର ସୁଦାମ ସେଠୀ। ଚଢ଼ାଉବେଳେ ତାଙ୍କ ନିକଟରୁ ବିପୁଳ ପରିମାଣର ବାଣ ତିଆରି ସାମଗ୍ରୀ ପୋଲିସ ଜବତ କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।



କଟକ ନେତାଜୀ ବସ୍ ଟର୍ମିନାଲରେ ଅଗ୍ନିଶମ ବିଭାଗ ପକ୍ଷରୁ ଅନୁଷ୍ଠିତ ମକ୍‌ଡ୍ରିଲ।

# ପୋଡ଼ା କୋଇଲା ଛାଇ ଚୋରାଚାଲାଣ, ୭ ଗିରଫ

**ଚୌଦ୍ୱାର,୨୯।୧୦(ଆଶୁତୋଷ ଦାସ)**

ଚୌଦ୍ୱାର ଥାନା ଅଧୀନ ଗୋପାଳପୁର ଶିଳ୍ପାଞ୍ଚଳ ଭିତରୁ ପୋଡ଼ା କୋଇଲା ଛାଇ ଚୋରାଚାଲାଣ ଅଭିଯୋଗରେ ପୋଲିସ ମଙ୍ଗଳବାର ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ବାଲିଚନ୍ଦ୍ରୁରୀ ଗ୍ରାମର ତପନ କୁମାର ବରାଳ, ଗୋପାଳପୁରର ଛବିମନ୍ୟୁ ବେହେରା, ଧନେଶ୍ୱର ବେହେରା, ବନ୍ଦାଳର ସପନ ରାଉତ, ଚୌଦ୍ୱାର କୁମ୍ଭାରସାହିର ପ୍ରମୋଦ ସାହୁ, ଜଗତପୁରର ସୁନୀଲ ରାଉତ ଓ ଗଞ୍ଜାମ ମୁଳିଆପଲ୍ଲୀ ଗ୍ରାମର ଦେବାଶିଷ ପ୍ରଧାନ। ପୋଲିସ ସୂଚନା ଅନୁଯାୟୀ, ଅସାଧୁ ବ୍ୟବସାୟୀମାନେ ଗୋପାଳପୁର ଶିଳ୍ପାଞ୍ଚଳରେ ଥିବା ପୋଡ଼ା କୋଇଲା ଛାଇକୁ ଚୋରାଚାଲାଣ କରୁଥିଲେ। ଏସ୍‌ଆଇ ନିରଞ୍ଜନ ଭୋଇଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ଗୋପାଳପୁର କରତକଳ ନିକଟରୁ ୭ଜଣଙ୍କୁ ଗିରଫ କରିଥିଲେ। ଏଥିସହ ୪ଟି ହାଇୱା ଓ ଗୋଟିଏ ଜେସିବି ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୫୬୨/୨୪) ରୁଜୁ ହୋଇଛି।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ସାଇକେଲ ରାଲି

**କଟକ,୨୯।୧୦ (କାର୍ତ୍ତିକ ସାହୁ)**

ଦୁର୍ନୀତିନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ କଟକ ଭିଜିଲାନ୍ସ ବିଭାଗ ପକ୍ଷରୁ ସାଇକେଲ ରାଲି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭିଜିଲାନ୍ସ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ଏହାର ଶୁଭାରମ୍ଭ କରିଥିଲେ। ନୂଆପାଟଣାସ୍ଥିତ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟରୁ ଏହି ରାଲି ବାହାରି ହାଇକୋର୍ଟ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ସାଇକେଲ ଚାଳକ ରାଲିରେ ଅଂଶଗ୍ରହଣ କରିଥିଲେ।

# ପ୍ରତ୍ୟେକ ନାଗରିକ ଭୋଟ୍ ଦେବା ଜରୁରୀ

**କଟକ,୨୯।୧୦(କାର୍ତ୍ତିକ ସାହୁ)**

ପ୍ରତ୍ୟେକ ଭୋଟର ନିଜର ମୂଲ୍ୟବାନ ମତାଧିକାର ସାବ୍ୟସ୍ତ କରିବା ନିମନ୍ତେ ଭୋଟର ତାଲିକାରେ ସାମିଲ ହେବା ଜରୁରୀ। ୧୮ ବର୍ଷ ପୂରଣ କରିଥିବା ସମସ୍ତ ଯୋଗ୍ୟ ନାଗରିକ ଭୋଟର ତାଲିକାରେ ନିଜର ନାମ ପଞ୍ଜୀକରଣ କରାଇପାରିବେ। ଏଥିପାଇଁ କଟକ ଜିଲାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହା ନଭେମ୍ବର ୨୮ ତାରିଖରେ ଶେଷ ହେବ। ନିଜ ଅଞ୍ଚଳର ବୁଥ୍ କିମ୍ବା ଅନ୍‌ଲାଇନ୍ ମାଧ୍ୟମରେ ଭୋଟରମାନେ ନୂତନ ଭୋଟର ପଞ୍ଜୀକରଣ କରାଇବା ସହ ଯେଉଁମାନଙ୍କ ନାମ ଭୋଟର ତାଲିକାରୁ ବାଦ ପଡିଛି ସେମାନେ ମଧ୍ୟ ତାଲିକାରେ ନିଜ ନାମ ଯୋଡ଼ିବା, ତ୍ରୁଟିପୂର୍ଣ୍ଣ ଭୋଟର ପରିଚୟ ପତ୍ରଗୁଡ଼ିକୁ ମଧ୍ୟ ପରିବର୍ତ୍ତନ କରାଯାଇପାରିବ। ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ୱାକାଥନ ଏବଂ ପଥ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶିବ ଟପୋ, କଟକ ସଦର ଉପଜିଲାପାଳ ଜ୍ୟୋତିଶଙ୍କର ରାୟ, ସହକାରୀ ଉପଜିଲାପାଳ ଦେବାଶିଷ ମହାପାତ୍ର, ଡେପୁଟି କଲେକ୍ଟର (ନିର୍ବାଚନ) ନିଷ୍ଠା ମହାପାତ୍ର ପ୍ରମୁଖ ୱାକାଥନର ଶୁଭାରମ୍ଭ କରିଥିଲେ। ଏଥିରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟ ସାମିଲ ହୋଇଥିଲେ। ପରେ ଇନ୍‌ଡୋର ଷ୍ଟାଡିୟମଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିଲାର ଭୋଟର ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ଜିଲାରେ ୨୧ ଲକ୍ଷ ୨୮ ହଜାରରୁ ଅଧିକ ଭୋଟର ଥିବାବେଳେ ୧ ଲକ୍ଷରୁ ଅଧିକ ନୂତନ ଭୋଟର ଥିବା ଜଣାପଡିଛି। ଭୋଟର ସଚେତନତା ସମ୍ପର୍କିତ ସାଂସ୍କୃତିକ କାର୍ଯ୍ୟକ୍ରମ, ରଙ୍ଗୋଲି ଓ ନାଟକ ପରିବେଷଣ କରାଯାଇଥିଲା।


ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରୁ ବାହାରିଥିବା ପଦଯାତ୍ରାକୁ ଅତିରିକ୍ତ ଜିଲାପାଳ ଶିବ ଟପୋ ଶୁଭାରମ୍ଭ କରୁଛନ୍ତି।

## ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ଆରମ୍ଭ


ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ କଟକ ଭିଜିଲାନ୍ସ ବିଭାଗ ପକ୍ଷରୁ ମଙ୍ଗଳବାର ନୂଆପାଟଣାସ୍ଥିତ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟରୁ ବାହାରିଥିବା ସାଇକେଲ ଶୋଭାଯାତ୍ରା।


କଟକ ଚାନ୍ଦିନୀଚୌକ ପୂଜାମଣ୍ଡପରେ ଜଣେ ଶିଳ୍ପୀ ମା’ ଶ୍ୟାମାକାଳୀଙ୍କ ମୃଣ୍ମୟୀ ପ୍ରତିମାକୁ ରଙ୍ଗତୂଳୀରେ ଶେଷସ୍ପର୍ଶ ଦେଉଛନ୍ତି।



ଜାତୀୟ ଶିକ୍ଷାନୀତି-୨୦୨୦ ବାତିଲ କରିବା ଓ ବାତ୍ୟା ପୀଡିତ ସମସ୍ତ ଛାତ୍ରୀଛାତ୍ରଙ୍କ ଫି’ ଛାଡ଼ କରିବା ଦାବିରେ ମଙ୍ଗଳବାର କଟକ କଲେଜ ଛକଠାରେ ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

## ସଂକ୍ଷେପରେ

### ଚିଲିକାରେ ନୂତନ ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ

**ବାଲୁଗାଁ,୨୯।୧୦(ସଂଗ୍ରାମ ପାଇକରାୟ):** ଚିଲିକା ତହସିଲଦାର ଭାବେ କାହ୍ନୁ ଚରଣ ଘଡ଼େଇ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଠାରେ କାର୍ଯ୍ୟରତ ତହସିଲଦାର ଚକ୍ରଧର ପାଢ଼ୀଙ୍କ ଗଜପତି ଜିଲା ମୋହନାକୁ ବଦଳି ହୋଇଛି। ତେବେ ତହସିଲଦାର ଘଡ଼େଇ ଏହା ପୂର୍ବରୁ ଓଡ଼ିଶା ରପ୍ତାନି ଭବନ ଭୁବନେଶ୍ୱରରେ ଉପନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ସେ କିଛିବର୍ଷ ପୂର୍ବେ ବାଲୁଗାଁ ନିୟନ୍ତ୍ରିତ ବଜାର କମିଟିରେ ସମ୍ପାଦକ ଏବଂ ବାଣପୁର ସବରେଜିଷ୍ଟ୍ରର ଭାବେ ମଧ୍ୟ ଦାୟିତ୍ୱ ତୁଲାଇ ଅଞ୍ଚଳବାସୀଙ୍କ ପ୍ରଶଂସାଭାଜନ ହୋଇପାରିଥିଲେ। ନୂତନ କରି ଦାୟିତ୍ୱ ଗ୍ରହଣ ପରେ ବିଶେଷକରି ରାଜସ୍ୱ ମାମଲାଗୁଡିକୁ ଗୁରୁତ୍ୱ ଦେଇ ଲୋକେ ଯେପରି ହଇରାଣ ନ ହେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ତ୍ୱରିତ ଫଇସଲା କରି ଜନସେବା ଯୋଗାଇଦେବା ତାଙ୍କର ମୂଳ ଲକ୍ଷ୍ୟ ରହିବ ବୋଲି ତହସିଲଦାର ଘଡ଼େଇ କହିଛନ୍ତି।

### ଜୁଆ ଆଡ୍ଡାରେ ଚଢ଼ାଉ, ୮ ଗିରଫ

**ବାଣପୁର,୨୯।୧୦(ଦିଲୀପ କୁମାର ସ୍ୱାଇଁ):** ବାଣପୁର ଥାନା ଅଧୀନ ନାରଣଦେଇପୁର ଗ୍ରାମରେ ଚାଲିଥିବା ଏକ ଜୁଆଆଡ୍ଡାରେ ପୋଲିସ ଚଢ଼ାଉ କରି ୮ଜଣଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ସେମାନେ ହେଲେ ନାରଣଦେଇପୁର ଗ୍ରାମର କୃଷ୍ଣ ଚନ୍ଦ୍ର ଜେନା, ସୋମନାଥ ପାତ୍ର, ଶରତ ପାତ୍ର, ଦେବରାଜ ପାତ୍ର, ଏକଡାଲିଆ ଗ୍ରାମର ଆନନ୍ଦ ପ୍ରଧାନ, ତ୍ରିଲୋଚନ ପରିଡା, ରାଣୀପଡ଼ା ଗ୍ରାମର ଧନଞ୍ଜୟ ବେହେରା ଏବଂ କୁମାରାଙ୍ଗ ଗ୍ରାମର କାଳୁ ସାହୁ। ଏମାନଙ୍କ ନିକଟରୁ ୧୫ହଜାର ୮୫ ଟଙ୍କା ଜବତ ହୋଇଥିବା ନେଇ ପୋଲିସ ପକ୍ଷରୁ ସୂଚନା ମିଳିଛି।

### ୧୧୨ ପ୍ରକଳ୍ପ ପ୍ରଦର୍ଶିତ

**ଖୋର୍ଦ୍ଧା,୨୯।୧୦(ପ୍ରଭାତ ପାଣିଗ୍ରାହୀ):** ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଦିବସ ଅବସରରେ ବିଡିଏ କଲୋନୀ ସ୍ଥିତ ସିଗ୍ମା ପବ୍ଲିକ ସ୍କୁଲରେ କୁନି ବୈଜ୍ଞାନିକମାନେ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସ୍କୁଲରେ ଆୟୋଜିତ ଇନସପିୟାର ଆଣ୍ଡ ଇନୋଭେଟିଭ କାର୍ଯ୍ୟକ୍ରମରେ ୧୧୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅନୁଷ୍ଠାନର ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ପ୍ରାଧ୍ୟାପକ ସୁବୋଧ କୁମାର ଜଗଦେବ ଏବଂ ପୌର ପରିଷଦ ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି ଉଦ୍‌ଘାଟନ କରିଥିଲେ। ବିଭିନ୍ନ ପ୍ରକଳ୍ପ ମଧ୍ୟରେ ଜୈବିକ ଜାଳେଣି ଉପାଦେୟତା, ମୃତ୍ତିକା ସ୍ତର ଉପଯୋଗିତା, ମନୁଷ୍ୟ ଶରୀର ଅଙ୍ଗପ୍ରତ୍ୟଙ୍ଗ ସୁରକ୍ଷା, ବାୟୁ ମଣ୍ଡଳରେ ଓଜନସ୍ତର ବୃଦ୍ଧି ପ୍ରଭାବ, ବାୟୁମଣ୍ଡଳ ସୁରକ୍ଷା, ଜଳ ସଂରକ୍ଷଣ, ସୌର ଶକ୍ତି ବିନିଯୋଗ ଆଦି ଶ୍ରେଷ୍ଠ ପ୍ରକଳ୍ପ ବିଚାରପତିଙ୍କ ଦ୍ୱାରା ମନୋନୀତ ହୋଇଥିଲା। ଶ୍ରେଷ୍ଠ କୁନି ବିଜ୍ଞାନୀଭାବେ ନୟନିକା ପଟ୍ଟନାୟକ, ସାଇ ଆର୍ଯ୍ୟାନ ମହାନ୍ତି, ସାଇରଜ ଦାସ, ଆଦ୍ୟଶ୍ରୀ ମହାପାତ୍ର, ବିଷ୍ଣୁ ପ୍ରସାଦ ସେଠୀ, ଯିନିତ୍ ଦାସ, ଅଭିପ୍ସା ନରେନ୍ଦ୍ର, ସାଇରାଜ ଦାସ ପ୍ରମୁଖ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଶିକ୍ଷକ ବିରଞ୍ଚି ନାରାୟଣ ପଣ୍ଡା, ଦୀପ୍ତି ରଞ୍ଜନ ରଣା, ସୌମ୍ୟଲଗ୍ନା ମହାନ୍ତି, ସନ୍ଧ୍ୟାରାଣୀ ବିଶାଳ, ସୁମିତ୍ରା ତ୍ରିପାଠୀ, ତୁଷାର ରଞ୍ଜନ ମହାନ୍ତି ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସମନ୍ୱୟ, ସହଭାଗିତା ରୋକିବ ବିପର୍ଯ୍ୟୟ

**ଖୋର୍ଦ୍ଧା,୨୯।୧୦(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ହାଇସ୍କୁଲ ପରିସରରୁ ଏକ ସଚେତନତା ପଦଯାତ୍ରା ଏବଂ ମାରାଥନ୍ ବାହାରିଥିଲା। ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ପଦଯାତ୍ରାରେ ସ୍କୁଲ ଛାତ୍ରୀଛାତ୍ର, ଏନ୍‌ସିସି କ୍ୟାଡେଟ, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ, ଶିକ୍ଷୟିତ୍ରୀ, ଶିକ୍ଷକମାନେ ସାମିଲ ହୋଇ ସଚେତନତା ବାର୍ତ୍ତା ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଖୋର୍ଦ୍ଧା ଅଗ୍ନିଶମ ସେବା ସଂସ୍ଥା ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉଦ୍ଧାରକାର୍ଯ୍ୟ, ଜରୁରୀକାଳୀନ ସେବା ଆଦିର କୌଶଳ ଦେଖାଇଥିଲେ। ବିପର୍ଯ୍ୟୟ ସମୟରେ ବଡ଼କୋଠା ଭିତରେ ରହି ଯାଇଥିବା ବ୍ୟକ୍ତିବିଶେଷ କିମ୍ବା




**ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ**

ଶ୍ୱାସରୁଦ୍ଧ ଅବସ୍ଥାରେ ଥିବା ବ୍ୟକ୍ତିଙ୍କୁ କିପରି ଉଦ୍ଧାର କରାଯାଇଥାଏ ତାହାର ଗୋଟିଏ ପରେ ଗୋଟିଏ କୌଶଳ ଦେଖାଇଥିଲେ। ଏହି ଅବସରରେ ଜିଲାପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ଅଧ୍ୟକ୍ଷତା କରି କହିଥିଲେ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଠିକ୍ ସୂଚନା ଓ ସତର୍କତା ଅବଲମ୍ବନର ଆବଶ୍ୟକତା ରହିଛି। ସମସ୍ତଙ୍କ ସହଯୋଗରେ ଧନଜୀବନ ସୁରକ୍ଷା କରାଯାଇପାରିବ। ବାତ୍ୟା 'ଦାନା'ର ମୁକାବିଲା ପାଇଁ ଜିଲାରେ ସମସ୍ତ ବିଭାଗ, ଜନପ୍ରତିନିଧି, ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ସମନ୍ୱୟ, ସହାଭାଗିତାରେ ବିପର୍ଯ୍ୟୟ ମୁକାବିଲା ସହାୟକ ହୋଇଥିଲା। ଜିଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରାଣା ୧୯୯୯ ମହାବାତ୍ୟା ସ୍ମୃତିଚାରଣ ସହ ପ୍ରଶାସନ ସହ ସମନ୍ୱୟ ରଖି ଯୁବପିଢ଼ି ଆଗକୁ ଆସିଲେ, ବିପର୍ଯ୍ୟୟ ମୁକାବିଲା କରାଯାଇପାରିବ ବୋଲି କହିଥିଲେ। ସମସ୍ତଙ୍କ ସହଯୋଗରେ ଧନଜୀବନ ସୁରକ୍ଷା କରାଯାଇପାରିବ। ବିପର୍ଯ୍ୟୟ ମୁକାବିଲା ସମୟରେ ନିୟୋଜିତ ବିଭାଗୀୟ ଅଧିକାରୀ, ଅଗ୍ନିଶମ, ପୋଲିସ, ଉଦ୍ଧାରକାରୀ ଦଳ ମଧ୍ୟରେ ସମନ୍ୱୟ ଏବଂ ସ୍ଥାନୀୟ ଗ୍ରାମବାସୀ, ଯୁବସମାଜ, ସ୍ୱେଚ୍ଛାସେବୀଙ୍କ ସହଯୋଗର ଆବଶ୍ୟକତା ରହିଛି। ସମସ୍ତଙ୍କ ସହଯୋଗ ରହିଲେ ଠିକ୍‌ଭାବେ ମୁକାବିଲା କରାଯାଇପାରିବ। ବିପର୍ଯ୍ୟୟ ପ୍ରଶମନ ନିମନ୍ତେ ସମସ୍ତେ ଶପଥ ପାଠ କରିଥିଲେ। ଜିଲାପରିଷଦ ଅଧକ୍ଷା ରୁପଶ୍ରୀରାଣୀ ଗୁମାନସିଂ, ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି ଅତିଥିଭାବେ ଯୋଗଦେଇଥିବା ବେଳେ ବିଭିନ୍ନ ସ୍କୁଲ କଲେଜ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହିତ ମିନି ମାରାଥନର ବିଜେତାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ସଚେତନତା ଦ୍ୱାରା କ୍ଷୟକ୍ଷତି ରୋକିହେବ



ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

**କୃଷ୍ଣପ୍ରସାଦ,୨୯।୧୦(କୈଳାସ ଚନ୍ଦ୍ର ପଟ୍ଟନାୟକ)**

କୃଷ୍ଣପ୍ରସାଦ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ପାଳନ ହୋଇଯାଇଛି। ବ୍ଲକ ମୁଖ୍ୟ କିରାଣୀ ପୂର୍ଣ୍ଣଚନ୍ଦ୍ର କାଣ୍ଡିଙ୍କ ସଭାପତିତ୍ୱରେ ବନ୍ୟା, ବାତ୍ୟା, ଭୂମିକମ୍ପ, ସୁନାମୀ ଆଦି ପ୍ରାକୃତିକ ବିପର୍ଯ୍ୟୟ ନେଇ ପ୍ରାକ ପ୍ରସ୍ତୁତି ଓ ସଚେତନତା ସୃଷ୍ଟି ଦ୍ୱାରା ଧନଜୀବନ କ୍ଷୟକ୍ଷତିକୁ କିପରି ରୋକାଯାଇପାରିବ ସେନେଇ ଆଲୋଚନା କରାଯାଇଥିଲା। ବ୍ଲକ ଜରୁରୀକାଳୀନ ଅଧିକାରୀ ଜିତେନ୍ଦ୍ର କୁମାର ପାତ୍ର ବିପର୍ଯ୍ୟୟ ସମୟରେ କିଭଳି ଜନସାଧାରଣଙ୍କ ନିକଟରେ ପହଞ୍ଚିବା ଏବଂ ସେମାନଙ୍କୁ ତତ୍କାଳ ସାହାଯ୍ୟ କରିବା ତାହା ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବିପର୍ଯ୍ୟୟ ମୁକାବିଲା ସମୟରେ ନିୟୋଜିତ ବିଭାଗୀୟ ଅଧିକାରୀ, ଅଗ୍ନିଶମ, ପୋଲିସ, ଉଦ୍ଧାରକାରୀ ଦଳ ମଧ୍ୟରେ ସମନ୍ୱୟ ଏବଂ ସ୍ଥାନୀୟ ଗ୍ରାମବାସୀ, ଯୁବ ସମାଜ, ସ୍ୱେଚ୍ଛାସେବୀଙ୍କ ସହଯୋଗ ରହିଲେ ଏହାକୁ ଠିକ୍‌ଭାବେ ମୁକାବିଲା କରାଯାଇପାରିବ ବୋଲି ନୋଡାଲ ଏନ୍‌ଜିଓ ସମ୍ପାଦକ ଏନ୍.ସମୀର କୁମାର କହିଛନ୍ତି। ସର୍ପଘାତ, ପାଣିରେ ବୁଡି ଏବଂ ଘଡଘଡିରେ ଅନେକ ଲୋକଙ୍କ ମୃତ୍ୟୁ ଘଟୁଛି । ତେଣୁ ସମସ୍ତଙ୍କୁ ସଚେତନ ହେବାକୁ ପଡ଼ିବ ବୋଲି ସିପି ପ୍ରଭାତ କୁମାର ଜେନା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ବିଡିଓ ପ୍ରବୀର କୁମାର ଦାସ, ବିତ୍ତ ଅଧିକାରୀ ମହେନ୍ଦ୍ର ରଞ୍ଜନ ସାହୁ, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରିଣୀ ସାଧନା ସାହୁ, ଜନମଙ୍ଗଳ ଅଧିକାରୀ ପ୍ରତ୍ୟୁଷ କୁମାର ରଥ, ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ, ଗମ୍ଭାରୀ ସରପଞ୍ଚ ସୁଶାନ୍ତ କୁମାର ପରିଡ଼ା, ରାଜସ୍ୱ ସହାୟକ କାଶିମ ମହମ୍ମଦ, ରାଜସ୍ୱ ସହାୟକ ତତ୍ତ୍ୱଦର୍ଶୀ ସେଠୀ, ବରିଷ୍ଠ କାର୍ଯ୍ୟନିର୍ବାହୀ ଅଧିକାରୀ ଭାସ୍କର ଚନ୍ଦ୍ର ସାହୁଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# 'ଦି କଲେକ୍ଟର୍ସ ମଦର' ପୁସ୍ତକ ଉନ୍ମୋଚିତ




ଅତିଥିମାନେ ପୁସ୍ତକ 'ଦି କଲେକ୍ଟର୍ସ ମଦର'କୁ ଉନ୍ମୋଚନ କରୁଛନ୍ତି।

**ଯାଁଳା,୨୯।୧୦(ବୁଲା ବାରିକ)**

ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ତଥା ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ସଶକ୍ତୀକରଣ ବିଭାଗର ମୁଖ୍ୟ ସଚିବ ବିଷ୍ଣୁପଦ ସେଠୀଙ୍କ ରଚିତ ପୁସ୍ତକ 'ଦି କଲେକ୍ଟର୍ସ ମଦର' ଗଙ୍ଗପଡ଼ାସ୍ଥିତ ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଉନ୍ମୋଚିତ ହୋଇଯାଇଛି। ଏହି ପୁସ୍ତକ ଉନ୍ମୋଚନ ଉତ୍ସବରେ ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠାତା ଅଜୟ ବାହାଦୁର ସିଂ ସ୍ୱାଗତ ଭାଷଣ ଦେବା ସହ ନିଷ୍ଠା ଓ ସାଧନା, କଠିନ ପରିଶ୍ରମ ମାଧ୍ୟମରେ ଜୀବନର ସ୍ୱପ୍ନକୁ ସାକାର କରିହେବ ବୋଲି ମତବ୍ୟକ୍ତ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ବିଷ୍ଣୁପଦ ସେଠୀ ଯୋଗଦେଇ ତାଙ୍କ ମା'ଙ୍କ ତ୍ୟାଗ, ସଂଘର୍ଷ ଓ ମର୍ମସ୍ପର୍ଶୀ କାହାଣୀ, ଶିକ୍ଷା ଆହରଣ କରିବାର ପ୍ରତିବଦ୍ଧତା ଏବଂ ଶେଷରେ ସର୍ବଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ହାସଲର ଦୀର୍ଘଯାତ୍ରା ସମ୍ପର୍କରେ ବଖାଣିଥିଲେ। ସମ୍ମାନିତ ଅତିଥିଭାବେ 'ଦି କଲେକ୍ଟର୍ସ ମଦର' ପୁସ୍ତକର ଓଡ଼ିଆ ଅନୁବାଦକ ତଥା ବରିଷ୍ଠ ସାହିତ୍ୟିକ ଶଶାଙ୍କ ଚୂଡ଼ାମଣି ତାଙ୍କ ବକ୍ତବ୍ୟରେ ଉକ୍ତ ପୁସ୍ତକର ବିଷୟବସ୍ତୁ ଛାତ୍ରୀଛାତ୍ର ଏବଂ ପାଠକମାନଙ୍କୁ ଅନୁପ୍ରାଣିତ କରିପାରିବ ବୋଲି କହିଥିଲେ। ଉକ୍ତ ପୁସ୍ତକ ଉନ୍ମୋଚନ ଉତ୍ସବରେ ବିଦ୍ୟାଳୟର ଅଧକ୍ଷା ପ୍ରଭାତୀ ଶତପଥୀଙ୍କ ସହ ସମସ୍ତ ଅଧାପିକା, ଅଧାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ବାଣ ନ ଫୁଟାଇ ଦୀପ ଜାଳି ଉତ୍ସବ ପାଳନ କରିବାକୁ ଆହ୍ୱାନ

**ପୁରୁଣା ଭୁବନେଶ୍ୱର,୨୯।୧୦(ସୁବାସ ଚନ୍ଦ୍ର ପ୍ରଧାନ)**

ଆଲୋକର ପର୍ବ ଦୀପାବଳିକୁ ପ୍ରଦୂଷଣ ଓ ବିପଦମୁକ୍ତ କରିବା ପାଇଁ ଭୁବନେଶ୍ୱର ଉପକଣ୍ଠ ଚନ୍ଦକା-ଡମପଡା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ଅବସ୍ଥିତ ଆଦିବାସୀପଲ୍ଲୀ କନ୍ଦଲେଇର କୁନିକୁନି ବିଦ୍ୟାର୍ଥୀମାନେ ସବୁଜ ଦୀପାବଳିର ବାର୍ତ୍ତା ଦେଇଛନ୍ତି। ସାମାଜିକ ଅନୁଷ୍ଠାନ 'ବୁଲସ୍‌ଆଇ' ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ପରିବେଶବିତ୍ ସୁଶାନ୍ତ ସାହୁ ଯୋଗଦେଇ କହିଥିଲେ, ଦେଶର ୫୦ପ୍ରତିଶତ ବାୟୁ ପ୍ରଦୂଷଣ ଦୀପାବଳି ସମୟରେ ହୋଇଥାଏ। ସେହିପରି ଅନୁଷ୍ଠାନର ଅଧକ୍ଷ ତ୍ରିଲୋଚନ ବେଉରା କହିଥିଲେ, ବାଣ ଫୁଟାଇବା ଦ୍ୱାରା ଅନେକ ଜୀବଜନ୍ତୁ ଓ ପକ୍ଷୀଙ୍କ ଜୀବନହାନୀ ଘଟିବା ସହ ଜୀବଜଗତକୁ ପ୍ରଭାବିତ କରିଥାଏ। ତେଣୁ ବାଣ ନ ଫୁଟାଇ କେବଳ ଦୀପ ଜାଳି ଉତ୍ସବ ପାଳନ କରିବା ପାଇଁ କୁନି କୁନି ବିଦ୍ୟାର୍ଥୀମାନେ ଗ୍ରାମବାସୀଙ୍କୁ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ।

# ବାଣ ଜବତ, ୨ ଗିରଫ

**ବାଣପୁର,୨୯।୧୦(ଦିଲୀପ କୁମାର ସ୍ୱାଇଁ)**



ଆଲୋକର ପର୍ବ ଦୀପାବଳିକୁ ନେଇ ଗାଁଠୁ ସହର ସବୁଠି ରହିଛି ଉତ୍ସାହ। ତେବେ ବେଆଇନଭାବେ ବାଣ ତିଆରି ଏବଂ ବିକ୍ରି ଉପରେ ପ୍ରଶାସନ ପକ୍ଷରୁ ନିଷେଧାଦେଶ ଜାରି କରାଯାଇଛି। କଟକଣାକୁ ନ ମାନି କେତେଜଣ ଅସାଧୁ ବ୍ୟବସାୟୀ ବେପାର ଚଳାଇଛନ୍ତି। ନାରୁଣୀ ଥାନା ଗମ୍ଭାରୀମୁଣ୍ଡା ପୋଲିସ ବିଟ୍ ହାଉସ ଅଧୀନ ବେଲେଡିହ ଗ୍ରାମରେ ପୋଲିସ ଚଢ଼ାଉ କରି ବେଆଇନ ଭାବେ ବିକ୍ରି ହେଉଥିବା ବିଭିନ୍ନ ପ୍ରକାର ବାଣ ଜବତ କରିଛି। ଏହି ଘଟଣାରେ ପୋଲିସ ଗ୍ରାମର କୁମର ମୁଦୁଲିଙ୍କୁ ଗିରଫ କରିଛି। ତେବେ ଜବତ ବାଣର ଆନୁମାନିକ ମୂଲ୍ୟ ୫୦ହଜାର ଟଙ୍କା ହେବ ବୋଲି ପୋଲିସ କହିଛି। ସେହିପରି ଗମ୍ଭାରୀମୁଣ୍ଡା ପଞ୍ଚାୟତ ପଦ୍ମପୁର ଗ୍ରାମରେ ପୋଲିସ ଚଢ଼ାଉ କରି ବେଆଇନ ଭାବେ ବିକ୍ରି ହେଉଥିବା ବିଭିନ୍ନ ପ୍ରକାର ବାଣ ଜବତ କରିଛି। ଏହି ଘଟଣାରେ ପୋଲିସ ଗ୍ରାମର ଶିବ ପାତ୍ରଙ୍କୁ ଗିରଫ କରିଛି। ଜବତ ବାଣର ଆନୁମାନିକ ମୂଲ୍ୟ ୩୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ପୋଲିସ କହିଛି।

# ନଭେମ୍ବର ୨୩ରୁ ଖୋର୍ଦ୍ଧା ଜିଲା ସ୍କାଉଟ୍ସ ଗାଇଡ୍ସ କ୍ୟାମ୍ପୋରି

**ଖୋର୍ଦ୍ଧା,୨୯।୧୦(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବିଜେବି ହାଇସ୍କୁଲଠାରେ ଖୋର୍ଦ୍ଧା ଜିଲା ଭାରତ ସ୍କାଉଟ୍ସ ଓ ଗାଇଡ୍ସର କାର୍ଯ୍ୟକାରୀ କମିଟି ବୈଠକ ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇଙ୍କ ନିର୍ଦ୍ଦେଶକ୍ରମେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ଅମ୍ରିତା ପ୍ରୀତିନନ୍ଦାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ସ୍କାଉଟ୍ ଗାଇଡ୍ କ୍ୟାମ୍ପୋରିକୁ ଆସନ୍ତା ନଭେମ୍ବର ୨୩, ୨୪ ଓ ୨୫ ତାରିଖରେ ବିଜେବି ହାଇସ୍କୁଲଠାରେ କରାଯିବା ପାଇଁ ସ୍ଥିର ହୋଇଛି। ଏହାର ସଫଳ ଲାଗି କମିଟିମାନ ଗଠନ କରାଯାଇଛି। ପ୍ରତ୍ୟେକ ବ୍ଲକରେ ସ୍କାଉଟ୍ ଗାଇଡ୍‌ର ଏକ ବ୍ଲକସ୍ତରୀୟ ସାଧାରଣ ବୈଠକ ବ୍ଲକ ଶିକ୍ଷାଧିକାରୀଙ୍କ ନେତୃତ୍ୱରେ




କରାଯାଇ ବିଭିନ୍ନ ପ୍ରତିଯୋଗିତା ସମ୍ପର୍କରେ ଆଲୋଚନା କରି କ୍ୟାମ୍ପୋରିରେ ଯୋଗଦେବାକୁ ଥିବା ସ୍କାଉଟ ଗାଇଡର ସଂଖ୍ୟା ନଭେମ୍ବର ୮ ତାରିଖ ମଧ୍ୟରେ ଜିଲା କାର୍ଯ୍ୟାଳୟକୁ ଜଣାଇବା ପାଇଁ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପରାମର୍ଶ ଦେଇଛନ୍ତି। କ୍ୟାମ୍ପୋରି ଅବସରରେ ଜିଲା ସ୍କାଉଟ୍ସ ଗାଇଡ୍ସ ପକ୍ଷରୁ ଏକ ମାଗାଜିନ ଉନ୍ମୋଚନ ହେବ। ଉପଦେଷ୍ଟା ପୀତବାସ ପଟ୍ଟନାୟକ, ଦିବାକର ପଟ୍ଟନାୟକ, ରମେଶ ବଳବନ୍ତରାୟ, ଅମ୍ବିକା ପ୍ରସାଦ ପଟ୍ଟନାୟକ, ଭୁବନାନନ୍ଦ ରାଉତ, ଗୀତାଞ୍ଜଳି ମହାପାତ୍ର, ସଲିଳା ଛୋଟରାୟ, ପୂର୍ବତନ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ପଠାଣି ଆଗ୍ରାସିଂ ପ୍ରମୁଖ ବୈଠକରେ କ୍ୟାମ୍ପୋରି ସମ୍ପର୍କରେ ଆଲୋଚନା କରିବା ସହ ନିୟମାବଳୀ ସମ୍ପର୍କରେ ଅବଗତ କରାଇଥିଲେ। ଜିଲା ସମ୍ପାଦକ ସୁଧାକର ମହାପାତ୍ର ପୂର୍ବ ବୈଠକର ବିବରଣୀ ଉପସ୍ଥାପନ କରିବା ସହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜିଲା ସ୍କାଉଟ କମିଶନର ପ୍ରଭାକର ସାହୁ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଜିଲା ଗାଇଡ କମିଶନର ଜୟନ୍ତୀ ହୋତା, ସହସମ୍ପାଦକ ପ୍ରକାଶ ପଲାଇ, ପ୍ରଧାନ ଶିକ୍ଷକ ବିଜୟ ପାତ୍ର, ଗଣେଶ୍ୱର ମିଶ୍ର, ପ୍ରମୋଦ ସ୍ୱାଇଁ, ରାଜକିଶୋର ପରିଡ଼ା, ସ୍ୱାଧୀନ ମଞ୍ଜରୀ ବେହେରା, ଝରଣା ଓଝା, ଶିକ୍ଷକ ଉପଦେଷ୍ଟା ଭୁବନାନନ୍ଦ ରାଉତ, ଚିତ୍ତରଞ୍ଜନ ବରାଳ, ମାନସ ରଞ୍ଜନ ସେଠୀ, ଚିନ୍ମୟ ମାର୍ଥା, ବିଭୁ ପ୍ରସାଦ ସେନାପତିଙ୍କ ସମେତ ୫୫ ଜଣ କର୍ମକର୍ତ୍ତା ଉପସ୍ଥିତ ଥିଲେ। ରାଜ୍ୟସ୍ତରୀୟ ରାଜ୍ୟ ସ୍କାଉଟ୍ସ ଗାଇଡ୍ସ ପକ୍ଷରୁ ଆୟୋଜିତ ଜୁହାର କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ଯୋଗ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ।

# ଆଇନ ସଚେତନତା ଶିବିର




ଶିବିରରେ ମଞ୍ଚାସୀନ ଅତିଥିମାନେ।

**ଖୋର୍ଦ୍ଧା,୨୯।୧୦(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଗାନ୍ଧୀପଡ଼ିଆ ସ୍ଥିତ ବୀଣାପାଣି ଶିଶୁମନ୍ଦିର ପରିସରରେ ଖୋର୍ଦ୍ଧା ତାଲୁକ ଆଇନ ସେବା କମିଟି ପକ୍ଷରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବସନ୍ତ ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ବିକ୍ରମ କେଶରୀ ଚମ୍ପତି, ବିଦ୍ୟାଳୟର ପ୍ରଧାନଶିକ୍ଷକ ଲଲଟେନ୍ଦୁ ମହାପାତ୍ର, ବରିଷ୍ଠ ଶିକ୍ଷକ ନିରାକାର ପ୍ରଧାନ, ଶିକ୍ଷକ ପ୍ରକାଶ ଚନ୍ଦ୍ର ଦାସ, ନୃସିଂହ କୁମାର ମହାପାତ୍ର, ପ୍ରଶାନ୍ତ ଚନ୍ଦ୍ର ସୁନ୍ଦରାୟ, ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ଏଥିରେ ଆଇନ ସେବା ଅନୁଷ୍ଠାନର କାର୍ଯ୍ୟଧାରା, ମୁକ୍ତ ଆଇନ ସହାୟତା, ନ୍ୟାୟ ପାଖରେ ପହଞ୍ଚିବାରେ ଥିବା ବାଧାବିଘ୍ନ ଦୂର କରିବା, ଆଇନ ଶିକ୍ଷାପ୍ରାପ୍ତ ସ୍ୱୟଂ ସେବକମାନଙ୍କର ଦାୟିତ୍ୱ ଓ କାର୍ଯ୍ୟାବଳୀ ବିଷୟରେ ଆଲୋଚନା କରାଯାଇଥିଲା। ଶେଷରେ ପ୍ରଧାନ ଶିକ୍ଷକ ଧନ୍ୟବାଦ ଦେଇଥିଲେ।

# ଓଡ଼ିଆ ସାରସ୍ୱତ ଜଗତର ଅମ୍ଳାନ୍ ପ୍ରତିଭା କେଦାରନାଥ

**ଖୋର୍ଦ୍ଧା,୨୯।୧୦(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଇତିହାସ, ତୋଷାଳି ଇତିହାସ, ଭୁବନେଶ୍ୱର ଇତିହାସ, ଖାରବେଳ, ଜୟଦେବ ଓ ଗୀତଗୋବିନ୍ଦ ଆଦି ୩୦ଟି ଓଡ଼ିଆ ଏବଂ ୧୫ଟି ଇଂଲିଶ୍ ଗ୍ରନ୍ଥର ଲେଖକ, ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍ ତଥା ରାଜ୍ୟ ସଂଗ୍ରହାଳୟର ପୂର୍ବତନ ଅଧୀକ୍ଷକ କେଦାରନାଥ ମହାପାତ୍ରଙ୍କ ୧୧୩ତମ ଜୟନ୍ତୀ ଖୋର୍ଦ୍ଧା ସାହିତ୍ୟ ସଂସଦ ଏବଂ ଖୋର୍ଦ୍ଧା ଐତିହାସିକ ସମାଜର ମିଳିତ ଆନୁକୂଲ୍ୟରେ ସଂସଦ ସଦନରେ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଐତିହାସିକ ସମାଜର ଉପସଭାପତି ଗୋପାଳକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଐତିହାସିକ ସମାଜର ସମ୍ପାଦକ ବୈକୁଣ୍ଠନାଥ ରାଜଗୁରୁ ଇତିହାସର ରଙ୍ଗଭୂମି ଖୋର୍ଦ୍ଧାରେ ଐତିହାସିକ ସମାଜ ସ୍ଥାପନର ଇତିବୃତ୍ତ ଉପସ୍ଥାପନା କରିଥିଲେ। ସମ୍ମାନିତ ଅତିଥି ସତ୍ୟବାଦୀ ବଳିୟାରସିଂହ ଖୋର୍ଦ୍ଧାର ସମୃଦ୍ଧ ଭାଷା, ସାହିତ୍ୟ, ସଂସ୍କୃତି, ଇତିହାସର ସଙ୍କଳନ ଓ ପ୍ରକାଶନ ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟବକ୍ତା ତ୍ରିକଳିଙ୍ଗ ପତ୍ରିକାର ସମ୍ପାଦକ ସମ୍ବିତ୍ ପଟ୍ଟନାୟକ କେଦାରନାଥଙ୍କ ସାଧନା ଓ ସିଦ୍ଧି ଆଲୋଚନାପୂର୍ବକ ଖୋର୍ଦ୍ଧା ଇତିହାସ କିପରି ପରବର୍ତ୍ତୀ ଗବେଷକମାନଙ୍କ ମାର୍ଗଦର୍ଶକ ହୋଇଥିଲା, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ବିଜେବି ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ଭୀମସେନ ପ୍ରଧାନ ସାମ୍ପ୍ରତିକ ଇତିହାସ ରଚନାର ଦିଗ ଓ ଦିଗନ୍ତ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଗବେଷକ ଲକ୍ଷ୍ମୀଧର ବଡ଼ଜେନାଙ୍କ ଚତୁର୍ଥ ଓ ପଞ୍ଚମ ଗ୍ରନ୍ଥ 'ପାଞ୍ଜିରେ ଦିଲ୍ଲୀଶ୍ୱରାବ୍ଦ ପରିବର୍ତ୍ତେ ଓଡ଼ିଶାର ନିଜସ୍ୱ ସାଲ ଗ୍ରହଣୀୟ' ଏବଂ ଜଗନ୍ନାଥ ସଂସ୍କୃତି ଆଧାରିତ 'ଦୟଣା କେରି କେରି'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ବାହିନୀପତି, କବି ପ୍ରଫୁଲ୍ଲ ସାମନ୍ତରାୟ, ଆଇନଜ୍ଞ ବିଧାନ ଚନ୍ଦ୍ର ମହାନ୍ତି, ବିଜୟ ସାମନ୍ତସିଂହାର, ପୂର୍ବତନ ପ୍ରଶାସକ ଜଳନ୍ଧର ସାହୁ ପ୍ରମୁଖ କେଦାରନାଥଙ୍କ କୃତି ଓ କୀର୍ତ୍ତି ସମ୍ପର୍କରେ ଅବତାରଣା କରିଥିଲେ। ସାହିତ୍ୟ ସଂସଦ ସମ୍ପାଦକ ବିଭୁପ୍ରସାଦ ହରିଚନ୍ଦନ ସ୍ୱାଗତ ଭାଷଣ ଦେଇଥିଲେ। ସଙ୍ଗଠନ ସମ୍ପାଦକ ବଂଶୀଧର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଉପସଭାପତି ଇତିଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ।



ଅତିଥିମାନେ ଗ୍ରନ୍ଥ ଉନ୍ମୋଚନ କରୁଛନ୍ତି।

# ଜଟଣୀରେ ଜମୁଛି ବାଣ ବେପାର



**ଜଟଣୀ,୨୯।୧୦(ରବୀନ୍ଦ୍ରନାଥ ମହାକୁଡ଼)**

ଗୁରୁବାର ଆଲୋକର ପର୍ବ ଦୀପାବଳି। ରଙ୍ଗିନ ଆଲୋକ ସାଙ୍ଗକୁ ଦୀପରେ ଝଲସି ଉଠିବ ଗାଁଠୁ ସହର। ଏହି ପରିପ୍ରେକ୍ଷୀରେ ଗତ ରବିବାରଠାରୁ ଜଟଣୀ ହାଇସ୍କୁଲ ନିକଟ ଶରତ ପାଇକରାୟ ଖେଳପଡ଼ିଆ ପରିସରରେ ଖୁଚୁରା ବାଣ ବ୍ୟବସାୟୀ ପ୍ରତିବର୍ଷ ଭଳି ବ୍ୟବସାୟ ଆରମ୍ଭ କରିଛନ୍ତି। ସରକାରୀ ନିୟମ ମୁତାବକ ୮୭ଜଣ ବ୍ୟବସାୟୀ ଉକ୍ତ ଖେଳପଡ଼ିଆ ପରିସରରେ ଦୋକାନ ଖୋଲିଥିବା ବେଳେ ସ୍ଥାନୀୟ ଇନ୍‌ଫୋଭ୍ୟାଲି ଥାନା ଅଧୀନ ଗୋବିନ୍ଦପୁର ଅଞ୍ଚଳରେ ୨୫ଟି ଦୋକାନରେ ଖୁଚୁରା ବାଣ ବ୍ୟବସାୟୀ ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବ୍ୟବସାୟ କରୁଛନ୍ତି ବୋଲି ଜଟଣୀ ବାଣବଜାର ବ୍ୟବସାୟୀ ସଙ୍ଘର ଆଇନ ପରାମର୍ଶଦାତା ଚିତ୍ତରଞ୍ଜନ ଦଳେଇ କହିଛନ୍ତି। କୌଣସି ଅଘଟଣ ଏଡ଼ାଇବା ପାଇଁ ଦୋକାନ ନିକଟରେ ବାଲି ବସ୍ତା, ପାଣି ଡ୍ରମ୍, ଓଦା ଅଖା, ଅଗ୍ନି ନିର୍ବାପକ ଯନ୍ତ୍ର ଆଦି ରଖାଯାଇଛି। ପୂର୍ବରୁ ଲୋକେ ଦେଶୀ ବାଣ ଫୁଟାଇବାକୁ ପସନ୍ଦ କରୁଥିବା ବେଳେ ତାହା ପରିବେଶ ପ୍ରଦୂଷଣ ଚିନ୍ତା ବଢ଼ାଉ ଥିଲା। ତେଣୁ ସବୁଜ ବାଣ ବିକ୍ରିକୁ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ପ୍ରକାର ବାଣ ରହିଥିବା ବେଳେ ପାଗ ଅନୁକୂଳ ଥିବାରୁ ବେପାର ଭଲ ହେବା ନେଇ ବ୍ୟବସାୟୀ ଆଶା ରଖିଛନ୍ତି।

**ଏମାନେ ଯାହା କୁହନ୍ତି...**

" ଏଥର ଦୀପାଳିରେ ମନଭରି ବାଣ ଫୁଟାଇବୁ। ଅନ୍ୟ ବଜାର ତୁଳନାରେ ଜଟଣୀ ବଜାରରେ ଦର କମ୍ ରହିବା ସହ ବିଭିନ୍ନ ପ୍ରକାର ବାଣ ମିଳିଥାଏ। ସେଥିପାଇଁ ସବୁ ବର୍ଷ ଜଟଣୀ ବାଣ ବଜାରରୁ ବାଣ କିଣି ନେଇଥାଏ।

**-ଆୟୁଷ, ଗ୍ରାହକ, ଭୁବନେଶ୍ୱର**

" ସରକାରଙ୍କ ନିୟମ ଅନୁସାରେ ଚଳିତ ବର୍ଷ କେବଳ ସବୁଜ ବାଣ ବିକ୍ରି କରାଯାଉଛି। ପିଲାମାନଙ୍କ ପାଇଁ ମଧ୍ୟ ବିଭିନ୍ନ ପ୍ରକାର ବାଣ ରହିଛି। ୧୫ ଟଙ୍କାରୁ ଆରମ୍ଭ କରି ୫୦୦ଟଙ୍କା ଏବଂ ଅଧିକ ମୂଲ୍ୟର ବାଣ ରହିଛି। ଅନ୍ୟ ବଜାରରେ ଯେଉଁ ବାଣ ୧୦୦ଟଙ୍କାରେ ବିକ୍ରି ହେଉଛି ଜଟଣୀ ବଜାରରେ ସେହି ବାଣ ୪୦ ଟଙ୍କାରେ ବିକ୍ରି ହେଉଛି। ତେଣୁ ଲୋକେ ଏଠାକୁ ବାଣ କିଣିବାକୁ ଆସିଥାନ୍ତି।

**-ଜିତେନ୍ଦ୍ର କୁମାର ପଟନାୟକ, ବାଣ ବ୍ୟବସାୟୀ, ଜଟଣୀ**

" ବାଣ ବ୍ୟବସାୟ ପାଇଁ ଶହେରୁ ଉର୍ଦ୍ଧ୍ୱ ଦୋକାନକୁ ଅନୁମତି ପ୍ରଦାନ କରାଯାଇଛି। ଓଡ଼ିଶା ଫାୟାର ସେଫ୍ଟି ଆକ୍ଟ ଅନୁସାରେ ସମସ୍ତ ଦିଗକୁ ତର୍ଜମା କରାଯାଇଛି। ସମସ୍ତ ବ୍ୟବସାୟୀ ଦୋକାନରେ ବାଲି, ପାଣି, ଓଦାଅଖା, ଅଗ୍ନିନିର୍ବାପକ ଯନ୍ତ୍ର ଆଦି ରଖିବା ସହିତ ସମସ୍ତ ସରକାରୀ ନିୟମ ପାଳନ କରିବା ପାଇଁ ମାର୍ଗଦର୍ଶିକାରେ ସୂଚନା ପ୍ରଦାନ କରାଯାଇଛି।

**-ଲକ୍ଷ୍ମଣ ବେହେରା, ଜଟଣୀ ଅଗ୍ନିଶମ କାର୍ଯ୍ୟାଳୟ ଅଧିକାରୀ**

## ଶଟର୍ ତାଡ଼ି ନେଇଗଲେ ୩ ଲକ୍ଷ ଟଙ୍କା, ଔଷଧ

**ସିସିଟିଭି ଫୁଟେଜ୍‌ରେ କଏଦ ହେଲା ଦୃଶ୍ୟ**

ଭୁବନେଶ୍ୱର,୨୯।୧୦(ସତ୍ୟଜିତ୍ ରାଉତ)

ଭରତପୁର ଥାନା ଅନ୍ତର୍ଗତ ଘାଟିକିଆ କଳିଙ୍ଗନଗର କେ-୭ ଅଞ୍ଚଳରେ 'ଫାର୍ମା ଲାଇଫ୍' ନାମକ ଏକ ଔଷଧ ଦୋକାନରୁ ଚୋରି ହୋଇଛି। ସୋମବାର ବିଳମ୍ବିତ ରାତିରେ ଦୁଇ ଦୁର୍ବୃତ୍ତ ଶ୍ରମିକ ବେଶରେ ଆସି ଦୋକାନ ଶଟର୍ ତାଡ଼ି ଓ ତାଲା ଭାଙ୍ଗି ନଗଦ ୩ଲକ୍ଷ ଟଙ୍କା ଏବଂ ଦାମୀ ଔଷଧ ଆଦି ନେଇଯାଇଛନ୍ତି। ଏନେଇ ଦୋକାନ ମାଲିକ ଶିବ ଶଙ୍କର ନାଏକ ମଙ୍ଗଳବାର ଭରତପୁର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ଦୋକାନ ଭିତରେ ଲାଗିଥିବା ସିସିଟିଭି କ୍ୟାମେରାରେ ଚୋରି ଘଟଣାର ଦୃଶ୍ୟ କଏଦ ହୋଇଛି। ରାତି ପ୍ରାୟ ୧ଟା ୩୦ ବେଳେ ଏହି ଚୋରି ହୋଇଛି। ଅଭିଯୁକ୍ତଦ୍ୱୟଙ୍କୁ ଧରିବାକୁ ପୋଲିସ ଖୋଜାଖୋଜି କରୁଛି।

# ଆର୍‌ଆଇ ପରୀକ୍ଷା ବାତିଲ ଦାବିରେ ମଶାଲ ଶୋଭାଯାତ୍ରା

ଭୁବନେଶ୍ୱର,୨୯।୧୦(ଅନୁରାଧା ମହାରଣା)



ଛାତ୍ରୀଛାତ୍ରମାନେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ନିକଟରୁ ମଶାଲ ଶୋଭାଯାତ୍ରାରେ ବାହାରିଛନ୍ତି।

ଓଏସ୍ଏସ୍ଏସ୍‌ସି ଦ୍ୱାରା ପରିଚାଳିତ ଆର୍‌ଆଇ, ଅମିନ ପରୀକ୍ଷାରେ ବ୍ୟାପକ ଅନିୟମିତତା ଅଭିଯୋଗ ହେବା ପରେ ଷ୍ଟୁଡେଣ୍ଟସ୍ ଏଗେନ୍‌ଷ୍ଟ କରପଶନ୍ ପକ୍ଷରୁ ଏହି ପରୀକ୍ଷା ବାତିଲ ଦାବି କରାଯାଉଛି। ବାରମ୍ବାର ଆନ୍ଦୋଳନ ପରେ ଗତ ଅକ୍ଟୋବର ୧୭ରେ ଓଡ଼ିଶା ସରକାରଙ୍କ ପକ୍ଷରୁ ନିଯୁକ୍ତି ଦୁର୍ନୀତିର ଅଭିଯୋଗ ପ୍ରାପ୍ତି ହୋଇଛି, ତର୍ଜମା କରାଯାଉଛି ଓ ଅତିଶୀଘ୍ର ସମୁଚିତ ନିଷ୍ପତ୍ତି ନିଆଯିବ ବୋଲି ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଥିଲା। ଇତିମଧ୍ୟରେ ୧୨ଦିନ ବିତିଯାଇଥିଲେ ମଧ୍ୟ ସରକାର ପରୀକ୍ଷା ବାତିଲ କିମ୍ବା ତଦନ୍ତ ସମ୍ପର୍କରେ ସୂଚନା ଦେଉ ନ ଥିବାରୁ ଅସନ୍ତୋଷ ବଢ଼ିଛି। ପରୀକ୍ଷା ବାତିଲ ଦାବିରେ ମଙ୍ଗଳବାର ଶତାଧିକ ଆଶାୟୀ ଛାତ୍ରୀଛାତ୍ର ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ନିକଟରୁ ମଶାଲ ଶୋଭାଯାତ୍ରାରେ ବାହାରି ରାମ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ଆସନ୍ତା ୪ତାରିଖ ସୁଦ୍ଧା ପରୀକ୍ଷା ବାତିଲ ସହିତ ପୁନର୍ବାର ସ୍ୱଚ୍ଛତାର ସହ ପରୀକ୍ଷା ପାଇଁ ନିଷ୍ପତ୍ତି ନ ହେଲେ ଏହି ଆନ୍ଦୋଳନର ନିଆଁ ସାରା ରାଜ୍ୟକୁ ବ୍ୟାପିବା ସହିତ ୫ତାରିଖରେ ଛାତ୍ରୀଛାତ୍ରମାନେ ରାସ୍ତାକୁ ଓହ୍ଲାଇବେ ବୋଲି ଷ୍ଟୁଡେଣ୍ଟସ୍ ଏଗେନ୍‌ଷ୍ଟ କରପଶନ୍‌ର ଆବାହକ ବିଭୂତି ମହାପାତ୍ର ଚେତାବନୀ ଦେଇଛନ୍ତି।

ସୂଚନା ଥାଉକି, ପୂର୍ବରୁ କେତେକ ସ୍ଥାନରେ ଆଶାୟୀମାନେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ଅନେକ ଆଡ୍‌ମିଟ କାର୍ଡ ଜାଳି ଏବଂ ଆଡ୍‌ମିଟ କାର୍ଡରେ ଡଙ୍ଗାକରି ଭସାଇ ଆଶାୟୀମାନେ ପ୍ରତିବାଦ କରିଥିଲେ। ଏଥିସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରପତି ଭବନକୁ ମଧ୍ୟ ଚିଠି ପଠାଇଥିଲେ।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ମଙ୍ଗଳବାର ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

## ୫ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ

ପୁରୀ,୨୯।୧୦(ଅଜିତ୍ କୁମାର ମହାନ୍ତି)

**ଆଜି ମହାପ୍ରଭୁଙ୍କ ବନକଲାଗି**

କାର୍ତ୍ତିକ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥି ବୁଧବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କର ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହେବ। ଦଇତାପତି ସେବକମାନେ ଏହି ବନକଲାଗି ନୀତିକୁ ସମ୍ପାଦନ କରିବେ। ଏହା ଏକ ଗୁପ୍ତନୀତି । ବୁଧବାର ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବନକଲାଗି ନୀତି ଅନୁଷ୍ଠିତ ହେବାକୁ ଥିବାରୁ ଏହି ସମୟରେ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଟ୍ରେଲର ପଛକୁ ଧକ୍କାଦେଲା ଅଟୋ, ମହିଳା ମୃତ

ଟାଙ୍ଗୀ,୨୯।୧୦(ରଘୁନାଥ ସାହୁ)

**ଡ୍ରାଇଭରଙ୍କ ସହ ୫ ମହିଳା ଯାତ୍ରୀ ଗୁରୁତର**

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ଚଣ୍ଡେଶ୍ୱର ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଟ୍ରେଲର ପଛକୁ ଏକ ଅଟୋ ଧକ୍କାଦେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ଜିଲା କୋଦଳା ଥାନା ଅଧୀନ ଦିଗାପଡ଼ାର ସ୍ନେହାମଞ୍ଜରୀ ମିଶ୍ର(୫୪)। ଏଥିସହ ଅଟୋଚାଳକ ଏବଂ ୫ ଜଣ ମହିଳା ଗୁରୁତର ଆହତ ହୋଇଛନ୍ତି। ଏମାନଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପରେ କୋଦଳା ଅଞ୍ଚଳର ୬ ଜଣ ମହିଳା ଏକ ଯାତ୍ରୀବାହୀ ଅଟୋ(ଓଡି ୦୭ ଏଡବ୍ଲ୍ୟୁ ୪୮୩୮)ରେ ସୋମବାର ରାତିରେ କୋଦଳାକୁ ଫେରୁଥିଲେ। ୧୬ ନମ୍ବର ଜାତୀୟ ରାଜପଥର ଟାଙ୍ଗୀ ଥାନା ଅଧୀନ ଚଣ୍ଡେଶ୍ୱର ନିକଟରେ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଟ୍ରେଲର (ଓଡି ୦୨ ସିଏଲ୍ ୧୧୫୬) ପଛକୁ ଅଟୋଟି ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସ୍ନେହାମଞ୍ଜରୀଙ୍କ ମୃତ୍ୟୁ ହୋଇଥିଲା। ଅଟୋ ଡ୍ରାଇଭର ରଞ୍ଜିତ ଦାସଙ୍କ ସହ ଦିଗାପଡ଼ାର ଅନ୍ୟ ୫ ମହିଳାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱରର ଏକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଟାଙ୍ଗୀ ପୋଲିସ ଦୁର୍ଘଟଣାଗ୍ରସ୍ତ ଅଟୋ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି।

# ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲଦଣ୍ଡ

କଟକ,୨୯।୧୦ (କାର୍ତ୍ତିକ ସାହୁ)

**ନାବାଳିକା ଯୌନ ନିର୍ଯାତନା ମାମଲା**

ବାଙ୍କୀ ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ଯୌନ ନିର୍ଯାତନା ମାମଲାର ବିଚାର କରି କଟକର ଆଡ୍‌ହକ୍ ଆଡିସିନାଲ୍ ଡିଷ୍ଟ୍ରିକ୍ଟ ଏଣ୍ଡ୍ ସେସନ୍ ଜଜ୍ (ଫାଷ୍ଟଟ୍ରାକ୍ କୋର୍ଟ-୧) ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଦାଖଲ କରିବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୧ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ବାଙ୍କୀ ଥାନା ବାରପୁଟ ଅଞ୍ଚଳର ବନମାଳୀ ପଣ୍ଡା(୪୫)। ଅନ୍ୟପକ୍ଷରେ ପୀଡିତାଙ୍କୁ ୧ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ କୋର୍ଟ ଆଦେଶ ଦେଇଛନ୍ତି।

ସୂଚନାନୁସାରେ, ୨୦୨୩ ଜୁନ୍ ୧୪ ତାରିଖରେ ଅଭିଯୁକ୍ତ ଜଣେ ୯ ବର୍ଷୀୟା ନାବାଳିକାଙ୍କୁ ଯୌନ ନିର୍ଯାତନା ଦେଇଥିଲେ। ଏ ସମ୍ପର୍କରେ ଜାଣିବା ପରେ ପୀଡିତାଙ୍କ ମାଆ ୧୫ ତାରିଖରେ ବାଙ୍କୀ ଥାନାରେ ଏତଲା ଦେଇଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପୋଲିସ ୨୦୨୩ ଜୁଲାଇ ୨୬ ତାରିଖରେ ଅଭିଯୁକ୍ତଙ୍କ ବିରୋଧରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା। କୋର୍ଟ ମାମଲାର ଶୁଣାଣି କରିବା ସହ ସମସ୍ତ ସାକ୍ଷ୍ୟ ପ୍ରମାଣ ଓ ପ୍ରାମାଣିକ ତଥ୍ୟକୁ ଆଧାର କରି ଏହି ରାୟ ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଶୁଭେନ୍ଦ୍ର ପ୍ରସାଦ ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ମତ୍ସ୍ୟ ଉତ୍ପାଦନ ବୃଦ୍ଧି ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୨୯।୧୦ (ବନ୍ଦନା ସେଠୀ)

**ମତ୍ସ୍ୟଚାଷ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ**

ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି। ନୂତନ ଜ୍ଞାନକୌଶଳର ଉପଯୋଗ କ୍ରମେ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦେବାକୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ତଥା ଏମ୍ଏସ୍ଏମ୍ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମତ ଦେଇଛନ୍ତି। ମଙ୍ଗଳବାର କୌଶଲ୍ୟାଗଙ୍ଗଠାରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ୪ଦିନିଆ ମତ୍ସ୍ୟଚାଷ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ମନ୍ତ୍ରୀ ମଲ୍ଲିକ ବିକଶିତ ଓଡ଼ିଶା ଲକ୍ଷ୍ୟରେ ପ୍ରାଣୀସମ୍ପଦ ବିକାଶ, ମତ୍ସ୍ୟଚାଷ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ଉଦ୍ୟାନଚାଷ ଜରିଆରେ ମହିଳା ସଶକ୍ତୀକରଣକୁ ବିସ୍ତୃତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ମହିଳା ପ୍ରଶିକ୍ଷାର୍ଥୀମାନଙ୍କୁ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗକ୍ରମେ ଗ୍ରାମପଞ୍ଚାୟତ ପୁଷ୍କରିଣୀଗୁଡ଼ିକରେ ବାୟୋଫ୍ଲକ୍ ତଥା ଅନ୍ୟାନ୍ୟ ମାଛଚାଷ ନେଇ ଏହି ତାଲିମ କାର୍ଯ୍ୟକ୍ରମ ଲାଭବାନ୍ କରାଇବ ବୋଲି କହିଥିଲେ। ଏହି ଅବସରରେ ସେ କୌଶଲ୍ୟାଗଙ୍ଗସ୍ଥିତ ମାଛ ଯାଆଁଳ କେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ କାର୍ପ ମାଛ ଯାଆଁଳ, ଗୁଣ୍ଡ ଯାଆଁଳ ଉତ୍ପାଦନ, ହାଚେରୀର ବିକାଶ, ରଙ୍ଗିନ ମାଛଚାଷ ଇତ୍ୟାଦି ନେଇ ଅବଗତ ହୋଇଥିଲେ। ଚଳିତ ଆର୍ଥିକ ବର୍ଷରେ ମାଛ ଯାଆଁଳ କେନ୍ଦ୍ରରେ ଏଯାବତ୍ ୩୮କୋଟି ଗୁଣ୍ଡ ଯାଆଁଳ ରେକର୍ଡ ଉତ୍ପାଦନ ହୋଇଥିବାରୁ ମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ। ଅନୁରୂପ ଭାବେ ପ୍ରାୟ ୩୧ କିସମର ରଙ୍ଗିନ ମାଛ ଉତ୍ପାଦନ ହେଉଥିବା ଜାଣି ଖୁସି ହୋଇଥିଲେ। ମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ମତ୍ସ୍ୟ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ (ବୈଷୟିକ) ଦେବାନନ୍ଦ ଭଞ୍ଜ, ଉପନିର୍ଦ୍ଦେଶକ (ତାଲିମ) ଜଗଦୀଶ ଚନ୍ଦ୍ର ପଣ୍ଡା, ମତ୍ସ୍ୟ ସମବାୟ ସମିତି ମହାସଂଘ ଉପନିର୍ଦ୍ଦେଶକ ଏସ୍.ଏସ୍. ସିଂହ, ନିର୍ବାହୀ ଜିଲା ମତ୍ସ୍ୟ ଅଧିକାରୀ ବିରଜା ପ୍ରସାଦ ଦ୍ୱିବେଦୀ, ସହକାରୀ ମତ୍ସ୍ୟ ଅଧିକାରୀ ଅରୋଶ୍ରୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତଟ ରେଳପଥ ପାଳିଲା ରାଷ୍ଟ୍ରୀୟ ଏକତା ଦିବସ

ଭୁବନେଶ୍ୱର,୨୯।୧୦(ଅନୁରାଧା ମହାରଣା)




ପୂର୍ବତଟ ରେଳପଥ ପକ୍ଷରୁ ଭୁବନେଶ୍ୱରସ୍ଥିତ ଏହାର ମୁଖ୍ୟାଳୟ ରେଳସଦନଠାରେ ମଙ୍ଗଳବାର ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି। ଏହି ଅବସରରେ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) କର୍ମଚାରୀ, କ୍ରୀଡ଼ା ବ୍ୟକ୍ତିତ୍ୱ, ରେଳ ବିଭାଗର ବରିଷ୍ଠ ଅଧିକାରୀ ଏବଂ ପୂର୍ବତଟ ରେଳ ମହିଳା କଲ୍ୟାଣ ସଙ୍ଗଠନର ସଦସ୍ୟାମାନଙ୍କୁ ନେଇ 'ରନ ଫର୍ ୟୁନିଟି' ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ସବୁଜ ପତାକା ଦେଖାଇ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦର୍ଶନ, କାର୍ଯ୍ୟପନ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ପୂର୍ବତଟ ରେଳପଥର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଏକତା ଏବଂ ଅଖଣ୍ଡତାର ଆଦର୍ଶରେ ସମର୍ପିତ ହେବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ରେଳପଥ ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର ବେହେରା ଏବଂ ସମସ୍ତ ବିଭାଗର ପ୍ରମୁଖ ଅଧିକାରୀମାନେ ଯୋଗଦେଇ ଜାତୀୟ ଏକତା ଓ ଅଖଣ୍ଡତା ପ୍ରତିପାଦନ ପାଇଁ ସାମୂହିକ ପ୍ରୟାସକୁ ଆଲୋକିତ କରିଥିଲେ। ରେଳପଥ ମୁଖ୍ୟ କାର୍ମିକ ଅଧିକାରୀ (ସାଧାରଣ) ସୂର୍ଯ୍ୟପ୍ରକାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ନନ୍ଦନକାନନ ପାଚେରି କଡ଼ରେ ଜଙ୍ଗଲୀ ହାତୀ

ତ୍ରିଶୂଳିଆ,୨୯।୧୦(ତୁଷାରକାନ୍ତ ବେହେରା)

ନନ୍ଦନକାନନ ପ୍ରାଣୀ ଉଦ୍ୟାନ ସୁରକ୍ଷା ପାଚେରି କଡ଼ରେ ଚନ୍ଦକା ଜଙ୍ଗଲର ହାତୀପଲ ଆତଙ୍କ ମଚାଉଛନ୍ତି। ଚନ୍ଦକା ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରେ ମଙ୍ଗଳବାର ରାତିରେ ହାତୀ ଆସି ନନ୍ଦନକାନନ ପଛପଟ ସୁରକ୍ଷା ପାଚେରି କଡ଼ରେ ଘୁରି ବୁଲୁଥିବା ଦେଖିବାକୁ ମିଳିଛି। ୮ରୁ ଊର୍ଦ୍ଧ୍ୱ ହାତୀପଲ ରାତିରେ କିପରି ଚନ୍ଦକା ଜଙ୍ଗଲକୁ ଯିବେ, ସେନେଇ କର୍ତ୍ତୃପକ୍ଷ ନନ୍ଦନକାନନ ସୁରକ୍ଷା ବିଭାଗର କର୍ମଚାରୀଙ୍କୁ ନେଇ ହାତୀ ଘଉଡ଼ାଇବାକୁ ଚେଷ୍ଟା କରି ନାକେଦମ ହୋଇଥିଲେ। ପରେ ହାତୀପଲ ନିକଟସ୍ଥ ଜଙ୍ଗଲ ଆଡ଼କୁ ଚାଲିଯାଇଥିବା ଜଣାପଡ଼ିଛି।

# ମୁଣ୍ଡଳୀ ବ୍ୟାରେଜ୍ ଉପରେ ଗାଡ଼ି ରଖି ଯୁବକ ନିଖୋଜ

ବାରଙ୍ଗ/ତ୍ରିଶୂଳିଆ,୨୯।୧୦(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)



ମୁଣ୍ଡଳୀ ନିକଟ ମହାନଦୀ ବ୍ୟାରେଜ୍ ଉପରେ ସୋମବାର ବିଳମ୍ବିତ ରାତିରେ ଥୁଆ ହୋଇଥିବା ଏକ କଳା ରଙ୍ଗର ପଲ୍‌ସରକୁ ଗୋଡ଼ିସାହି ଫାଣ୍ଡି ପୋଲିସ ଜବତ କରିଛି। ଗାଡ଼ି ନମ୍ବରରୁ ଯୁବକଙ୍କ ପରିଚୟ ପାଇ ପରିବାର ଲୋକଙ୍କୁ ଖବର ଦିଆଯାଇଥିବାବେଳେ ସମ୍ପୃକ୍ତ ଯୁବକଙ୍କ ପତ୍ତା ମିଳିପାରି ନାହିଁ। ଯୁବକ ଜଣଙ୍କ ବ୍ୟାରେଜ୍ ଉପରେ ଗାଡ଼ି ରଖି ମହାନଦୀକୁ ଡେଇଁ ଥିବା ସନ୍ଦେହ କରି ମଙ୍ଗଳବାର ଦିନତମାମ ବାରଙ୍ଗ ଅଗ୍ନିଶମ କର୍ମଚାରୀ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳିପାରି ନ ଥିଲା। ପ୍ରକାଶ ଯେ, ସୋମବାର ବିଳମ୍ବିତ ରାତିରେ ଢେଙ୍କାନାଳ ଜିଲା ଗଁଦିଆ ଥାନା ଅଧୀନ କାବେରାଗାଁର ତାରିଣୀ ପ୍ରସାଦ ରାଉତ(୩୦)ଙ୍କ ଗାଡ଼ି (ଓଡି ୧୯ ଭି ୫୪୨୨) ବ୍ୟାରେଜ୍ ଉପରେ ଥୁଆ ହୋଇଥିଲା। ଗାଡ଼ିଟି ଦୀର୍ଘ ସମୟ ଧରି ଥୁଆ ହୋଇଥିବା ଜାଣି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଖବରପାଇ ଗୋଡ଼ିସାହି ଫାଣ୍ଡି ପୋଲିସ ଘଟଣାସ୍ଥଳରୁ ଗାଡ଼ିକୁ ଜବତ କରି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲା। ମଙ୍ଗଳବାର ସକାଳୁ ପରିବାର ଲୋକ ଫାଣ୍ଡିରେ ପହଞ୍ଚିବା ପରେ ତାରିଣୀଙ୍କ ବିଷୟରେ ପୋଲିସ ସବିଶେଷ ତଥ୍ୟ ପାଇଥିଲା। ପୋଲିସ ସୂଚନା ଅନୁଯାୟୀ, ତାରିଣୀ ଅନୁଗୋଳର ଏକ ଘରୋଇ ବ୍ୟାଙ୍କରେ କାର୍ଯ୍ୟ କରୁଥିଲେ। ସୋମବାର ମଧ୍ୟାହ୍ନ ୧୨ଟାରେ ଘରୁ ବ୍ୟାଙ୍କକୁ ଆସିଥିଲେ। ସନ୍ଧ୍ୟା ସମୟରେ ସ୍ତ୍ରୀଙ୍କ ସହ କଥା ହେବା ପରେ ଫୋନ ସୁଇଚ୍ ଅଫ୍ ହୋଇଯାଇଥିଲା। ଅନ୍‌ଲାଇନ ଟ୍ରେଡିଂ କରି ମାନସିକ ଚାପରେ ତାରିଣୀ ରହୁଥିବା ପୋଲିସ ପଚରାଉଚରା ବେଳେ ପରିବାର ଲୋକଙ୍କଠାରୁ ଜାଣିବାକୁ ପାଇଛି। ତାରିଣୀ ବ୍ୟାରେଜ୍ ଉପରେ ଗାଡ଼ି ରଖି ମହାନଦୀକୁ ଡେଇଁ ପଡ଼ିଛନ୍ତି ନା କେଉଁଆଡ଼େ ପଳାଇଯାଇ ନିଖୋଜ ହୋଇଯାଇଛନ୍ତି ତାହା ସନ୍ଦେହ ଭିତରେ ରହିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଜିତ



@ ମୁକେଶ



@ ରଶ୍ମିରଞ୍ଜନ



@ ଦିବାଶିଷ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## 'ବର୍ଷକୁ ୧.୭ କୋଟି ଲୋକ ଷ୍ଟ୍ରୋକର ଶିକାର ହେଉଛନ୍ତି'

ଭୁବନେଶ୍ୱର,୨୯।୧୦(ଅନୁରାଧା ମହାରଣା)

**ଆପୋଲୋ ହସ୍ପିଟାଲରେ ଷ୍ଟ୍ରୋକ୍ ଦିବସ**

ପ୍ରତିବର୍ଷ ଅକ୍ଟୋବର ୨୯ ତାରିଖକୁ ବିଶ୍ୱ ଷ୍ଟ୍ରୋକ୍ ଦିବସ ଭାବେ ପାଳନ କରାଯାଉଥିବାବେଳେ ମଙ୍ଗଳବାର ଆପୋଲୋ ହସ୍ପିଟାଲ ପକ୍ଷରୁ ଏହି ଦିବସ ପାଳନ କରାଯାଇଛି। 'ଗ୍ରେଟର ଦ୍ୟାନ୍ ଷ୍ଟ୍ରୋକ୍ ଆକ୍ଟିଭ୍ ଚ୍ୟାଲେଞ୍ଜ' ଚଳିତବର୍ଷର ବିଷୟବସ୍ତୁ ରଖାଯାଇଛି। ଏହି କ୍ରମରେ ହସ୍ପିଟାଲ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ହସ୍ପିଟାଲର ବରିଷ୍ଠ ନ୍ୟୁରୋଲୋଜି କନସଲଟାଣ୍ଟ ଡା. ଶୁଭ୍ରାଂଶୁ ଶେଖର ଜେନା ଷ୍ଟ୍ରୋକ୍ ସମ୍ପର୍କରେ ବିସ୍ତୃତ ସୂଚନା ଦେଇ କହିଛନ୍ତି, ଶରୀରର ଅନ୍ୟାନ୍ୟ ଅଙ୍ଗ ଭଳି ମସ୍ତିଷ୍କକୁ ଅମ୍ଳଜାନ ଏବଂ ପୋଷଣର ଆବଶ୍ୟକତା ରହିଥାଏ। ମସ୍ତିଷ୍କକୁ ରକ୍ତ ପ୍ରବାହ ବନ୍ଦ ହେବା ଦ୍ୱାରା ଷ୍ଟ୍ରୋକ୍ ହୋଇଥାଏ, ଯାହାକି ବ୍ରେନ୍ ଡେଡ୍ କିମ୍ବା ମନୁଷ୍ୟର ମୃତ୍ୟୁର କାରଣ ପାଲଟିଥାଏ ବୋଲି ଡା. ଜେନା କହିଥିଲେ। ପ୍ରତିବର୍ଷ ୧.୭ କୋଟି ଲୋକ ଷ୍ଟ୍ରୋକ୍‌ର ଶିକାର ହେଉଥିବାବେଳେ ଏଥିରୁ ୦.୬ କୋଟି ମୃତ୍ୟୁମୁଖରେ ପଡୁଛନ୍ତି। ତେବେ ଶାରୀରିକ ପରିଶ୍ରମ, ନିୟନ୍ତ୍ରିତ ରକ୍ତଚାପ, ମାଦକ ତଥା ଧୂମପାନ ସେବନରୁ ବିରତ ରହିବା ସହ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଦ୍ୱାରା ଷ୍ଟ୍ରୋକ୍ ଆଶଙ୍କାକୁ କମ୍ କରାଯାଇପାରେ। ସଚେତନତା ସୃଷ୍ଟି ଦ୍ୱାରା ରୋଗର ନିରାକରଣ ଓ ସଫଳ ଚିକିତ୍ସା ସମ୍ଭବ ବୋଲି ମତ ପ୍ରକାଶ ପାଇଛି।




ଆପୋଲୋ ହସ୍ପିଟାଲରେ ଷ୍ଟ୍ରୋକ୍ ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ସଂକ୍ଷେପରେ

### ବସ୍ ଦୁର୍ଘଟଣାରେ ୧୨ ମୃତ

ଜୟପୁର,୨୯।୧୦

ରାଜସ୍ଥାନର ସିକର ଜିଲା ଅନ୍ତର୍ଗତ ଲକ୍ଷ୍ମଣଗଡ଼ରେ ମଙ୍ଗଳବାର ଅପରାହ୍ନରେ ଏକ ବସ୍ କଲ୍‌ଭର୍ଟକୁ ଧକ୍କା ଦେବାରୁ ୧୨ ଯାତ୍ରୀଙ୍କ ମୃତ୍ୟୁ ଘଟିବା ସହ ୩୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ବସ୍‌ଟି ସାଲାସାରରୁ ଯାଉଥିଲା। ଆହତମାନଙ୍କୁ ଲକ୍ଷ୍ମଣଗଡ଼ର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବସ୍‌ରେ ଅତ୍ୟଧିକ ଭିଡ଼ ଥିବାବେଳେ ଏହା ଦ୍ରୁତ ବେଗରେ ଯାଉଥିବାରୁ ଦୁର୍ଘଟଣାଗ୍ରସ୍ତ ହେଲା ବୋଲି କୁହାଯାଉଛି।

### ସଲମାନ ଓ ଜିସାନ୍‌ଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୁକ୍ତ ଗିରଫ



ନୋଏଡା, ୨୯।୧୦

ବଲିଉଡ୍ ଅଭିନେତା ସଲମାନ ଖାନ୍ ଏବଂ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି(ଏନ୍‌ସିପି) ନେତା ଜିସାନ ସିଦ୍ଦିକିଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୁକ୍ତ(୨୦)ଙ୍କୁ ମଙ୍ଗଳବାର ଉତ୍ତରପ୍ରଦେଶର ନୋଏଡାରୁ ମୁମ୍ବାଇ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ଗତ ଶୁକ୍ରବାର ପ୍ରଥମେ ବିଧାୟକ ଜିସାନ୍‌ଙ୍କ ହେଲ୍‌ପଲାଇନ୍ ନମ୍ବରକୁ ଧମକ୍‌ଭରା ମେସେଜ ପଠାଇଥିଲେ। ପରେ ସେ ଜିସାନଙ୍କ ପୂର୍ବ ବାନ୍ଦ୍ରାସ୍ଥିତ ଜନସମ୍ପର୍କ କାର୍ଯ୍ୟାଳୟକୁ ଏକ ଭଏସ୍ କଲ୍ କରିଥିଲେ। ଉକ୍ତ କଲ୍‌ରେ ସେ ସଲମାନ ଏବଂ ଜିସାନ୍‌ଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ ବୋଲି ମୁମ୍ବାଇ ପୋଲିସର ଜଣେ ଅଧିକାରୀ କହିଛନ୍ତି। ମାମଲାର ଅଧିକ ତଦନ୍ତ ପାଇଁ ଅଭିଯୁକ୍ତଙ୍କୁ ମୁମ୍ବାଇ ଅଣାଯାଉଥିବା ସେ କହିଛନ୍ତି।

# ଗାଜାରେ ଇସ୍ରାଏଲ୍‌ର ବୋମାମାଡ଼: ୧୦୯ ମୃତ



ଇସ୍ରାଏଲୀ ସେନାର ବୋମାମାଡ଼ରେ ଉତ୍ତର ଗାଜାର ବେଇଟ୍ ଲାହିୟା ସହରରେ ଥିବା ଏକ ୫ ମହଲା ବିଲ୍ଡିଂ ଧ୍ୱଂସ ହୋଇଯାଇଛି।

ଦେଇର ଅଲ୍-ବଲାହ,୨୯।୧୦

ଉତ୍ତର ଗାଜାର ବେଇଟ୍ ଲାହିୟା ସହରରେ ଥିବା ଏକ ୫ ମହଲା ବିଲ୍ଡିଂ ଉପରେ ଇସ୍ରାଏଲୀ ସେନା ମଙ୍ଗଳବାର ବୋମାମାଡ଼ କରିବାରୁ ଅନ୍ୟୁନ ୧୦୯ ଜଣ ପାଲେଷ୍ଟିନୀୟ ନିହତ ହେବା ସହ ଅନେକେ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ମହିଳା ଓ ଛୋଟ ପିଲା। ବିସ୍ଥାପିତ ପାଲେଷ୍ଟିନୀୟମାନେ ଉକ୍ତ ବିଲ୍ଡିଂରେ ଆଶ୍ରୟ ନେଇଥିଲେ ବୋଲି ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ମୃତକଙ୍କ ମଧ୍ୟରେ ଜଣେ ମାଆ ଏବଂ ତାଙ୍କର ୫ ପିଲା ରହିଥିବାବେଳେ ଅନ୍ୟ ଜଣେ ମହିଳା ଓ ତାଙ୍କର ୬ ପିଲା ମଧ୍ୟ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ଏହାକୁ ମିଶାଇ ଗାଜାରେ ଯୁଦ୍ଧଜନିତ ମୃତ୍ୟୁସଂଖ୍ୟା ୪୩ ହଜାର ଟପିଛି। ଏଥିସହିତ ଯୁଦ୍ଧରେ ମୋଟ ୧,୦୧,୨୨୩ ଜଣ ଆହତ ହେଲେଣି। ଗତ ଶୁକ୍ରବାର ଇସ୍ରାଏଲୀ ସୈନ୍ୟ ଉତ୍ତର ଗାଜାର କମଲ ଅଡୱାନ ହସ୍ପିଟାଲରେ ଚଢ଼ାଉ କରି ଶତାଧିକ ପାଲେଷ୍ଟିନୀୟଙ୍କୁ ଗିରଫ କରିଥିଲେ। ସେମାନେ ସନ୍ଦିଗ୍ଧ ହମାସ୍ ଆତଙ୍କବାଦୀ ଏବଂ ହସ୍ପିଟାଲରେ ଛଦ୍ମବେଶରେ ଆତ୍ମଗୋପନ କରିଥିଲେ ବୋଲି ଇସ୍ରାଏଲ୍ କହିଥିଲା। ଗତବର୍ଷ ଅକ୍ଟୋବରରେ ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲ୍ ଉପରେ ଅତର୍କିତ ଆକ୍ରମଣ କରି ୧,୨୦୦ ଲୋକଙ୍କୁ ହତ୍ୟା କରିବା ସହ ୨୫୦ ଜଣଙ୍କୁ ପଣବନ୍ଦୀ କରିନେଇଥିଲା। ଏହାରର ଜବାବରେ ବର୍ଷେରୁ ଊର୍ଦ୍ଧ୍ୱ ହେଲା ଇସ୍ରାଏଲ୍ ଗାଜା ଉପରେ ଆକ୍ରମଣ ଜାରି ରଖିଛି।

## ନାଇମ୍ କାସିମ୍ ହେଜ୍‌ବୋଲ୍ଲା ମୁଖ୍ୟ ନିର୍ବାଚିତ

ବେରୁଟ୍,୨୯।୧୦

ଲେବାନନ୍‌ର ହେଜ୍‌ବୋଲ୍ଲା ଆତଙ୍କବାଦୀ ସଂଗଠନର ଉପନେତା ଥିବା ଶେଖ୍ ନାଇମ୍ କାସିମ୍‌ଙ୍କୁ ଏହାର ନୂଆ ନେତା ନିର୍ବାଚନ କରାଯାଇଛି। ସେପ୍ଟେମ୍ବର ୨୭ରେ ଇସ୍ରାଏଲୀ ସେନାର ଏୟାରଷ୍ଟ୍ରାଇକ୍‌ରେ ହେଜ୍‌ବୋଲ୍ଲା ମୁଖ୍ୟ ହାସନ ନସ୍‌ରଲ୍ଲାଙ୍କ ମୃତ୍ୟୁ ଘଟିଥିଲା। ଏହାର ୪ ସପ୍ତାହ ପରେ କାସିମ୍‌ଙ୍କୁ ନୂଆ ନେତା ବଛାଯାଇଛି। ୧୯୯୧ରେ କାସିମ୍ ପ୍ରଥମ ଥର ପାଇଁ ହେଜ୍‌ବୋଲ୍ଲାର ଉପନେତା ନିର୍ବାଚିତ ହୋଇଥିଲେ। ସେ ଆତଙ୍କବାଦୀ ସଂଗଠନର ଉପସାଧାରଣ ସମ୍ପାଦକ ଏବଂ ସେକେଣ୍ଡ-ଇନ୍-କମାଣ୍ଡ ରହିଥିଲେ। ହେଜ୍‌ବୋଲ୍ଲାର ଶୁରା କାଉନ୍‌ସିଲ ୭୧ ବର୍ଷୀୟ କାସିମ୍‌ଙ୍କୁ ନେତା ନିର୍ବାଚନ କରିଛି।



ଶେଖ୍ ନାଇମ୍ କାସିମ୍

# ନୋଏଡ଼ାରେ ଡ୍ରଗ୍‌ସ ଫ୍ୟାକ୍ଟ୍ରି

ନୂଆଦିଲ୍ଲୀ,୨୯।୧୦(ପି.ଟି.)

- ୯୫ କେ.ଜି. ବେଆଇନ ନିଶାଦ୍ରବ୍ୟ ଜବତ
- ତିହାର ଜେଲ ୱାର୍ଡେନ ଗିରଫ

ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍) ଅନ୍ତର୍ଗତ ନୋଏଡ଼ାରୁ ଡ୍ରଗ୍ସ ଉତ୍ପାଦନ ଫ୍ୟାକ୍ଟ୍ରି ଠାବ ହୋଇଛି। ମେକ୍ସିକୋ ଡ୍ରଗ୍ କାର୍ଟେଲ ସହ ଉକ୍ତ ମେଥ୍ ଲାବ୍‌ର ସମ୍ପର୍କ ରହିଛି। ଗତ ୨୫ ତାରିଖରେ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଏବଂ ଦିଲ୍ଲୀ ପୋଲିସ୍‌ର ସ୍ପେଶାଲ ସେଲ୍‌ର ମିଳିତ ଚଢ଼ାଉ ବେଳେ ନୋଏଡ଼ାର ଗୌତମବୁଦ୍ଧ ନଗର ଜିଲା ଅନ୍ତର୍ଗତ କସ୍‌ନା ଶିଳ୍ପାଞ୍ଚଳରୁ ମେଥାମ୍‌ଫେଟାମାଇନ୍ ଉତ୍ପାଦନ ଲାବ୍ ଠାବ ହୋଇଛି। ସେଠାରୁ ୯୫ କେ.ଜି. ମେଥାମ୍‌ଫେଟାମାଇନ୍ ଜବତ ହୋଇଛି। ଏହି ବେଆଇନ ନିଶା ଉତ୍ପାଦନରେ ସମ୍ପୃକ୍ତ ତିହାର ଜେଲ୍‌ର ୱାର୍ଡେନ୍ ଏବଂ ଜଣେ ମେକ୍ସିକୋ ନାଗରିକଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯାଇଛି। ଚଢ଼ାଉ ବେଳେ ଉକ୍ତ ଫ୍ୟାକ୍ଟ୍ରି ପରିସରରୁ ଦିଲ୍ଲୀ ଜଣେ ବ୍ୟବସାୟୀ ଧରାପଡ଼ିଥିଲେ। ଉକ୍ତ ବ୍ୟବସାୟୀ ଏବଂ ୱାର୍ଡେନ୍ ବେଆଇନ କାରଖାନା ବସାଇଥିବା କୁହାଯାଇଛି। ସେମାନେ ଡ୍ରଗ୍ସ ତିଆରି ପାଇଁ ବିଭିନ୍ନ ସୂତ୍ରରୁ ଆବଶ୍ୟକ ରାସାୟନିକ ସାମଗ୍ରୀ କିଣିବା ସହ ଉପକରଣ ବାହାରୁ ଆମଦାନି କରିଥିଲେ ବୋଲି ଏନ୍‌ସିବି ଉପମହାନିର୍ଦ୍ଦେଶକ (ଅପରେଶନ୍ସ) ଜ୍ଞାନେଶ୍ୱର ସିଂ କହିଛନ୍ତି। ଡ୍ରଗ୍ ଉତ୍ପାଦନରେ ମୁମ୍ବାଇର ଜଣେ ରସାୟନବିଦ୍ ସମ୍ପୃକ୍ତ। ଦିଲ୍ଲୀରେ ରହିଥିବା ମେକ୍ସିକୋର ଡ୍ରଗ୍ କାର୍ଟେଲ ସଦସ୍ୟ ଡ୍ରଗ୍‌ର ମାନ ପରୀକ୍ଷା କରୁଥିଲେ। ଗିରଫ ଅଭିଯୁକ୍ତମାନଙ୍କୁ ସ୍ୱତନ୍ତ୍ର ନାର୍କୋଟିକ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରପିକ୍ ସବ୍‌ଷ୍ଟାନ୍ସ (ଏନ୍‌ଡିପିଏସ୍) ଅଧିନିୟମ କୋର୍ଟରେ ୨୭ ତାରଖରେ ହାଜର କରାଯାଇଥିଲା। ଏନ୍‌ସିବି ସେମାନଙ୍କୁ ୩ ଦିନ ପାଇଁ ହାଜତକୁ ନେଇଛି। ଉକ୍ତ ସିଣ୍ଡିକେଟ୍ ସହ ଘନିଷ୍ଠ ଭାବେ ସମ୍ପୃକ୍ତ ଥିବା ଦିଲ୍ଲୀ ବ୍ୟବସାୟୀଙ୍କୁ ରାଜୌରୀ ଗାର୍ଡେନ ଅଞ୍ଚଳରୁ ଗିରଫ କରାଯାଇଥିଲା।

## ମନ୍ଦିରରେ ବାଣ ବିସ୍ଫୋରଣ, ୧୫୪ ଆହତ

ଥିରୁଭାନନ୍ତପୁରମ, ୨୯।୧୦

ଦୀପାବଳି ପୂର୍ବରୁ କେରଳର କାସରଗୋଡ଼ ଜିଲା ନିଲେଶ୍ୱରମ ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ବାଣ ବିସ୍ଫୋରଣ ଘଟିଛି। ସ୍ଥାନୀୟ ଅଞ୍ଜୁତାମ୍ବଲମ୍ ବିରାରକାବୁ ମନ୍ଦିରରେ ବାର୍ଷିକ କଳିୟାଟ୍ଟମ ଉତ୍ସବରେ ବାଣ ଫୁଟାଯାଉଥିବା ବେଳେ ନିକଟରେ ଥିବା ବାଣ ଭଣ୍ଡାରରେ ନିଆଁ ଲାଗିଯାଇଥିଲା। ଫଳରେ ମନ୍ଦିର ପରିସରରେ ଭୟଙ୍କର ବିସ୍ଫୋରଣ ଘଟିଥିଲା। ଏଥିରେ ୧୫୪ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆହତଙ୍କ ମଧ୍ୟରେ ମହିଳା ଏବଂ ଶିଶୁ ମଧ୍ୟ ରହିଛନ୍ତି। ଆହତମାନଙ୍କୁ ସ୍ଥାନୀୟ କାସରଗୋଡ଼, କନ୍ନୁର, ମଙ୍ଗଲୁରୁ ଆଦି ସହରର ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ପୋଲିସର ତଦନ୍ତ ଜାରି ରହିଛି। ବିନା ଅନୁମତିରେ ବାଣ ଫୁଟାଇ ଗାଇଡ୍‌ଲାଇନ ଉଲ୍ଲଂଘନ କରିଥିବାରୁ ମନ୍ଦିର ପ୍ରଶାସନର ୮ ସଦସ୍ୟଙ୍କ ବିରୋଧରେ ଜାମିନବିହୀନ ଧାରା ଅଧୀନରେ ପୋଲିସ ମାମଲା ରୁଜୁ କରିଛି।



କେରଳର କାସରଗୋଡ଼ ଜିଲା ନିଲେଶ୍ୱରମ୍‌ସ୍ଥିତ ଅଞ୍ଜୁତାମ୍ବଲମ୍ ବିରାରକାବୁ ମନ୍ଦିରରେ ବାର୍ଷିକ କଳିୟାଟ୍ଟମ ଉତ୍ସବ ଚାଲୁଥିବାବେଳେ ଭୟଙ୍କର ବାଣ ବିସ୍ଫୋରଣ ଘଟିଛି।

# ଭାରତ-ଚାଇନା ସେନା ପ୍ରତ୍ୟାହାର ପ୍ରାୟତଃ ଶେଷ

ନୂଆଦିଲ୍ଲୀ,୨୯।୧୦

ପୂର୍ବ ଲଦାଖର ଡେପ୍‌ସାଙ୍ଗ ଏବଂ ଡେମ୍‌ଚୋକ୍ ଅଞ୍ଚଳରୁ ଭାରତ ଓ ଚାଇନା ସୈନ୍ୟ ପ୍ରତ୍ୟାହାର ପ୍ରକ୍ରିୟା ପ୍ରାୟତଃ ଶେଷ ହୋଇଥିବା ପ୍ରତିରକ୍ଷା ସୂତ୍ରରୁ ଜଣାପଡ଼ିଛି। ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ଅନ୍ତର୍ଗତ ସମ୍ବେଦନଶୀଳ ଅଞ୍ଚଳରୁ ସବୁ ସେନା ପ୍ରତ୍ୟାହାର ହୋଇଛନ୍ତି କି ନାହିଁ ଏବଂ ସାମରିକ ଭିତ୍ତିଭୂମି ଭଙ୍ଗାଯାଇଛି କି ନାହିଁ, ଉଭୟ ଦେଶର ସୈନ୍ୟବାହିନୀ ମିଳିତ ଭାବେ ତାହାର ଯାଞ୍ଚ କରୁଛନ୍ତି। ତେବେ ଗଲ୍‌ୱାନ ଅଞ୍ଚଳ ସମେତ ୪ ବଫର ଜୋନ୍ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ଆଲୋଚନା ହୋଇନାହିଁ। ଡେମ୍‌ଚୋକ୍ ଏବଂ ଡେପ୍‌ସାଙ୍ଗରେ ପାଟ୍ରୋଲିଂ ଆରମ୍ଭ ହେବା ପରେ ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ କରାଯିବା ନେଇ କମାଣ୍ଡରସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯିବ। ଲଦାଖ ଅନ୍ତର୍ଗତ ଏଲ୍‌ଏସିରେ ଖୁବ୍‌ଶୀଘ୍ର ପାଟ୍ରୋଲିଂ ଆରମ୍ଭ ହେବା ସହ ସୀମାରେ ୨୦୨୦ ଏପ୍ରିଲ ପୂର୍ବ ସ୍ଥିତି ଫେରିବ ବୋଲି ଦୁଇଦିନ ପୂର୍ବରୁ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଥିଲେ।

ସୂଚନାଯୋଗ୍ୟ, ୨୦୨୦ ମେ' ମାସରେ ପୂର୍ବ ଲଦାଖ ଅନ୍ତର୍ଗତ ଏଲ୍‌ଏସିରେ ଭାରତ ଓ ଚାଇନା ସୈନ୍ୟ ମୁହାଁମୁହିଁ ହୋଇଥିଲେ। ଜୁନ୍‌ରେ ଗଲ୍‌ୱାନ୍ ଉପତ୍ୟକାରେ ଉଭୟ ପକ୍ଷ ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ହୋଇ କେତେକ ସୈନ୍ୟ ମୃତାହତ ହୋଇଥିଲେ। ଏହି ଘଟଣା ପରେ ଭାରତ ଓ ଚାଇନା ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିଲା। ଏକାଧିକ ପର୍ଯ୍ୟାୟ ଆଲୋଚନା ପରେ ଏଲ୍‌ଏସିରେ ପାଟ୍ରୋଲିଂ ପାଇଁ ଚାଇନା ସହ ବୁଝାମଣା ହୋଇଥିଲା।

## ବୋମା ଧମକ ଦେଉଥିବା ସନ୍ଦିଗ୍ଧଙ୍କ ପରିଚୟ ମିଳିଲା

ନାଗପୁର, ୨୯।୧୦

ଗତ ୧୩ ଦିନ ମଧ୍ୟରେ ଭାରତର ୩୦୦ରୁ ଅଧିକ ବିମାନକୁ ବୋମା ଧମକ ମିଳିଥିଲା। ଏହାର ତଦନ୍ତ କରୁଥିବା ନାଗପୁର ପୋଲିସକୁ ମଙ୍ଗଳବାର ବୋମା ଧମକ ପଛର ସନ୍ଦିଗ୍ଧଙ୍କ ପରିଚୟ ମିଳିଛି। ଧମକ ଦେଉଥିବା ମହାରାଷ୍ଟ୍ରର ଗୋଦିଆଁ ନିବାସୀ ଜଗଦୀଶ ଉଇକେ(୩୫) ଫେରାର ଥିବାବେଳେ ପୋଲିସ ତାଙ୍କୁ ଧରିବାକୁ ପ୍ରୟାସ ଜାରି ରଖିଛି। ୨୦୨୧ରେ ସେ ଏକ ମାମଲାରେ ଗିରଫ ହୋଇଥିଲେ।

# ବରିଷ୍ଠ ନାଗରିକଙ୍କ ପାଇଁ ଆୟୁଷ୍ମାନ ଭାରତ ଶୁଭାରମ୍ଭ

**ଯୋଜନା କାର୍ଯ୍ୟକାରୀ କରୁ ନ ଥିବା ଦିଲ୍ଲୀ, ପଶ୍ଚିମବଙ୍ଗ ସରକାରଙ୍କୁ ମୋଦିଙ୍କ ସମାଲୋଚନା**

ନୂଆଦିଲ୍ଲୀ,୨୯।୧୦(ପି.ଟି.)

ଦେଶରେ ସ୍ୱାସ୍ଥ୍ୟସେବା ଏବଂ ଭିତ୍ତିଭୂମିର ପ୍ରସାର ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ୯ମ ଆୟୁର୍ବେଦ ଦିବସ ଅବସରରେ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆୟୁର୍ବେଦ (ଏଆଇଆଇଏ)ଠାରେ ୧୨,୮୫୦ କୋଟି ଟଙ୍କା ମୂଲ୍ୟର ଅନେକ ସ୍ୱାସ୍ଥ୍ୟସେବା ପ୍ରକଳ୍ପ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ୭୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ବରିଷ୍ଠ ନାଗରିକଙ୍କ ପାଇଁ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟବୀମା ଯୋଜନାକୁ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି। ଦେଶବ୍ୟାପୀ ଏମ୍ସ ଏବଂ ଇଏସ୍‌ଆଇସି ହସ୍ପିଟାଲଗୁଡ଼ିକରେ ଅତ୍ୟାଧୁନିକ ସୁବିଧା ଆରମ୍ଭ ହୋଇଛି।




ନୂଆଦିଲ୍ଲୀର ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆୟୁର୍ବେଦଠାରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଜଣେ ହିତାଧିକାରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ରାଜନୈତିକ ସ୍ୱାର୍ଥ ପାଇଁ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ କରୁ ନ ଥିବା ଦିଲ୍ଲୀ ଏବଂ ପଶ୍ଚିମବଙ୍ଗ ସରକାରଙ୍କ ଉପରେ ପ୍ରଧାନମନ୍ତ୍ରୀ ବର୍ଷିଛନ୍ତି। ପରିବର୍ଦ୍ଧିତ ସ୍ୱାସ୍ଥ୍ୟବୀମା କାର୍ଯ୍ୟକ୍ରମରୁ ଏହି ୨ ରାଜ୍ୟର ବରିଷ୍ଠ ନାଗରିକମାନେ ମାଗଣା ଚିକିତ୍ସା ସୁବିଧା ପାଇପାରୁ ନ ଥିବାରୁ ମର୍ମାହତ ବୋଲି ମୋଦି କହିଛନ୍ତି।

# ଦେଶରେ ଏକାଧିପତ୍ୟ ବଞ୍ଚାଅ ସିଣ୍ଡିକେଟ୍ ଚାଲିଛି: ରାହୁଲ

ନୂଆଦିଲ୍ଲୀ,୨୯।୧୦(ପି.ଟି.)



ରାହୁଲ ଗାନ୍ଧୀ

**ଆଦାନୀ ଗ୍ରୁପ୍, ନିୟାମକ ସଂସ୍ଥା, ଭାଜପା ମଧ୍ୟରେ ବିପଜ୍ଜନକ ସମ୍ବନ୍ଧ ଅଭିଯୋଗ**

ପୁଞ୍ଜିବଜାର ନିୟନ୍ତ୍ରକ ସେବିର ଅଧ୍ୟକ୍ଷା ମାଧବୀ ପୁରୀ ବୁଚ୍‌ଙ୍କ ବିରୋଧରେ କଂଗ୍ରେସ ମଙ୍ଗଳବାର ସାନି ବ୍ୟକ୍ତିଗତ ସ୍ୱାର୍ଥ ଅଭିଯୋଗ ଆଣିଛି। ଦେଶରେ ଏକ 'ଏକାଧିକାର ବଚାଓ ସିଣ୍ଡିକେଟ୍' କାର୍ଯ୍ୟ କରୁଛି, ଯାହାର କେନ୍ଦ୍ରରେ ଆଦାନୀ ଗ୍ରୁପ୍, ନିୟାମକ ସଂସ୍ଥା ଏବଂ ଭାଜପା ମଧ୍ୟରେ 'ବିପଜ୍ଜନକ ସମ୍ବନ୍ଧ' ରହିଥିବା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେବିର ପବିତ୍ରତାକୁ ନଷ୍ଟ କରିଦେଇଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଅଭିଯୋଗ କରିଛନ୍ତି। ଫଳରେ ଦେଶର କୋଟି କୋଟି କ୍ଷୁଦ୍ର ଏବଂ ମଧ୍ୟମବର୍ଗ ନିବେଶକଙ୍କ କଷ୍ଟୋପାର୍ଜିତ ସଞ୍ଚୟ ବିପଦରେ ପଡ଼ିଥିବା ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ଦ୍ୱାରା ନିଯୁକ୍ତ କରିଥିବା ଅଧ୍ୟକ୍ଷାଙ୍କ ସମୟରେ ସେବିରେ ସୃଷ୍ଟି ହୋଇଥିବା ଦୁର୍ନୀତିକୁ ଘୋଡ଼ାଇପାରିବେ ନାହିଁ। ମାଧବୀଙ୍କ ବିରୋଧରେ ଗୋଟିଏ ପରେ ଗୋଟିଏ ଦୁର୍ନୀତିର ପର୍ଦ୍ଦାଫାଶ ହେବାରେ ଲାଗିଥିବାରୁ ତାଙ୍କ ପଦବୀରେ ଅସ୍ଥିରତା ସୃଷ୍ଟି ହୋଇଛି। ଏହି ସିଣ୍ଡିକେଟ୍‌ର ପ୍ରତ୍ୟେକ ଦିଗକୁ ତଦନ୍ତ କରିବା ପାଇଁ ଉପଯୁକ୍ତ ଜେପିସିର ଆବଶ୍ୟକତା ରହିଥିବା ଖାର୍ଗେ ଏକ୍ସ'ରେ ଲେଖିଛନ୍ତି।

କଂଗ୍ରେସର ଅଭିଯୋଗ ଅନୁଯାୟୀ, ମାଧବୀ ତାଙ୍କ ସମ୍ପତ୍ତିକୁ ଏକ କମ୍ପାନୀକୁ ଭଡ଼ା ଲଗାଇଛନ୍ତି। ଉକ୍ତ କମ୍ପାନୀ ସହ ସମ୍ପୃକ୍ତ ବ୍ୟକ୍ତିଙ୍କର ଷ୍ଟକ୍ ବଜାର ନିୟନ୍ତ୍ରକଙ୍କ ତଦନ୍ତାଧୀନ ଥିବା ଇଣ୍ଡିଆବୁଲ୍ ଗ୍ରୁପ୍ ସହ ସମ୍ପର୍କ ରହିଛି। ସାନି ଅଭିଯୋଗ ଉପରେ ମାଧବୀ ବୁଚ୍ କିମ୍ବା ଆଦାନୀ ଗ୍ରୁପ୍ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ। କୌଣସି ଭୁଲ୍ କାର୍ଯ୍ୟ ହୋଇଥିବା ଅଭିଯୋଗକୁ ପୂର୍ବରୁ ସେବି ମୁଖ୍ୟ ଏବଂ ଆଦାନୀ ଗ୍ରୁପ୍ ଖଣ୍ଡନ କରିଥିଲେ। ପ୍ରେଡିବଲ୍ ହେଲ୍‌ଥ ପ୍ରାଇଭେଟ୍ ଲିଃ ସହ ମାଧବୀ ସମ୍ପୃକ୍ତ। ସେ ସେବିର ପୂର୍ଣ୍ଣକାଳୀନ ସଦସ୍ୟ ହେବା ସତ୍ତ୍ୱେ ଉକ୍ତ କମ୍ପାନୀରେ ତାଙ୍କର ଶେୟାର ରହିଥିବା ବିରୋଧୀ ଦଳ ଅଭିଯୋଗ କରିଛି।

ଏଆଇସିସି ମୁଖ୍ୟାଳୟରେ କଂଗ୍ରେସର ମିଡିଆ ଓ ପ୍ରଚାର ବିଭାଗ ମୁଖ୍ୟ ପୱନ ଖେରା କହିଛନ୍ତି, ୨୦୨୨ ଅକ୍ଟୋବର ୧୦ରେ ଅନନ୍ତ ନାରାୟଣ ସେବିର ପୂର୍ଣ୍ଣକାଳୀନ ସଦସ୍ୟ ହୋଇଥିଲେ। ସେ ମଧ୍ୟ ମୁମ୍ବାଇରେ ଥିବା ତାଙ୍କ ସମ୍ପତ୍ତିକୁ ଜଣେ ଷ୍ଟକ୍‌ବ୍ରୋକରଙ୍କୁ ଭଡ଼ା ଦେଇ ୬୪.୮ ଲକ୍ଷ ଟଙ୍କା ଭଡ଼ା ପାଇଛନ୍ତି। ଆଇଏମ୍‌ସି ଇଣ୍ଡିଆ ସିକ୍ୟୁରିଟିଜ୍ ନାମକ ବ୍ରୋକରେଜ୍ ଫାର୍ମ ଉକ୍ତ ବ୍ୟକ୍ତିଙ୍କୁ ନିଯୁକ୍ତି ଦେଇଛି। ଆଦାନୀ ଡିଫେନ୍ସ ୱେବ୍‌ସାଇଟ୍ କିପରି ବିଦେଶୀ ନିର୍ମିତ ଅସ୍ତ୍ରର ବ୍ରାଣ୍ଡ ପରିବର୍ତ୍ତନ କରି ଲାଭ ଉଠାଉଛି, ଏକ ଭିଡିଓ ଜରିଆରେ କଂଗ୍ରେସ ଏହାର ପର୍ଦ୍ଦାଫାଶ କରିଛି।

## ଫୁରସତ୍

# ଜୀବନରେ ସଞ୍ଚୟ ଜରୁରୀ

**ବିଶ୍ୱ ସଞ୍ଚୟ ଦିବସ**

ଆଜି ସାରା ବିଶ୍ୱରେ ବିଶ୍ୱ ସଞ୍ଚୟ ଦିବସ ପାଳନ କରାଯାଉଛି। ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ସଞ୍ଚୟ ବିଷୟରେ ଅବଗତ କରାଇବା। ଆଜିକାଲି ଲୋକଙ୍କ ଖର୍ଚ୍ଚ ବୃଦ୍ଧି ପାଇଛି। ଆଧୁନିକତା ହେତୁ ଲୋକମାନେ ଇଚ୍ଛା ନ ଥାଇ ମଧ୍ୟ ଅତ୍ୟଧିକ ଖର୍ଚ୍ଚ କରନ୍ତି। ଏହା ଅର୍ଥନୈତିକ ପରିସ୍ଥିତିରେ ଅସନ୍ତୁଳନ ସୃଷ୍ଟି କରେ। ଏଥିପାଇଁ ଅନାବଶ୍ୟକ ଟଙ୍କା ଖର୍ଚ୍ଚ କରିବା ଉଚିତ୍ ନୁହେଁ। ଆଜିର ସଞ୍ଚୟ ଆସନ୍ତାକାଲିର ଭବିଷ୍ୟତକୁ ସହଜରେ ପରିଣତ କରେ। ଏହି ଦୃଷ୍ଟିକୋଣରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବିଶ୍ୱ ସଞ୍ଚୟ ଦିବସ ପାଳନ କରାଯାଏ।



ଅକ୍ଟୋବର ୩୦, ୧୯୨୪ରେ ଅନ୍ତର୍ଜାତୀୟ ସଞ୍ଚୟ ବ୍ୟାଙ୍କ ଇଟାଲୀର ମିଲାନ ସହରରେ ଆୟୋଜିତ କଂଗ୍ରେସ ଅଧିବେଶନରେ ବିଶ୍ୱ ସଞ୍ଚୟ ଦିବସ ପାଳନ କରିବାକୁ ପଦକ୍ଷେପ ନେଇଥିଲା। ସେହି ଦିନଠାରୁ ଏହା ପ୍ରତିବର୍ଷ ପାଳନ କରାଯାଉଥିଲା। କିଛି ବର୍ଷ ପରେ, ବିଶ୍ୱର ଅନ୍ୟାନ୍ୟ ଦେଶ ମଧ୍ୟ ବିଶ୍ୱ ସଞ୍ଚୟ ଦିବସ ପାଳନ କରିବା ନିଷ୍ପତ୍ତିକୁ ଗ୍ରହଣ କରିଥିଲେ।

# 'ସିଟାଡେଲ ହନିବନି' ଟ୍ରେଲର ୨ ରିଲିଜ୍

ମୁମ୍ବାଇ

ଅଭିନେତା ବରୁଣ ଧାୱନ ଓ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁଙ୍କ 'ସିଟାଡେଲ ହନିବନି' ୱେବ ସିରିଜ୍ ଆସନ୍ତା ନଭେମ୍ବର ୭ରେ ଓଟିଟି ପ୍ଲାଟ୍‌ଫର୍ମ ଆମାଜନ ପ୍ରାଇମରେ ଷ୍ଟ୍ରିମିଂ ହେବାକୁ ଯାଉଛି। ତେବେ ଏହି ସିରିଜ୍‌ର ଦ୍ୱିତୀୟ ଟ୍ରେଲରକୁ ମଙ୍ଗଳବାର ଜାରି କରାଯାଇଛି। ଉକ୍ତ ଟ୍ରେଲରକୁ ବରୁଣ ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିବା ସହ ଏଥିରେ ସାମନ୍ଥାଙ୍କୁ ଟ୍ୟାଗ୍ କରିଛନ୍ତି। ଏହି ସିରିଜର ପ୍ରଥମ ଟ୍ରେଲର ଗତ ୧୫ରେ ରିଲିଜ୍ ହୋଇଥିଲା।

ଟ୍ରେଲରରେ ବରୁଣଙ୍କ ଶୈଳୀ ଏବଂ ଲୁକ୍ ବହୁତ ଭିନ୍ନ ରହିଛି। ଟ୍ରେଲର ଆରମ୍ଭରୁ ବରୁଣଙ୍କ ଧମାକାଦାର ଏଣ୍ଟ୍ରି ରହିଥିବାବେଳେ ସେ ବାଇକ୍ ଷ୍ଟଣ୍ଟ କରୁଥିବା ନଜରକୁ ଆସିଛନ୍ତି। ତେବେ 'ସିଟାଡେଲ ହନିବନି' ୱେବ ସିରିଜ୍‌ର ଏହି ଦ୍ୱିତୀୟ ଟ୍ରେଲରରେ ଉଭୟ ବରୁଣ ଓ ସାମନ୍ଥାଙ୍କର ବହୁ ଆକ୍ସନ ଦୃଶ୍ୟ ରହିଛି। ଟ୍ରେଲରରେ ବରୁଣ ଓ ସାମନ୍ଥାଙ୍କର ଅଭିନୟକୁ ଦୁହିଙ୍କ ପ୍ରଶଂସକ ଢେର ପସନ୍ଦ କରିଛନ୍ତି।

ଖୁବ୍‌ଶୀଘ୍ର ବରୁଣ ତାଙ୍କ ବାପା ତଥା ପ୍ରସିଦ୍ଧ ଫିଲ୍ମ ନିର୍ଦ୍ଦେଶକ ଡେଭିଡ ଧାୱନଙ୍କ ସହ ଏକ ରୋମାଣ୍ଟିକ୍ ଫିଲ୍ମ କରିବାକୁ ଯାଉଛନ୍ତି। ଏହି ଚଳଚ୍ଚିତ୍ରର ନାମ 'ହେ ଜୱାନି ତୋ ଇସ୍କ ହୋନା ହେ' ରହିଛି। ଏଥିରେ ବରୁଣଙ୍କ ସହ ଅଭିନେତ୍ରୀ ପୂଜା ହେଗ୍‌ଡେ ନଜରକୁ ଆସିବେ। ଅନ୍ୟପକ୍ଷେ ସାମନ୍ଥାଙ୍କୁ ଖୁବ୍‌ଶୀଘ୍ର ତେଲୁଗୁ ଫିଲ୍ମ 'ବନ୍‌ଗରମ'ରେ ଦେଖିବାକୁ ମିଳିବ।



ସାମନ୍ଥା ରୁଥ୍ ପ୍ରଭୁ

# ୧୩ ହଜାର କି.ମି. ସାଇକେଲ ଚଳାଇ ରୋନାଲ୍‌ଡୋଙ୍କୁ ଭେଟିଲେ ପ୍ରଶଂସକ

ରିୟାଧ୍

ପ୍ରସିଦ୍ଧ ଫୁଟ୍‌ବଲର ତଥା କିମ୍ବଦନ୍ତୀ କ୍ରୀଡ଼ାବିତ କ୍ରିଷ୍ଟିଆନୋ ରୋନାଲ୍‌ଡୋଙ୍କର ବିଶ୍ୱବ୍ୟାପୀ ପ୍ରଶଂସକ ରହିଛନ୍ତି। ସମ୍ପ୍ରତି ତାଙ୍କୁ ଭେଟିବା ପାଇଁ ଜଣେ ପ୍ରଶଂସକ ସାଇକେଲ ଯୋଗେ ୧୩ ହଜାର କିଲୋମିଟର ଯାତ୍ରା କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛନ୍ତି। ରୋନାଲ୍‌ଡୋଙ୍କର ଗୋଙ୍ଗ୍(୨୪) ନାମକ ଚାଇନାର ଏହି ପ୍ରଶଂସକ ସାଇକେଲ ଯୋଗେ ଚାଇନାରୁ ସାଉଦି ଆରବ ଯାତ୍ରା କରିଥିଲେ। ସେ ନିଜର ଆଦର୍ଶ ଫୁଟ୍‌ବଲରଙ୍କୁ ଭେଟିବାକୁ ସାଇକେଲରେ ୧୩ ହଜାର କି.ମି.ର ଦୂରତ୍ୱ ଅତିକ୍ରମ କରିଥିଲେ। ଏଥିପାଇଁ ତାଙ୍କୁ ପ୍ରାୟ ୭ ମାସ ସମୟ ଲାଗିଥିଲା। ଗୋଙ୍ଗ୍ ଗତ ମାର୍ଚ୍ଚ ୧୮ରେ ନିଜର ଯାତ୍ରା ଆରମ୍ଭ କରିଥିବାବେଳେ ସେ ସୋମବାର ସାଉଦି ଆରବର ଅଲ୍ ନାସର ଫୁଟ୍‌ବଲ୍ କ୍ଲବ ସମ୍ମୁଖରେ ରୋନାଲ୍‌ଡୋଙ୍କୁ ଭେଟିବାର ସୁଯୋଗ ପାଇଥିଲେ। ଏହି ଅବସରରେ ରୋନାଲ୍‌ଡୋ ଗୋଙ୍ଗ୍‌ଙ୍କୁ ନିଜର ଜର୍ସି ଓ ଅଟୋଗ୍ରାଫ୍ ଉପହାରରେ ଦେଇଥିଲେ। ଏହି ସାକ୍ଷାତ୍ ପରେ ସେ ବହୁତ ଖୁସି ଅଛନ୍ତି ବୋଲି ଗୋଙ୍ଗ୍ କହିଛନ୍ତି।



# ଆପଣଙ୍କ ବିଧାୟକଙ୍କୁ ଜାଣନ୍ତୁ

## ବିଭୂତି ଭୂଷଣ ଜେନା-ଗୋପାଳପୁର (ଗଞ୍ଜାମ)



ବ୍ରହ୍ମପୁର ଲୋକ ସଭା କ୍ଷେତ୍ର ଅଧୀନ ଗୋପାଳପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ୨୦୨୪ ନିର୍ବାଚନରେ ଭାଜପା ଟିକେଟରେ ବିଭୂତି ଭୂଷଣ ଜେନା ପ୍ରଥମ ଥର ପାଇଁ ବିଧାୟକ ହୋଇ ମନ୍ତ୍ରୀ ହୋଇଛନ୍ତି। ସେ ବିଜେଡିର ପୁରୁଖା ନେତା ତଥା ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କୁ ୯,୦୬୨ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି।

ଗୋପାଳପୁର ନିର୍ବାଚନମଣ୍ଡଳୀ ରଙ୍ଗେଇଲୁଣ୍ଡା ବ୍ଲକ ଗୋଳନ୍ଥରାରେ ୧୯୬୭ ମେ ୨୭ରେ ବିଭୂତିଙ୍କ ଜନ୍ମ। ପିତା ସ୍ୱର୍ଗତ ଅଧିକାରୀ ନିତ୍ୟାନନ୍ଦ ଜେନା ଓ ମାତା କେତକୀ ଜେନାଙ୍କ ସେ ତୃତୀୟ ସନ୍ତାନ। ଗାଁର ଦଣ୍ଡାସି ପ୍ରଧାନ ପ୍ରାଥମିକ ସ୍କୁଲରେ ପ୍ରାଥମିକ ଶିକ୍ଷା ଓ ବିଶ୍ୱନାଥ ହାଇ ଆଣ୍ଡ୍ ଟେକ୍ନିକାଲ ସ୍କୁଲରୁ ମାଟ୍ରିକ୍ ପାସ୍ କରିଥିଲେ। ପରେ ଗଞ୍ଜାମ କଲେଜରୁ ବିଜ୍ଞାନରେ ଇଣ୍ଟର ମିଡିଏଟ୍ ଡିଗ୍ରୀ ହାସଲ କରିଥିଲେ। ପିତା ଜଣେ ଚାଷୀ ଥିଲେ। ନିମ୍ନମଧ୍ୟବିତ୍ତ ପରିବାରରେ ବଢ଼ିଥିଲେ। ଗାଁରେ ଅନେକ ଗୋଷ୍ଠୀଗତ କାର୍ଯ୍ୟ କରିବା, ପ୍ରୌଢ଼ ଶିକ୍ଷା ଦେବା, ଛୋଟ ପିଲାଙ୍କୁ ଟ୍ୟୁଶନ କରିବା ସମୟରୁ ହିଁ ତାଙ୍କ ମନରେ ଜନସେବା ପ୍ରତି ଆଗ୍ରହ ଜନ୍ମିଥିଲା। କଲେଜ ଶିକ୍ଷା ଚାଲିଥିବା ସମୟରେ ସେ 'ପଲ୍ଲୀ ପାଠାଗାର'ର ସମ୍ପାଦକ ହୋଇଥିଲେ। ୧୯୯୨ରେ ଗାଁ ଲୋକଙ୍କ ସମର୍ଥନରେ ଗୋଳନ୍ଥରା ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ନିର୍ବାଚନ ଲଢ଼ି ହାରିଯାଇଥିଲେ। ପରେ ୧୯୯୭ରେ ସେ ସରପଞ୍ଚ ନିର୍ବାଚିତ ହୋଇଥିଲେ। ୨୦୦୨ରେ ଜିଲା ପରିଷଦ ସଭ୍ୟ ଭାବେ ୫୩ ନଂ. ଜୋନ୍‌ରୁ ବିଜୟୀ ହୋଇଥିଲେ। ତା'ପରେ ୨୦୦୯ରେ ଭାଜପା ଟିକେଟରେ ବିଧାୟକ ନିର୍ବାଚନ ଲଢ଼ିଥିଲେ। ବିଜେଡିରୁ ଲଢ଼ିଥିବା ପ୍ରଦୀପ କୁମାର ପାଣିଗ୍ରାହୀଙ୍କଠାରୁ ସେ ପରାସ୍ତ ହୋଇଥିଲେ। ୨୦୧୪ରେ ପୁଣି ପ୍ରଦୀପଙ୍କ ସହିତ ନିର୍ବାଚନ ଟକ୍କର ହୋଇଥିଲା। ସେଥିରେ ବି ପରାଜୟ ବରଣ କରିଥିଲେ। ୨୦୧୯ରେ ପୁଣି ଭାଜପା ଟିକେଟରେ ଲଢ଼ିଥିଲେ ମଧ୍ୟ ପ୍ରଦୀପଙ୍କଠାରୁ ଅତି କମ୍ ଭୋଟରେ ହାରିଯାଇଥିଲେ। ୨୦୨୪ ନିର୍ବାଚନରେ ଭାଜପା ଟିକେଟରେ ଲଢ଼ି ବିଜେଡିର ପୁରୁଖା ନେତା ବିକ୍ରମ କୁମାର ପଣ୍ଡାଙ୍କୁ ପରାସ୍ତ କରି ବିଧାୟକ ହୋଇଛନ୍ତି।

**ବିଧାୟକ କହନ୍ତି:**
ଲୋକଙ୍କ ସମର୍ଥନରେ ସବୁ ସମ୍ଭବ ହୋଇଛି । ଏବେ ସେ ରାଜ୍ୟ ସରକାରରେ ଶିଳ୍ପ, ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ହୋଇଛନ୍ତି। ନିଜ ଲକ୍ଷ୍ୟ ସମ୍ପର୍କରେ କହନ୍ତି, ପ୍ରଥମରୁ ଜନସେବାରେ ନିଜକୁ ନିୟୋଜିତ କରିଥିଲେ। ନିର୍ବାଚନ ହାରିବା, ଜିତିବା ପଛ, ଲୋକସେବା ଆଗ। ଏବେ ବି ଏହା ଜାରି ରହିଛି। ବର୍ତ୍ତମାନ ମନ୍ତ୍ରୀ ପଦ ମିଳିଛି। ସୁଚାରୁ ରୂପେ ଦାୟିତ୍ୱ ସମ୍ପାଦନ କରି ଆସୁଛି। ଅଞ୍ଚଳର ବିକାଶ ସହିତ ରାଜ୍ୟର ବିକାଶ କରିବା ଲକ୍ଷ୍ୟ ରହିଛି। ଆଗାମୀ ଦିନରେ ଓଡ଼ିଶା କିଭଳି ସୁନାର ଓଡ଼ିଶା ହେବ ତାକୁ ନେଇ ଦଳୀୟ ଯୋଜନା ଜାରି ରହିଛି।

**ରିପୋର୍ଟ: ଅଶୋକ କୁମାର ସାହୁ, ବ୍ରହ୍ମପୁର**

# ଗୋଟିଏ ହୁଇସିଲ୍‌ରେ ବିଜେଡି ଭାଙ୍ଗିଯିବ: ଜୟନାରାୟଣ

- ଆଜି ନିର୍ବାଚନ ହେଲେ ବିଜେଡି ୧୪୦ ଆସନରେ ଜିତିବ: ପ୍ରମିଳା
- ଆଗକୁ ଆହୁରି ନେତା ବିଜେଡି ଛାଡ଼ି ଭାଜପାରେ ମିଶିବେ: କୃଷ୍ଣ ପାତ୍ର

ଭୁବନେଶ୍ୱର,୨୯।୧୦(ସୁନିତ୍ ମିଶ୍ର)


ଜୟନାରାୟଣ ମିଶ୍ର


ପ୍ରମିଳା ମଲ୍ଲିକ

ରାଜ୍ୟରେ କେଉଁ ଦଳ ୧ ନମ୍ବର ହୋଇ ରହିଛି ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ପ୍ରସଙ୍ଗରେ ବିଜେଡି-ଭାଜପା ନେତା ମୁହାଁମୁହିଁ ହୋଇଛନ୍ତି। ବର୍ତ୍ତମାନ ନିର୍ବାଚନ ହେଲେ ବିଜେଡି ରାଜ୍ୟରେ ୧୪୦ ଆସନ ଜିତିବ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିବା ପରେ ଏହି ପ୍ରସଙ୍ଗରେ ଭାଜପା ମୁହଁ ଖୋଲିଛି। ପ୍ରମିଳାଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇ ଭାଜପାର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ୧୪୦ ତ ଅଲଗା କଥା, ୪୦ ସିଟ୍‌ରେ ଜିତିକି ଦେଖାନ୍ତୁ। ବିଜେଡି ଆଗାମୀ ଦିନରେ ରହିବ କି ନାହିଁ ସେକଥା ଚିନ୍ତା କରନ୍ତୁ। ତାଙ୍କର ୨ ସାଂସଦ ଆସିଲେଣି। ଜିଲାସ୍ତରରେ ଗଣ୍ଡଗୋଳ ଲାଗି ରହିଛି। ବିଜେଡିକୁ କିଭଳି ସମ୍ଭାଳି ରଖିବେ ସେକଥା ଚିନ୍ତା କରନ୍ତୁ। ଆଜି ଗୋଟିଏ ହୁଇସିଲ୍ ମାରିଲେ ବିଜେଡି ଭାଙ୍ଗିଯିବ ବୋଲି ଜୟନାରାୟଣ କହିଛନ୍ତି।

ପ୍ରମିଳାଙ୍କ ମନ୍ତବ୍ୟକୁ ନେଇ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଓଡ଼ିଶାରେ ଗୋଟିଏ ଦଳ ରହିବ। ରାଜ୍ୟରେ ଆଉ ବିଜେଡିର ସ୍ଥାନ ନାହିଁ। ଧୀରେ ଧୀରେ ବିଜେଡି ନେତା ଓ କର୍ମୀ ଦଳ ଛାଡ଼ିବା ଆରମ୍ଭ କରିଛନ୍ତି। ଆଗକୁ ଆହୁରି ଅନେକ ନେତା ବିଜେଡି ଛାଡ଼ି ଭାଜପାରେ ମିଶିବେ ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି। ପ୍ରମିଳା ଗଣମାଧ୍ୟମ ଆଗରେ କହିଥିଲେ, ବିଜେଡି ଆଜି ମଧ୍ୟ ରାଜ୍ୟରେ ୧ ନମ୍ବର ଦଳ। ବର୍ତ୍ତମାନ ନିର୍ବାଚନ ହେଲେ ବିଜେଡି ୧୪୦ ଆସନରେ ଜିତିବ। ତାଙ୍କ ଦଳରେ କେହି ବିଷୋଦ୍‌ଗାର କରୁନାହାନ୍ତି। ପ୍ରସନ୍ନ ପାଟଶାଣୀ କେବେଠାରୁ ଭାଜପାକୁ ପଳାଇଲେଣି। ଭାଜପା ଆଗେ ତାଙ୍କ ଅବସ୍ଥା ସମ୍ଭାଳନ୍ତୁ ବୋଲି ପ୍ରମିଳା କହିଛନ୍ତି।

# ସରକାରୀ କାର୍ଯ୍ୟକ୍ରମରେ ଭାଜପା ପ୍ରଚାର ଗୀତ

## ଭୋଟର ସଚେତନତା ପଥ ଉତ୍ସବ

ପଦ୍ମପୁର,୨୯।୧୦(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡରେ ଭୋଟର ସଚେତନତା ଅବସରରେ ମଙ୍ଗଳବାର ପଥ ଉତ୍ସବ ଅନୁଷ୍ଠିତ ହୋଇଥିଲା। ତେବେ ଏଭଳି ଏକ କାର୍ଯ୍ୟକ୍ରମରେ ପରିବେଷିତ ସମ୍ବଲପୁରୀ ଦଳଗତ ନୃତ୍ୟରେ ଭାଜପାର ଦଳୀୟ ଚିହ୍ନ ସହିତ ଦଳର ପ୍ରଚାର ଆଧାରିତ ଗୀତ ବାଜିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଅବଶ୍ୟ ଗୀତ ବାଜିବାର କିଛି ସମୟ ପରେ ତାକୁ ବନ୍ଦ କରି ଦିଆଯାଇଥିଲା। ଏ ସମ୍ପର୍କରେ ମତାମତ ନେବା ପାଇଁ ପଦ୍ମପୁର ଅତିରିକ୍ତ ଜିଲାପାଳ କୁନାଲ ମୋତିରାମ ଚୌହାନଙ୍କୁ ତାଙ୍କ ମୋବାଇଲ ନମ୍ବର ୮୬୬୯୦୧୧୮୫୨ରେ ଯୋଗାଯୋଗ କରିବାରୁ ସେ ଫୋନ୍ ଉଠାଇ ନ ଥିଲେ।

ଏହି କାର୍ଯ୍ୟକ୍ରମ ଅବସରରେ ସକାଳ ୭ଟାରେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଙ୍ଗୋଲି କାର୍ଯ୍ୟକ୍ରମ ହୋଇଥିଲା। ଭୋଟର ସଚେତନତା ଶୋଭାଯାତ୍ରାରେ ବିଭିନ୍ନ ସ୍କୁଲ, କଲେଜର ଛାତ୍ରୀଛାତ୍ର, ଅନୁଷ୍ଠାନର କର୍ମକର୍ତ୍ତା, ଅଙ୍ଗନୱାଡି କର୍ମୀ, ବିଭିନ୍ନ କାର୍ଯ୍ୟାଳୟର କର୍ମଚାରୀ ଏବଂ ଜନସାଧାରଣ ସାମିଲ ହୋଇଥିଲେ। ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଭେଡ଼ିଁଆ ଛକରେ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦଳଗତ ନୃତ୍ୟ, ସଙ୍ଗୀତ, ପଥପ୍ରାନ୍ତ ନାଟକ ସହିତ ନିର୍ବାଚନ ସମ୍ପର୍କୀତ କୁଇଜ ପ୍ରତିଯୋଗିତା ହୋଇଥିଲା। ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦଳଗତ ନୃତ୍ୟ, ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହା ପୂର୍ବରୁ ସ୍ଲୋଗାନ, ରିଲ୍ସ, ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପଦ୍ମପୁର ଅତିରିକ୍ତ ଜିଲାପାଳ କୁନାଲ ମୋତିରାମ ଚୌହାନ, ଉପଜିଲାପାଳ ସ୍ନେହା ଅରୁଗୁଲା, ସହକାରୀ ଉପଜିଲାପାଳ ସନ୍ତୋଷ କୁମାର ପତି, ନିତୁଶ୍ରୀ ମେହେର ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଥାନା ଘେରାଉ କରି ଭାଜପାର ବିକ୍ଷୋଭ


ଭାଜପା ପକ୍ଷରୁ ପାଲଲହଡ଼ା ଥାନା ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଉଦ୍‌ଘାଟନ ପୂର୍ବରୁ ଫଳକ ଭଙ୍ଗା ଏବଂ କର୍ମୀଙ୍କୁ ମାଡ଼ ଘଟଣାର ପ୍ରତିବାଦ

ପାଲଲହଡ଼ା,୨୯।୧୦ (ଦିବ୍ୟଜ୍ୟୋତି ଦାଶ)

ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ରବିବାର ପାଲଲହଡ଼ା ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟର ଉଦ୍‌ଘାଟନ କରିବା ପୂର୍ବରୁ ପାଲଲହଡ଼ା ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ କେତେକ ଉଦ୍‌ଘାଟନ ପ୍ରକଳ୍ପର ଫଳକ ଭାଙ୍ଗି ଦେଇଥିଲେ। ଏହି ସମୟରେ କେତେଜଣ ବିଜେଡି କର୍ମୀ ସେଠାରେ ଉପସ୍ଥିତ ଭାଜପା କର୍ମୀଙ୍କୁ ମାଡ଼ ମାରିଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଥିଲା। ଉଭୟ ଘଟଣାରେ ପୋଲିସ ଦୋଷୀଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ କରି ମଙ୍ଗଳବାର ଭାଜପା ପକ୍ଷରୁ ପାଲଲହଡ଼ା ଥାନା ଘେରାଉ କରାଯିବା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସୋମବାର ଏ ନେଇ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ଦୋଷୀଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ କରା ନ ଗଲେ ଥାନା ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ମାତ୍ର ପୋଲିସ କାହାରିକୁ ଗିରଫ କରିପାରି ନ ଥିବାରୁ ଚେତାବନୀ ଅନୁସାରେ ଭାଜପା ଯୁବମୋର୍ଚ୍ଚାର ଶତାଧିକ କର୍ମୀ ଥାନା ଘେରାଉ କରି ପୋଲିସ ବିରୋଧରେ ସ୍ଲୋଗାନ ଦେବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ଅଭିଯୁକ୍ତଙ୍କ ଗିରଫ ପାଇଁ ଅଡି ବସିଥିଲେ। ଏହା ନ ହେଲେ ପୋଲିସର ଅବହେଳା ପାଇଁ ଆଗକୁ ପାଲଲହଡ଼ା ବନ୍ଦ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏହି ବିକ୍ଷୋଭ ବେଳେ ଭାଜପା ମଣ୍ଡଳ ସଭାପତି ପଞ୍ଚାନନ ସାହୁ, ପ୍ରଭାରୀ ଆଶିଷ ସାମଲ, ଅର୍ଜୁନ ମାଝୀ, ବରିଷ୍ଠ ନେତା ମନୋଜ କୁମାର ସାହୁ, ଯୁବମୋର୍ଚ୍ଚା ସଭାପତି ହିମାଂଶୁ ନହରା, ଶଶିକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ମିଥ୍ୟା ମାମଲା ପାଇଁ ଚାପ: ବିଜେଡି

ପାଲଲହଡ଼ା,୨୯।୧୦ (ଦିବ୍ୟଜ୍ୟୋତି ଦାଶ)

ଭାଜପା ମଙ୍ଗଳବାର ପାଲଲହଡ଼ା ଥାନା ଘେରାଉ କରିଥିବାରୁ ବିଜେଡି ସମାଲୋଚନା କରିଛି। ବିଜେଡି କର୍ମୀଙ୍କ ବିରୋଧରେ ମିଥ୍ୟା ମାମଲା ପାଇଁ ଭାଜପା ପୋଲିସ ଉପରେ ଚାପ ସୃଷ୍ଟି କରୁଛି। ବିଜେଡି ପକ୍ଷରୁ ପଞ୍ଚାୟତ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହା କୁହାଯାଇଛି। ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ କହିଛନ୍ତି, ତାଙ୍କୁ ଜାଣିଶୁଣି ଭାଜପା ବିଧାୟକ ଅପମାନିତ କରିବାକୁ ରବିବାର ଫଳକ ଉଦ୍‌ଘାଟନ କରିବା ପାଇଁ ଆସିଥିଲେ। ସେଦିନ ଗଜଲକ୍ଷ୍ମୀ ପୂଜାର ବିସର୍ଜନ ଥିବାରୁ କୋଉଠି କ'ଣ ଗଣ୍ଡଗୋଳ ହେଇଥିବ, ସେଥିରେ ବିଜେଡି କର୍ମୀଙ୍କ କୌଣସି ହାତ ନାହିଁ।

# ବିଜେଡିରୁ ଇସ୍ତଫା ଦେଲେ ସୁନନ୍ଦା

ଭୁବନେଶ୍ୱର,୨୯।୧୦(ଅନିଲ ଦାସ)


ସୁନନ୍ଦା ଦାସ

ବରୀର ପୂର୍ବତନ ବିଧାୟକ ସୁନନ୍ଦା ଦାସ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫାପତ୍ର ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି। ଦଳରେ ତାଙ୍କୁ ଅଣଦେଖା କରାଯାଉଥିବା ସେ ଗତ କିଛି ମାସ ଧରି ଅଭିଯୋଗ କରି ଆସୁଥିଲେ। ସୁନନ୍ଦା ଦାସ ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ବରୀରୁ ବିଧାୟକ ହୋଇଥିଲେ। ତେବେ ୨୦୨୪ ନିର୍ବାଚନରେ ତାଙ୍କୁ ବିଜେଡି ଟିକେଟ ଦେଇ ନ ଥିଲା। ଏହାକୁ ନେଇ ସେ ଅସନ୍ତୁଷ୍ଟ ଥିଲେ। ତାଙ୍କ ବଦଳରେ ଭାଜପା ଛାଡ଼ି ବିଜେଡିରେ ଯୋଗ ଦେଇଥିବା ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ଦଳ ଟିକେଟ ଦେଇଥିଲା । ବିଶ୍ୱରଞ୍ଜନ ବରୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି।

# ୩ ପ୍ରସ୍ତାବ ଉପରେ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀକାନ୍ତଙ୍କ ଚିଠି

ଭୁବନେଶ୍ୱର,୨୯।୧୦(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମଙ୍ଗଳବାର ଚିଠି ଲେଖି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଂଗ୍ରେସ ନେତା ଶ୍ରୀକାନ୍ତ ଜେନା ୩ଟି ପ୍ରସ୍ତାବ ଦେଇ ସେଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଶ୍ରୀକାନ୍ତ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ୧୯୨୧ରେ ମହାତ୍ମା ଗାନ୍ଧୀ ତାଙ୍କ ପ୍ରଥମ ଓଡ଼ିଶା ଗସ୍ତରୁ ଫେରି ବମ୍ବେଠାରେ ଓଡ଼ିଶାର ଗରିବୀ ସମ୍ପର୍କରେ ଉଲ୍ଲେଖକରି ଅତ୍ୟନ୍ତ ଦୁଃଖ ପ୍ରକାଶ କରିଥିଲେ। ସମ୍ପଦଭରା ଓଡ଼ିଶାର ଗରିବୀ ତାଙ୍କୁ ବ୍ୟଥିତ କରିଥିଲା । ୧୦୦ ବର୍ଷ ପରେ ବି ଆଜି ଓଡ଼ିଶା ଦେଶରେ ସବୁଠୁ ପଛୁଆ ରାଜ୍ୟ ଭାବେ ପରିଗଣିତ। ପ୍ରଚୁର ଖଣିଜ ସମ୍ପଦ କିଛି ମୁଷ୍ଟିମେୟ ଶିଳ୍ପପତିଙ୍କ ଲୁଟ୍‌ରେ ପରିଣତ ହୋଇଛି। ମଦ ପ୍ରଚଳନରେ ଅନ୍ୟ ରାଜ୍ୟ ତୁଳନାରେ ଆମେ ବହୁ ଆଗରେ । ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆ ବର୍ଗ ଏବଂ ସଂଖ୍ୟାଲଘୁ ଯେଉଁମାନଙ୍କ ସଂଖ୍ୟା ରାଜ୍ୟରେ ୯୪% ସେମାନଙ୍କୁ ତାଙ୍କର ସାମ୍ବିଧାନିକ ଅଧିକାର, ସଂରକ୍ଷଣ ଓ ଅନ୍ୟାନ୍ୟ ସୁବିଧାରୁ ବଞ୍ଚିତ କରାଯାଇଛି। ଅନ୍ୟ ରାଜ୍ୟ ଭଳି ଏଠାରେ ସମସ୍ତ ଚାଷୀଙ୍କ ପାଇଁ ୧୦ ହର୍ସ ପାୱାର ପର୍ଯ୍ୟନ୍ତ ମାଗଣା ବିଜୁଳି ଯୋଗାଣ ଓ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ଦିଆଯାଉ। ରାଜ୍ୟକୁ ସମ୍ପୂର୍ଣ୍ଣ 'ମଦମୁକ୍ତ' କରାଯାଉ । 'ମଦରୁ ମୁକ୍ତି ଗରିବୀରୁ ମୁକ୍ତି' । ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ରାଜ୍ୟର ୯୪ % ଲୋକଙ୍କୁ ତାଙ୍କର ସାମ୍ବିଧାନିକ ଅଧିକାର (ଶିକ୍ଷା ଓ ଚାକିରିରେ ସଂରକ୍ଷଣ) ଦେବା ସଙ୍ଗେ ସଙ୍ଗେ 'ଜାତିଭିତ୍ତିକ ଜନଗଣନା' ରାଜ୍ୟରେ ତୁରନ୍ତ ଆରମ୍ଭ ହେଉ ବୋଲି ସେ ଅନୁରୋଧ କରିଛନ୍ତି।

# ବିଏସ୍‌କେୱାଇ ଯୋଜନାରୁ କେଉଁମାନେ ବଞ୍ଚିତ ହେବେ, ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ: ବିଜେଡି

ଭୁବନେଶ୍ୱର,୨୯।୧୦(ଅନିଲ ଦାସ)

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ମାଧ୍ୟମରେ ଚିକିତ୍ସା ସୁବିଧା ପାଉଥିବା ୯୬.୫ ଲକ୍ଷ ପରିବାରର ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ବହନ କରୁଥିବାବେଳେ ଆୟୁଷ୍ମାନ ଯୋଜନା ଲାଗୁ କରିବା ନାଁରେ କେତେଲକ୍ଷ ପରିବାରଙ୍କୁ ଏହି ଯୋଜନାରୁ ବଞ୍ଚିତ ହେବାକୁ ପଡ଼ିବ, ତାହା ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି।

ମଙ୍ଗଳବାର ଶଙ୍ଖ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଆୟୁଷ୍ମାନ ଯୋଜନାରେ ହିତାଧିକାରୀଙ୍କ ପରିବାର ପାଇଁ ଅତି ବେଶିରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ବୀମା କମ୍ପାନୀ ଜରିଆରେ ପ୍ରଦାନ କରାଯାଉଥିବା ବେଳେ ବିଏସ୍‌କେୱାଇ ମାଧ୍ୟମରେ ପରିବାରର ପୁରୁଷ ସଦସ୍ୟଙ୍କ ପାଇଁ ୫ ଲକ୍ଷ ଟଙ୍କା ଓ ମହିଳା ସଦସ୍ୟମାନଙ୍କ ପାଇଁ ୧୦ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ପ୍ରତ୍ୟକ୍ଷ ଭାବେ ରାଜ୍ୟ ସରକାର ବହନ କରିବେ। ବିଏସ୍‌କେୱାଇରେ ସମସ୍ତ ପ୍ରକାର ମେଡ଼ିକାଲ ଟେଷ୍ଟ ଓ ଫଲୋଅପ୍ କନସଲଟେଶନର ବ୍ୟବସ୍ଥା ରହିଥିଲା ବେଳେ ଏହି ସୁବିଧା ଆୟୁଷ୍ମାନ ଯୋଜନାରେ ନାହିଁ। ଆୟୁଷ୍ମାନ ଯୋଜନା ଇନସ୍ୟୁରାନ୍ସ ଆଧାରରେ କାର୍ଯ୍ୟକ୍ରମ ହେଉଥିବାରୁ ଅନେକ ସମୟରେ ଘରୋଇ ହସ୍ପିଟାଲଗୁଡ଼ିକ ତାଙ୍କର ଦେୟ ପାଇବା ବିଳମ୍ବ ହେଉଥିବା ଦୃଷ୍ଟିରୁ ହିତାଧିକାରୀମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବା ପାଇଁ ମନା କରିଦେଇଥାନ୍ତି। ଅପରପକ୍ଷରେ ବିଏସ୍‌କେୱାଇରେ ସରକାର ନିଜସ୍ୱ ପାଣ୍ଠିରୁ ଦେୟ ପ୍ରଦାନ କରୁଥିବାରୁ ଘରୋଇ ହସ୍ପିଟାଲଗୁଡ଼ିକ ରୋଗୀଙ୍କୁ ଆଡ୍‌ମିଟ୍ କରିବା ପାଇଁ ଦ୍ୱିଧା ପ୍ରକାଶ କରନ୍ତି ନାହିଁ। ରାଜ୍ୟର ପ୍ରାୟ ୯୬.୫ ଲକ୍ଷ ଲୋକ ବିଏସ୍‌କେୱାଇ ମାଧ୍ୟମରେ ମାଗଣା ଚିକିତ୍ସା ସୁବିଧା ପାଇପାରୁଛନ୍ତି। ଏଥିରେ କୌଣସି ବୟସସୀମା ନାହିଁ। ଆୟୁଷ୍ମାନ ଯୋଜନାରେ ରାଜ୍ୟର କେତେ ଲୋକଙ୍କୁ ହିତାଧିକାରୀ ତାଲିକାରେ ସାମିଲ କରାଯିବ ସେନେଇ ସନ୍ଦେହ ରହିଛି। ବିଏସ୍‌କେୱାଇରେ କୌଣସି ବୟସସୀମା ନ ଥିବାରୁ ହିତାଧିକାରୀଙ୍କ ପରିବାରରେ ୭୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ସଦସ୍ୟ ଚିକିତ୍ସା ସୁବିଧା ପାଉଛନ୍ତି। ବିଏସ୍‌କେୱାଇ ଯୋଜନା ପ୍ରଣୟନ ହେବା ପରେ ରାଜ୍ୟର ମୁଣ୍ଡପିଛା ଚିକିତ୍ସା ଖର୍ଚ୍ଚରେ ଉଲ୍ଲେଖନୀୟ ହ୍ରାସ ଘଟିଛି।

ମୁଖପାତ୍ର ଦ୍ୟୁମ୍ନନାଥ ପଣ୍ଡା କହିଛନ୍ତି, ଜାତୀୟ ସ୍ୱାସ୍ଥ୍ୟ ଆକାଉଣ୍ଟ୍ସ ଏଷ୍ଟିମେଟ୍ ଫର୍ ଇଣ୍ଡିଆ ରିପୋର୍ଟ ଅନୁଯାୟୀ ଓଡ଼ିଶାର ସ୍ୱାସ୍ଥ୍ୟ ଉପରେ ପରିବାରର ଖର୍ଚ୍ଚ ଯାହା ୨୦୧୫ ରେ ୭୧.୫% ଥିଲା, ତାହା ୨୦୨୧-୨୨ ବେଳକୁ ୩୭.୧%କୁ ଖସିଆସିଛି। ଏଥିରୁ ସ୍ପଷ୍ଟ ପ୍ରତୀୟମାନ ଯେ ନବୀନ ପଟ୍ଟନାୟକ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଯୋଗୁ ସ୍ୱାସ୍ଥ୍ୟକ୍ଷେତ୍ରରେ ଓଡ଼ିଶା ଭାଜପା ଶାସିତ ଅନେକ ରାଜ୍ୟଠାରୁ ଭଲ ସ୍ଥିତିରେ ରହିଛି।

# ଭାଜପାରେ ମିଶିଲେ ଗଁଦିଆ ବ୍ଲକ ଅଧ୍ୟକ୍ଷା

## ବିଜେଡିରୁ ନିଲମ୍ବିତ ହୋଇଥିଲେ

ଢେଙ୍କାନାଳ,୨୯।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ଖଟୁଆଙ୍କୁ ମଙ୍ଗଳବାର ଦଳବିରୋଧୀ କାର୍ଯ୍ୟ ପାଇଁ ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକ ନିଲମ୍ବନ କରିଛନ୍ତି। ନିଲମ୍ବନ ପରେ ରୀନାରାଣୀ ଭୁବନେଶ୍ୱରଠାରେ ଭାଜପାରେ ଯୋଗଦେଇଛନ୍ତି। ସେ ନିଜର ସମର୍ଥକମାନଙ୍କ ସହ ଭାଜପାରେ ଯୋଗଦେଇଛନ୍ତି। ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଓ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଉପସ୍ଥିତିରେ ରୀନାରାଣୀ ନିଜ ସମର୍ଥକଙ୍କ ସହ ଭାଜପାରେ ଯୋଗ ଦେଇଛନ୍ତି। ଏହି ଅବସରରେ ଢେଙ୍କାନାଳ ଜିଲାର ବରିଷ୍ଠ ଭାଜପା ନେତା ରାମଚନ୍ଦ୍ର ପାତ୍ର ମଧ୍ୟ ଉପସ୍ଥିତ ଥିଲେ। ରୀନାରାଣୀ କହିଛନ୍ତି, ବିଜେଡିର ଗଁଦିଆ ବ୍ଲକ ଅଧ୍ୟକ୍ଷା ଭାବେ ମୁଁ ମନ୍ତ୍ରୀଙ୍କୁ ବିରୋଧ କରିବା ପାଇଁ ଗଁଦିଆରେ ଏକମାତ୍ର ଲୋକ ଥିଲି। କିନ୍ତୁ ବିଜେଡିରେ ଯିଏ ଆମ ମୁରବି, ସିଏ ଆମ ସାଥ୍ ଦେଲେନାହିଁ। ମୁଁ ଜଣେ ମହିଳା ହୋଇ ବହୁ ସଂଘର୍ଷ କରିଛି। ବହୁ ସମସ୍ୟା ଭିତରେ ଗତି କରିଛି। ଯିଏ ମୁରବି ଥିଲେ ସେ ଦିନେହେଲେ ବ୍ଲକ କାର୍ଯ୍ୟାଳୟକୁ ଆସିଲେ ନାହିଁ। ଏଭଳି ବହୁ କଥା ଅଛି। ତେଣୁ ବର୍ତ୍ତମାନ ମନ୍ତ୍ରୀଙ୍କ ନେତୃତ୍ୱରେ ଆମେ ୭ଜଣ ସମିତିସଭ୍ୟ ଏବଂ ଆଉ କିଛି ସରପଞ୍ଚ ଭାଜପାରେ ଯୋଗଦେଇଛୁ।


ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ସଭାପତି ମନମୋହନ ସାମଲ ଓ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଉପସ୍ଥିତିରେ ସାମିଲ୍ ହୋଇଛନ୍ତି।

ବିଜେଡିର ବରିଷ୍ଠ ନେତା ତଥା ଢେଙ୍କାନାଳର ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ କହିଛନ୍ତି, ରାଜନୀତି ପରିପ୍ରେକ୍ଷୀରେ ବହୁତ ନେତା ଆସିଛନ୍ତି, ଯାଇଛନ୍ତି। ଗତ ନିର୍ବାଚନରେ ଲୋକେ ଆମକୁ ପୂର୍ଣ୍ଣ ସମର୍ଥନ ଦେଇ ନ ଥିଲେ ମଧ୍ୟ ଆମର ସଂଗଠନ ଜାରି ରହିଛି। ରୀନାରାଣୀ ଦୀର୍ଘ ୧୫ଦିନ ହେଲାଣି ଭାଜପା ସହ ଯୋଗାଯୋଗରେ ଥିଲେ। ଜାଣିବା ପରେ ଆମେ ବହୁତ ବୁଝାଇଥିଲୁ। ସେ ନିଜ ସ୍ୱାର୍ଥ ପାଇଁ ଦଳ ଛାଡ଼ିଛନ୍ତି। ଗଁଦିଆ ବ୍ଲକ ଜନସାଧାରଣ ଆମ ସହ ଅଛନ୍ତି। ବିଜେଡି ଅଛି, ରହିବ। ଯାହାର ସଂଗଠନ ନ ଥାଏ, ସେ ଅନ୍ୟ ଦଳର ନେତାଙ୍କୁ ଖୋଜେ। କିଏ ଡରିକି ଯାଉଛି ତ କିଏ ନିଜର ବ୍ୟବସାୟ ପାଇଁ ଯାଉଥିବ। ୨୦୨୦ରୁ ୨୦୨୪ ମଧ୍ୟରେ ମୋ ରାଜନୀତି କ୍ୟାରିୟରରେ ମୁଁ ଗଁଦିଆ ବ୍ଲକ ଅଞ୍ଚଳ ପାଇଁ ଯେତିକି ସମୟ ଦେଇଛି, ଏତେ ସମୟ ଆଉ କେଉଁଠି ଦେଇନାହିଁ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଏହାର କୌଣସି ଫରକ ପଡିବ ନାହିଁ। ତାଙ୍କର ଦଳବିରୋଧୀ କାର୍ଯ୍ୟ ଜାଣିବା ପରେ ରାଜ୍ୟ ବିଜେଡି ସଭାପତି ତାଙ୍କୁ ଦଳରୁ ନିଲମ୍ବିତ କରିଛନ୍ତି ବୋଲି ପୂର୍ବତନ ବିଧାୟକ କହିଛନ୍ତି।

# ଧନ୍‌ତେରସରେ ଜିଏସ୍‌ଟି ଚଢ଼ାଉ

## ରାଉରକେଲା, ସମ୍ବଲପୁର, ଭବାନୀପାଟଣାରେ ରେଡ୍

ରାଉରକେଲା/ସମ୍ବଲପୁର/ ଭବାନୀପାଟଣା, ୨୯।୧୦ (ସଙ୍ଗୀତା ଜେନା/ ପ୍ରମୋଦ ବହିଦାର/ ଉତ୍ତମ କୁମାର ଦାଶ)

ସୁଖ ଓ ସମୃଦ୍ଧିର ପର୍ବ ଧନ ତ୍ରୟୋଦଶୀ ବା ଧନ୍‌ତେରସ ଉପଲକ୍ଷେ ମଙ୍ଗଳବାର ଜୁଏଲେରି ଦୋକାନଗୁଡ଼ିକରେ ଗହଣା କିଣିବାକୁ ଲୋକଙ୍କ ଭିଡ଼ ଲାଗି ଥିବାବେଳେ ରାଜ୍ୟର ପ୍ରମୁଖ ସହରର କେତେକ ଜୁଏଲେରି ଦୋକାନରେ ସିଟି ଆଣ୍ଡ ଜିଏସ୍‌ଟି ପକ୍ଷରୁ ଚଢ଼ାଉ କରାଯାଇଥିବା ଦେଖିବାକୁ ମିଳିଛି। ଜିଏସ୍‌ଟି ଫାଙ୍କୁଥିବା ଅଭିଯୋଗରେ ଇସ୍ପାତ ସହର ରାଉରକେଲା, ସମ୍ବଲପୁର ଏବଂ ଭବାନୀପାଟଣାର ବିଭିନ୍ନ ଦୋକାନରେ ଏହି ଚଢ଼ାଉ ହୋଇଛି। ଜିଏସ୍‌ଟି ଟିମ୍ ବିଭିନ୍ନ କାଗଜପତ୍ର ଜବତ କରି ଯାଞ୍ଚ କରୁଛି। ଯାଞ୍ଚ ପରେ କିଛି ଅନିୟମିତତା ମିଳିଲେ ଦୋକାନ ମାଲିକଙ୍କୁ ସମନ୍ କରାଯିବ ବୋଲି ବିଭାଗୀୟ ଅଧିକାରୀଙ୍କ ଠାରୁ ସୂଚନା ମିଳିଛି।

ମଙ୍ଗଳବାର ପୂର୍ବାହ୍ନରେ ରାଉରକେଲା ମେନ୍ ରୋଡ଼ସ୍ଥିତ ସିଂହ ବିଲ୍ଡିଂରେ ଥିବା ଅଗ୍ରୱାଲ ଜୁଏଲର୍ସରେ ରାଜ୍ୟ ସିଟି ଆଣ୍ଡ୍ ଜିଏସ୍‌ଟି ପକ୍ଷରୁ ଚଢ଼ାଉ କରାଯାଇଛି। ଚଢ଼ାଉବେଳେ ଦୋକାନର କ୍ରୟ ଓ ବିକ୍ରୟ, ବଳକା ସୁନା ଆଦିର ରେକର୍ଡ ଓ ଆନୁଷଙ୍ଗିକ କାଗଜପତ୍ର ଯାଞ୍ଚ କରାଯାଇଥିଲା। ସହାୟକ ଉପଆୟୁକ୍ତ ବି. ପୁରୋହିତଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ଚଢ଼ାଉ କରିଥିଲା। ତେବେ ଜୁଏଲର୍ସ ପକ୍ଷରୁ କୌଣସି ପ୍ରକାର ଅନିୟମିତତା କରାଯାଇଛି କି ନାହିଁ ତାହା ସ୍ପଷ୍ଟ କରାଯାଇନାହିଁ। ସେହିପରି ସମ୍ବଲପୁର ମାରଓ୍ୱାଡ଼ିପଡ଼ାସ୍ଥିତ ତୁଲଶ୍ୟାନ ଜୁଏଲେରି ନାମକ ଏକ ଗହଣା ଦୋକାନରେ ଜିଏସ୍‌ଟି ସମ୍ବଲପୁର ୟୁନିଟ ପକ୍ଷରୁ ଚଢ଼ାଉ ହୋଇଛି। ଗହଣା ଦୋକାନ ଓ ଦୋକାନୀଙ୍କ ଘର ସହ ତିନୋଟି ସ୍ଥାନରେ ଏକ ସଙ୍ଗେ ଚଢ଼ାଉ ହୋଇଛି। ଜିଏସ୍‌ଟି ଡେପୁଟି ପ୍ରବର୍ତ୍ତନ କମିଶନର ସମ୍ବଲପୁର ଟେକଚାନ୍ଦ ମେହେରଙ୍କ ନେତୃତ୍ୱରେ ଏକ ୧୦ ଜଣିଆ ଚଢ଼ାଉକାରୀ ଦଳ ତୁଲଶ୍ୟାନ ଜୁଏଲେରି ଦୋକାନ, ଏହାର ଏକ ଶାଖା ଓ ଦୋକାନ ମାଲିକଙ୍କ ଘରେ ଏକ ସଙ୍ଗେ ଚଢ଼ାଉ କରିଥିଲେ। ଚଢ଼ାଉ ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୧ଟାରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଜାରି ରହିଥିଲା। ଚଢ଼ାଉକାରୀ ଦଳ ଦୋକାନର ବ୍ୟବସାୟ ଜନିତ ବିଭିନ୍ନ କାଗଜପତ୍ର, ଦୋକାନର ଷ୍ଟକ ଆଦିକୁ ଯାଞ୍ଚ କରିଥିଲେ। ଏଥିସହ ତର୍ଜମା ପାଇଁ ଏ ସମ୍ପର୍କିତ ସମସ୍ତ କାଗଜପତ୍ର ଜବତ କରାଯାଇଛି। ଏ ସମ୍ପର୍କରେ ଜିଏସ୍‌ଟି ଡେପୁଟି କମିଶନର ମେହେର କହିଛନ୍ତି, ବିଭିନ୍ନ ସମୟରେ ଲୋକଙ୍କ ଅଭିଯୋଗ ଓ ଅନ୍ୟାନ୍ୟ ସୂତ୍ରରୁ ମିଳୁଥିବା ତଥ୍ୟ ଆଧାରରେ ଏହି ଗହଣା ଦୋକାନରେ ଚଢ଼ାଉ କରାଯାଇଛି। ଦୋକାନର ଷ୍ଟକ ଓ କାଗଜପତ୍ରରେ ମେଳ ରହିଛି କି ନାହିଁ ସେ ନେଇ ଯାଞ୍ଚ ଜାରି ରହିଛି। ଏଥିପାଇଁ ଦୋକାନର ଷ୍ଟକସ୍ଥିତି ଓ ଏ ସମ୍ପର୍କିତ କାଗଜପତ୍ର, କ୍ରୟ ଓ ବିକ୍ରୟ ବିଲ୍ ଆଦି କାଗଜପତ୍ରକୁ ଜିଏସ୍‌ଟି ବିଭାଗ ନିଜ ହେପାଜତକୁ ନେଇଛି। ଦୋକାନର ଷ୍ଟକ ଓ କ୍ରୟ ବିକ୍ରୟ ବିଲ୍ ଓ ଅନ୍ୟାନ୍ୟ କାଗଜପତ୍ରର ଠିକ୍ ଯାଞ୍ଚ ପରେ ଜିଏସଟି ଫାଙ୍କି ହୋଇଛି କି ନାହିଁ, ଯଦି ହୋଇଛି ତାହାର ପରିମାଣ କେତେ ତାହା ସ୍ପଷ୍ଟ ହୋଇ ପାରିବ ବୋଲି ଅତିରିକ୍ତ ପ୍ରବର୍ତ୍ତନ କମିଶନର ମେହେର କହିଛନ୍ତି।

ଅନ୍ୟପକ୍ଷରେ କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ବସୁନ୍ଧରା ଜୁଏଲେରିରେ ସିଟି ଓ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ବିଭାଗ ବଡ଼ଧରଣର ଚଢ଼ାଉ କରିଛି। ଦୀର୍ଘସମୟ ଧରି ଅଧିକାରୀମାନେ ଦୋକାନର ବିଭିନ୍ନ କାଗଜପତ୍ର ସହ ଷ୍ଟକ ଯାଞ୍ଚ କରିଥିଲେ। ପରେ କେତେକ ରେଜିଷ୍ଟର ଜବତ କରି ଅଫିସକୁ ନେଇଛନ୍ତି। ସେଠାରେ ଉକ୍ତ ରେଜିଷ୍ଟର ଯାଞ୍ଚ କରାଯିବ ଓ ଏହି ସମୟରେ ଦୋକାନ ମାଲିକଙ୍କୁ ମଧ୍ୟ ସମନ କରାଯିବ ବୋଲି ବିଭାଗ ପକ୍ଷରୁ ଜଣାପଡ଼ିଛି। ଭବାନୀପାଟଣା ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ବିଭାଗର ଡେପୁଟି କମିଶନର ସମୀର କୁମାର ମାଝିଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା।


ରାଉରକେଲାସ୍ଥିତ ଅଗ୍ରୱାଲ ଜୁଏଲର୍ସରେ ସିଟି ଜିଏସ୍‌ଟି ଅଧିକାରୀମାନେ କାଗଜପତ୍ର ଯାଞ୍ଚ କରୁଛନ୍ତି।

# ୨୩ ବର୍ଷ ପରେ ଉଦ୍ୟାନବିତ୍‌ଙ୍କ ସମେତ ୭ ଦୋଷୀ

ବ୍ରହ୍ମପୁର/ ପାରଳାଖେମୁଣ୍ଡି, ୨୯।୧୦ (ସୁବାସ ଚନ୍ଦ୍ର ପାଢ଼ୀ/ ଗିରିଧାରୀ ପରିଚ୍ଛା)

ଉଦ୍ୟାନ ବିଭାଗରେ ସରକାରୀ ଯୋଜନା ଟଙ୍କା ଆତ୍ମସାତ୍ ମାମଲାର ୨୩ ବର୍ଷ ପରେ ରାୟ ପ୍ରକାଶ ପାଇଛି। ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଅରୁଣ କୁମାର ସାହୁ ମଙ୍ଗଳବାର ୭ କର୍ମଚାରୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଗଜପତି ଜିଲାର ଉଦ୍ୟାନ ବିଭାଗର ତତ୍କାଳୀନ ଉଦ୍ୟାନବିତ୍ ଜଗନ୍ନାଥ ସାମନ୍ତ, ଫିଲ୍ଡ ଟେକ୍ନିସିଆନ ରଙ୍କନିଧି ଡାକୁଆ ଓ ଶିବର ପ୍ରଧାନ, କାଶୀନଗର ବ୍ଲକ କାର୍ଯ୍ୟାଳୟ କର୍ମଚାରୀ ସନାତନ ଗୌଡ, ନୂଆଗଡ଼ର ହରିହର ନାୟକ, ଗୁମ୍ମାର ପୁରୁଷୋତ୍ତମ ବେହେରା ଏବଂ ଗୋଷାଣୀ ବ୍ଲକର ପ୍ରତାପଚନ୍ଦ୍ର ପଟ୍ଟନାୟକ। ଉଦ୍ୟାନବିତ ଜଗନ୍ନାଥ ସାମନ୍ତଙ୍କୁ ୧ ବର୍ଷ ଜେଲ ଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ହୋଇଛି। ଜରିମାନା ଅନାଦାୟ ସେ ଅଧିକ ୩ ମାସ ସଶ୍ରମ କାରାଦଣ୍ଡ ଭୋଗିବେ। ସେହିପରି ଅନ୍ୟ ୬ କର୍ମଚାରୀଙ୍କୁ ୬ମାସ ଲେଖାଏ ଜେଲ ଦଣ୍ଡାଦେଶ ହୋଇଛି। ଏଥିସହ ସେମାନେ ୫ ହଜାର ଟଙ୍କା ଲେଖାଏ ଜରିମାନା ଦେବେ। ଜରିମାନା ଅନାଦାୟ ପ୍ରତ୍ୟେକେ ୧ ମାସ ଲେଖାଏ ଅତିରିକ୍ତ ସଶ୍ରମ ଜେଲ ଦଣ୍ଡ ଭୋଗିବେ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତ ଥିବା ଉକ୍ତ ବିଭାଗର ଉପ ନିର୍ଦ୍ଦେଶକ କୁଞ୍ଜବିହାରୀ ବସନ୍ତିଆଙ୍କ ବିଚାର ପ୍ରକ୍ରିୟା ଚାଲିଥିବା ବେଳେ ୨୦୧୨ ମେ ୨୦ ତାରିଖରେ ମୃତ୍ୟୁ ହୋଇସାରିଥିବାରୁ ମାମଲାରୁ ବାଦ୍ ଦିଆଯାଇଛି।

### ସରକାରୀ ଯୋଜନାରେ ଟଙ୍କା ଆତ୍ମସାତ୍ ମାମଲା

ମାମଲାର ବିବରଣୀରୁ ପ୍ରକାଶ, ୧୯୯୯-୨୦୦୦ରେ ଗଜପତି ଜିଲାର ବିଭିନ୍ନ ଅଞ୍ଚଳରେ ଉଦ୍ୟାନ ବିଭାଗ ପକ୍ଷରୁ କଦଳୀ, ନଡ଼ିଆ, ଖଜୁରୀ ଚାରାର ନର୍ସରୀ କରିବା ଓ ସେ ସବୁର ପରିଚାଳନା କରିବାକୁ ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଥିଲା। ହେଲେ ଏହି ଅର୍ଥକୁ ଉପରୋକ୍ତ କର୍ମଚାରୀମାନେ ନକଲି କାଗଜପତ୍ର ଜରିଆରେ ଆତ୍ମସାତ କରିଥିଲେ। ଏ ନେଇ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। କଦଳୀ ଚାରା ନର୍ସରୀ ପାଇଁ ୩୪,୭୩୦ ଟଙ୍କା, ନଡିଆ ଚାରା ନର୍ସରୀ ପାଇଁ ୧.୧୧ ଲକ୍ଷ ୨୦ଟଙ୍କା ଏବଂ ଖଜୁରୀ ଚାରା ପାଇଁ ଆସିଥିବା ଟଙ୍କାରୁ ୩୩ ହଜାର ୨୦୦ ଟଙ୍କା ଏଭଳି ମୋଟ ୧ ଲକ୍ଷ ୭୮ ହଜାର ୯୫୦ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ବ୍ରହ୍ମପୁର ଭିଜିଲାନ୍ସ କାର୍ଯ୍ୟାଳୟରେ ୨୦୦୧ ଜୁନ ୨୯ ତାରିଖରେ ନଂ.୨୧/୨୦୦୧ରେ ମାମଲା ରୁଜୁ ହୋଇଥିଲା। ତତ୍କାଳୀନ ଇନ୍ସପେକ୍ଟର ତଥା ତଦନ୍ତ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର ଅଭିଯୁକ୍ତ ୮ କର୍ମଚାରୀ ବିରୋଧରେ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ମୋଟ ୫୮ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ୭ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

# ମୋ ବସ୍ ଚଢ଼ିଗଲା, ଯାତ୍ରୀ ମୃତ

କଟକ, ୨୯।୧୦ (କାର୍ତ୍ତିକ ସାହୁ)

କଟକ ନେତାଜୀ ବସ୍ ଟର୍ମିନାଲ (ସିଏନ୍‌ବିଟି) ଭିତରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୫ଟାରେ ମୋ ବସ୍ ଚଢ଼ିଯିବାରୁ ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ମର୍କତନଗର ଅଞ୍ଚଳର ସରସ୍ୱତୀ ଗୋଚ୍ଛାୟତ(୬୦)।

ପୋଲିସ ସୂଚନା ଅନୁସାରେ, ସରସ୍ୱତୀ ତାଙ୍କ ସ୍ୱାମୀଙ୍କ ସହ ମୋ ବସ୍ (ନଂ.ଓଡି ୩୩ଭି-୨୮୯୫)ରେ କଟକ ସିଡିଏ ଅଞ୍ଚଳରୁ ଆସି ସିଏନ୍‌ବିଟିରେ ଓହ୍ଲାଇଥିଲେ। ପରେ ସେମାନେ ବସ୍ ପଛ ଦେଇ ଯାଉଥିଲେ। ଏହି ସମୟରେ ଉକ୍ତ ବସ୍ ପଛକୁ ଆସୁଥିବା ସେମାନେ ଜାଣିପାରି ନ ଥିଲେ। ବସ୍ ପଛରେ ବି କେହି କର୍ମଚାରୀ ନ ଥିବାରୁ ଚାଳକ ସେମାନଙ୍କୁ ଦେଖିପାରି ନ ଥିଲେ। ଫଳରେ ବସ୍‌ଟି ସରସ୍ୱତୀଙ୍କୁ ଧକ୍କା ଦେବା ପରେ ସେ ତଳେ ପଡିଯାଇଥିଲେ। ଏହି ସମୟରେ ବସ୍ ପଛ ଚକା ତାଙ୍କ ଉପରେ ଚଢ଼ିଯାଇଥିଲା। ମାତ୍ର ସୌଭାଗ୍ୟକ୍ରମେ ତାଙ୍କ ସ୍ୱାମୀ ବର୍ତ୍ତିଯାଇଥିଲେ। ତୁରନ୍ତ ଲୋକମାନେ ସେଠାରେ ରୁଣ୍ଡ ହେବା ସହ ପୋଲିସକୁ ଖବର ଦେଇଥିଲେ। ବାଦାମବାଡ଼ି ପୋଲିସ ପହଞ୍ଚି ସରସ୍ୱତୀଙ୍କୁ ଏସ୍‌ସିବି ମେଡିକାଲ ପଠାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ମେଡିକାଲରେ ରଖାଯାଇଛି। ବୁଧବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ବାଦାମବାଡି ଆଇଆଇସି ଅଜୟ ରାଉଳ କହିଛନ୍ତି।

# ୯୦.୯ ଲକ୍ଷ ଭତ୍ତା ହଡ଼ପ ମାମଲା: ପିଇଓ ନିଲମ୍ବିତ

ଯାଜପୁର, ୨୯।୧୦ (ହର୍ଷବର୍ଦ୍ଧନ ବେହେରା)

ସାମାଜିକ ସୁରକ୍ଷା ଯୋଜନାରେ ୯୦ ଲକ୍ଷ ୯ ହଜାର ଟଙ୍କାର ଭତ୍ତା ହଡ଼ପ କରିଥିବା ଅଭିଯୋଗରେ ବିଞ୍ଝାରପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ଧର୍ମେନ୍ଦ୍ର କୁମାର ସାହୁଙ୍କୁ ମଙ୍ଗଳବାର ନିଲମ୍ବିତ କରାଯାଇଛି। ଏହିମର୍ମରେ ଯାଜପୁର ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣା ଜେନା ସୂଚନା ଦେଇ କହିଛନ୍ତି, ପିଇଓ ସାହୁଙ୍କୁ ନିଲମ୍ବନ କରାଯିବା ସହ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୁପାରିଶ କରାଯାଇଛି। ଏହା ପୂର୍ବରୁ ବିଞ୍ଝାରପୁର ବିଡିଓ ତଦନ୍ତ କରି ଜିଲା ପ୍ରଶାସନକୁ ରିପୋର୍ଟ ଦେଇଛନ୍ତି। ବିଞ୍ଝାରପୁର ଥାନାରେ ବିଡିଓଙ୍କ ପକ୍ଷରୁ ଏକ ଏତଲା ଦାଏର କରାଯାଇଛି ବୋଲି ଜେନା କହିଛନ୍ତି। ଅନ୍ୟପକ୍ଷରେ ବିଞ୍ଝାରପୁର ଥାନା ପୋଲିସ ପକ୍ଷରୁ ଏଯାଏ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ।

ବିଡିଓ ଦିବ୍ୟେନ୍ଦୁ କୁମାର ଦାସଙ୍କ ଅଭିଯୋଗ ଅନୁସାରେ, ୮୯୪ ଜଣ ହିତାଧିକାରୀଙ୍କ ନାମରେ ଭତ୍ତା ଅର୍ଥ ମଞ୍ଜୁର ହୋଇଥିବାବେଳେ ସେମାନଙ୍କ ନାମ ତାଲିକା ଏସ୍‌ଏସ୍‌ଇପିଡି ପୋର୍ଟାଲରେ ମିଳିନାହିଁ। ଏହାପରେ ବିଡିଓ ୧୪।୧୦।୨୦୨୪ରେ ତତ୍କାଳୀନ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ (ବିଏସ୍‌ଏସ୍‌ଓ) ତଥା ଏବେକାର ପିଇଓ ସାହୁଙ୍କ ନାମରେ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ପିଇଓ ସାହୁ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ମଞ୍ଜୁର ନିର୍ଦ୍ଦେଶ ମିଳିବା ପରେ ଉକ୍ତ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିବାକୁ ଆକ୍ୟୁଟେନ୍ସ ରୋଲ୍ ପ୍ରସ୍ତୁତ କରିଥିଲେ ଏବଂ ଏହି ଅନିୟମିତତା ସମ୍ପର୍କରେ ସେ କିଛି ଜାଣି ନାହାନ୍ତି ବୋଲି ଉତ୍ତର ରଖିଥିଲେ। ଏହାପରେ ବିଡିଓ ଦାସ ଏକ କମିଟି ଗଠନ କରି ଉକ୍ତ ଅନିୟମିତତା ଅଭିଯୋଗର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତରେ ପିଇଓ ସାହୁ ଉପଜିଲାପାଳଙ୍କ ଦସ୍ତଖତକୁ ଜାଲିଆତି କରି ହିତାଧିକାରୀଙ୍କୁ ଭତ୍ତା ଅର୍ଥ ପ୍ରଦାନ କରିବାକୁ କାଗଜପତ୍ର ପ୍ରସ୍ତୁତ କରିଥିବା ପ୍ରମାଣିତ ହୋଇଥିଲା। ତେବେ ପୋଲିସ କାହିଁକି ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ରାଜଧାନୀରୁ ୩୦ ଲକ୍ଷର ବ୍ରାଉନସୁଗାର ଜବତ

ଭୁବନେଶ୍ୱର, ୨୯।୧୦ (ସତ୍ୟଜିତ୍ ରାଉତ)

### ୩ ଗିରଫ, ବାଇକ୍ ଜବତ



ରାଜଧାନୀ ଭୁବନେଶ୍ୱରରେ ବ୍ରାଉନସୁଗାର କାରବାର ବନ୍ଦ ହୋଇପାରୁନାହିଁ। ମଙ୍ଗଳବାର ଅବକାରୀ ଟିମ୍ ପକ୍ଷରୁ ଭୁବନେଶ୍ୱରର ଭିନ୍ନ ଭିନ୍ନ ଦୁଇଟି ସ୍ଥାନରେ ଚଢ଼ାଉ କରାଯାଇ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ କରାଯାଇଛି। ଗୋଟିଏ ମାମଲାରେ ଜଣେ ଓ ଅନ୍ୟ ଏକ ମାମଲାରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କ୍ୟାପିଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲୀ ବସ୍ତିରେ ରହୁଥିବା ମଣ୍ଟୁ ନାୟକ (୨୮), ଜୟ ଘଡ଼େଇ (୪୪) ଓ ଖୋର୍ଦ୍ଧା ବୋଲଗଡ ଥାନା ଅଞ୍ଚଳର ପ୍ରକାଶ କୁମାର ନାୟକ (୧୯)। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ବାପୁଜୀନଗର ପାଣିଟାଙ୍କି ନିକଟରେ ପ୍ରକାଶ ବ୍ରାଉନସୁଗାର ବିକ୍ରି କରୁଥିବା ବେଳେ ଅବକାରୀ ଟିମ୍ ତାଙ୍କୁ କାବୁ କରିଥିଲା। ପ୍ରକାଶଙ୍କ ନିକଟରୁ ୩୩ ଗ୍ରାମ୍‌ର ବ୍ରାଉନସୁଗାର ଜବତ ହୋଇଥିଲା। ସେହିପରି ମଣ୍ଟୁ ଓ ଜୟ ଗଙ୍ଗନଗର ଛକ ନିକଟରେ ବ୍ରାଉନସୁଗାର ଡିଲ୍ କରୁଥିବାବେଳେ ଅବକାରୀ ଟିମ୍ ଚଢ଼ାଉ କରି ଉଭୟଙ୍କୁ କାବୁ କରିଥିଲା। ସେମାନଙ୍କ ନିକଟରୁ ୨୬୮ ଗ୍ରାମର ବ୍ରାଉନସୁଗାର ଜବତ ହୋଇଥିଲା। ତେବେ ଏହି କାରବାରରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଭୁବନେଶ୍ୱର ଅବକାରୀ ଜିଲା ପକ୍ଷରୁ ସୂଚନା ଦିଆଯାଇଛି।

# ପେଟ୍ରୋଲ ଢାଳି କାର୍ ଜାଳିଦେଲେ ଦୁର୍ବୃତ୍ତ

ଦିଗପହଣ୍ଡି, ୨୯।୧୦ (ଅଶେଷ ନାଥ ମିଶ୍ର)

ସାନଖେମୁଣ୍ଡି ଓ ଦିଗପହଣ୍ଡି ଅଞ୍ଚଳରେ ଅସାମାଜିକ ତତ୍ତ୍ୱଙ୍କ ଆତଙ୍କରାଜ ବଢ଼ିବାରେ ଲାଗିଛି। ସାନଖେମୁଣ୍ଡି ବ୍ଲକ ମୌଳାଭଞ୍ଜା ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ୨ ଅଜଣା ଦୁର୍ବୃତ୍ତ ସ୍କୁଟିରେ ଆସି ରାସ୍ତାକଡରେ ଥିବା ଏକ କାର (ନଂ.ଓଡ଼ି ୦୫ ଏଏକ୍ସ ୪୧୬୫)କୁ ପେଟ୍ରୋଲ ଢ଼ାଳି ଜାଳି ଦେଇଛନ୍ତି। ସାନଖେମୁଣ୍ଡି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମଙ୍ଗଳବାର ସକାଳେ ଦିଗପହଣ୍ଡି ଆଇଆଇସି ପ୍ରଶାନ୍ତ କୁମାର ପାତ୍ର, ଏସ୍‌ଆଇ ସୋଫିଆ ମିଶ୍ର ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଆଖପାଖରେ ଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ତଦନ୍ତ କରିଛନ୍ତି। ପାଟପୁର ଥାନା କଂସାମାରି ଗ୍ରାମର ସ୍ୱର୍ଗତ ରାଣା ବିଜୟ ଦୋରାଙ୍କ ନାଁରେ ଥିବା କାରଟିକୁ ମୁନା ଦୋରା ବୁଝାଶୁଝା କରୁଥିଲେ। ସେ ଏକ ଗଞ୍ଜେଇ ଚାଲାଣ ମାମଲାରେ ଜେଲରେ ବିଚାରାଧୀନ ବନ୍ଦୀ ଭାବେ ରହିଛନ୍ତି। ମୌଳାଭଞ୍ଜା ଗ୍ରାମର ଗାଡ଼ିଚାଳକ ଧନୁ ଗୌଡ଼ ସବୁଦିନ ଭଳି କାରକୁ ସୋମବାର ରାତିରେ ଘର ସମ୍ମୁଖରେ ରଖିଥିଲେ। ୨ ଦୁର୍ବୃତ୍ତ ମୁହଁରେ ମାସ୍କ ପିନ୍ଧି ବିଳମ୍ବିତ ରାତିରେ ସେଥିରେ ନିଆଁ ଲଗାଇ ଚମ୍ପଟ ମାରିଥିଲେ। ଏନେଇ ଥାନାରେ ଏତଲା ହେବାପରେ ପୋଲିସ ନଂ. ୪୨୨/୨୪ରେ ମକଦ୍ଦମା ରୁଜୁ କରିଛି।

# ୧୯ ମାଓବାଦୀ ଗିରଫ

ମାଲକାନଗିରି, ୨୯।୧୦ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ଓ ସିଆର୍‌ପିଏଫ୍ ମିଳିତ ଅପରେଶନରେ ସୁକ୍‌ମା ଜିଲା ଭେଜି, ଜାଗୁରକୋଣ୍ଡା ଅଞ୍ଚଳରେ ଭିନ୍ନ ଭିନ୍ନ ମାମଲାରେ ସମ୍ପୃକ୍ତ ୧୯ ମାଓବାଦୀଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ଜାଗୁରଗୋଣ୍ଡା ଅଞ୍ଚଳରୁ ଗିରଫ ହୋଇଥିବା ମାଓବାଦୀଙ୍କ ଉପରେ ସରକାରଙ୍କ ପକ୍ଷରୁ ୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିବା ବେଳେ ଭେଜିଥାନା ଅଞ୍ଚଳର ଗିରଫ ହୋଇଥିବା ୫ ମାଓବାଦୀଙ୍କ ନାମରେ ଦୁଇଜଣ ସାଧାରଣ ଜନତାଙ୍କୁ ହତ୍ୟା ମାମଲା ରୁଜୁ କରାଯାଇଥିବା ପୋଲିସ କହିଛି। ସେହିପରି ଜାଗୁରଗୋଣ୍ଡା ଥାନା ଅଞ୍ଚଳରୁ ବିସ୍ଫୋରକ ସାମଗ୍ରୀ ସହ ୧୪ ଜଣଙ୍କୁ ପୋଲିସ ଗିରଫ କରିଥିବା ବେଳେ ସମସ୍ତେ ପ୍ରାୟ ୧୦ ବର୍ଷ ହେଲା ଏହି ଅଞ୍ଚଳରେ ସକ୍ରିୟ ଭାବେ କାର୍ଯ୍ୟକରି ଆସୁଥିଲେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝାଟିମାଟି କିଏ ଛାଟିଲା ଲୋ**
**ଝଡି ପଡ଼ିଅଛି ପାନ,**
**କାନ୍ତଙ୍କ କଥାରେ କରିଛି ମାନ**
**ରହିବି କି ଦୁଇଦିନ?**

ଦାମ୍ପତ୍ୟ ଜୀବନରେ କଳି ଝଗଡ଼ା ଏକ ସାଧାରଣ କଥା। ବେଳେବେଳେ କିଛି ସାମାନ୍ୟ କଥା ପାଇଁ ପତି-ପତ୍ନୀଙ୍କ ମଧ୍ୟରେ ରାଗରୁଷା ଓ ମାନ ଅଭିମାନ ପ୍ରକାଶ ପାଇଥାଏ। ତେବେ ଏଭଳି ଅଭିମାନ ଯେ ଖୁବ କ୍ଷଣସ୍ଥାୟୀ ତାହା ଏଠାରେ ସୂଚିତ କରାଯାଇଛି।

**ଝୁରନା ଝୁରନା ଝୁରିଲେ ମରିବୁଟି**
**କର୍ପୂର ପରି ସହଣିକ ହେଲେ**
**କର୍ପୂର ଚୁରିବୁଟି।**

ଯେ ସକଳ ବାଧାବିଘ୍ନକୁ ଅତିକ୍ରମ କରି ବାଟ ଚାଲିଥାଏ ସେ ହିଁ ସଫଳ ହୋଇଥାଏ। ସେହିପରି ଯାହାର ସହିବା ଶକ୍ତି ଯେତେ ଅଧିକ ହୋଇଥାଏ ତା'ର ବ୍ୟକ୍ତିତ୍ୱ ଓ ମହାନତା ସେତେ ବୃଦ୍ଧି ପାଇଥାଏ। କର୍ପୁରକୁ ଚୂରିଲେ ଯେମିତି ବାସ ଚହଟିଥାଏ ସେମିତି ସହିଷ୍ଣୁତା ଗୁଣ ମଣିଷକୁ ଆହୁରି ମହନୀୟ କରି ଗଢି ତୋଳୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଟଙ୍କା ନ ଫେରାଇବାରୁ ହତ୍ୟା, ୮ ଗିରଫ

ବଲାଙ୍ଗୀର, ୨୯।୧୦ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପୁଇଁତଲା ଥାନା ତଣ୍ଡାମୁଣ୍ଡା ଜଙ୍ଗଲରେ ସଂଘଟିତ ଡବଲ ମର୍ଡର ଘଟଣାର ପର୍ଦ୍ଦାଫାଶ ହୋଇଛି। ଗତ ୨୩ ତାରିଖ ରାତିରେ ଝାଡଖଣ୍ଡର ବୋକାରୋ ସହରର ଏମ୍. ଜାଭେଦ୍ (୨୯) ଓ ପଲକ ମିଶ୍ର (୨୦)ଙ୍କୁ ତଣ୍ଡାମୁଣ୍ଡା ଗାଁ ନିକଟ ଜଙ୍ଗଲରେ ଗଳା କାଟି ହତ୍ୟା କରାଯାଇଥିଲା। ଏହି ହତ୍ୟା ଘଟଣାରେ ପୋଲିସ ୮ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେଥିରୁ ୪ ଅଭିଯୁକ୍ତ ହେଲେ ଝାଡଖଣ୍ଡର ବୋକାରୋ ସହରର ଆଶୁତୋଷ ଗୌତମ ଓରଫ୍ ବବ୍‌ଲୁ କିଲ୍ଲୋ (୪୮), ଗୌରବ କୁମାର(୨୮), ଚନ୍ଦନ କୁମାର (୩୬), କୌଶଲ କୁମାର ଓରଫ୍ କୌଶଲ ବିହାରୀ (୨୯), ବିହାର ପ୍ରଦେଶର ଔରଙ୍ଗାବାଦ୍ ସହରର ଗିରଫ ୩ ଅଭିଯୁକ୍ତ ହେଲେ ବାଦଲ କୁମାର (୨୦), ପପୁ ଓରଫ୍ ରାଜୀବ ଗୌତମ (୪୩), ଦେବା ଓରଫ୍ ବିଶାଳ କୁମାର (୨୩)। ଅନ୍ୟ ଜଣେ ଗିରଫ ଅଭିଯୁକ୍ତ ହେଲେ ବଲାଙ୍ଗୀର ସହର ପ୍ରତାପ ସାଗରପଡାର ଡବ୍‌ଲୁ ଓରଫ୍ ରାଜେନ୍ଦ୍ର ସେଠ୍ (୩୧)। ଅଭିଯୁକ୍ତମାନଙ୍କ ଠାରୁ ଏକ କାର୍, ଏକ ଆକ୍ଟିଭା ସ୍କୁଟି, ଗୋଟିଏ ଛୁରି, ଏକ ଦେଶୀ ବନ୍ଧୁକ, ୨ଟି ଜୀବନ୍ତ ଗୁଳି, ୧୦ଟି ମୋବାଇଲ, ରକ୍ତଭିଜା ଲୁଗା, ସେଲୋଟ୍ୟାପ୍ ଓ ଅନ୍ୟ ସାମଗ୍ରୀ ପୋଲିସ ଜବତ କରିଛି। ଜଣେ ବିଲଡରଙ୍କଠାରୁ ପ୍ରାୟ ୭ ଲକ୍ଷ ଟଙ୍କା ନେଇ ଫେରସ୍ତ ନ କରି ବଲାଙ୍ଗୀରରେ ଲୁଚିଥିବା ଅଭିଯୁକ୍ତଙ୍କୁ ହତ୍ୟା କରିବାକୁ ଯାଇ ଏହି ଡବଲ ମର୍ଡର ହୋଇଥିବା ବଲାଙ୍ଗୀର ଏସ୍‌ପି ଋଷିକେଶ ଡାନ୍‌ଦେଓ ଖିଲାରୀ ମଙ୍ଗଳବାର ରାତିରେ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ବୋକାରୋ ସହରର ଆଶୁତୋଷ ଗୌତମ ଓରଫ୍ ବବ୍‌ଲୁ କିଲ୍ଲୋ ଜଣେ ବିଲଡର ଏବଂ ରିୟଲ ଇଷ୍ଟେଟ ବ୍ୟବସାୟୀ। ଏହି ବିଲଡରଙ୍କ ପାଖରେ ମୃତ ଜାଭେଦ୍ ଜଣେ ସହଯୋଗୀ ଭାବେ କାମ କରି ଅପରାଧ ଘଟାଉଥିଲେ। ବିଲଡର କିଲ୍ଲୋଙ୍କଠାରୁ ଜାଭେଦ୍ ୭ ଲକ୍ଷ ଟଙ୍କା ନେଇ ଫେରସ୍ତ କରିନଥିଲେ। ଏଭଳି କି ଲିଭ୍ ଇନ୍ ରିଲେସନ୍‌ରେ ଥିବା ପଲକଙ୍କୁ ଧରି ଜାଭେଦ୍ ଫେରାର ହୋଇଯାଇଥିଲେ। ଅନେକ ଖୋଜାଖୋଜି କରିବା ପରେ ଜାଭେଦ୍ ବଲାଙ୍ଗୀର ମହାଲକ୍ଷ୍ମୀନଗରରେ ଏକ ଭଡାଘରେ ପଲକଙ୍କ ସହ ରହି ଏଠାରେ ଡ୍ରଗ୍ସ ଓ ଗଞ୍ଜେଇ କାରବାର କରୁଥିବା କିଲ୍ଲୋ ଖବର ପାଇଥିଲେ। ଏହାପରେ ଘରମାଲିକ ବଲାଙ୍ଗୀରର ଡବ୍‌ଲୁ ଓରଫ୍ ରାଜେନ୍ଦ୍ର ସେଠ୍‌ଙ୍କୁ ଯୋଗାଯୋଗ କରି ଜାଭେଦ୍ ସମ୍ପର୍କରେ ଖବର ନେଇଥିଲେ। ବାରମ୍ବାର ଟଙ୍କା ମାଗିବା ପରେ ମଧ୍ୟ ଫେରସ୍ତ ନ କରିବାରୁ


ଗିରଫ ୮ ଅଭିଯୁକ୍ତ, ଜବତ ବନ୍ଧୁକ, ମୋବାଇଲ, ଛୁରି ଓ ଅନ୍ୟ ସାମଗ୍ରୀ।

### ତଣ୍ଡାମୁଣ୍ଡା ଡବଲ ମର୍ଡର ଘଟଣାର ପର୍ଦ୍ଦାଫାଶ

■ ମୃତ ଜାଭେଦ୍‌ଙ୍କ ସହ ଲିଭ୍ ଇନ୍ ରିଲେଶନ୍‌ରେ ଥିଲେ ମୃତ ଯୁବତୀ

ଗତ ୨୩ ତାରିଖ ରାତି ପ୍ରାୟ ୧୧ଟାରେ ବିଲଡର କିଲ୍ଲୋ ବିହାର ଓ ଝାଡ଼ଖଣ୍ଡର ୬ ଜଣ ଗୁଣ୍ଡାଙ୍କୁ ନେଇ ବଲାଙ୍ଗୀରରେ ପହଞ୍ଚି ମହାଲକ୍ଷ୍ମୀନଗର ଭଡାଘରକୁ ଯାଇଥିଲେ। ସେଠାରେ ଜାଭେଦ୍ ସହ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ଗୁଣ୍ଡାମାନେ ଜାଭେଦ୍ ଓ ତାଙ୍କ ପ୍ରେମିକା ପଲକ ମିଶ୍ରଙ୍କ ହାତଗୋଡ ବାନ୍ଧି ଦେବା ସହ ମୁହଁରେ ସେଲୋଟ୍ୟାପ ଲଗାଇ ଦେଇ ଏକ କାରରେ ତଣ୍ଡାମୁଣ୍ଡା ଜଙ୍ଗଲକୁ ନେଇ ଯାଇଥିଲେ। ସେଠାରେ ଜାଭେଦ୍ ଓ ପଲକଙ୍କ ତଣ୍ଟି କାଟି ଦେଇ ମୃତଦେହ ଫିଙ୍ଗି ସେମାନେ ଫେରାର ହୋଇଯାଇଥିଲେ। ଅଭିଯୁକ୍ତ ବାଦଲ କୁମାର ତଣ୍ଟି କାଟିଥିବା ପୋଲିସ ସୂଚନା ଦେଇଛି। ସିସିଟିଭି ଫୁଟେଜ୍, ସାଇବର ଇନ୍‌ପୁଟ ଏବଂ ବିହାର ହଜାରୀବାଗ୍, ରାଞ୍ଚି ପୋଲିସ ଏବଂ ସମ୍ବଲପୁର ପୋଲିସର ଗୁରୁତ୍ୱପୂର୍ଣ୍ଣ ସୂଚନା ଓ ସହଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

### ଏଆଇ ଟେକ୍ନୋଲୋଜିରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି: ଆଇଜି ହିମାଂଶୁ ଲାଲ

**ବଲାଙ୍ଗୀର, ୨୯।୧୦ (ବୀରେନ୍ଦ୍ର କୁମାର ଝାଙ୍କର):** ବଲାଙ୍ଗୀର ଜିଲା ପୁଇଁତଲା ଥାନା ତଣ୍ଡାମୁଣ୍ଡା ଜଙ୍ଗଲରେ ସଂଘଟିତ ଡବଲ ମର୍ଡର ଘଟଣାରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଓ ଫେସ୍ ଡିଟେକ୍‌ସନ୍ ଟେକନିକ୍ ଭଳି ଅତ୍ୟାଧୁନିକ ଜ୍ଞାନ କୌଶଳ ବ୍ୟବହାର କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଓଡିଶା ଆପରାଧିକ ତଦନ୍ତରେ ଏହା ଅତ୍ୟନ୍ତ ଗୁରୁତ୍ୱ ଦିଗ। ଏଥିପାଇଁ ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରି ଓ ତାଙ୍କ ଟିମ୍‌କୁ ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ କୁମାର ଲାଲ ବଲାଙ୍ଗୀର ରିଜର୍ଭ ପୋଲିସ ବାରାକ୍‌ରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଏଆଇ ବ୍ୟବହାର କରି ବଲାଙ୍ଗୀର ପୋଲିସ ଅଭିଯୁକ୍ତଙ୍କୁ ରାଜ୍ୟ ବାହାରୁ ଗିରଫ କରିବା ଘଟଣା ତଦନ୍ତରେ ଉଲ୍ଲେଖନୀୟ ବୋଲି ସେ କହିଛନ୍ତି।

**ଶେୟାର ବଜାରରେ ଉତ୍ସାହ**

ମୁମ୍ବାଇ: କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇ ପାରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ପ୍ରାୟ ୩୬୩.୯୯ ପଏଣ୍ଟ ବଢ଼ି ୮୦,୩୬୯.୦୩ ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୨୭.୭୦ ପଏଣ୍ଟ ବୃଦ୍ଧି ଘଟି ୨୪,୪୬୬.୮୫ ଅଙ୍କରେ କାରବାର ଶେଷ ହୋଇଥିଲା।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................


କ୍ରୀଷ୍ଟା
ପରିବାରବର୍ଗ


ରାଜ ନନ୍ଦିନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ରେକର୍ଡ ପରିମାଣର କାରବାର

ଭୁବନେଶ୍ୱର,୨୯।୧୦ (ଅଭୟ ଦାଶ)

ପ୍ରତିବର୍ଷ ଭଳି ଚଳିତ ବର୍ଷ ଧନ୍‌ତେରସ୍ ଅବସରରେ ଓଡ଼ିଶା ସୁନା ବଜାର ରେକର୍ଡ ପରିମାଣର କାରବାର କରିଛି। ଏପରିକି ଦରବୃଦ୍ଧି ସତ୍ତ୍ୱେ ବ୍ୟବସାୟରେ ଉତ୍ସାହ ଉଭୟ ଭୁବନେଶ୍ୱର ଏବଂ ଓଡ଼ିଶାର ପ୍ରମୁଖ ବଜାରଗୁଡିକରେ ଦେଖିବାକୁ ମିଳିଥିଲା। ଅପରପକ୍ଷରେ ଘରୋଇ ପାଞ୍ଜି ଗଣନା ଅନୁଯାୟୀ ଚଳିତ ବର୍ଷ ଓଡ଼ିଶାରେ ଧନ୍‌ତେରସ୍ କ୍ରମାଗତ ୨ ଦିନ ଧରି ପାଳନ ହେଉଛି। ଏହି ୨ ଦିନ ଯାକ ଓଡ଼ିଶା ବଜାରର ବ୍ୟବସାୟୀମାନେ ବ୍ୟାପକ ପ୍ରସ୍ତୁତ କରିଛନ୍ତି। ଫଳରେ ଧନ୍‌ତେରସ୍‌ର ପ୍ରଥମ ଦିନର କାରବାର ପ୍ରାୟ ୧୦୦କୋଟି ଛୁଇଁଥିବା ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନଗୁଡିକ ପକ୍ଷରୁ ଆକଳନ କରାଯାଇଛି।

ସେହିଭଳି ଆଗକୁ ଦୀପାବଳି ଓ ଛଟ୍ ଭଳି ପର୍ବପର୍ବାଣି ସାଙ୍ଗକୁ ବାହାଘର ଥିବାରୁ ଗ୍ରାହକ ଏକ ସଙ୍ଗେ କ୍ରୟ କରୁଥିବା ଅଳଙ୍କାର ପ୍ରତିଷ୍ଠାନଗୁଡିକ ପକ୍ଷରୁ ସୂଚନା ଦିଆଯାଇଛି। କାରଣ କ୍ରମାଗତ ଭାବେ ଦରବୃଦ୍ଧି ଘଟୁଥିବାବେଳେ ଘରୋଇ ବଜାରର ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ଗ୍ରାମ ପିଛା ୮୦,୪୫୦ ଟଙ୍କାରେ କାରବାର ହେଉଛି। ଏପରିକି ୨୨ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୩,୫୦୦ ଟଙ୍କା ଥିଲାବେଳେ ୧୮ ଗ୍ରାମ ଓ ଅନ୍ୟ ମୂଲ୍ୟବାନ୍ ଧାତୁର ମୂଲ୍ୟ ପ୍ରାୟ ୪୦ରୁ ୫୦ ହଜାର ଟଙ୍କା ଏବଂ ରୁପା ଦର କେଜି ପ୍ରତି ୧,୦୭,୦୦୦ ଟଙ୍କାରେ କାରବାର ହେଉଛି।

ସେହିପରି ଭାରତୀୟ ପରମ୍ପରା ଓ ସଂସ୍କୃତି ଅନୁଯାୟୀ ଧନ୍‌ତେରସ୍ ଅବସରରେ ମୂଲ୍ୟବାନ୍ ଧାତୁ କ୍ରୟ ବିଧି ଥିଲାବେଳେ ସବୁ ବର୍ଗର ଲୋକ ସେମାନଙ୍କର ସକ୍ଷମ ଅନୁଯାୟୀ ଅଳ୍ପ ବହୁତ ମୂଲ୍ୟରେ ସୁନା ଓ ମୂଲ୍ୟବାନ୍ ଧାତୁ କିଣିଛନ୍ତି। ଏପରିକି ଧନ୍‌ତେରସ୍ ଉପଲକ୍ଷେ କାରବାର ବୃଦ୍ଧି ପାଇଁ ବ୍ୟବସାୟୀମାନେ ଆକର୍ଷଣୀୟ ରିହାତି, ଅଫର ଓ ଉପହାର ଜରିଆରେ ଗ୍ରାହକଙ୍କୁ ବହୁ ପରିମାଣରେ ଆକୃଷ୍ଟ କରିବାରେ ସକ୍ଷମ ହୋଇଛନ୍ତି।

ଉଲ୍ଲେଖଯୋଗ୍ୟ, ମଙ୍ଗଳବାର ନୂଆଦିଲ୍ଲୀରେ ମଧ୍ୟ ୨୪କ୍ୟାରେଟ ସୁନା ଦର ପ୍ରତି ୧୦ଗ୍ରାମ ପିଛା ୭୯,୯୬୩ ଟଙ୍କା ଥିଲାବେଳେ ୨୨କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୩,୩୧୦ଟଙ୍କା ରହିଛି। ଏପରିକି ୧୮ ଗ୍ରାମ ସୁନା ମୂଲ୍ୟ ଓ ଅନ୍ୟାନ୍ୟ ମୂଲ୍ୟବାନ୍ ଧାତୁର ମୂଲ୍ୟ ପ୍ରାୟ ୩୫ ରୁ ୪୫ ହଜାର ଟଙ୍କା ଥିଲାବେଳେ ରୁପା ଦର କେଜି ପ୍ରତି ୧,୦୧,୦୦୦ ଟଙ୍କାରେ କାରବାର ହେଉଛି।

ସୂଚନାଯୋଗ୍ୟ, ଓଡ଼ିଶା ବଜାରରେ ଖିମ୍‌ଜୀ ଜୁଏଲର୍ସ, ଅରୁନ୍ଧତୀ, କଲ୍ୟାଣ, ଲାଲ୍‌ଚାନ୍ଦ, ତନିସ୍କ, ମାଲାବାର ଭଳି ପ୍ରମୁଖ ରିଟେଲ ଚେନ୍‌ସାଙ୍ଗକୁ ପିସି ଚନ୍ଦ୍ରା, ଜୟଆଲୁକ୍କାସ,ମଧୁକୁଞ୍ଜ, ଟିବିଜେଡ୍, ନାରାୟଣୀ, ରୀତା, ହିନ୍ଦୁସ୍ଥାନ ଏବଂ ରାଧାଗୋବିନ୍ଦ ରାୟ ଗ୍ରାଣ୍ଡସନ ଜୁଏଲର୍ସ ଭଳି ଅଳଙ୍କାର ପ୍ରତିଷ୍ଠାନରେ ଗ୍ରାହକଙ୍କ ଭିଡ଼ ବେଶ୍ ଉତ୍ସାହଜନକ ରହିଥିଲା।


ଧନ୍‌ତରେସ ଉପଲକ୍ଷେ ଭୁବନେଶ୍ୱର ମାଲାବାର ଶୋ'ରୁମ୍‌ରେ ପ୍ରବଳ ଜନଗହଳି।


ଧନ୍‌ତରେସ ଉପଲକ୍ଷେ କଟକ ତନିସ୍କ ଶୋ'ରୁମ୍‌ରେ ଗ୍ରାହକଙ୍କ ଭିଡ଼।

- ଆକର୍ଷଣୀୟ ଅଫରରେ ଗ୍ରାହକ ଆକୃଷ୍ଟ
- ଦରବୃଦ୍ଧି ସତ୍ତ୍ୱେ ବ୍ୟବସାୟରେ ଉତ୍ସାହ
- ପ୍ରଥମ ଦିନରେ ପ୍ରାୟ ୧୦୦ କୋଟି

# ସ୍ମାଇଲ ଗୋଲ୍ଡର ଆକର୍ଷଣୀୟ ଅଫର

ଭୁବନେଶ୍ୱର,୨୯।୧୦

ସ୍ମାଇଲ ଗୋଲ୍ଡ ଜୁଏଲର୍ସର ବହୁ ପ୍ରତୀକ୍ଷିତ ସ୍କିମ୍ ତଥା ଧନ୍‌ତେରସ ଅଫର୍‌ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ଅଫର ସ୍ୱଳ୍ପ ଅବଧି ଲାଗି ଉପଲବ୍ଧ ରହିଛି। ଏପରିକି ଏହି ଅଫର ଜରିଆରେ ଗ୍ରାହକଙ୍କୁ ସୁନାଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୪୮୯ ଟଙ୍କାର ରିହାତି ଦିଆଯାଉଛି। ସେହିଭଳି ରୁପାଗହଣା ଉପରେ ୫୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଥିବାବେଳେ ହୀରାଗହଣା ଉପରେ ୨୫% ପର୍ଯ୍ୟନ୍ତ ରିହାତି ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି। ଏପରିକି ବ୍ରାଣ୍ଡେଡ୍ ହାତଘଣ୍ଟା ଓ ଫ୍ରେମ୍ ଆଇଟମ୍ ଉପରେ ୨୫% ଲେଖାଏଁ ରିହାତି ପ୍ରଦାନ କରାଯାଉଛି। ଏ ନେଇ ସ୍ମାଇଲ ଗୋଲ୍ଡ ଜୁଏଲର୍ସର ଏମ୍‌ଡି ଇଂ. ବାବୁରାମ ସ୍ୱାଇଁ କହିଥିଲେ, ଆମେ ଆମର ଧନ୍‌ତେରସ ଅଫରର ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆଶାୟୀ ଗ୍ରାହକମାନେ ଏହି ଆକର୍ଷଣୀୟ ଅଫରର ଲାଭ ଉଠାଇବା ସହିତ ସେମାନଙ୍କ ମନପସନ୍ଦର ସାମଗ୍ରୀ ଘରକୁ ନେଇପାରିବେ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।




**ପଞ୍ଚମ ଜନ୍ମଦିନ ଶୁଭେଚ୍ଛା**



କ୍ରିଷ୍ଣା, ଆଜି ତୋର ସ୍ୱନକ୍ଷତ୍ର ଅବସରରେ ପ୍ରଭୁ ମା' ବୀରଜାଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ।

ଶୁଭେଚ୍ଛା ସହ

ବାପା-ଜୀତେନ୍ଦ୍ର ନାୟକ, ମା-ରଶ୍ମିତା ନାୟକ, ଦିଦି-ଲିନୁ ନାୟକ, ଜେଜେବାପା-ବେଣୁଧର ନାୟକ, ଜେଜେ ମା-ସୀତା ନାୟକ, ସାଇ, ଲିଟୁ, ବେବୀ, ଆଶା, ସୁକାନ୍ତି ଏବଂ ନାୟକ ପରିବାର ବର୍ଗ।

କ୍ରିଷ୍ଣା ନାୟକ (ଗୁଗୁଲୁ)
ବନ୍ଧିଲୋ, ସୁକିନ୍ଦା, ଯାଜପୁର

ଧ-୧୭୯୮

**ଜନ୍ମଦିନ ଶୁଭେଚ୍ଛା**



ଆମ ରାଜ ନନ୍ଦିନୀ 'ଲାବନ୍ୟା'ର ପ୍ରଥମ ଜନ୍ମ ଦିନର ଶୁଭ ମୁହୂର୍ତ୍ତରେ ବଡ଼ଠାକୁର ମହାବାହୁ ତାଙ୍କୁ ଦୀର୍ଘାୟୁ କରି ଗଢ଼ି ତୋଳନ୍ତୁ ଏତିକି ପ୍ରାର୍ଥନା ବିଭୁଙ୍କ ପଦାର ବିନ୍ଦରେ। ଶୁଭେଚ୍ଛା ସହ– ଜେଜେ: ପ୍ରଫୁଲ୍ଲ, ବିଜୟ, ଅଜୟ, ସଞ୍ଜୟ, ବିପିନ୍, ଜେଜେମା': ପ୍ରଜ୍ଞାଭାରତୀ, ତଅପୋଇ, ବାପା: ଲକ୍ଷ୍ମୀଧର, ଲକ୍ଷ୍ମଣ, ସୁଧାଂଶୁ, ସୁଶାନ୍ତ, ବିଦ୍ୟାଧର, ପାର୍ଥସାରଥୀ, ବୋଉ: ବିଜୟାଲକ୍ଷ୍ମୀ, ଲକ୍ଷ୍ମୀ, ବନିତା, ଉର୍ମିଳା, ମାମୁ: ବୀର କିଶୋର, ବିନୋଦ।

ଧ-୧୭୯୯

# ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳିତ

ଭୁବନେଶ୍ୱର,୨୯।୧୦

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ର ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଇଛି। ଏପରିକି ୨୦୨୪ ଅକ୍ଟୋବର ୨୮ ରୁ ନଭେମ୍ବର ୩ ପର୍ଯ୍ୟନ୍ତ କେନ୍ଦ୍ରୀୟ ଭିଜିଲାନ୍ସ କମିଶନଙ୍କ ନିର୍ଦ୍ଦେଶରେ ଭିଜିଲାନ୍ସ ସଚେତନତା ସପ୍ତାହ ପାଳିତ ହେଉଛି। ଚଳିତ ବର୍ଷର ଶୀର୍ଷକ ବିଷୟବସ୍ତୁ 'ସଚ୍ଚୋଟତାର ସଂସ୍କୃତିରେ ଦେଶର ସମୃଦ୍ଧି' ରଖାଯାଇଛି। ଉଲ୍ଲେଖଯୋଗ୍ୟ, ଦୀର୍ଘ ସପ୍ତାହବ୍ୟାପୀ ଆୟୋଜିତ ଏହି କାର୍ଯ୍ୟକ୍ରମ ସୋମବାରଠାରୁ ଆରମ୍ଭ ହୋଇଯାଇଛି। ପ୍ରଥମ ଦିନ ଦିବା ୧୧ଘଟିକାରେ ଭୁବନେଶ୍ୱର ମଣ୍ଡଳର ସମସ୍ତ ଶାଖା ଓ କାର୍ଯ୍ୟାଳୟଠାରେ ବ୍ୟାଙ୍କର କର୍ମଚାରୀମାନେ ତ୍ରିଭାଷୀ ସଚ୍ଚୋଟତା ଶପଥ ପାଠ କରିଥିଲେ। ଏପରିକି ଏସ୍‌ବିଆଇର ଓଡ଼ିଶା ପ୍ରଧାନ କାର୍ଯ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ୟାଙ୍କର ଉପ ପ୍ରବନ୍ଧ ନିର୍ଦ୍ଦେଶକ ଅମର ରାମମୋହନ ରାଓ ଓ ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପୃଥ୍ୱୀ ଏହି ଶପଥ ପାଠ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ସେହିଭଳି ଭୁବନେଶ୍ୱର ପ୍ରଧାନ କାର୍ଯ୍ୟାଳୟ ସମ୍ମୁଖରେ ଜନସାଧାରଣଙ୍କ ସଚେତନତା ଉଦ୍ଦେଶ୍ୟରେ ବାଲୁକାଶିଳ୍ପୀ ସୁବଳ ମହାରଣାଙ୍କ ଦ୍ୱାରା ନିର୍ମିତ ଏକ ବାଲୁକାକଳାକୁ ରାଓ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବ୍ୟାଙ୍କ କର୍ମଚାରୀ ଓ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସତର୍କତା ସଚେତନତାକୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏପରିକି ୨୯ ଅକ୍ଟୋବରରେ ଭିଜିଲାନ୍ସ ନିର୍ଦ୍ଦେଶକ ଯଶୱନ୍ତ କୁମାର ଜେଠୱା, ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ସମସ୍ତ କର୍ମଚାରୀଙ୍କୁ ବିତ୍ତୀୟ ସତର୍କତା ଓ ସଚେତନତା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ।



# ଡ୍ରିମ୍‌ସ ବୈଷୟିକ ଶିକ୍ଷାନୁଷ୍ଠାନର ସ୍ୱନକ୍ଷତ୍ର




ଭୁବନେଶ୍ୱର,୨୯।୧୦

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଡ୍ରିମ୍‌ସ ବୈଷୟିକ ଶିକ୍ଷାନୁଷ୍ଠାନର ସ୍ୱନକ୍ଷତ୍ର ଏବଂ ୨୫ତମ ପୂର୍ତ୍ତି ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଶିକ୍ଷାନୁଷ୍ଠାନ ପରିସରସ୍ଥ ଜୟଶ୍ରୀ ଅଡିଟୋରିୟମ୍‌ଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଯୋଗଦେଇ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ.ପ୍ରମୋଦ ଚନ୍ଦ୍ର ରଥ କହିଥିଲେ, ୧୯୯୯ ମହାବାତ୍ୟା ସମୟରେ ଡ୍ରିମ୍‌ସ ବୈଷୟିକ ଶିକ୍ଷାନୁଷ୍ଠାନ କଟକ ସହରରେ ଗଢ଼ି ଉଠିଥିଲା। ସେଦିନର ସ୍ମୃତି ଆଜି ମନରେ ସତେଜ ହୋଇ ରହିଛି। ଦୀର୍ଘ ୨୫ବର୍ଷର ଜୟଯାତ୍ରା ଭିତରେ ଡ୍ରିମ୍‌ସ ରାଜ୍ୟର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନର ମର୍ଯ୍ୟାଦା ଲାଭ ସହ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ ହୋଇଛି। ସେହିଭଳି ମେଡିକାଲ କଲେଜ ସାଙ୍ଗକୁ ଶିକ୍ଷାନୁଷ୍ଠାନର କଳେବର ବୃଦ୍ଧି ସହ ଏହି ଶିକ୍ଷାନୁଷ୍ଠାନ ଅନେକ କୃତୀ ଛାତ୍ରୀଛାତ୍ରଙ୍କୁ ସୃଷ୍ଟି କରିଛି, ଯେଉଁମାନେ ଆଜି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ଅପରପକ୍ଷରେ ଡ୍ରିମ୍‌ସର ସଫଳତା ପଛରେ ନିମ୍ନ କର୍ମଚାରୀଙ୍କଠାରୁ ଆରମ୍ଭ କରି ଉଚ୍ଚ ପଦପଦବୀରେ ଥିବା ସମସ୍ତ ସହଯୋଗୀଙ୍କର ଅତୁଳନୀୟ ଅବଦାନ ସାମିଲ ରହିଛି। ଆଗକୁ ଆମକୁ ଅନେକ କିଛି କରିବାର ଅଛି, ଏଥିପାଇଁ ଆମକୁ କାନ୍ଧରେ କାନ୍ଧ ମିଶାଇ, ସଂକଳ୍ପ ନେଇ ଆଗେଇବାକୁ ହେବ ବୋଲି ସେ କହିଥିଲେ। ସେହିପରି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଅତୀତର ସ୍ମୃତି ରୋମନ୍ଥନକରି ଶ୍ରୀଜଗନ୍ନାଥଙ୍କ କୃପାରୁ ଡ୍ରିମ୍‌ସ ଆଜି ଟାଙ୍ଗୀ ଅଞ୍ଚଳର ନୂଆ ପରିଚୟ ସୃଷ୍ଟି କରିଛି ବୋଲି ସେ ଉଲ୍ଲେଖ କରିଥିଲେ। ପ୍ରାରମ୍ଭରେ ଡ୍ରିମ୍‌ସର ସ୍ୱପ୍ନଦ୍ରଷ୍ଟା କର୍ମଯୋଗୀ ଧନେଶ୍ୱର ରଥଙ୍କ ପ୍ରତିକୃତି ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଅନୁଷ୍ଠାନର ଛାତ୍ରୀ ସାଇସ୍ମୃତି ମହାପାତ୍ର, ଅଙ୍କିତାରାଣୀ ପାତ୍ର ଓ ସୁସ୍ମିତାସ୍ୱୟଂ ରଥ ଭକ୍ତି ସଂଗୀତ ପରିବେଷଣ କରିଥିଲେ।

ପରିଶେଷରେ ଶିକ୍ଷାନୁଷ୍ଠାନର ୨୫ବର୍ଷ ପୂର୍ତ୍ତି ଉତ୍ସବ 'ଲୋଗୋ' ଉନ୍ମୋଚିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା,ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ଏକାଡେମିକ୍ ନିର୍ଦ୍ଦେଶକ ଡ. ପ୍ରିୟଦର୍ଶୀ କାନୁନ୍‌ଗୋ, ନିର୍ଦ୍ଦେଶକ ଡ.ଆଲୋକ ରଞ୍ଜନ ବିଶ୍ୱାଳ, ପରୀକ୍ଷା ନିୟନ୍ତ୍ରକ ଡ.ଦୟାନନ୍ଦ ଷଡ଼ଙ୍ଗୀ,ନିର୍ଦ୍ଦେଶକ ପ୍ରଦୀପ୍ତ ରଞ୍ଜନ ମହାନ୍ତି, ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର, ଡ. ନୟନ ରଞ୍ଜନ ସାମଲ, ଡ. ଶ୍ରୀତା ଭୋଳ, ଡ. ହିମାଂଶୁ ଭୂଷଣ ଗୋଚ୍ଛାୟତ, ପ୍ରଫେସର ପ୍ରେମଲତା ଦେବୀ, ପ୍ରଫେସର ବିକାଶ କୁମାର ଦାସ, ପ୍ରଫେସର ଦିଲୀପ କୁମାର ମଲ୍ଲିକ, ଇଂ ପ୍ରଶାନ୍ତ କୁମାର ନାୟକଙ୍କ ସମେତ ବିଭିନ୍ନ ଉଇଂର ଡିନ୍, ବିଭାଗୀୟ ମୁଖ୍ୟ, ଅଧ୍ୟାପକ,ଅଧ୍ୟାପିକା, ଅଧିକାରୀ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ନିର୍ଦ୍ଦେଶକ ( ଛାତ୍ର କଲ୍ୟାଣ) ପ୍ରାଧ୍ୟାପକ ଲୋକନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲାବେଳେ ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

**Classified Everyday**

**0674-2580101, 2549949**




**BRIDE WANTED**

Wanted homely bride from Karan/ Khandayat caste for Karan groom D.O.B.- 14.11.86, Height- 5'10", B.Sc. with M.B.A. own house with Medicine Business near S.C.B. Medical College, Cuttack. No Dowry. Contact- 7978668288. D-1761

Wanted bride from Karan caste for Groom D.O.B.- 11.07.1991, Height-5'11", Qualification M.C.A. Working in Senior Clerk in Central Bank of India at Cuttack. Contact- 8339940420. D-1762

**GROOM WANTED**

ବୟସ 28 କୌଣସି ଚାକିରି କରୁ ନ ଥିବା ସୁନ୍ଦରୀ ସୁଶୀଳ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 8984431927. D-1772




**SALE**

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302. D-1797

Duplex sale at Bhubaneswar and apartment Kalinganagar DAV School- 9777433701. D-76202

ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925. D-1526

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437054765, 9853035888. D-1796

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

କଟକ-ଭୁବନେଶ୍ୱର ମଧ୍ୟଭାଗରେ **Sum Hospital-2** ନିକଟସ୍ଥ **Grand Bazar (NH-16)** ସମ୍ମୁଖରୁ ଅଳ୍ପଦୂରତାରେ **30ft.** ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ। **9658562429.** D-76201

**LOST**

I Kabita Nayak, W/o Ashok Kumar Behera, Masterpada, Phulbani, Kandhamal declare that the original gift deed executed in my favoure by Ashok kumar Behera vide 11442300695 dt.02.12.2023 is lost somewhere which is reported at Phulbani tow PS vide diary No.-009/21.10.2024. I am using certified copy of the same which is not pledged for mortgage in any bank or financial institution for loan purpose.

Sd./- Kabita Nayak
D-1800

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit No.- 2056 dtd. 10.06.2024. I Ms Ranjulata Sahoo(60yrs), W/o- Banamali Sahoo, Vill- Asurali, P.s.- Dhusuri, Dist.- Bhadrak. I have an LIC Policy bearing No.- 586247222 where is my name is Sanjukta Sahoo. By this Affidavit I declare that Ranjulata Sahoo and Sanjukta Sahoo W/o- Banamali Sahoo same and one person. D-1801

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।



ପ୍ରୋ କବାଡ଼ିରେ ପ୍ରଥମ ଖେଳାଳିଭାବେ ୫୦୦ ଟ୍ୟାକେଲ୍ ପଏଣ୍ଟ ହାସଲ କରିଥିବା ବେଙ୍ଗଲ ୱାରିଅର୍ଜର ଫଜଲ ଅତ୍ରାଚଲି।

# ଫଜଲ ଅତ୍ରାଚଲିଙ୍କ ବିରଳ ରେକର୍ଡ

ହାଇଦ୍ରାବାଦ, ୨୯।୧୦

ସ୍ଥାନୀୟ ଗାଚିବୋଲିସ୍ଥିତ ଜିଏମସିବି ଇନ୍‌ଡୋର ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ବେଙ୍ଗଲ ୱାରିଅର୍ଜ ଓ ପୁନେରି ପଲଟନ ପ୍ରୋ କବାଲି ଲିଗ୍ ମ୍ୟାଚ ଡ୍ର ରହିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚଟି ୩୨-୩୨ ପଏଣ୍ଟରେ ଶେଷ ହୋଇଛି। କ୍ରମାଗତ ଦ୍ୱିତୀୟ ଥରପାଇଁ ମ୍ୟାଚ ଟାଇ

**ପ୍ରୋ କବାଡ଼ି ଲିଗ୍ ଇତିହାସରେ ପ୍ରଥମ ଖେଳାଳିଭାବେ ୫୦୦ ଟ୍ୟାକଲ ପଏଣ୍ଟ ହାସଲ**

ରଖିଥିବା ବେଙ୍ଗଲ ଦଳ ପକ୍ଷରୁ ସୁଶୀଲ କମ୍ବରକର ସର୍ବାଧିକ ୧୦ ପଏଣ୍ଟ ସ୍କୋର କରିଥିଲେ। ଅନ୍ୟପକ୍ଷରେ ପ୍ରୋ କବାଡ଼ି ଲିଗ୍ ଇତିହାସରେ ପ୍ରଥମ ଖେଳାଳିଭାବେ ବେଙ୍ଗଲ ଦଳର ଇରାନିଆନ ତାରକା ଫଜଲ ଅତ୍ରାଚଲି ୫୦୦ ଟ୍ୟାକଲ ପଏଣ୍ଟ ହାସଲ ସହ ରେକର୍ଡ କରିଛନ୍ତି। ପ୍ରଥମ ହାଫ୍‌ର ୨ ମିନିଟ ପୂର୍ବରୁ ପୁନେରି ପଲଟନର ମୋହିତ ଗୋୟତଙ୍କୁ ଟ୍ୟାକଲ୍ କରି ସେ ମ୍ୟାଜିକ୍ ୫୦୦ପଏଣ୍ଟ ସ୍ପର୍ଶ କରିଥିଲେ। ପ୍ରତିଯୋଗିତା ଇତିହାସରେ ପୂର୍ବରୁ କୌଣସି ଖେଳାଳି ଏପରି ସଫଳତା ପାଇ ନ ଥିଲେ। ପ୍ରଥମାର୍ଦ୍ଧ ଶେଷ ବେଳକୁ ପୁନେରି ପଲଟନ ୧୫-୧୨ ପଏଣ୍ଟରେ ଅଗ୍ରଣୀ ରହିଥିଲା। ବ୍ରେକ୍ ପରେ ପଲଟନ ଦଳ ଅଗ୍ରଣୀ ବ୍ୟବଧାନକୁ ବଢ଼ାଇବାରେ ସକ୍ଷମ ହୋଇଥିଲେ ହେଁ ସୁଶୀଲ କମ୍ବରକରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ବେଙ୍ଗଲ ୱାରିଅର୍ଜ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା।



ବେଙ୍ଗଲ ୱାରିଅର୍ଜ ଓ ପୁନେରି ପଲଟନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ରାଜ୍ୟ ର୍‍ୟାଙ୍କିଙ୍ଗ୍ ଟେବୁଲ ଟେନିସ ୨ରୁ

**ଭୁବନେଶ୍ୱର, ୨୯।୧୦ (ତପନ ସ୍ୱାଇଁ):** ଖୋର୍ଦ୍ଧା ଜିଲା ଟେବୁଲ ଟେନିସ ଆସୋସିଏଶନ (କେଡିଟିଟିଏ) ଆନୁକୂଲ୍ୟରେ ରାଜ୍ୟ ର୍‍ୟାଙ୍କିଙ୍ଗ୍ ଟେବୁଲ ଟେନିସ ଚାମ୍ପିୟନଶିପ୍ ନଭେମ୍ବର ୨ରୁ ୪ ପର୍ଯ୍ୟନ୍ତ ସ୍ଥାନୀୟ ଲକ୍ଷ୍ମୀସାଗରସ୍ଥିତ ବିଜୁ ପଟ୍ଟନାୟକ ଟେବୁଲ ଟେନିସ ଏକାଡେମୀରେ ଅନୁଷ୍ଠିତ ହେବ। ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲା ଓ ଅନୁଷ୍ଠାନରୁ ପାଖାପାଖି ୩୫୦ ଖେଳାଳି ଅଂଶଗ୍ରହଣ କରିବାର ସମ୍ଭାବନା ରହିଛି। ପ୍ରଦର୍ଶନ ଭିତ୍ତିରେ ଏହି ଟୁର୍ନାମେଣ୍ଟରେ ଆଗାମୀ ଜାତୀୟ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ ହେବ। କୃତୀ ପ୍ରତିଯୋଗୀଙ୍କୁ ୫୪ଟି ଟ୍ରଫି ସହ ୨୫,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି କେଡିଟିଟିଏ ସମ୍ପାଦକ ଦେବଦତ୍ତ ମହାନ୍ତି ପ୍ରକାଶ କରିଛନ୍ତି। ଆସୋସିଏଶନ ଆନୁକୂଲ୍ୟରେ ଏହା କ୍ରମାଗତ ୧୭ଶ ଟୁର୍ନାମେଣ୍ଟ ଏବଂ ଦ୍ୱିତୀୟ ର୍‍ୟାଙ୍କିଙ୍ଗ୍ ପ୍ରତିଯୋଗିତା ବୋଲି ସେ ସୂଚନା ଦେଇଛନ୍ତି।

## ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃ ଟେବୁଲ ଟେନିସ

**ଭୁବନେଶ୍ୱର, ୨୯।୧୦ (ତପନ ସ୍ୱାଇଁ):** କଟକସ୍ଥିତ ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଉତ୍କଳ ବିଶ୍ୱବିଦ୍ୟାଳୟର ଆନ୍ତଃ କଲେଜ ପୁରୁଷ ଓ ମହିଳା ଟେବୁଲ ଟେନିସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ସମରେନ୍ଦ୍ର ପ୍ରାମାଣିକ, ଅଧକ୍ଷା ଦିପା ନାଗ ଏବଂ ଅବନି କୁମାର୍ ସାହୁ ଉଦଘାଟନ କରିବା ସହ ଦୈନନ୍ଦିନ ଜୀବନରେ ଖେଳର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ମହିଳା ବିଭାଗରେ ଜିସିପି ଟିମ ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟକୁ ୩-୨ରେ ଏବଂ ପୁରୁଷ ବିଭାଗରେ ଖ୍ରୀଷ୍ଟ ମହାବିଦ୍ୟାଳୟ ଆରଆଇ ଟିମକୁ ୩-୧ରେ ପରାସ୍ତ କରିଛି। ଉଦ୍‌ଯାପନୀ ଉତ୍ସବରେ କଲେଜର ସମ୍ପାଦକ ସମରେନ୍ଦ୍ର ପ୍ରାମାଣିକ, ଅବନି କୁମାର୍ ସାହୁ କ୍ରୀଡ଼ା ଦ୍ୱାରା ଏକତା ବଜାୟ ଉପରେ ଆଲୋକପାତ କରିଥିଲେ।

## ହେଅଙ୍ଗ ପୁଣି ଇଣ୍ଟରନ୍ୟାଶନାଲ ପ୍ଲେୟର ଅଫ୍ ଦି ଇୟର

**ସିଓଲ, ୨୯।୧୦ (ଏପି):** ଏସିଆନ ଫୁଟବଲ କନଫେଡେରେଶନ (ଏଏଫ୍‌ସି)ର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟୋଟେନହାମ ହଟ୍ସପୁର ଫରୱାର୍ଡ ସନ୍ ହେଅଙ୍ଗ ହଟ୍ସପୁର ଫରୱାର୍ଡ ସନ ହେଅଙ୍ଗ ମିନ୍ ୪ର୍ଥ ଥର ଏସିଆର ଇଣ୍ଟରନ୍ୟାଶନାଲ ପ୍ଲେୟର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ସନ୍ ଉଭୟ ଟୋଟେନହାମ୍ ଏବଂ ଦକ୍ଷିଣ କୋରିଆ ଜାତୀୟ ଦଳର ଅଧିନାୟକ। ସେ ୨୦୧୫, ୨୦୧୭ ଓ ୨୦୧୯ରେ ମଧ୍ୟ ଏହି ପୁରସ୍କାର ଜିତିଥିଲେ। ସେ ନିଜ ଦେଶର ତଥା ବେୟର୍ନ ମ୍ୟୁନିକ୍‌ର କିମ୍ ମିନ୍-ଜାଏଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଫ୍ରେଞ୍ଚ କ୍ଲବ ଲିଅନ ତରଫରୁ ଖେଳୁଥିବା ଅଷ୍ଟ୍ରେଲିଆର ଏଲି କାର୍ପେଣ୍ଟର ମହିଳା ଅନ୍ତର୍ଜାତୀୟ ପୁରସ୍କାର ଜିତିଥିଲେ।

# ଭୁବନେଶ୍ୱର ଦଳଗତ ଚାମ୍ପିୟନ

ଭୁବନେଶ୍ୱର,୨୯।୧୦(ସରୋଜ ଜେନା)

ଓଡ଼ିଶା ସାଇକ୍ଲିଂ ଆସୋସିଏଶନ ପକ୍ଷର କଟକ କ୍ରୀଡା ସଂଘ ଆନୁକୂଲ୍ୟରେ ମଧୁସୂଦନପୁର ବ୍ରିଜରେ ଅନୁଷ୍ଠିତ ୪୧ ତମ ଓଡ଼ିଶା ରୋଡ୍ ସାଇକ୍ଲିଂ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଶ୍ରେଷ୍ଠ

**୪୧ ତମ ଓଡ଼ିଶା ରୋଡ୍ ସାଇକ୍ଲିଂ**

ପ୍ରଦର୍ଶନ ସହ ଆଇଟିଟି ଓ ମାସ୍ ଷ୍ଟାର୍ଟରେ ଭୁବନେଶ୍ୱର କ୍ରୀଡା ସଂଘ ଦଳଗତ ଚାମ୍ପିୟନ ହୋଇଥିଲା। ଅନ୍ୟ ପକ୍ଷରେ ୟୁଥ୍‌ରେ ଭଦ୍ରକ ଓ ଜୁନିୟର ବର୍ଗରେ କିଟ୍ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଓଡ଼ିଶା ସାଇକ୍ଲିଂ ଆସୋସିଏଶନ ସମ୍ପାଦକ ପ୍ରସନ୍ନ ରାଉତ ଓ ସଭାପତି ତଥା ଅର୍ଜୁନ ପୁରସ୍କାର ବିଜେତା ମୀନତି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁଗ୍ମ ଶାସନ ସଚିବ ଶୈଳେନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଓଏସ୍‌ଡି ଧୀରଜ ପଟ୍ଟନାୟକ ଓ କ୍ରୀଡା ବିଭାଗ ବରିଷ୍ଠ ଅଧିକାରୀ କ୍ଷଣପ୍ରଭା ମହାନ୍ତି ପ୍ରମୁଖ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ସମସ୍ତ ପ୍ରତିଯୋଗୀ ଡିସେମ୍ବର ମାସରେ ପୁରୀରେ ହେବାକୁ ଥିବା ଜାତୀୟ ସାଇକ୍ଲିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

# ବାଳିକା, ବାଳକରେ କିସ୍ ଚାମ୍ପିୟନ

ଭୁବନେଶ୍ୱର, ୨୯।୧୦ (ତପନ ସ୍ୱାଇଁ)

**୧୯ ବର୍ଷରୁ କମ୍ ରଗ୍‌ବୀ**

ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ୧୯ ବର୍ଷରୁ କମ୍ ଆନ୍ତଃ କଲେଜ ରଗ୍‌ବୀ (ବାଳିକା ଓ ବାଳକ) ପ୍ରତିଯୋଗିତା କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ରାହୁଲ ବୋଷ ରଗ୍‌ବୀ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚମତ୍କାର ପ୍ରଦର୍ଶନ କରି କିସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉଭୟ ବାଳିକା ଓ ବାଳକ ବିଭାଗରେ ଚାମ୍ପିୟନ ହୋଇଛି। ବାଳକ ବିଭାଗରେ ବାଲେଶ୍ୱର ମାର୍କୋଣାର ସିମୁଳିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ବାଳିକାରେ ମୟୂରଭଞ୍ଜର ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରନରଅପ୍ ହୋଇଛି। ରାଜ୍ୟ ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓ କିସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଜାତୀୟ/ଅନ୍ତର୍ଜାତୀୟ

# ୧୫ ଆସନରେ ପ୍ରାର୍ଥୀ ଘୋଷଣା ହେଲାନି

ମୁମ୍ବାଇ,୨୯।୧୦

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ମଙ୍ଗଳବାର ନାମାଙ୍କନ ପତ୍ର ଦାଖଲ ଶେଷ ହୋଇଛି। ଏହା ସତ୍ତ୍ୱେ ୧୫ ଆସନରେ ଅନିଶ୍ଚିତତା ଜାରି ରହିଛି। ଶାସକ ମେଣ୍ଟର ଭାଜପା, ଏକନାଥ ଶିନ୍ଦେଙ୍କ ଶିବସେନା ଏବଂ ଅଜିତ ପାୱାରଙ୍କ ଏନ୍‌ସିପି ୪ ଆସନ ପାଇଁ ପ୍ରାର୍ଥୀ ଘୋଷଣା କରି ନ ଥିବାବେଳେ ବିରୋଧୀ ମହାବିକାଶ ଅଘାଡ଼ି (ଏମ୍‌ଭିଏ)ର ଉଦ୍ଧବ ଠାକ୍‌ରେଙ୍କ ଶିବସେନା, ଶରଦ ପାୱାରଙ୍କ ଏନ୍‌ସିପି ଏବଂ କଂଗ୍ରେସ ୧୧ ଆସନରେ ଆନୁଷ୍ଠାନିକ ଭାବେ ପ୍ରାର୍ଥୀ ଦେଇନାହାନ୍ତି। ମୋଟ ୨୮୮ ଆସନ ବିଶିଷ୍ଟ ବିଧାନସଭା ନିର୍ବାଚନ ପାଇଁ ଭାଜପା ୧୫୨ ପ୍ରାର୍ଥୀ ଦେଇଥିବାବେଳେ ଏନ୍‌ସିପି ୫୨ ଏବଂ ଶିବସେନା ୮୦ ଆସନରେ ପ୍ରାର୍ଥୀ ଘୋଷଣା କରିଛି। ସେହିପରି ଏମ୍‌ଭିଏରେ କଂଗ୍ରେସ ୧୦୩ ପ୍ରାର୍ଥୀ ଦେଇଥିବାବେଳେ ଶିବସେନା(ୟୁବିଟି) ଏବଂ ଏନ୍‌ସିପି (ଏସ୍‌ପି) ୮୭ ଲେଖାଏ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ଅବଶିଷ୍ଟ ୧୧ ଆସନକୁ ନେଇ ନିଷ୍ପତ୍ତି ହୋଇପାରି ନାହିଁ। ଛୋଟ ସହଯୋଗୀ ଦଳକୁ ଏହି ଆସନ ଯାଇପାରେ ବୋଲି କୁହାଯାଉଥିଲେ ମଧ୍ୟ କେଉଁ ଦଳ କେତେ ଆସନ ପାଇବ ତାହା ସ୍ପଷ୍ଟ ହୋଇନାହିଁ। ଆସନ ଭାଗବଣ୍ଟାକୁ ନେଇ ବିରୋଧୀ ଶିବିରରେ କିଛି ସପ୍ତାହ ହେଲା ଟଣାଓଟରା ଲାଗିରହିଥିଲା।

ଅନ୍ୟପକ୍ଷରେ ଅଜିତ ପାୱାରଙ୍କ ଏନ୍‌ସିପି ନୱାବ ମଲିକଙ୍କୁ ପ୍ରାର୍ଥୀ କରିଥିବାବେଳେ ସେ ମନଖୁର୍ଦ୍ଦ ଆସନରୁ ୨ଟି ନାମାଙ୍କନପତ୍ର ଦାଖଲ କରିଛନ୍ତି। ଗୋଟିଏ ନାମାଙ୍କନପତ୍ର ସେ ଏନ୍‌ସିପି ପ୍ରାର୍ଥୀ ଭାବେ ଦାଖଲ କରିଥିବାବେଳେ ଅନ୍ୟଟି ସ୍ୱାଧୀନ ପ୍ରାର୍ଥୀ ଭାବେ ଦାଖଲ କରିଛନ୍ତି। ନାମାଙ୍କନ ପତ୍ର ଦାଖଲ ସମୟସୀମା ଶେଷ ହେବାର ଅଳ୍ପ କେତେ ମିନିଟ୍ ପୂର୍ବରୁ ଏନ୍‌ସିପି ମଲିକଙ୍କୁ ସମର୍ଥନ ଜଣାଇଥିଲା। ସେହିପରି ଭାଜପା ମୁଖପାତ୍ର ଶାଇନା ଏନ୍‌ସି ଶିବସେନା ଟିକେଟରେ ମୁମ୍ବାଦେବୀ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

ନାମାଙ୍କନପତ୍ର ଦାଖଲ ଶେଷ ହୋଇଥିବାବେଳେ ଭାଜପାର ୮ ଜଣ ଏବଂ କଂଗ୍ରେସର ୫ ଜଣ ବିଧାୟକ ନିର୍ବାଚନ ଲଢ଼ିବାରୁ ବାଦ୍ ପଡ଼ିଛନ୍ତି। ସେହିପରି ଅଜିତ ପାୱାରଙ୍କ ଏନ୍‌ସିପି ଏବଂ ଶରଦ ପାୱାରଙ୍କ ଏନ୍‌ସିପି ୨ ଜଣ ଲେଖାଏ ବିଧାୟକଙ୍କୁ ଟିକେଟ ଦେଇନାହିଁ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଦଳ ତାଙ୍କ ଗୋଷ୍ଠୀର ପ୍ରାୟ ସମସ୍ତ ବିଧାୟକଙ୍କୁ ପୁଣିଥରେ ନିର୍ବାଚନ ଲଢ଼ିବା ପାଇଁ ସୁଯୋଗ ଦେଇଛନ୍ତି। ନଭେମ୍ବର ୨୦ରେ ମହାରାଷ୍ଟ୍ର ନିର୍ବାଚନ ହେବାକୁ ଥିବାବେଳେ ୨୩ରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ।



ଏକନାଥ ଶିନ୍ଦେଙ୍କ ଶିବସେନାରୁ ପ୍ରାର୍ଥୀ ହୋଇଥିବା ମିଲିନ୍ଦ ଦେଓରା ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରିବାକୁ ଶୋଭାଯାତ୍ରାରେ ଯାଉଛନ୍ତି।

**ମହାରାଷ୍ଟ୍ର ନିର୍ବାଚନ: ନାମାଙ୍କନ ଦାଖଲ ଶେଷ**

**୨ଟି ପ୍ରାର୍ଥିପତ୍ର ଦାଖଲ କଲେ ନୱାବ ମଲିକ**



ନୱାବ ମଲିକ

# ମହାକାଶରୁ ଦୀପାବଳି ଅଭିନନ୍ଦନ ଜଣାଇଲେ ସୁନୀତା

ୱାଶିଂଟନ, ୨୯।୧୦

ଆମେରିକୀୟ ମହାକାଶ ସଂସ୍ଥା ନାସାର ମହାକାଶଚାରୀ ସୁନୀତା ୱିଲିୟମ୍ସ ମଙ୍ଗଳବାର ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର(ଆଇଏସ୍ଏସ୍)ରୁ ଦୀପାବଳିର ଅଭିନନ୍ଦନ ବାର୍ତ୍ତା ପଠାଇଛନ୍ତି। ପୃଥିବୀଠାରୁ ୨୬୦ ମାଇଲ(୪୧୮) କି.ମି. ଉଚ୍ଚରେ ଚଳିତ ଥର ସେ ଦୀପାବଳି ଦେଖିବାର ସୁଯୋଗ ପାଇବେ ବୋଲି ଭାରତୀୟ ମୂଳର ଏହି ମହାକାଶଚାରୀ କହିଛନ୍ତି। ଏହି ଅବସରରେ ସୁନୀତା କହିଛନ୍ତି, ତାଙ୍କ ବାପା ତାଙ୍କୁ ଓ ତାଙ୍କ ପରିବାରକୁ ଦୀପାବଳି ଓ ଅନ୍ୟାନ୍ୟ ଭାରତୀୟ ପର୍ବ ବିଷୟରେ ଶିକ୍ଷା ଦେଇ ସର୍ବଦା ଭାରତୀୟ ସାଂସ୍କୃତିକ ମୂଲ୍ୟବୋଧକୁ ଜୀବନ୍ତ ରଖିବାକୁ ପ୍ରେରଣା ଯୋଗାଇଥିଲେ। ମଙ୍ଗଳବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଦ୍ୱାରା ହ୍ୱାଇଟ ହାଉସରେ ଆୟୋଜିତ ଦୀପାବଳି ଉତ୍ସବରେ ସୁନୀତାଙ୍କର ଭିଡିଓ ବାର୍ତ୍ତାକୁ ପ୍ରଦର୍ଶିତ କରାଯାଇଥିଲା। ଏହି ଉତ୍ସବରେ ବହୁ ଆମେରିକୀୟ ଅଧିକାରୀ, କର୍ପୋରେଟ ଜଗତର ବିଶିଷ୍ଟ ବ୍ୟକ୍ତି ଏବଂ ୬୦୦ରୁ ଅଧିକ ପ୍ରତିଷ୍ଠିତ ଭାରତୀୟ ଆମେରିକୀୟ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ସୁନୀତାଙ୍କ ସହ ନାସା ମହାକାଶଚାରୀ ବୁଚ୍ ୱିଲିମୋର ଗତ ଜୁନ୍‌ରୁ ଆଇଏସ୍ଏସ୍‌ରେ ଫସି ରହିଛନ୍ତି।



ସୁନୀତା ୱିଲିୟମ୍ସ

# ବିଆର୍‌ଆଇ ପ୍ରୋଜେକ୍ଟରେ ସାମିଲ ହେବ ନାହିଁ ବ୍ରାଜିଲ୍

ବ୍ରାସିଲିଆ, ୨୯।୧୦

ଚାଇନାର ବେଲ୍ଟ ଆଣ୍ଡ୍ ରୋଡ୍ ଇନିସିଏଟିଭ୍(ବିଆର୍‌ଆଇ) ପ୍ରୋଜେକ୍ଟକୁ ମଙ୍ଗଳବାର ଝଟକା ଲାଗିଛି। ବେଜିଂର ଏହି ବିଲିୟନ ଡଲାର ପ୍ରୋଜେକ୍ଟରେ ସାମିଲ ନ ହେବାକୁ ବ୍ରାଜିଲ ନିଷ୍ପତ୍ତି ନେଇଛି। ଭାରତ ପରେ ବ୍ରିକ୍ସ ସମୂହର ଦ୍ୱିତୀୟ ଦେଶ ଭାବେ ବ୍ରାଜିଲ ଚାଇନାର ଏହି ବିଶାଳ ପ୍ରକଳ୍ପକୁ ସମର୍ଥନ କରି ନାହିଁ। ବ୍ରାଜିଲ ରାଷ୍ଟ୍ରପତି ଲୁଲା ଡା ସିଲ୍‌ଭାଙ୍କ ସ୍ୱତନ୍ତ୍ର ପରାମର୍ଶଦାତା ସେଲ୍ସୋ ଏମୋରିମ ଏହି ସୂଚନା ଦେଇଛନ୍ତି। ବ୍ରାଜିଲ ଖବରକାଗଜ 'ଓ ଗ୍ଲୋବୋ'କୁ ଏକ ସାକ୍ଷାତ୍କାର ଦେଇ ଏମୋରିମ କହିଛନ୍ତି, ବିଆର୍‌ଆଇ ପ୍ରୋଜେକ୍ଟରେ ବ୍ରାଜିଲ ସାମିଲ ହେବ ନାହିଁ ବରଂ ଏହା ଚାଇନା ନିବେଶକଙ୍କ ସହ ସହଭାଗିତା ପାଇଁ ବିକଳ୍ପ ଉପାୟ ଖୋଜିବ। କୌଣସି ଯୋଗଦାନ ଚୁକ୍ତିନାମା ବିନା ଚାଇନା ସହ ସମ୍ପର୍କକୁ ବ୍ରାଜିଲ ପକ୍ଷରୁ ଏକ ନୂତନ ସ୍ତରକୁ ନିଆଯିବ ବୋଲି ସେ କହିଛନ୍ତି। ପୂର୍ବରୁ ଅନ୍ତର୍ଜାତୀୟ ନିୟମ ଓ ନୀତିର ଉଲ୍ଲଙ୍ଘନ ଦର୍ଶାଇ ଭାରତ ପକ୍ଷରୁ ବିଆର୍‌ଆଇ ପ୍ରକଳ୍ପକୁ ବିରୋଧ କରାଯାଇଥିଲା।

# ଅଣୁଅସ୍ତ୍ର ପ୍ରଶିକ୍ଷଣ ଆରମ୍ଭ କଲେ ପୁଟିନ୍

ମସ୍କୋ,୨୯।୧୦

ରୁଷିଆ ଅଣୁଅସ୍ତ୍ର ବାହିନୀର ବ୍ୟାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ମଙ୍ଗଳବାର ଶୁଭାରମ୍ଭ କରିଛନ୍ତି। ୟୁକ୍ରେନ୍‌କୁ ଯୁଦ୍ଧରେ ପାଶ୍ଚାତ୍ୟ ଦେଶଗୁଡ଼ିକ ସହାୟତା ଯୋଗାଇ ଆସୁଥିବାବେଳେ ରୁଷିଆ ଏହାର ଆଣବିକ ସାମର୍ଥ୍ୟ ବଢ଼ାଇବା ପାଇଁ ପ୍ରଶିକ୍ଷଣକୁ ଜୋର୍‌ଦାର କରିଛି। ସେନା ଅଧିକାରୀମାନଙ୍କୁ ଏକ ଭିଡିଓ କଲ୍ ଜରିଆରେ ପୁଟିନ୍ କହିଥିଲେ, ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅଣୁଅସ୍ତ୍ର ବ୍ୟବହାରରେ ଶୀର୍ଷ ଅଧିକାରୀମାନଙ୍କ ସାମର୍ଥ୍ୟ ବୃଦ୍ଧି କରିବ। ଆଣବିକ ସାମର୍ଥ୍ୟଯୁକ୍ତ ବାଲିଷ୍ଟିକ୍ ଏବଂ କ୍ରୁଜ୍ ମିଶାଇଲ୍ ଉତ୍କ୍ଷେପଣ ତାଲିମ ମଧ୍ୟ ଦିଆଯିବ। ୟୁକ୍ରେନ୍‌କୁ ସହାୟତା ଦେବାରୁ ଦୂରେଇ ରଖିବା ପାଇଁ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକୁ ପୁଟିନ୍ ବାରମ୍ବାର ଅଣୁଅସ୍ତ୍ର ଧମକ ଦେଇଆସୁଛନ୍ତି। ଅଣୁଅସ୍ତ୍ର ରୁଷିଆର ସାର୍ବଭୌମ ଓ ସୁରକ୍ଷାର ବିଶ୍ୱସ୍ତ ଗ୍ୟାରେଣ୍ଟର ବୋଲି ପୁଟିନ୍ କହିଛନ୍ତି।



ଭ୍ଲାଡିମିର ପୁଟିନ୍

# ପୁଣି ୧୦୩ ବିମାନକୁ ବୋମା ଧମକ

ନୂଆଦିଲ୍ଲୀ, ୨୯।୧୦

ପୁଣିଥରେ ୧୦୩ ଭାରତୀୟ ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନକୁ ବୋମାରେ ଉଡ଼ାଇଦେବାକୁ ମଙ୍ଗଳବାର ଧମକ ମିଳିଛି। ଏଥିସହ ଗତ ୧୬ ଦିନ ମଧ୍ୟରେ ଦେଶରେ ୫୧୦ ବିମାନକୁ ବୋମା ଧମକ ମିଳିଛି। ଅଧିକାଂଶ ଧମକ ସୋସିଆଲ ମିଡିଆରୁ ଆସୁଥିବାବେଳେ ଏହା ବିମାନ ଚଳାଚଳର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମଙ୍ଗଳବାର ଏୟାର ଇଣ୍ଡିଆର ୩୬, ଇଣ୍ଡିଗୋର ୩୫ ଏବଂ ଭିସ୍ତାରାର ୩୨ ବିମାନକୁ ବୋମାରେ ଉଡ଼ାଇଦେବାକୁ ଧମକ ମିଳିଛି। ତେବେ ଯାଞ୍ଚ ପରେ ସମସ୍ତ ଧମକ ଗୁଜବ ବୋଲି ପ୍ରମାଣିତ ହୋଇଥିବା ନେଇ ୩ ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି।

# ଆପ୍ ବିଧାୟକଙ୍କ ନାଁରେ ଚାର୍ଜଶିଟ୍

**ୱାକ୍‌ଫ ବୋର୍ଡ ମନିଲଣ୍ଡରିଂ ମାମଲା**

ନୂଆଦିଲ୍ଲୀ,୨୯।୧୦

ଦିଲ୍ଲୀ ୱାକ୍‌ଫ ବୋର୍ଡ ମନିଲଣ୍ଡରିଂ ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଙ୍ଗଳବାର ଆମ୍ ଆଦ୍‌ମୀ ପାର୍ଟି ବିଧାୟକ ଅମନତୁଲ୍ଲା ଖାନ୍‌ଙ୍କ ନାଁରେ ଚାର୍ଜଶିଟ୍ ଦାଖଲ କରିଛି। ସେପ୍ଟେମ୍ବର ୨ରେ ଅମନତୁଲ୍ଲାଙ୍କୁ ତାଙ୍କ ଓଖଲା ବାସଭବନରୁ ଗିରଫ କରାଯିବା ପରେ ସେ ଏବେ ବିଚାର ବିଭାଗୀୟ ହାଜତରେ ଅଛନ୍ତି। ୧୧୦ ପୃଷ୍ଠାର ଅତିରିକ୍ତ ଚାର୍ଜଶିଟ୍‌ରେ ମାରିଅମ୍ ସିଦ୍ଦିକିଙ୍କ ନାଁ ରହିଛି। ତେବେ ମାରିଅମ୍‌ଙ୍କୁ ଉକ୍ତ ମାମଲାରେ ଅଭିଯୁକ୍ତ ଭାବେ ଇଡି ଗିରଫ କରି ନ ଥିଲା। ଅମନତୁଲ୍ଲାଙ୍କ ସହଯୋଗୀ ଦାଉଦ ନାସିର, ଜିଶନ ହାଇଦର, ଜାୱେଦ ଇମାମ ସିଦ୍ଦିକି ଏବଂ କୌସର ଇମାମ ସିଦ୍ଦିକିଙ୍କ ନାଁରେ ଜାନୁଆରୀରେ ଚାର୍ଜଶିଟ୍ ଦାଖଲ ହୋଇଥିଲା।



ଅମନତୁଲ୍ଲା ଖାନ୍

# ଶୁଣାଣିବେଳେ ଓକିଲଙ୍କ ହୋହଲ୍ଲା: କୋର୍ଟ ରୁମ୍‌ରେ ପୋଲିସର ଲାଠିଚାଳନା

ଗାଜିଆବାଦ,୨୯।୧୦

ଗାଜିଆବାଦ ଜିଲା ସେସନ୍ସ ଜଜ୍‌ଙ୍କ କୋର୍ଟରେ ମଙ୍ଗଳବାର ପୂର୍ବାହ୍ନରେ ଶୁଣାଣି ଚାଲିଥିବାବେଳେ ଆଇନଜୀବୀମାନେ ବିଶୃଙ୍ଖଳା ସୃଷ୍ଟି କରିବାରୁ ଅଭାବନୀୟ ସ୍ଥିତି ଉପୁଜିଛି। ବିଶୃଙ୍ଖଳିତ ଆଇନଜୀବୀମାନଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲାଠିଚାଳନା କରିଥିଲା। ଜିଲା ଓ ଦୌରାଜଜ୍ ଅନିଲ କୁମାର ଏକ ମାମଲାର ଶୁଣାଣି କରୁଥିବାବେଳେ ଏହାକୁ ବନ୍ଦ କରି ଅନ୍ୟ ଏକ ମାମଲାର ଶୁଣାଣି କରିବାକୁ ଆଇନଜୀବୀମାନେ ନିବେଦନ କରିଥିଲେ। ତେବେ ବିଚାରପତି ଅପେକ୍ଷା କରିବାକୁ କହିବାରୁ ଓକିଲମାନେ କୋର୍ଟରୁମ୍‌ରେ ସ୍ଲୋଗାନ ଦେଇ ଶୁଣାଣିରେ ବାଧା ସୃଷ୍ଟି କରିଥିଲେ। ବିଚାରପତି ପୋଲିସକୁ ଡାକି ସ୍ଥିତି ସୁଧାରିବାକୁ କହିଥିଲେ। ପୋଲିସ ଆଡଭୋକେଟ୍‌ମାନଙ୍କୁ ସେଠାରୁ ବିଦା କରିବାକୁ ଯାଇ ଲାଠିଚାଳନା କରିଥିଲା। ଏଥିରେ ୮ରୁ ୧୦ ଓକିଲ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

## ଫୁଲ ଚାଷ



**ଗୋ**ଲାପ ଫୁଲଗଛର ପୁରୁଣା ଡାଳସବୁ କାଟି ଦିଅନ୍ତୁ। କଟା ଅଗରେ ବୋର୍ଡୋପେଷ୍ଟ ଲଗାନ୍ତୁ। ୧୦୦ ଗ୍ରାମ୍ ତୁତିଆ ଓ ୧୦୦ ଗ୍ରାମ୍ ଶିପ ଚୂନକୁ ୧ ଲିଟର ପାଣିରେ ମଣ୍ଡ ପ୍ରସ୍ତୁତକରି ଲଗାନ୍ତୁ । ଗଛରେ ନୂଆପତ୍ର ବାହାରିଲେ ଗଛ ପ୍ରତି ୧୦ ଗ୍ରାମ୍ ଯବକ୍ଷାରଜାନ, ୧୦ ଗ୍ରାମ୍ ଫସ୍‌ଫରସ୍ ଓ ୧୫ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । ବର୍ଷା ଯୋଗୁ ଗେଣ୍ଡୁଫୁଲ ଗଛ ଲଗାଇ ନ ଥିଲେ ବର୍ତ୍ତମାନ ଲଗାନ୍ତୁ । ସିରାକୋଲ୍, ଆଫ୍ରିକାନ୍ ଡବ୍ଲ୍ୟୁ ଜ୍ୟାଣ୍ଟ୍ ଅରେଞ୍ଜ୍, ଆଫ୍ରିକାନ୍ ଡବ୍ଲ୍ୟୁ ଜ୍ୟାଣ୍ଟ୍ ୟେଲୋ, ପୁଷା ବାସନ୍ତୀ ଆଦି ଉନ୍ନତ କିସମ ବ୍ୟବହାର କରନ୍ତୁ। ଗ୍ଲାଡିଓଲି କନ୍ଦାକୁ ଓଦା ବାଲିରେ ଗଜାକରି ଲଗାନ୍ତୁ । କନ୍ଦା ଲଗାଇବା ପୂର୍ବରୁ ବିଶୋଧନ କରନ୍ତୁ । ଫ୍ରେଣ୍ଡଶିପ୍, ଫ୍ରେଣ୍ଡଶିପ୍ ହ୍ୱାଇଟ୍, ପିଟର ପିୟର୍‌ସ, ରେଡ୍ ବିଉଟି, ନୋଭାଲକ୍ସ, ହରମାଜେଷ୍ଟି, ବ୍ଲାକ୍ ଜ୍ୟାକ୍, ଚେରିବ୍ଲସମ୍, ଅର୍ଚ୍ଚନା, ବିନ୍ଦିଆ, ଧନ୍ୱନ୍ତରୀ, ଦର୍ଶନ ଆଦି ଉନ୍ନତ ଅଧିକ ଅମଳକ୍ଷମ ଗ୍ଲାଡିଓଲି ବିହନ ସଂଗ୍ରହ କରନ୍ତୁ ।

## ସୂର୍ଯ୍ୟମୁଖୀ ଚାଷ



**ନ**ଭେମ୍ବର ୧୫ ତାରିଖ ମଧ୍ୟରେ ମଞ୍ଜିବୁଣା କାମ ଶେଷ କରନ୍ତୁ । ମୋର୍‌ଡେନ୍, ସୂର୍ଯ୍ୟ, ସନ୍‌ରାଇଜ୍ ଏବଂ ସଙ୍କର କିସମ ଯଥା – କେ.ବି.ଏସ୍.ଏଚ୍.–୧, କେ.ବି.ଏସ୍.ଏଚ୍.–୪୪, ପି.ଏ.ସି.–୩୬, ଏମ୍.ଏସ୍.ଏଫ୍.ଏଚ୍.–୮, ଜ୍ୱାଳାମୁଖୀ ଆଦି ଉନ୍ନତ କିସମର ସୂର୍ଯ୍ୟମୁଖୀ ବିହନ ବ୍ୟବହାର କରନ୍ତୁ । ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୧୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ । ବୁଣିବା ପୂର୍ବରୁ ୧ କି.ଗ୍ରା. ବିହନ ପ୍ରତି ୩ ଗ୍ରାମ୍ କାପ୍‌ଟାନ୍/ଥିରାମ୍ ଗୋଳାଇ ବିଶୋଧନକରି ବୁଣନ୍ତୁ । ଉନ୍ନତ କିସମ ପାଇଁ ଧାଡ଼ିକୁ ଧାଡ଼ି ୪୫ ସେ.ମି., ଗଛକୁ ଗଛ ୩୦ ସେ.ମି. ଏବଂ ସଙ୍କର କିସମ ପାଇଁ ଧାଡ଼ିକୁ ଧାଡ଼ି ୬୦ ସେ.ମି., ଗଛକୁ ଗଛ ୩୦ ସେ.ମି. ବ୍ୟବଧାନ ରଖନ୍ତୁ । ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ମୂଳସାର ୩୦:୪୦:୩୦ ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ଏବଂ ସଙ୍କର କିସମ ପାଇଁ ୬୦:୮୦:୬୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ସାର ବ୍ୟବହାର କରନ୍ତୁ ।

# ମଧ୍ୟମ କିସମ ଧାନ ଅମଳ ସମୟରେ...

## ନଭେମ୍ବର ମାସର କୃଷି ସୂଚନା

**ମ**ଧ୍ୟମ କିସମ ଧାନ କେଣ୍ଡାରେ ଶତକଡ଼ା ୮୫ ଭାଗ ଧାନ ପାଚିଥିଲେ ତାହାକୁ କାଟି ଅମଳ କରନ୍ତୁ । ଧାନ କାଟିବାର ଏକ ସପ୍ତାହ ପୂର୍ବରୁ ଜମିରୁ ପାଣି କାଟି ଦିଅନ୍ତୁ । ବିଳମ୍ବ କିସମ ଧାନ ଫୁଲ ଉଡ଼ାଇବା ଅବସ୍ଥାରେ ଥିଲେ ଜମିରେ ୫ ସେ.ମି. ଠିଆପାଣି ବାନ୍ଧି ରଖନ୍ତୁ । ଧାନ କ୍ଷୀର ଢୋକିଲାବେଳେ ଗନ୍ଧିପୋକର ଆକ୍ରମଣରୁ ରକ୍ଷାକରିବା ପାଇଁ ଆବଶ୍ୟକ ଫସଲ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରନ୍ତୁ । ଉତ୍କୃଷ୍ଟ ବିହନ କରିବା ପାଇଁ ମିଶାଧାନ ଓ ବାଲୁଙ୍ଗା ଗଛକୁ ବାଛି ବାହାର କରିଦିଅନ୍ତୁ । ଧାନ ଅମଳ ପରେ ଧାନକୁ ୨–୩ଟି ଟାଣଖରାରେ ଶୁଖାଇ ସାଇତି ରଖନ୍ତୁ । ଅମାରର ୧୦୦ ବର୍ଗଫୁଟ ଜାଗା ପାଇଁ ୨୫୦ ଗ୍ରାମ୍ ହିସାବରେ ଶତକଡ଼ା ୫ ଭାଗ ମାଲାଥିଅନ ଗୁଣ୍ଡ ଅମାରର ଚଟାଣ, କାନ୍ଥ ଓ ଛାତରେ ପ୍ରୟୋଗକଲେ ପୋକ ଲାଗିବ ନାହିଁ । ସାପ୍ତାହିକ ରୋଗ ପୋକ ସର୍ବେକ୍ଷଣକରି ଆର୍ଥିକ ନିୟନ୍ତ୍ରଣ ସୀମାକୁ ଦୃଷ୍ଟିରେ ରଖି ଆବଶ୍ୟକ ମତେ ରାସାୟନିକ ସଂରକ୍ଷଣ ବ୍ୟବସ୍ଥା ଗ୍ରହଣ କରନ୍ତୁ ।

**ଡାଲି ଜାତୀୟ ଫସଲ :** ମାଟିର ବତର ଦେଖି ମୁଗ/ବିରି ଫସଲ ପାଇଁ ଜମି ଚାଷ କରନ୍ତୁ । ଧାନ କାଟିବାର ୭ ଦିନ ପୂର୍ବରୁ ମଧ୍ୟମ ଓ ଖାଲ ଜମିରେ ବତର ଥିବା ଅବସ୍ଥାରେ ଏକର ପ୍ରତି ଅନୁମୋଦିତ ବିହନ ପରିମାଣର ଶତକଡ଼ା ୨୫ ଭାଗ ଅଧିକ ମୁଗ/ବିରି/ମଟର/ବୁଟ ଆଦି ବିହନ ଛଟାବୁଣା କରନ୍ତୁ । ବୁଣିବା ପୂର୍ବଦିନ ଏକର ପ୍ରତି ୪୦ କି.ଗ୍ରା. ଡିଏପି ଏବଂ ୧୩ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । **ମୁଗ କିସମ :** ଟାର୍ମ–୧, ଟାର୍ମ–୨, ଜ୍ୟୋତି, କାମଦେବ, ଧଉଳି, ଦୁର୍ଗା, ସୁଜାତା, ଆଇପିଏମ୍ ୨–୧୪, ଆଇପିଏମ୍ ୨–୩ । **ବିରି କିସମ :** ପିୟୁ ୩୦, ଟିୟୁ ୯୪–୨, ସାରଳା, ପ୍ରସାଦ, ପି.ୟୁ.–୧୯, ଉଜାଳା, ମହୁରୀ, ଶଶୀ । **ବୁଟ :** ଶ୍ୱେଥା, ଭାରତୀ, ବିହାର, ଜେଜି–୬୨, ସି–୨୩୫, ଆଇସିସି–୪, ରାଧେ, ଆନେଗିରି, ଜେଜି–୧୪, ଏଚ୍–୨୦୮ । **ମଟର କିସମ :** ରଚନା, ଏଚ୍‌ୟୁଡିପି–୧୫, ଜେପି–୮୮୫, ଉତ୍ତରା, ଡିଡିଆର୍–୨୭, ଅପର୍ଣ୍ଣା, ଆଦର୍ଶ । ବିହନ ବିଶୋଧନ କରିବାର ୭ ଦିନ ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଓ ଫସ୍‌ଫୋବ୍ୟାକ୍‌ଟ୍ରିନ୍ ଗୋଳାଇ ଛାଇରେ ଶୁଖାଇ ବୁଣନ୍ତୁ । ବିହନ ବୁଣିବା ପୂର୍ବରୁ ହେକ୍ଟର ପ୍ରତି ୨୦:୪୦:୨୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ଜମିରେ ପ୍ରୟୋଗ କରନ୍ତୁ। ପାଉଁଶିଆ ରୋଗ ସଲ୍‌ଫେକ୍ସ ୪ ଗ୍ରାମ୍ ପ୍ରତି ଲିଟର ପାଣିରେ ଗୋଳାଇ ସଞ୍ଚନ କରାଯାଏ। ୧୦ ଦିନ ପରେ ଦରକାର ଅନୁଯାୟୀ ସିଞ୍ଚନ କରନ୍ତୁ। ଜଉପୋକ ୧୫ ଲିଟର ପାଣିରେ ୫ ମି.ଲି. ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ଛୁଇଁବିନ୍ଧା ପୋକ ଦମନ ପାଇଁ କାର୍ବୋସଲ୍‌ଫାନ୍ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଗୋଳାଇ ସିଞ୍ଚନ କରନ୍ତୁ। ଦରକାର ହେଲେ ୧୫–୨୦ ଦିନ ପରେ ପୁଣି ସିଞ୍ଚନ କରାଯିବା ଉଚିତ।

**ଆଖୁ :** ଉନ୍ନତ କିସମର ଆଖୁ ବିହନ ଯଥା – ସବିତା, ନୀଳମାଧବ, ନୟନା, ବିଶ୍ୱାମିତ୍ର, ଉତ୍ତରା ଭବାନୀ, ରଘୁନାଥ, ନୀଳଚକ୍ର, ଚର୍ଚ୍ଚିକା ଆଦି ସଂଗ୍ରହ କରନ୍ତୁ । ଜମିରେ ପାଣି ରହୁଥିଲେ ନିଷ୍କାସନ ବ୍ୟବସ୍ଥା ଗ୍ରହଣ କରନ୍ତୁ । ପତ୍ରଡିଆଁ/ଧଳାମାଛି ଆକ୍ରମଣ ଦେଖାଗଲେ ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍ସାମ୍ ଗୋଳାଇ ସିଞ୍ଚନ କରନ୍ତୁ । ନାଲି ଶଢ଼ାରୋଗ ଆକ୍ରମଣକଲେ କାର୍ବେଣ୍ଡାଜିମ୍ (୧୨%) ସହିତ ମାଙ୍କୋଜେବ୍ (୬୩%) ଡବ୍ଲ୍ୟୁପି ମିଶ୍ରିତ ଫିମ୍ପିନାଶକ ୨ ଗ୍ରାମ୍‌କୁ ୧ ଲିଟର ପାଣିରେ ଗୋଳାଇ ଆକ୍ରାନ୍ତ ଗଛର ମୂଳ ମାଟିକୁ ଭିଜାନ୍ତୁ ।

**କପା :** ଚିତ୍ରିତ ବକରା/ପାଟଳ ବକରା ପୋକ ଲାଗିଲେ ୨.୫ ମି.ଲି. ଟ୍ରାଇଆଜୋଫସ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ତା' ପରେ କୀଟ ଆକ୍ରମଣ ନ କମିଲେ ଇନ୍‌ଡକ୍ସାକାର୍ବ ପ୍ରତି ୨ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ। ସକାଳ ୮ଟା ପରେ (କାକର ଶୁଖିଲା ପରେ) କପା ତୋଳନ୍ତୁ । ପ୍ରଥମ ଥର ଏବଂ ପ୍ରତିଥର ତୋଳାଯାଇଥିବା କପାକୁ ଅଲଗା ରଖି ଶୁଖାଇ ସଫାକରି ଶୁଖିଲା ପ୍ଲାଷ୍ଟିକ୍ ବସ୍ତାରେ ସାଇତି ରଖନ୍ତୁ ।

**ପନିପରିବା ଫସଲ**

**ଆଳୁ :** କୁଫ୍ରି ଜ୍ୟୋତି, କୁଫ୍ରି ସୂର୍ଯ୍ୟ, କୁଫ୍ରି ଖ୍ୟାତି, ଚିପ୍‌ସୋନା–୩, କୁଫ୍ରି ବାଦ୍‌ଶାହା, କୁଫ୍ରି ଅଶୋକା, କୁଫ୍ରି ଲାଲିମା, କୁଫ୍ରି ସିନ୍ଦୁରୀ କିସମ ୨–୩ ଆଖି ବିଶିଷ୍ଟ ୨୦–୨୫ ଗ୍ରାମ୍ ଓଜନ କଟା କିମ୍ବା ୨.୫ ସେ.ମି. ବ୍ୟାସ ବିଶିଷ୍ଟ ଗୋଟା ଆଳୁ ହେକ୍ଟର ପ୍ରତି ୨୦ କୁଇଣ୍ଟାଲ ବିହନ ବ୍ୟବହାର କରନ୍ତୁ । ୦.୩% ମାନ୍‌କୋଜେବ୍‌ରେ ବିହନ ଆଳୁକୁ ବିଶୋଧନକରି ମୂଳସାର ହେକ୍ଟର ପ୍ରତି ୯୦:୮୦:୧୦୦ କି.ଗ୍ରା. ଯବକ୍ଷାଜାନ, ଫସ୍‌ଫରସ୍ ଓ ପଟାସ୍ ସାର ପ୍ରୟୋଗକରି ୪୫–୬୦ ସେ.ମି. x ୧୫–୨୦ ସେ.ମି. ବ୍ୟବଧାନରେ ଲଗାନ୍ତୁ ।

**ପଶୁପାଳନ :** ଗୋରୁ ଗୁହାଳକୁ ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ । ପଶୁମାନଙ୍କୁ କୃମିନାଶକ ଔଷଧ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଖୁଆନ୍ତୁ । ପଶୁମାନଙ୍କୁ ପରିଷ୍କାର କୂଅ ଓ ନଳକୂଅ ପାଣି ପିଇବାକୁ ଦିଅନ୍ତୁ । ପଶୁମାନେ ରୋଗାକ୍ରାନ୍ତ ହେଲେ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶକରି ଔଷଧ ଦିଅନ୍ତୁ । ଫାଟୁଆ ରୋଗର ପ୍ରତିଷେଧକ ଟିକାକରଣ ପାଇଁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

**ମାଛଚାଷ :** ବର୍ଷାରେ ମାଛ ପୋଖରୀ ହୁଡ଼ା ଭାଙ୍ଗିଯାଇଥିଲେ ତୁରନ୍ତ ମରାମତି କରନ୍ତୁ । ୧ ହେକ୍ଟର ବିଶିଷ୍ଟ ମାଛପୋଖରୀର ୧୨,୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୩ କି.ଗ୍ରା. ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ସମୁଦାୟ ଦୈନିକ ୭ କି.ଗ୍ରା. ୫୦୦ ଗ୍ରାମ୍ ଦାନା ଖାଇବାକୁ ଦିଅନ୍ତୁ। ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳୀ ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ ଓ ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ । ଶୀତଦିନ ପ୍ରାରମ୍ଭରୁ ପୋଖରୀରେ ୪୦ କି.ଗ୍ରା. ଚୂନ ସହିତ ୪ କି.ଗ୍ରା. ହଳଦୀଗୁଣ୍ଡ ମିଶାଇ ଦୁଇଟି କିସ୍ତିରେ ୧ମାସ ଅନ୍ତରରେ ପକାଇଲେ ମାଛମାନଙ୍କୁ ରୋଗ ହୋଇ ନ ଥାଏ ।

–କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର–୩



## ଫଳ ଚାଷ

**ବ**ଗିଚାକୁ ବର୍ଷା ପରେ ଭଲଭାବରେ ଚାଷ କରନ୍ତୁ । ଫଳବଗିଚା ସଫାକରି ଅନୁମୋଦିତ ପ୍ରଣାଳୀରେ ଖତ, ରାସାୟନିକ ସାର ଓ ଅଣୁସାର ବର୍ଷା ଛାଡ଼ିବା ପୂର୍ବରୁ ଗଛରେ ଦିଅନ୍ତୁ । ଆବଶ୍ୟକ ଅନୁଯାୟୀ ଜଳସେଚନ କରନ୍ତୁ । ପୁରୁଣା ଗଛକୁ କାଟଛାଣ୍ଟ କରନ୍ତୁ ଏବଂ ମାଆ ଗଛରୁ ବାହାରୁଥିବା କୁଆଁକୁ କାଟି ଦିଅନ୍ତୁ। ରୋଗପୋକ ନିୟନ୍ତ୍ରଣ କରନ୍ତୁ ଏବଂ ଉଇ ଆକ୍ରମଣ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ଗଛ ମୂଳକୁ ଛାଦିକରଣ କରନ୍ତୁ। ବର୍ତ୍ତମାନ କଦଳୀ ଗଛ ଲଗାଇପାରିବେ। ଏଥିପାଇଁ ଗ୍ରାଣ୍ଡ୍ ନୈନ୍, ପାଟକପୁରା, ଡି.ସି. ପ୍ରଭୃତି କିସମ ନେଇପାରିବେ। ଆମ୍ବଗଛରେ ବଉଳ ଆସିବା ପାଇଁ ଜଳସେଚନ ବନ୍ଦ ରଖନ୍ତୁ ।



## ଅଳ୍ପରେ...



**ବାଇଗଣ :** ବାଇଗଣ ଫସଲରେ କାଣ୍ଡବିନ୍ଧା/ଫଳବିନ୍ଧା ପୋକ ଆକ୍ରମଣ ହେଲେ ୫ ମି.ଲି. ଫ୍ଲୁବେଣ୍ଡିଆମାଇଡ୍‌କୁ ୧୫ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ଇମାମେକ୍ଟିନ୍ ବେନ୍‌ଜୋଏଟ୍ ୫ ଗ୍ରାମ୍ / ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ୍ତୁ । ଆକ୍ରାନ୍ତ ଡାଳ ବା ଫଳକୁ ମାଟିରେ ପୋତି ଦିଅନ୍ତୁ । ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ।



**ଫୁଲକୋବି :** ଫୁଲକୋବି ଫସଲରେ ଶଁବାଳୁଆ ପୋକ ଲାଗିଲେ ୧ ମି.ଲି. ନୋଭାଲ୍ୟୁରନ୍‌କୁ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ଯଦି ଫୁଲକଢ଼ ପାକଳ ହୋଇଆସିଥିବ, ତେବେ ମାଲାଥିଅନ୍ ୧ ଲିଟର ପାଣିରେ ୧.୫ ମି.ଲି. ଗୋଳାଇ ସିଞ୍ଚନ କରନ୍ତୁ । ମୂଳା ଫସଲରେ ଫ୍ଲି ବିଟିଲ୍ ଲାଗିଥିଲେ ତା'ର ଦମନ ପାଇଁ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ମିଶାଇ ସିଞ୍ଚନ କରନ୍ତୁ ।

**ଲଙ୍କା :** ଲଙ୍କା ଫସଲରେ ଉକୁଣିଆ ପୋକ ଲାଗିଲେ ୨ ମି.ଲି. ଇଥିଅନ୍ / ୧ ଲିଟର ପାଣିରେ କିମ୍ବା ୦.୩ ଗ୍ରାମ୍ ଏସିଟାମିପ୍ରିଡ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।



## ଚିନାବାଦାମର ଉନ୍ନତ କିସମ



**ଚି**ନାବାଦାମର ଉନ୍ନତ କିସମ ମଧ୍ୟରେ ରହିଛି ଦେବୀ, ଜେ.ଏଲ୍.–୨୪, ଟି.ଏ.ଜି.–୨୪, ଟି.ଜି.–୩୮ ବି, ଟି.ଜି.–୩୭ ଏ, କାଦିରି–୩, କାଦିରି–୬, ଧରଣୀ । ହେକ୍ଟର ପ୍ରତି ୧୨୫ କି.ଗ୍ରା. (ମଞ୍ଜି) ବିହନକୁ ବିଶୋଧନକରି ରାଇଜୋବିୟମ୍ କଲ୍‌ଚର ୨୫୦ ରୁ ୫୦୦ ଗ୍ରାମ୍ ୧୦ କି.ଗ୍ରା. ବିହନ ପ୍ରତି ଉପଚାର କରନ୍ତୁ । ହେକ୍ଟର ପ୍ରତି ୨୦:୪୦:୪୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗକରି ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ବୁଣନ୍ତୁ। ଫସ୍‌ଫରସ୍ ପାଇଁ ସିଙ୍ଗଲ ସୁପର ଫସ୍‌ଫେଟ୍ ବଦଳରେ ଡି.ଏ.ପି. (୧୮–୪୬–୦) ବ୍ୟବହାର କରୁଥିଲେ ବୁଣିବା ସମୟରେ ଏକର ପ୍ରତି ୧୦୦ କି.ଗ୍ରା. ଜିପ୍‌ସମ୍ ଧାଡ଼ିରେ ପ୍ରୟୋଗ କରନ୍ତୁ ।

# ପିଆଜ ତଳି ପ୍ରସ୍ତୁତି

**ପି**ଆଜ ତଳି ପ୍ରସ୍ତୁତ କରୁଥିଲେ ୧ ହେକ୍ଟର ଜମି ପାଇଁ ୫୦୦ ବର୍ଗମିଟର ପରିମିତ ଜମିରେ ତଳି ପକାନ୍ତୁ । ତଳି ପଟାଳି ଜମିଠାରୁ ୬ ଇଞ୍ଚ ଉଚ୍ଚ, ୧ ମିଟର ଓସାର ଏବଂ ସୁବିଧା ଅନୁଯାୟୀ ଲମ୍ବ ହେବା ଆବଶ୍ୟକ । ୨୦ କି.ଗ୍ରା. ଭଲ ଶଢ଼ା ଶୁଖିଲା ଗୋବର ଖତ ସହ ୧ କି.ଗ୍ରା. ଟ୍ରାଇକୋଡର୍ମା ଭିରିଡେ ଜୀବାଣୁସାର ଭଲ ଭାବରେ ମିଶାଇ ଏହାକୁ ୨–୩ ଦିନ ଛାଇରେ ପଲିଥିନ୍ ଘୋଡ଼ାଇ ରଖି ତଳି ପଟାଳିରେ ପ୍ରୟୋଗକରି ବିଶୋଧିତ ବିହନ ଧାଡ଼ିରେ ବୁଣନ୍ତୁ। ତଳିକୁ ଅଦିନିଆ ବର୍ଷାରୁ ରକ୍ଷା କରିବା ପାଇଁ ବାଉଁଶ କାଠି ଫ୍ରେମ୍‌ରେ ଜରି ଲଗାଇ ବର୍ଷାବେଳେ ଘୋଡ଼ାଇ ରଖନ୍ତୁ । ଜଳ ନିଷ୍କାସନ ପାଇଁ ପ୍ରତି ତଳି ପଟାଳି ମଝିରେ ୧ ଫୁଟ ଓସାରର ନାଳ ରଖନ୍ତୁ । ତଳି ୮–୧୦ ସପ୍ତାହ ହୋଇଥିଲେ ଜମିରେ ରୋପଣ କରନ୍ତୁ। ହେକ୍ଟର ପିଛା ୮ ରୁ ୧୦ କି.ଗ୍ରା. ବିହନ ଆବଶ୍ୟକ । ଏଗ୍ରି ଫାଉଣ୍ଡ୍ ଲାଇଟ୍ ରେଡ୍, ଏନ୍–୫୩, ଭୀମା ସୁପର, ଭୀମା ଶକ୍ତି ଆଦି ଅଧିକ ଅମଳକ୍ଷମ ବିହନ ବ୍ୟବହାର କରନ୍ତୁ । ହେକ୍ଟର ପିଛା ୧୨୦:୬୦:୬୦:୫୦ କି.ଗ୍ରା. ହିସାବରେ ଯବକ୍ଷାରଜାନ, ଫସ୍‌ଫରସ୍, ପଟାସ୍ ଓ ସଲ୍‌ଫର୍ ସାରକୁ ଦୁଇଟି କିସ୍ତିରେ ପ୍ରୟୋଗ କରନ୍ତୁ। ତଳି ରୋଇବା ବେଳେ ମୂଳସାର ହିସାବରେ ଉଭୟ ଯବକ୍ଷାରଜାନ ଏବଂ ଫସ୍‌ଫରସ୍ ସାରର ଅର୍ଦ୍ଧେକ ଏବଂ ସମୁଦାୟ ପଟାସ୍ ସାର ପ୍ରୟୋଗ କରନ୍ତୁ । ନଭେମ୍ବର ୨୦ ତାରିଖରୁ ଡିସେମ୍ବର ଶେଷ ସୁଦ୍ଧା ପିଆଜ ଲଗାଇବା କାର୍ଯ୍ୟ ସମାପନ କରନ୍ତୁ । ଘାସମରା ଔଷଧ, ପେଣ୍ଡିମେଥାଲିନ୍ ୩୦ ଏ.ଇ.କୁ ତଳି ରୋଇବାର ୨ ଦିନ ମଧ୍ୟରେ ପ୍ରୟୋଗକଲେ ଘାସ ନିୟନ୍ତ୍ରଣ ହୋଇପାରିବ। ତଳି ରୋଇବାର ୧୫ ଦିନ ପରେ ନିମ୍ ସିଡ୍ କର୍ନେଲ ଏକ୍ସଟ୍ରାକ୍ଟ ଦ୍ରବଣକୁ ଲିଟର ପ୍ରତି ୪ ମି.ଲି. ହିସାବରେ ଫସଲ ପ୍ରୟୋଗକଲେ ପତ୍ର ଉକୁଣି (ଥ୍ରିପ୍ସ) ନିୟନ୍ତ୍ରଣ କରାଯାଇପାରିବ ।



# ଅର୍ଦ୍ଧକମ୍ପୋଷ୍ଟ ପ୍ରଣାଳୀରେ ପାଳଛତୁ ଚାଷ

(ଶେଷ ଭାଗ)

**ପ୍ର**ଥମ ପର୍ଯ୍ୟାୟ ଅମଳର ୭ ବା ୮ ଦିନ ପରେ ଆଉ ଥରେ ଛତୁ ଫୁଟେ। ୧୦୦ କି.ଗ୍ରା. କମ୍ପୋଷ୍ଟରୁ ପ୍ରାୟ ୧୫ରୁ ୧୬ କି.ଗ୍ରା. ଓ ସର୍ବାଧିକ ୧୮ କି.ଗ୍ରା. ପର୍ଯ୍ୟନ୍ତ ଛତୁ ଅମଳ ହୁଏ । ନଡ଼ା ସହ ତୁଳା ଆବର୍ଜନା ମିଶେଇ ଚାଷକଲେ ଛତୁ ଉତ୍ପାଦନ ଆହୁରି ବୃଦ୍ଧିପାଏ। ନଡ଼ା ସହ କଦଳୀଗଛର ଶୁଖିଲା ପତ୍ର, ଶୁଖିଲା ବିଲାତି ଦଳ ଓ ଅନ୍ୟାନ୍ୟ କୃଷିଜାତ ପଦାର୍ଥ ମିଶାଇ ଓ ଆନୁଷଙ୍ଗିକ ପୋଷାକ ତତ୍ତ୍ୱ ବ୍ୟବହାରକରି ଅର୍ଦ୍ଧ କମ୍ପୋଷ୍ଟର ଗୁଣାତ୍ମକ ମାନ ବୃଦ୍ଧିକରି ଆହୁରି ଅଧିକ ପାଳଛତୁ ଉତ୍ପାଦନ କରାଯାଇପାରିବ ।

ପ୍ରଚଳିତ ପାଳଛତୁ ପଦ୍ଧତି ତୁଳନାରେ ନୂତନ ଅର୍ଦ୍ଧ କମ୍ପୋଷ୍ଟ ପ୍ରଣାଳୀରେ ଅନେକ ସୁଫଳ ମିଳିଥାଏ। ଭବିଷ୍ୟତରେ ବିଡ଼ା ନଡାର ଅଭାବଜନିତ ସମସ୍ୟାରୁ ମୁକୁଳିବାକୁ ହେଲେ ଅର୍ଦ୍ଧ କମ୍ପୋଷ୍ଟ ପ୍ରଣାଳୀରେ ପାଳଛତୁ ଉତ୍ପାଦନ କରିବା ଏକ ସମୟୋପଯୋଗୀ ପ୍ରତିକାର । ଏଥିରେ ସବୁ ପ୍ରକାର ଧାନ ନଡ଼ା ଓ ଅନେକ ପ୍ରକାର କୃଷିଜାତ ଅଦରକାରୀ ପଦାର୍ଥକୁ ବିନିଯୋଗକରି ପାଳଛତୁ ଉତ୍ପାଦନ କରିହେବ। ପାରମ୍ପରିକ ପ୍ରଣାଳୀଠାରୁ ଏହି ନୂତନ ପଦ୍ଧତିରେ ପ୍ରାୟ ୨ ଗୁଣ ଅଧିକ ଛତୁ ଅମଳ ହୋଇପାରେ। ଚାଷ ସମୟରେ ରୋଗ, ପୋକ ଓ ଅନିଷ୍ଟକାରୀ ଫିମ୍ପିମାନଙ୍କର ସଂକ୍ରମଣ ମଧ କମ୍ ହୁଏ। ଏହି ପ୍ରଣାଳୀରେ ଅମଳ ହେଉଥିବା ଛତୁ ପାରମ୍ପରିକ ପ୍ରଣାଳୀରେ ଉତ୍ପାଦିତ ହେଉଥିବା ପାଳଛତୁଠାରୁ ଅଧିକ ସ୍ୱାଦିଷ୍ଟ। ବେଡ୍‌ର ଉଚ୍ଚତା କମ୍ ଥିବାରୁ ଏକକ ପରିମିତ ଜାଗାରେ ଥାକ ବ୍ୟବସ୍ଥାକରି ପାରମ୍ପରିକ ପ୍ରଣାଳୀ ତୁଳନାରେ ଯଥେଷ୍ଟ ଅଧିକ ବେଡ୍ ରଖି ହେବ ଓ ଅପେକ୍ଷାକୃତ ଅଧିକ ପାଳଛତୁ ଉତ୍ପାଦନ କରିହେବ । ଯେଉଁ ଘରେ ଏବେ ଛତୁଚାଷ କରାଯାଉଛି, ସେହି ଘରେ ହିଁ ନୂତନ ପଦ୍ଧତିରେ ପାଳଛତୁ ଚାଷକରିହେବ । ପରିବେଶ ଦୃଷ୍ଟିରୁ ନୂତନ ପ୍ରଣାଳୀ ଅଧିକ ନିରାପଦ। ପାରମ୍ପରିକ ଚାଷ ପ୍ରଣାଳୀରେ ଛତୁ ଫାର୍ମରୁ ନିର୍ଗତ ପରିତ୍ୟକ୍ତ ବର୍ଜ୍ୟ ପଦାର୍ଥର କିଛି ସିଧାସଳଖ ଉପଯୋଗ ନାହିଁ । ସେଗୁଡ଼ିକ ଅନ୍ୟତ୍ର ଫୋପାଡ଼ିଦେବା ଫଳରେ ପରିବେଶ ଦୂଷିତ ହୁଏ । ଅର୍ଦ୍ଧକମ୍ପୋଷ୍ଟ ପ୍ରଣାଳୀରେ ଛତୁ ଅମଳହେବା ପରେ ବର୍ଜ୍ୟପଦାର୍ଥକୁ ସିଧାସଳଖ ଜୈବିକ ଖତ ଭାବରେ ବ୍ୟବହାର କରିହେବ। ଏହାର ଗୁଣାତ୍ମକ ମାନ ସାଧାରଣ ଖତଠାରୁ ଢେର ଅଧିକ। ତେଣୁ ଆମ ରାଜ୍ୟର ଅଗଣିତ ଛତୁ ଚାଷୀ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ବିକଶିତ ନୂତନ ଅର୍ଦ୍ଧକମ୍ପୋଷ୍ଟ ପ୍ରଣାଳୀର ସୁଯୋଗ ନିଅନ୍ତୁ ଓ ଏହି ପ୍ରଣାଳୀରେ ଅଧିକ ଛତୁ ଉତ୍ପାଦନକରି ଆର୍ଥିକ ଦୃଷ୍ଟିରୁ ଆହୁରି ମଜଭୁତ ହୁଅନ୍ତୁ ।





–ଡ. ବିକ୍ରମ କେଶରୀ ପାଣି,
ମୁଖ୍ୟ ବୈଜ୍ଞାନିକ, ସର୍ବଭାରତୀୟ ସମନ୍ୱିତ ଛତୁ ଗବେଷଣା ପ୍ରକଳ୍ପ,
ଓୟୁଏଟି, ଭୁବନେଶ୍ୱର–୩
ମୋ : ୯୪୩୭୬୯୭୩୬୩

ଧରିତ୍ରୀ
DHARITRI
50 Years
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୩୦/୨୦୨୪ Bhubaneswar, Wednesday, October 30/ 2024

# ରୋଡ୍ରି, ବୋନମାଟି ଶ୍ରେଷ୍ଠ ଖେଳାଳି

## ବାଲନ୍ ଡି' ଅର

### ୨୧ ବର୍ଷ ପରେ ତାଲିକାରେ ନାହାନ୍ତି ମେସି, ରୋନାଲ୍ଡୋ

**ପ୍ୟାରିସ୍,୨୯।୧୦(ପି.ଟି.)**

ଚଳିତ ବର୍ଷର ବାଲନ୍ ଡି ଅର୍ ପୁରସ୍କାର ଘୋଷଣା ହୋଇଥିବା ବେଳେ ଏଥିରେ ସ୍ପାନିଆର୍ଡଙ୍କ ପ୍ରଭାବ ଦେଖିବାକୁ ମିଳିଛି। ପୁରୁଷ ବର୍ଗରେ ମିଡଫିଲ୍ଡର ରୋଡ୍ରି ଓ ମହିଳା ବର୍ଗରେ ଆଇଟାନା ବୋନମାଟି ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଛନ୍ତି। ସୋମବାର ବିଳମ୍ବିତ ରାତିରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ୨୮ ବର୍ଷୀୟ ରୋଡ୍ରି ପ୍ରଥମ ଥର ବାଲନ୍ ଡି' ଅର୍ ପୁରସ୍କାର ହାସଲ କରିଛନ୍ତି। ମାଞ୍ଚେଷ୍ଟର ସିଟିକୁ ପ୍ରିମିୟର ଲିଗ୍ ଓ ସ୍ପେନ୍‌କୁ ୟୁରୋ କପ୍ ଚାମ୍ପିୟନ କରାଇବାରେ ଏହି ତାରକା ମିଡଫିଲ୍ଡରଙ୍କ ବଡ଼ ଭୂମିକା ରହିଥିଲା। ବିଜୟୀ ତାଲିକା ଘୋଷଣା ହେବା ପରେ ରୋଡ୍ରି ଏହାକୁ ବିଶ୍ୱାସ କରି ନ ପାରି ମୁହଁରେ ହାତ ଦେଇଥିଲେ। ବାଲନ୍ ଡି' ଅର୍ ବିଜେତା ଜର୍ଜ ୱିଆଙ୍କ ନିକଟରୁ ସେ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏସିଏଲ୍ ଟିଅର କାରଣରୁ ଫୁଟବଲରୁ ଦୂରରେ ରହିଥିବା ରୋଡ୍ରି ଆଶାବାଡି ସାହାରାରେ ଏହି ଇଭେଣ୍ଟକୁ ଆସିଥିଲେ। ପ୍ରତି ଗେମ୍‌ରେ ନିଜ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପ୍ରୟାସ କରିଥାଏ ବୋଲି ନିଜ ବକ୍ତବ୍ୟରେ କହିଥିଲେ ରୋଡ୍ରି।

ଅନ୍ୟପକ୍ଷରେ ୨୬ ବର୍ଷୀୟା ବୋନମାଟି ଲଗାତର ଦ୍ୱିତୀୟ ଥର ପାଇଁ ଏହି ପୁରସ୍କାର ହାସଲ କରିଛନ୍ତି। ବାର୍ସେଲୋନାକୁ ସ୍ପାନିଶ୍ ଲିଗ୍, ସ୍ପାନିଶ କପ ଓ ଚାମ୍ପିୟନ୍ସ ଲିଗ୍ ବିଜୟୀ କରିବାରେ ବୋନମାଟିଙ୍କ ଭୂମିକା ରହିଥିଲା। ବାର୍ସେଲୋନା ତାରକା ଆଲେକ୍ସିସ୍ ପୁଟେଲାସଙ୍କ ପରେ ଦ୍ୱିତୀୟ ଖେଳାଳି ଭାବରେ କ୍ରମାଗତ ଥର ଏହି ପୁରସ୍କାର ଜିତିବାର ଗୌରବ ହାସଲ କରିଛନ୍ତି ବୋନମାଟି। ବାର୍ସେଲୋନାର ସାଥୀ ଖେଳାଳି କାରୋଲିନ୍ ଗ୍ରାହାମ୍ ହାନସେନ୍(ନରୱେ) ଓ ସଲମା ପାରାଲୁଏଲୋ(ସ୍ପେନ)ଙ୍କୁ ପଛରେ ପକାଇ ଏହି ପୁରସ୍କାର ବିଜୟୀ ହୋଇଥିଲେ। ଅଭିନେତ୍ରୀ ନାଟାଲି ପୋର୍ଟମ୍ୟାନଙ୍କ ନିକଟରୁ ସେ ଏହି ପୁରସ୍କାର ଗ୍ରହଣ କରିଥିବା ବେଳେ ଦ୍ୱିତୀୟ ଥର ପୁରସ୍କାର ପାଇଁ ଖୁସି ପ୍ରକାଶ କରିଥିଲେ। ଦଳୀୟ ସାଥୀ ଖେଳାଳି ଓ କ୍ଲବର ସାଥୀ ଖେଳାଳିଙ୍କୁ ନିଜ ସଫଳତା ପାଇଁ ସେ ଧନ୍ୟବାଦ ପ୍ରଦାନ କରିଥିଲେ। ବୋନମାଟି ଚଳିତ ସିଜନରେ ବାର୍ସେଲୋନା ପକ୍ଷରୁ ୧୯ ଗୋଲ ସ୍କୋର କରିଥିବା ବେଳେ ସ୍ପେନ୍ ଜାତୀୟ ଦଳ ପକ୍ଷରୁ ୫ ମ୍ୟାଚ୍‌ରୁ ୫ ଗୋଲ ଦେଇଛନ୍ତି।

ପୁରୁଷ ଖେଳାଳିଙ୍କ ମଧ୍ୟରେ ରିୟଲ ମାଡ୍ରିଡର ଭିନିସିୟସ ଜୁନିୟର ଦ୍ୱିତୀୟ ସ୍ଥାନରେ ରହିଥିଲେ। ଭିନିସିୟସଙ୍କ ସାଥୀ ଖେଳାଳି ଜୁଡ୍ ବେଲିଙ୍ଗହାମ ଓ ଡାନି କାର୍ଭାଜାଲ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଥିଲେ। ରିୟଲ ମାଡ୍ରିଡ୍‌ର ଏହି ୩ ଖେଳାଳି କିନ୍ତୁ କାର୍ଯ୍ୟକ୍ରମରେ ଯୋଗ ଦେଇ ନ ଥିଲେ। ଅନ୍ୟପକ୍ଷରେ ୮ ଥର ବାଲନ୍ ଡି' ଅର୍ ବିଜେତା ଲିଓନେଲ ମେସି ଓ ୫ ଥରର ବିଜେତା କ୍ରିଷ୍ଟିଆନୋ ରୋନାଲ୍ଡୋ ଏହି ତାଲିକାରେ ସାମିଲ ନ ଥିଲେ। ୨୦୦୩ ପରଠାରୁ ଏହି ୨ ଖେଳାଳି ନିୟମିତ ଏହି ତାଲିକାରେ ସ୍ଥାନ ପାଇ ଆସୁଥିଲେ। ୨୧ ବର୍ଷରେ ପ୍ରଥମ ଥର ପାଇଁ ୨ ଜଣଙ୍କ ମଧ୍ୟରୁ କେହି ସ୍ଥାନ ପାଇନାହାନ୍ତି।

ବାର୍ସେଲୋନାର ଯୁବ ପ୍ରତିଭା ଲାମିନ୍ ୟାମାଲ ଶ୍ରେଷ୍ଠ ଯୁବ ଖେଳାଳି ଭାବରେ କୋପା ପୁରସ୍କାର ବିଜୟୀ ହୋଇଛନ୍ତି। ୟୁରୋ କପ୍‌ରେ ସର୍ବକନିଷ୍ଠ ଖେଳାଳି ଭାବେ ଗୋଲ ସ୍କୋର କରିଥିବା ୟାମାଲ ୨୧ ବର୍ଷରୁ କମ୍ ବୟସ ବର୍ଗରେ ଶ୍ରେଷ୍ଠ ଖେଳାଳି ରହିଛନ୍ତି। ପ୍ୟାରିସ୍ ସେଣ୍ଟ ଜର୍ମେନ(ପିଏସ୍‌ଜି)ର କିଲିଆନ୍ ଏମ୍‌ବାପେ ଓ ବାୟେର୍ନ ମ୍ୟୁନିକ୍‌ର ହ୍ୟାରୀ କେନଙ୍କୁ ଦୋଶ ଓ କ୍ଲବ୍ ପକ୍ଷରୁ ସର୍ବାଧିକ ଗୋଲ ସ୍କୋରର ଭାବରେ ମିଳିତ ଭାବରେ ଜର୍ଡ ମୁଲର ପୁରସ୍କାର ମିଳିଥିଲା। ଉଭୟ ଖେଳାଳି ପୂର୍ବ ସିଜନରେ ୫୨ଟି ଲେଖାଏ ଗୋଲ ସ୍କୋର କରିଥିଲେ। ବାର୍ସେଲୋନାକୁ ଶ୍ରେଷ୍ଠ ମହିଳା ଦଳ ଓ ରିୟଲ ମାଡ୍ରିଡ୍‌କୁ ଶ୍ରେଷ୍ଠ ପୁରୁଷ ଦଳ ଭାବରେ ପୁରସ୍କୃତ କରାଯାଇଥିଲା। ରିୟଲ ମାଡ୍ରିଡ୍‌ର କାର୍ଲୋ ଆନ୍ସେଲୋଟ୍ଟିଙ୍କୁ ପୁରୁଷ ଓ ଏମା ହାୟେସଙ୍କୁ ଶ୍ରେଷ୍ଠ ମହିଳା କୋଚ୍ ଭାବରେ ଜୋହାନ କ୍ରାୟଫ୍ ଟ୍ରଫିରେ ପୁରସ୍କୃତ କରାଯାଇଥିଲା। ସ୍ପାନିଶ ଫୁଟବଲ ଫେଡେରେଶନ ସଭାପତି ଲୁଇସ୍ ରୁବେଲ୍ସଙ୍କ ବିରୋଧରେ ଯୌନ ଶୋଷଣ ମାମଲା ଲଢୁଥିବା ଫରୱାର୍ଡ ଜେନି ହର୍ମୋସୋଙ୍କୁ ସମାଜସେବା ପାଇଁ ସକ୍ରେଟିସ୍ ଆୱାର୍ଡ ମିଳିଥିଲା। ଦିବଂଗତ ଜର୍ମାନ ଫୁଟବଲ କିମ୍ବଦନ୍ତୀ ଫ୍ରାଞ୍ଜ ବେକେନବରଙ୍କ ସ୍ତ୍ରୀ ଓ ପୁଅଙ୍କୁ ଏକ ସ୍ୱତନ୍ତ୍ର ପୁରସ୍କାର ମିଳିଥିଲା।



ଆଇଟାନା ବୋନମାଟି ଓ ରୋଡ୍ରି।

**ପୁରସ୍କାର ତାଲିକା**

ବାଲନ୍ ଡି' ଅର: ରୋଡ୍ରି (ମାଞ୍ଚେଷ୍ଟର ସିଟି), ଆଇଟାନା ବୋନମାଟି(ବାର୍ସେଲୋନା)
କୋପା ଆୱାର୍ଡ: ଲାମିନ ୟାମାଲ(ବାର୍ସେଲୋନା)
ଜର୍ଡ ମୁଲର ଆୱାର୍ଡ: କିଲିଆନ୍ ଏମ୍‌ବାପେ(ପିଏସ୍‌ଜି), ହ୍ୟାରୀ କେନ୍(ବାୟେର୍ନ ମ୍ୟୁନିକ୍)।
ଶ୍ରେଷ୍ଠ ମହିଳା ଦଳ: ବାର୍ସେଲୋନା
ଶ୍ରେଷ୍ଠ ପୁରୁଷ ଦଳ: ରିୟଲ ମାଡ୍ରିଡ୍
ଶ୍ରେଷ୍ଠ ମହିଳା କୋଚ୍: ଏମା ହାୟେସ୍(ଆମେରିକା)
ଶ୍ରେଷ୍ଠ ପୁରୁଷ କୋଚ୍: କାର୍ଲୋ ଆନ୍ସେଲୋଟ୍ଟି(ରିୟଲ ମାଡ୍ରିଡ୍)
ସକ୍ରେଟିସ୍ ଆୱାର୍ଡ: ଜେନି ହର୍ମୋସୋ(ସ୍ପେନ୍)

# ସମ୍ବିତଙ୍କ ଶତକ: ଓଡ଼ିଶା ଅଗ୍ରଣୀ



**ଭୁବନେଶ୍ୱର, ୨୯।୧୦ (ତପନ ସ୍ୱାଇଁ):** ୱାୟନାଡ଼ର କ୍ରିଷ୍ଣଗିରି ଷ୍ଟାଡିୟମରେ ଚାଲିଥିବା କେରଳ ବିପକ୍ଷ ୨୩ ବର୍ଷରୁ କମ୍ କଲୋନେଲ ସି.କେ. ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ଇନିଂସ ଅଗ୍ରଣୀଲାଭ କରିଛି। ଏହି ମ୍ୟାଚରେ କେରଳ ପ୍ରଥମ ଇନିଂସରେ ୩୧୯ ରନରେ ଅଲ୍‌ଆଉଟ ହୋଇଥିଲା। ଜବାବରେ ଓଡ଼ିଶା ମଙ୍ଗଳବାର ତୃତୀୟ ଦିବସ ଖେଳ ଶେଷ ହେବା ବେଳକୁ ୮ ଉଇକେଟ ହରାଇ ୪୭୨ ରନ ସଂଗ୍ରହ କରିଛି। ଓଡ଼ିଶା ପକ୍ଷରୁ ସମ୍ବିତ ବରାଳ ଶତକ ହାସଲ କରିଥିବାବେଳେ ଓମ୍ ୯୨, ସାୱନ ପହାରିଆ ୭୬, ସାଇଦୀପ ମହାପାତ୍ର ୬୪ ଓ ଆଶୁତୋଷ ମାର୍ଣ୍ଡି ୫୧ ରନ ସ୍କୋର କରିଛନ୍ତି। ସମ୍ବିତ ୧୩୯ଟି ବଲ୍‌ର ସମ୍ମୁଖୀନ ହୋଇ ୧୦ ଚୌକା ଓ ୨ ଛକା ସହାୟତାରେ ୧୦୬ ରନ କରି ଅପରାଜିତ ରହିଛନ୍ତି। କେରଳ ପକ୍ଷରୁ ଇଡେନ ଆପ୍‌ଲେ ଟମ୍ ୪ଟି ଓ ଜିସ୍ନୁ ଏ. ୨ଟି ଉଇକେଟ ନେଇଛନ୍ତି।

# ଗିଲ୍, ରଶିଦ ଓ ସୁଦର୍ଶନଙ୍କୁ ରଖିବ ଟାଇଟନ୍ସ

**ନୂଆଦିଲ୍ଲୀ, ୨୯।୧୦ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ମେଗା ନିଲାମି ପୂର୍ବରୁ ଗୁଜରାଟ ଟାଇଟନ୍ସ ଷ୍ଟାର ସ୍ପିନର ରଶିଦ ଖାନ୍ ଓ ବାମହାତି ବ୍ୟାଟର ସାଇ ସୁଦର୍ଶନଙ୍କ ସହ ସେମାନଙ୍କ ଅଧିନାୟକ ଶୁଭମନ ଗିଲ୍‌ଙ୍କୁ ଦଳରେ ରଖିବା ଲାଗି ସ୍ଥିର କରିଛି। ଅନ୍ୟପକ୍ଷରେ ଏପର୍ଯ୍ୟନ୍ତ ଜାତୀୟ ଦଳରୁ ଖେଳିବା ଲାଗି ସୁଯୋଗ ପାଇ ନ ଥିବା ହିଟର ରାହୁଲ ଟେୱାଟିଆ ଓ ଶାହାରୁଖ ଖାନ୍‌ଙ୍କୁ ମଧ୍ୟ ଦଳ ରିଟେନ କରିବ ବୋଲି ଆଶା କରାଯାଉଛି। ଭାରତୀୟ କ୍ରିକେଟ ଦଳର ଭାବି ଅଧିନାୟକ ବୋଲି ମନେ କରାଯାଉଛି। ଚଳିତବର୍ଷ ପ୍ରାରମ୍ଭରେ ସେ ପ୍ରଥମ ଥର ଟାଇଟନ୍ସ ଦଳର ଅଧିନାୟକ ଦାୟିତ୍ୱ ତୁଲାଇଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ୧୦ଟି ଦଳ ମଧ୍ୟରେ ତାଙ୍କ ଦଳ ୮ମ ସ୍ଥାନରେ ରହିଥିଲା। ଟାଇଟନ୍ସ ଦଳ ୨୦୨୨ରେ ଆଇପିଏଲ୍ ପଦାର୍ପଣ କରି ଚାମ୍ପିୟନ ହୋଇଥିଲା। ପରବର୍ତ୍ତୀ ବର୍ଷ ଦଳ ରନରଅପ୍ ହୋଇଥିଲା। ଉଭୟ ଥର ଦଳ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ଖେଳିଥିଲା। ୨୬ ବର୍ଷୀୟ ରଶିଦ ୨୦୨୨ରେ ତାଙ୍କ ପ୍ରଥମ ସିଜନରେ ୧୯ ଉଇକେଟ ନେଇଥିଲେ। ପରବର୍ତ୍ତୀ ସିଜନରେ ସେ ୨୭ ଉଇକେଟ ହାସଲ କରିପାରିଥିଲେ। ଏହି ସିଜନରେ ସେ ୧୨ଟି ଗେମ୍‌ରେ ୩୬.୭୦ ଆଭରେଜରେ ମୋଟ ୧୦ ଉଇକେଟ ନେଇଥିଲେ। ଖେଳାଳି ରିଟେନ ପାଇଁ ସମୟସୀମା ଅକ୍ଟୋବର ୩୧ ଧାର୍ଯ୍ୟ କରାଯାଇଛି। ଯୁବ ଖେଳାଳି ସୁଦର୍ଶନ ଗୋଟିଏ ବର୍ଷ ୧୨ଟି ଗେମ୍ ଖେଳି ଗୋଟିଏ ଶତକ ସହ ୫୧୨ ରନ ସଂଗ୍ରହ କରିବା ଦ୍ୱାରା ତାଙ୍କ ଜାତୀୟ ଦଳରେ ସ୍ଥାନ ମିଳିଥିଲା। ସେ ୩ଟି ଅନ୍ତର୍ଜାତୀୟ ଦିନିକିଆ ଓ ଗୋଟିଏ ଟି୨୦ ଖେଳିବାର ସୁଯୋଗ ପାଇଛନ୍ତି।

# ଭାରତୀୟ ଦଳରେ ଯୋଗଦେଲେ ହର୍ଷିତ୍

**ନୂଆଦିଲ୍ଲୀ,୨୯।୧୦(ପି.ଟି.):** ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତିମ ତଥା ତୃତୀୟ ଟେଷ୍ଟ ପାଇଁ ଭାରତୀୟ ଦଳରେ ଯୋଗ ଦେଇଛନ୍ତି ପେସ୍ ବୋଲର ହର୍ଷିତ୍ ରାଣା। ଚଳିତ ରଣଜୀ ସିଜନରେ ଦିଲ୍ଲୀର ପ୍ରଥମ ବିଜୟ ପରେ ହର୍ଷିତଙ୍କୁ ଅନ୍ତିମ ଟେଷ୍ଟ ପାଇଁ ଭାରତୀୟ ଦଳରୁ ଡାକରା ମିଳିଛି। ଦ୍ୱିତୀୟ ଟେଷ୍ଟ ପୂର୍ବରୁ ହର୍ଷିତ ଭାରତୀୟ ଦଳରେ ରିଜର୍ଭ ଖେଳାଳି ରହିଥିଲେ। ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଦିଲ୍ଲୀ ଓ ଆସାମ ମ୍ୟାଚ୍ ପାଇଁ ହର୍ଷିତଙ୍କୁ ରିଲିଜ୍ କରାଯାଇଥିଲା। ଏହି ଟେଷ୍ଟକୁ ୧୧୩ ରନ୍‌ରେ ହାରିବା ସହ ଭାରତ ୧୨ ବର୍ଷ ପରେ ଘରୋଇ ମାଟିରେ ସିରିଜ୍ ହାରିଥିଲା। କ୍ରମାଗତ ୧୮ ସିରିଜ୍ ବିଜୟ ଧାରାରେ ବ୍ରେକ୍ ଲାଗିଥିବା ବେଳେ ରାଣା ଦଳ ସହ ଯୋଗ ଦେଇଛନ୍ତି। ୨୨ ବର୍ଷୀୟ ରାଣାଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ସିରିଜ ପାଇଁ ଭାରତୀୟ ଦଳରେ ସ୍ଥାନ ମିଳିଛି। ତେବେ ରାଣା ରିଜର୍ଭ ଭାବରେ ରହିବେ କି ଭାରତୀୟ ଦଳର ଡ୍ରେସିଂ ରୁମ୍‌ରେ ଯୋଗ ଦେବେ ତାହା ସ୍ପଷ୍ଟ ହୋଇନାହିଁ। ସେହିପରି ତୃତୀୟ ଟେଷ୍ଟରେ ରାଣା ପଦାର୍ପଣ କରିପାରନ୍ତି ବୋଲି ଅନୁମାନ କରାଯାଉଛି।

# ମାଥ୍ୟୁ ୱେଡ୍‌ଙ୍କ ଅବସର

**ମେଲବୋର୍ନ, ୨୯।୧୦ (ପି.ଟି.):** ଅଷ୍ଟ୍ରେଲିଆର ବିଶ୍ୱକପ ବିଜୟୀ ଦଳର ସଦସ୍ୟ ଉଇକେଟ କିପର ବ୍ୟାଟର ମାଥ୍ୟୁ ୱେଡ୍ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଆସନ୍ତା ପାକିସ୍ତାନ ବିପକ୍ଷ ଟି୨୦ ସିରିଜରେ ସେ ଅଷ୍ଟ୍ରେଲିଆ ସୀମିତ ଓଭର ଦଳର ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରିବେ। ୩୬ ବର୍ଷୀୟ ୱେଡ୍ ଅଷ୍ଟ୍ରେଲିଆ ପକ୍ଷରୁ ୩୬ ଟେଷ୍ଟ, ୯୭ ଦିନିକିଆ ଓ ୯୨ ଟି୨୦ ମ୍ୟାଚ୍ ଖେଳିଛନ୍ତି। ଏହା ବ୍ୟତୀତ ୨୦୨୧ ଟି୨୦ ବିଶ୍ୱକପ ବିଜୟ ଦଳର ସେ ସଦସ୍ୟ ମଧ୍ୟ ରହିଥିଲେ। ଅବସର ଗ୍ରହଣ କରିଥିଲେ ମଧ୍ୟ ସେ ଘରୋଇ କ୍ରିକେଟ ଓ ବିଗ୍ ବାସ୍ ଲିଗ ଖେଳିବା ଜାରି ରଖିବେ।

# କିଟ୍ ମହିଳା, ପୁରୁଷ ଦଳ ଫାଇନାଲରେ


କିଟ୍ ପୁରୁଷ ଟେନିସ ଦଳ।

## ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ

**ଭୁବନେଶ୍ୱର, ୨୯।୧୦ (ତପନ ସ୍ୱାଇଁ)**

ସ୍ଥାନୀୟ ଲିଆଣ୍ଡର ପେସ୍ ଟେନିସ ଷ୍ଟାଡିୟମରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ ପ୍ରତିଯୋଗିତାର ଫାଇନାଲରେ କିଟ୍ ମହିଳା ଓ ପୁରୁଷ ଦଳ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ପୁରୁଷ ବର୍ଗ ସେମିଫାଇନାଲରେ କିଟ୍ ବିଶ୍ୱବିଦ୍ୟାଳୟ ୨-୦ରେ ପଣ୍ଡିତ ରବିଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟକୁ ଏବଂ ମଣିପୁର ୨-୦ରେ ଯାଦବପୁର ବିଶ୍ୱବିଦ୍ୟାଳୟକୁ ହରାଇ ଦେଇଛି। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ପଣ୍ଡିତ ରବିଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟ ୨-୦ରେ ଯାଦବପୁରକୁ ପରାସ୍ତ କରିଛି। ସେହିପରି ମହିଳା ବର୍ଗରେ ଯାଦବପୁର ୨-୦ରେ କିସ୍ ବିଶ୍ୱବିଦ୍ୟାଳୟକୁ ହରାଇ ତୃତୀୟ ସ୍ଥାନ ହାସଲ କରିଛି। ପୁରୁଷ ବର୍ଗରେ କିଟ୍-ମଣିପୁର ଏବଂ ମହିଳାରେ କିଟ୍ ଓ ପଣ୍ଡିତ ରବିଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟ ମଧ୍ୟରେ ଫାଇନାଲ ବୁଧବାର ଅନୁଷ୍ଠିତ ହେବ। କିଟ୍ ବିଶ୍ୱବିଦ୍ୟାଳୟ ମହିଳା ଓ ପୁରୁଷ ଏବଂ କିସ୍ ମହିଳା ଦଳ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ ଚାମ୍ପିୟନଶିପ୍ ଏବଂ ୫ମ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ୩ ଦଳର ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବୋପାନ୍ନା-ଇବଡେନ୍ ଯୋଡ଼ିଙ୍କୁ ଏଟିପି ଫାଇନାଲ୍ସ ଯୋଗ୍ୟତା

**ନୂଆଦିଲ୍ଲୀ, ୨୯।୧୦ (ପି.ଟି.):** ପ୍ରମୁଖ ଡବଲ୍ସ ଯୋଡ଼ି ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ପାର୍ଟନର ମାଥ୍ୟୁ ଇବ୍‌ଡେନ ସମ୍ମାନଜନକ ସିଜନ ଶେଷ ଏଟିପି ଫାଇନାଲ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଭାରତୀୟ ଖେଳାଳି ଚତୁର୍ଥ ଥର ଏହି ଟୁର୍ନାମେଣ୍ଟରେ ଖେଳିବାକୁ ଯାଉଛନ୍ତି। ରୋଲେକ୍ସ ପ୍ୟାରିସ ମାଷ୍ଟର୍ସରୁ ନାଥାନିଲ ଲାମନ୍ସ ଓ ଜ୍ୟାକଶନ ୱିଥ୍ରୋଙ୍କ ବିଦା ପରେ ଇଣ୍ଡୋ-ଅଷ୍ଟ୍ରେଲୀୟ ଯୋଡ଼ିଙ୍କୁ ସୁଯୋଗ ମିଳିଛି। ଏଟିପି ଫାଇନାଲ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଅନ୍ୟ ଯୋଡ଼ିମାନେ ହେଲେ ୱେସ୍‌ଲେ କୁଲ୍‌ହଫ୍/ ନିକୋଲା ମେକ୍‌ଟିକ୍, କେଭିନ କ୍ରାୱିଜ/ ଟିମ୍ ପୁଏଜ୍, ହ୍ୟାରି ହେଲିଓଭାରା /ହେନ୍‌ରୀ ପାଟେନ୍ସ, ମାର୍ସିଲୋ ଆରେଭାଲୋ/ ମେଟ୍ ପ୍ୟାଭିଜ୍, ମାର୍ସେଲ ଗ୍ରାନୋଲର୍ସ/ ହୋରାସିଓ ଜେବାଲସ, ସିମୋନ ବୋଲେଲି/ ଆନ୍ଦ୍ରିଆ ଭାଭାସୋରି ଏବଂ ମାକ୍ସ ପର୍ସେଲ/ ଜୋର୍ଡାନ ଥମ୍ପସନ। ଏଟିପି ଫାଇନାଲ୍ସ ନଭେମ୍ବର ୧୦ରୁ ୧୭ ଇନାଲ୍‌ପି ଆରେନାଠାରେ ଖେଳାଯିବ। ଏଥିରେ ବିଶ୍ୱର ଶ୍ରେଷ୍ଠ ୮ ଡବଲ୍ସ ଯୋଡ଼ି ଭାଗ ନେବେ। ଚଳିତ ସିଜନରେ ବୋବାପ୍ପା ଓ ଇବଡେନଙ୍କ ପ୍ରଦର୍ଶନ ଖବ୍ ଭଲ ରହିଛି। ସେମାନେ ଅଷ୍ଟ୍ରେଲିଆନ ଓପନ ଜିତିଛନ୍ତି। ଭାରତୀୟ ଖେଳାଳି (୪୩ ବର୍ଷ, ୩୩୧ ଦିନ) ସବୁଠାରୁ ବୟସ୍କ ଖେଳାଳି ଭାବେ ବିଶ୍ୱର ନମ୍ବରୱାନ୍ ହୋଇ ପାରିଛନ୍ତି। ବୋପାନ୍ନା-ଇବ୍‌ଡେନ ପରେ ମାୟାମି ଓପନ ଟାଇଟଲ ଜିତିଥିଲେ। ସେମାନେ ଆହୁରି ମଧ୍ୟ ଆଡିଲେଡ୍ ଫାଇନାଲ ଏବଂ ରୋଲାଣ୍ଡ ଗାରୋସ ସେମିଫାଇନାଲରେ ପ୍ରବେଶ କରିପାରିଥିଲେ। କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ସେମାନେ ଏଟିପି ଫାଇନାଲ୍ସ ଯୋଗ୍ୟତା ହାସଲ କରିପାରିଛନ୍ତି। ଏଥର ଏଟିପି ଫାଇନାଲ୍ସ ବୋପାନ୍ନାଙ୍କ ପାଇଁ ଗୁରୁତ୍ୱ ବହନ କରୁଛି। ସେ ପ୍ରଥମ ଥର ଏଟିପି ଟାଇଟଲ୍ସ ଜିତିବା ଲାଗି ଲକ୍ଷ୍ୟ ରଖିଛନ୍ତି। ପୂର୍ବରୁ ମହେଶ ଭୂପତିଙ୍କ ସହ ସେ ୨୦୧୨ ଫାଇନାଲିଷ୍ଟ ଥିଲେ। ପୁନର୍ବାର ୨୦୧୫ରେ ଫ୍ଲୋରିନ୍ ମର୍ଗିଆଙ୍କ ସହ ସେ ଆଉ ଥରେ ଫାଇନାଲରେ ପ୍ରବେଶ କରିଥିଲେ। ୨୦୧୧ରେ ଆଇଜାମ-ଉଲ-ହକ୍‌ଙ୍କ ସହ ତୃତୀୟ ଥର ଏଟିପି ପାଇନାଲରେ ପ୍ରବେଶ କରିଥିଲେ।



ନ୍ୟୁଜିଲାଣ୍ଡ ବିପକ୍ଷରେ ଦିନିକିଆ ସିରିଜ୍ ବିଜୟୀ ଭାରତୀୟ ମହିଳା କ୍ରିକେଟ ଦଳ।

# ସିରିଜ୍ ଜିତିଲା ଭାରତ

**ଅହମଦାବାଦ,୨୯।୧୦**

ଓପନର ସ୍ମୃତି ମନ୍ଧାନାଙ୍କ ଶତକ ଓ ଦୀପ୍ତି ଶର୍ମାଙ୍କ ୩ ଉଇକେଟ ସଫଳତା ବଳରେ ଅନ୍ତିମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ୬ ଉଇକେଟରେ ପରାସ୍ତ କରିଛି ଭାରତ। ଏହା ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଦଳ ୨-୧ରେ ଜିତି ନେଇଛି। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୪୯.୫ ଓଭରରେ ୨୩୨ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ଭାରତ ୪୪.୨ ଓଭରରେ ୪ ଉଇକେଟ ହରାଇ ୨୩୬ ରନ୍ କରିଥିଲା।

## ମନ୍ଧାନାଙ୍କ ଶତକ

ଟସ୍ ଜିତି ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରିଥିଲା। ବ୍ରୁକ୍ ହାଲିଡେଙ୍କ ୮୬ ରନ୍ ବଳରେ ନ୍ୟୁଜିଲାଣ୍ଡ ୨୩୨ ରନ୍ କରିଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଜର୍ଜିଆ ପ୍ଲିମର ୩୯, ଇସାବେଲ ଗେଜ୍ ୨୫ ଓ ଲି ଟାହୁହୁ ୨୪ ରନ୍ କରିଥିଲେ। ଭାରତ ପକ୍ଷରୁ ଦୀପ୍ତି ଶର୍ମା ୩, ପ୍ରିୟା ମିଶ୍ର ୨, ସାଇମା ଠାକୁର ଓ ରେଣୁକା ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାରତ ୪ ଉଇକେଟ ହରାଇ ବିଜୟ ହାସଲ କରି ନେଇଥିଲା। ୧୨୨ ବଲ୍ ଖେଳିଥିବା ମନ୍ଧାନା ୧୦ ଚୌକା ସହାୟତାରେ ୧୦୦ ରନ୍ କରିଥିଲେ। ଅନ୍ୟ ପକ୍ଷରେ ହରମନପ୍ରୀତ୍ ୬୩ ବଲ୍ ଖେଳି ୬ ଚୌକା ମାରି ୫୯ ରନ୍ କରିଥିଲେ। ଭାରତୀୟ ମହିଳା ଖେଳାଳିଙ୍କ ମଧ୍ୟରେ ସର୍ବାଧିକ ଶତକ ହାସଲର ରେକର୍ଡ ନିଜ ନାମରେ କରିଛନ୍ତି ମନ୍ଧାନା। ସେ ଦିନିକିଆରେ ୮ ଶତକ ହାସଲ କରିଥିବା ବେଳେ ମିଥାଲି ରାଜ ୭ ଓ ହରମନ୍‌ପ୍ରୀତ୍ କୌର ୬ ଶତକ ମାରିଛନ୍ତି। ନ୍ୟୁଜିଲାଣ୍ଡ ପକ୍ଷରୁ ହାନ୍ନା ରୋୱେ ୨, ସୋଫି ଡିଭାଇନ ଓ ଫ୍ରାନ୍ ଜୋନ୍ସ ୧ ଉଇକେଟ ନେଇଥିଲେ। ସ୍ମୃତି ମନ୍ଧାନା ପ୍ଲେୟର ଅଫ୍ ଦ ମ୍ୟାଚ୍ ଓ ଦୀପ୍ତି ଶର୍ମା ପ୍ଲେୟର ଅଫ୍ ଦ ସିରିଜ୍ ହୋଇଥିଲେ।


ସ୍ମୃତି ମନ୍ଧାନା

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୪୯.୫ ଓଭରରେ ୨୩୨/୧୦ (ବ୍ରୁକ୍ ହାଲିଡେ-୮୬, ଜର୍ଜିଆ ପ୍ଲିମର-୩୯, ଇସାବେଲ ଗେଜ୍-୨୫, ଦୀପ୍ତି ଶର୍ମା-୩/୨୯, ପ୍ରିୟା ମିଶ୍ର-୨/୪୧, ସାଇମା ଠାକୁର-୧/୪୯)। ଭାରତ ୪୪.୨ ଓଭରରେ ୨୩୬/୪ (ସ୍ମୃତି ମନ୍ଧାନା-୧୦୦, ହରମନ୍‌ପ୍ରୀତ କୌର-୫୯*, ୟସ୍ତିକା ଭାଟିଆ-୩୫, ହାନ୍ନା ରୋୱେ-୨/୪୭, ସୋଫି ଡିଭାଇନ୍-୧/୪୪, ଫ୍ରାନ୍ ଜୋନ୍ସ-୧/୫୦)।

# ଓଡ଼ିଶାର ୪ ପର୍ବତାରୋହୀ ପୁରସ୍କୃତ

**ଭୁବନେଶ୍ୱର, ୨୯।୧୦ (ତପନ ସ୍ୱାଇଁ)**

ବିଭିନ୍ନ ମହାଦେଶର ଉଚ୍ଚତମ ଶୃଙ୍ଗ ଆରୋହଣ କରି ଓଡ଼ିଶାକୁ ଗର୍ବିତ କରିଥିବା ରାଜ୍ୟର ୪ ପର୍ବତାରୋହୀଙ୍କୁ ମଙ୍ଗଳବାର ରାଜ୍ୟ ସରକାରଙ୍କ ପକ୍ଷରୁ ଆର୍ଥିକ ପୁରସ୍କାରରେ ସମ୍ମାନିତ କରାଯାଇଛି। କଳିଙ୍ଗ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଏକ ବିଶେଷ ସମାରୋହରେ ଓଡ଼ିଆ ପର୍ବତାରୋହୀ ଡ. ଆଦିତ୍ୟ ଖାଡଙ୍ଗା (ମାଉଣ୍ଟ କୋସିଅସ୍କୋ), ଗାୟତ୍ରୀ ମହାନ୍ତି (ମାଉଣ୍ଟ କୋସିଅସ୍କୋ, ମାଉଣ୍ଟ ଏଲବ୍ରୁସ୍ ଏବଂ ମାଉଣ୍ଟ କିଲିମାଞ୍ଜାରୋ), ବିଭାରାଣୀ ପାତ୍ର (ମାଉଣ୍ଟ କିଲିମାଞ୍ଜାରୋ) ଓ ପରମାନନ୍ଦ ରାଉତ (ମାଉଣ୍ଟ କିଲିମାଞ୍ଜାରୋ)ଙ୍କୁ ପୁରସ୍କୃତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ସିଦ୍ଧାର୍ଥ ଦାସ, ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ, ସୋନାଲି ସୁଭଦର୍ଶିନୀ, ହରେଶ ମିଶ୍ର ଓ ସଞ୍ଜୀବ ମଙ୍ଗରାଜ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏହି ସଫଳତା କେବଳ ଓଡ଼ିଆ ପର୍ବତାରୋହୀମାନଙ୍କ ପାଇଁ ନୁହେଁ, ସାରା ଓଡ଼ିଶା ପାଇଁ ଗର୍ବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ।


ପୁରସ୍କୃତ ୪ ପର୍ବତାରୋହୀ ଓ ଉପସ୍ଥିତ ଅତିଥି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ